ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୮/୨୦୨୫ (୧୨ ପୃଷ୍ଠା) Bhubaneswar, Monday, September 8/2025 Page 12 ₹ 7.00 SAMBALPUR
୫୧ଶ ଭାଗ ୨୮୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 284 ମୂଲ୍ୟ ₹୭/-



**ସାବାଲେଙ୍କାଙ୍କୁ ୟୁଏସ୍ ଓପନ ଟାଇଟଲ**

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା। **୧୨**

**୦୨** **ଅଲ୍ଲୁ ଶ୍ରେଷ୍ଠ ଅଭିନେତା, ରଶ୍ମିକା ଶ୍ରେଷ୍ଠ ଅଭିନେତ୍ରୀ**

'ଏସ୍ଆଇଆଇଏମ୍ଏ ୨୦୨୫'ରେ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିର ଶ୍ରେଷ୍ଠ ଅଭିନେତା ଭାବେ ଅଲ୍ଲୁ ଅର୍ଜୁନଙ୍କୁ ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରଶ୍ମିକା ମନ୍ଦାନାଙ୍କୁ ସମ୍ମାନିତ କରାଯାଇଛି।





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

# ସାର ପାଇଁ ରାସ୍ତାରେ ଚାଷୀ

ରାଜ୍ୟର ବିଭିନ୍ନ ଜିଲାରେ ୟୁରିଆ ସାରର ଅଭାବ ଦେଖାଦେଇଛି। ସାର ପାଇଁ କେଉଁଠି ଚାଷୀମାନେ ଗୋଦାମ ଆଗରେ ଅନିଦ୍ରା ହୋଇ ରାତିରୁ ଲମ୍ବା ଲାଇନ୍ ଲଗାଇଲେଣି ତ କେଉଁଠି ରାସ୍ତା ଅବରୋଧ କଲେଣି। ଶନିବାର କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଏବଂ ଭବାନୀପାଟଣା ସରକାରୀ ସାର ବିକ୍ରୟ କେନ୍ଦ୍ର ସମ୍ମୁଖରେ ଚାଷୀମାନେ ଲମ୍ବା ଧାଡ଼ି ଲଗାଇଥିବାବେଳେ ବରଗଡ଼ ଜିଲା ଘେଁସଠାରେ ଏକ ୟୁରିଆ ସାର ବୋଝେଇ ଟ୍ରକ୍‌କୁ ଚାଷୀମାନେ ଅଟକାଇବା ସହ ଯୋଗାଣ କେନ୍ଦ୍ରକୁ ଘେରିଥିଲେ। ଅନୁରୂପ ଭାବେ ରବିବାର ମଧ୍ୟ ଦେବଗଡ଼ ଜିଲା ରିଆମାଳ ବ୍ଲକରେ ସାର ଅଭାବ ଏବଂ କଳାବଜାରକୁ ବିରୋଧ କରି ଶତାଧିକ ଚାଷୀ ରାସ୍ତାରୋକୋ କରିଥିବାବେଳେ ମାଲକାନଗିରି ଜିଲା ଏମ୍‌ଭି -୭୯ରେ ସମାନ ଅଭିଯୋଗ ଆଣି ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି। ରାଜ୍ୟରେ ସାର ଅଭାବ ନାହିଁ ବୋଲି ସରକାରୀସ୍ତରରେ କୁହାଯାଉଥିବାବେଳେ ବାସ୍ତବକ୍ଷେତ୍ରରେ ତାହା ଭିନ୍ନ ବୋଲି ଉପରୋକ୍ତ ଘଟଣାରୁ ମନେହେଉଛି। ସାର କଳାବଜାର କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଚାଷୀଙ୍କୁ ଠିକ୍‌ଭାବେ ସାର ଯୋଗାଇବାକୁ ଦାବି ହୋଇଛି।



ଚାଷୀମାନେ ସାର ନ ପାଇ ମାଲକାନାଗିରି ଜିଲା କାଲିମେଲା ବ୍ଲକ ମହାରାଜପଲ୍ଲୀ ପଞ୍ଚାୟତ ସମ୍ମୁଖ ୩୨୬ ନମ୍ବର ଜାତୀୟ ରାଜପଥ ରବିବାର ଅବରୋଧ କରିଛନ୍ତି।

**ଦେବଗଡ଼/କାଲିମେଲା/ଏମ୍‌ଭି- ୭୯, ୭।୯( ଶଶାଙ୍କ ଶେଖର ଝାଙ୍କର/ଜୀବନ କୃଷ୍ଣ ଦାସ/ଭିକି ବାରିକ)**

- **କଳାବଜାର ବିରୋଧରେ ଦେବଗଡ଼ରେ ଶତାଧିକ ଚାଷୀଙ୍କ ବିକ୍ଷୋଭ**
- **ମାଲକାନଗିରିରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ**

ଦେବଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଚାଷ ପାଇଁ ରୁଆ, ବେଉଷଣ କାର୍ଯ୍ୟ ଜାରି ରହିଛି। ଏପରିସ୍ଥଳେ ଚାଷୀଙ୍କୁ ୟୁରିଆ ସାରର ଆବଶ୍ୟକତା ରହିଛି। ସରକାର ୟୁରିଆ ସାର ବସ୍ତା ପ୍ରତି ୨୬୭ ଟଙ୍କା ଦର ଧାର୍ଯ୍ୟ କରିଛନ୍ତି। ହେଲେ ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ଯଥେଷ୍ଟ ପରିମାଣର ସାର ଯୋଗାଇ ଦିଆଯାଉନାହିଁ। ଏହାର ଫାଇଦା ଉଠାଇ ଘରୋଇ ଡିଲର ୟୁରିଆ ସାର ବସ୍ତା ୩୫୦ରୁ ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। ଠିକ୍ ସମୟରେ ୟୁରିଆ ସାର ନ ପାଇଲେ ଭଲ ଧାନ ଅମଳ କରିବାର ଆଶା ହରାଉଛନ୍ତି ଚାଷୀ। ଫଳରେ ସେମାନେ ଅନ୍ୟ ଉପାୟ ନ ପାଇ ଚଢ଼ାଦରରେ ସାର କିଣିବାକୁ ବାଧ୍ୟ ହେଉଛନ୍ତି। ରାତିବେଳା ☞ପୃଷ୍ଠା-୪

## ହକି ଏସିଆ କପ୍: ଭାରତ ଚାମ୍ପିୟନ

ରାଜଗିର(ବିହାର),୭।୯: ରାଜଗିର ହକି ଷ୍ଟାଡିୟମରେ ଚାଲିଥିବା ହକି ଏସିଆ କପ୍‌ର ୧୨ତମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଛି। ପୂରା ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ଆୟୋଜକ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ କୋରିଆକୁ ହରାଇ ଚତୁର୍ଥ ଥର ପାଇଁ ଚାମ୍ପିୟନ ହୋଇଛି। ଏହି ବିଜୟ ସହ ଭାରତୀୟ ଦଳ ଆସନ୍ତା ବର୍ଷ ହେବାକୁ ଥିବା ଏଫ୍ଆଇଏଚ୍ ହକି ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଛି। (ବିସ୍ତୃତ ରିପୋର୍ଟ: ଖେଳ ପୃଷ୍ଠା)

**ଆଜିର ସମ୍ପାଦକୀୟ**

**କାଠଗୁଡ଼ା ଗଡ଼ିଗଲା**

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

**ବନ୍ତଳା, ୭।୯(ସୁଶିତ ସାହୁ)**

- **ନାଳରୁ ମିଳିଲା କ୍ଷତବିକ୍ଷତ ମୃତଦେହ**
- **ଦୋଷୀଙ୍କୁ ଧରିବା ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ**

ଖେଳିବା ପାଇଁ ଘରୁ ବାହାରକୁ ଯାଇଥିବା ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଏନେଇ ନାବାଳିକାଙ୍କ ବାପା ରବିବାର ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ଘଟିଛି ଅନୁଗୋଳ ବ୍ଲକ ବାଲୁଅକଟା ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗାଁରେ। ନାବାଳିକାଙ୍କ ଭାଇଙ୍କ କହିବା ଅନୁଯାୟୀ, ଶନିବାର ଅପରାହ୍ନ ୩ଟା ବେଳେ ସମ୍ପୃକ୍ତ ନାବାଳିକା ଖେଳିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇପଡ଼ିଥିଲେ। ଏନେଇ ରାତି ୧୦ଟାରେ ପରିବାର ଲୋକେ ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଥିଲେ। ରବିବାର ସକାଳେ ପୁନର୍ବାର ଖୋଜିବାକୁ ଯାଇ ନାବାଳିକାଙ୍କ ☞ପୃଷ୍ଠା-୪

## ରୁଷିଆର କ୍ୟାନ୍ସର ଟିକା ବ୍ୟବହାର ପାଇଁ ପ୍ରସ୍ତୁତ

**ମସ୍କୋ,୭।୯**

ରୁଷୀୟ ବୈଜ୍ଞାନିକମାନେ ବିକଶିତ କରିଥିବା ନୂଆ କ୍ୟାନ୍ସର ଟିକାର ସଫଳ କ୍ଲିନିକାଲ ପରୀକ୍ଷା ପରେ ତାହା ଏବେ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଥିବା ଫେଡେରାଲ ମେଡିକାଲ ଆଣ୍ଡ୍ ବାୟୋଲୋଜିକାଲ ଏଜେନ୍ସି (ଏଫ୍ଏମ୍‌ବିଏ) ପକ୍ଷରୁ କୁହାଯାଇଛି। ଇଷ୍ଟର୍ନ ଇକୋନୋମିକ୍ ଫୋରମ୍‌ରେ ଏଫ୍ଏମ୍‌ବିଏ ମୁଖ୍ୟ ଭେରୋନିକା ସ୍କୋର୍ଟସୋଭା ଏହା ଘୋଷଣା କରିଛନ୍ତି। କୋଭିଡ୍-୧୯ ଭାକ୍ସିନ୍‌ରେ ବ୍ୟବହୃତ ଦୃଷ୍ଟିକୋଣ ଏମ୍ଆର୍ଏନ୍ଏ ଟେକ୍‌ନୋଲୋଜି ଆଧାରରେ ଇଣ୍ଟେରୋମିକ୍ସ ନାମକ କ୍ୟାନ୍ସର ଟିକା ପ୍ରସ୍ତୁତ ହୋଇଛି। ଦୁର୍ବଳ ଭୂତାଣୁ ବ୍ୟବହାର କରିବା ପରିବର୍ତ୍ତେ ଏମ୍ଆର୍ଏନ୍ଏ ଭାକ୍ସିନ୍ ଶରୀରର କୋଷଗୁଡ଼ିକୁ ପ୍ରୋଟିନ୍ ଉତ୍ପନ୍ନ କରିବାକୁ ଶିଖାଇଥାଏ, ଯାହା କ୍ୟାନ୍ସର ସେଲ୍ ବିରୋଧରେ ପ୍ରତିରୋଧ କ୍ଷମତା ବଢ଼ାଇଥାଏ।

DSPL-248



## ଆମେରିକା ସାମଗ୍ରୀ ଉପରେ ୭୫% ଟାରିଫ୍ ଲଗାଅ

### ପ୍ରଧାନମନ୍ତ୍ରୀଙ୍କୁ କେଜ୍‌ରିୱାଲଙ୍କ ଆହ୍ୱାନ

**ରାଜକୋଟ,୭।୯**

ଭାରତରୁ ରପ୍ତାନି ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସାହସ ଥିଲେ ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ୭୫ ପ୍ରତିଶତ ଟାରିଫ୍ ଲଗାଇବାକୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍‌ରିୱାଲ ରବିବାର ଆହ୍ୱାନ ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ କେଜ୍‌ରିୱାଲ କହିଛନ୍ତି, ଆମେରିକାରୁ ଆମଦାନୀ ତୁଳା ଉପରେ ଭାରତ ଡିସେମ୍ବର ୩୧ ପର୍ଯ୍ୟନ୍ତ ୧୧ ପ୍ରତିଶତ ଶୁଳ୍କ ଛାଡ଼ କରିଥିବାରୁ ଏହା ଭାରତୀୟ କପାଚାଷୀଙ୍କୁ କ୍ଷତିଗ୍ରସ୍ତ କରିଛି। ଏହା ଆମେରିକା ଚାଷୀଙ୍କୁ ଧନୀ କରିବା ସହ ଗୁଜରାଟ ଚାଷୀଙ୍କୁ ଗରିବ କରିଦେବ ବୋଲି ସେ କହିଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ସାହସ ଦେଖାନ୍ତୁ, ତାଙ୍କ ପଛରେ ସାରା ଦେଶ ଛିଡ଼ା ହୋଇଛି। ଆମେରିକାର ୫୦% ଟାରିଫ୍ ଜବାବରେ ଭାରତ ଆମେରିକାରୁ ଆସୁଥିବା ସାମଗ୍ରୀ ଉପରେ ୭୫% ଶୁଳ୍କ ଲଗାଉ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥିରେ ନଇଁଛନ୍ତି କି ନାହିଁ ଦେଖାଯାଉ ବୋଲି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଦିଲ୍ଲୀରେ ଆଜି




ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ରବିବାର କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ବିଜେୱାଇଏମ୍ ଅଧ୍ୟକ୍ଷ ତେଜସ୍ୱୀ ସୂର୍ଯ୍ୟ ଏବଂ ଅଭିନେତା ତଥା ମଡେଲ ମିଳିନ୍ଦ ସୋମନ 'ନମୋ ଯୁବ ରନ୍ ଫର୍ ନଶାମୁକ୍ତ ଭାରତ'ର ଶୁଭାରମ୍ଭ କରୁଛନ୍ତି। (ଫଟୋ: ଚମନ ଗୌତମ)

## ଶରଣ ଆଶାୟୀ ୟୁକ୍ରେନୀୟ ମହିଳାଙ୍କୁ ଆମେରିକାରେ ହତ୍ୟା

**ୱାଶିଂଟନ,୭।୯**

ଯୁଦ୍ଧ କ୍ଷତିଗ୍ରସ୍ତ ୟୁକ୍ରେନ୍‌ରୁ ପଳାଇଆସି ଆମେରିକାରେ ଶରଣ ନେବାକୁ ଚାହୁଁଥିବା ଜଣେ ୨୩ ବର୍ଷୀୟା ମହିଳାଙ୍କୁ ଟ୍ରେନ୍‌ରେ ଛୁରିଭୁସି ହତ୍ୟା କରାଯାଇଛି। ଇରିନା ଜାରୁତ୍‌ସ୍କା ନାମ୍ନୀ ମହିଳା ଗତ ମାସ ୨୨ ତାରିଖରେ ଲିନ୍‌କ୍ସ ବ୍ଲୁଲାଇନ୍ ଟ୍ରେନ୍ ଧରିବା ବେଳେ ୟୁନିଫର୍ମରେ ଥିଲେ। ଚାର୍ଲୋଟ୍ଟେ ଏରିଆ ଟ୍ରାଞ୍ଜିଟ୍ ସିଷ୍ଟମ୍ ଦ୍ୱାରା ଜାରି ସର୍ଭିଲାନ୍ସ ଫୁଟେଜ୍‌ରୁ ମହିଳା ଜଣକ ଟ୍ରେନ୍‌ରେ ନିଜ ଫୋନ୍‌ରେ ବ୍ୟସ୍ତ ରହିଥିବା ଓ ବିପଦ ସମ୍ପର୍କରେ ଅବଗତ ନ ଥିବା ଜଣାପଡ଼ିଛି। ଏହାର ମାତ୍ର ୪ ମିନିଟ୍ ପରେ ଡେକାର୍ଲୋସ୍ ବ୍ରାଉନ୍ ଜୁନିୟର(୩୪) ନାମକ ଜଣେ ପୂର୍ବତନ ଅଭିଯୁକ୍ତ ଏକ ଫୋଲ୍ଡିଂ ଛୁରିରେ ତାଙ୍କୁ ୩ ଥର ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଜାରୁତ୍‌ସ୍କାଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ଷ୍ଟେଶନରେ ବ୍ରାଉନ୍ ଟ୍ରେନ୍‌ରୁ ଓହ୍ଲାଇଯାଇଥିଲେ। ପୋଲିସ ତାଙ୍କୁ ଗିରଫ କରିଛି। କୋର୍ଟ ରେକର୍ଡ ଅନୁଯାୟୀ ବ୍ରାଉନ୍‌ଙ୍କ ନାମରେ ୨୦୧୧ରୁ ଡକାୟତି, ବିପଜ୍ଜନକ ଅସ୍ତ୍ର ରଖିବା ଆଦି ବହୁ ଅପରାଧ ମାମଲା ରହିଛି। ସେ ୫ ବର୍ଷ ଜେଲରେ ରହିବା ପରେ ଜାନୁଆରୀରେ ପୁଣିଥରେ ଗିରଫ ହୋଇଥିଲେ।

## ଜାପାନ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା



ଶିଗେରୁ ଇଶିବା

**ଟୋକିଓ,୭।୯**

ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ନିଜ ପଦରୁ ଇସ୍ତଫା ଦେବାକୁ ରବିବାର ଘୋଷଣା କରିଛନ୍ତି। ଜୁଲାଇରେ ହୋଇଥିବା ସଂସଦୀୟ ନିର୍ବାଚନରେ ପରାଜୟ ପାଇଁ ନିଜକୁ ଦାୟୀ କରିବାକୁ ଇଶିବାଙ୍କ ଉପରେ ତାଙ୍କ ଦଳ ଚାପ ପକାଇ ଆସୁଥିଲା। ଗତବର୍ଷ ଅକ୍ଟୋବରରେ କ୍ଷମତାକୁ ଆସିଥିବା ଇଶିବା ମାସେରୁ ଊର୍ଦ୍ଧ୍ୱ ସମୟ ହେଲା ନିଜ ଦଳ ଭିତରେ ଦକ୍ଷିଣପନ୍ଥୀ ବିରୋଧୀଙ୍କ ଦାବିକୁ ବିରୋଧ କରିଆସୁଥିଲେ। ଜାପାନ ଅନେକ ଆଭ୍ୟନ୍ତରୀଣ ଏବଂ ବାହ୍ୟ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବାବେଳେ ଏଭଳି ସମୟରେ ଇସ୍ତଫା ଦେବା ରାଜନୈତିକ ଶୂନ୍ୟସ୍ଥାନ ସୃଷ୍ଟି କରିବ ବୋଲି ସେ କହୁଥିଲେ। ତେବେ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପି) ଆଗୁଆ ନେତା ନିର୍ବାଚନ ପାଇଁ ସୋମବାର ନିଷ୍ପତ୍ତି ନେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ସେ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏକ ଟେଲିଭିଜନ ପ୍ରେସ୍ କନ୍‌ଫରେନ୍ସରେ ଇଶିବା କହିଛନ୍ତି, ସେ ଦଳର ପରବର୍ତ୍ତୀ ନେତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବେ। ଜୁଲାଇରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ନିର୍ବାଚନରେ ଇଶିବାଙ୍କ ଶାସକ ମେଣ୍ଟ ୨୪୮ ଆସନ ବିଶିଷ୍ଟ ଉଚ୍ଚ ସଦନରେ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିଲା। ଫଳରେ ତାଙ୍କ ସରକାରଙ୍କ ସ୍ଥାୟିତ୍ୱ ଦୋହଲିଯାଇଥିଲା। ପୂର୍ବରୁ ହୋଇଥିବା ନିମ୍ନ ସଦନ ନିର୍ବାଚନରେ ମଧ୍ୟ ତାଙ୍କ ନେତୃତ୍ୱାଧୀନ ମେଣ୍ଟ ସଂଖ୍ୟାଗରିଷ୍ଠତା ହରାଇଥିଲା।

## ୟୁକ୍ରେନ୍ କ୍ୟାବିନେଟ୍ ବିଲ୍ଡିଂରେ ରୁଷିଆର ଆକ୍ରମଣ

**କିଭ୍,୭।୯**

ୟୁକ୍ରେନ୍ ରାଜଧାନୀ କିଭ୍‌ରେ ରୁଷିଆ ରବିବାର ସବୁଠୁ ବଡ଼ ଆକ୍ରମଣ କରିଛି। ଯୁଦ୍ଧ ଆରମ୍ଭ ଦିନରୁ ଏଭଳି ବଡ଼ ଏୟାରଷ୍ଟ୍ରାଇକ୍ କେବେ ହୋଇ ନ ଥିଲା। ଏଥିରେ ଜଣେ ଶିଶୁଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୮ ଜଣ ଆହତ ହୋଇଛନ୍ତି। କେନ୍ଦ୍ରୀୟ କିଭ୍‌ରେ ୟୁକ୍ରେନ୍‌କ୍ୟାବିନେଟ ଥିବା ସରକାରୀ ବିଲ୍ଡିଂ ଉପରେ ରୁଷିଆ ସୈନ୍ୟ ଆକ୍ରମଣ କରିବାରୁ ସେଠାରେ ନିଆଁ ଲାଗିଯାଇଛି। କ୍ୟାବିନେଟ୍ ବିଲ୍ଡିଂର ଉପର ମହଲାରୁ ଘନ କଳାଧୂଆଁର କୁଣ୍ଡଳୀ ଉଠୁଥିବା ଦେଖିବାକୁ ମିଳିଛି। ଏହାର ଜବାବରେ ୟୁକ୍ରେନ୍ ବ୍ର୍ୟାନ୍‌ସ୍କ ଅଞ୍ଚଳରେ ଥିବା ରୁଷିଆର ଡ୍ରୁଝ୍‌ବା ତୈଳ ପାଇପ୍ ଲାଇନ ଉପରେ ଆକ୍ରମଣ କରିଛି।

କିଭ୍‌କୁ ଲକ୍ଷ୍ୟକରି ରୁଷିଆ ୮୦୫ଟି ଡ୍ରୋନ୍ ଏବଂ ୧୩ଟି ମିଶାଇଲ୍ ଛାଡ଼ିଥିବାବେଳେ ୟୁକ୍ରେନ୍ ସେଥିରୁ ୭୪୭ଟି ଡ୍ରୋନ୍ ଏବଂ ୪ଟି ମିଶାଇଲ୍‌କୁ ଖସାଇଦେଇଛି। ଅବଶିଷ୍ଟ ୫୬ଟି ଡ୍ରୋନ୍ ଏବଂ ୯ଟି ମିଶାଇଲ୍ ୟୁକ୍ରେନ୍‌ର ୩୭ଟି ସ୍ଥାନରେ ମାଡ଼ ହୋଇଛି। ସୂଚନାଯୋଗ୍ୟ, ମସ୍କୋ ଏପର୍ଯ୍ୟନ୍ତ କେବେ କିଭ୍‌ର ସରକାରୀ ବିଲ୍ଡିଂକୁ ଟାର୍ଗେଟ କରି ନ ଥିବାବେଳେ ପ୍ରଥମ ଥର ଏଭଳି ଆକ୍ରମଣ କରିଛି। କ୍ୟାବିନେଟ୍ ବିଲ୍ଡିଂରେ ୟୁକ୍ରେନ୍ ମନ୍ତ୍ରୀମାନଙ୍କ କାର୍ଯ୍ୟାଳୟ ରହିଛି। ନିଆଁ ଲିଭାଇବା ଓ ଆହତମାନଙ୍କୁ ନେବା ପାଇଁ ଦମକଳ ଗାଡ଼ି ଓ ଆମ୍ବୁଲାନ୍ସ ଉକ୍ତ ବିଲ୍ଡିଂ ନିକଟରେ ପହଞ୍ଚିଥିବାବେଳେ ବାହାର ଲୋକଙ୍କ ପ୍ରବେଶକୁ ରୋକାଯାଇଛି। ପ୍ରଥମ ଥର ପାଇଁ ଶତ୍ରୁପକ୍ଷର ଆକ୍ରମଣରେ ସରକାରୀ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍ ପ୍ରଧାନମନ୍ତ୍ରୀ ୟୁଲିଆ ସ୍ୱିରିଡେଙ୍କୋ କହିଛନ୍ତି। ଏଭଳି ଧ୍ୱଂସର ଜବାବ ବିଶ୍ୱ କଥାରେ ନୁହେଁ କାମରେ ଦେବା ଜରୁରୀ। ରୁଷିଆ ତୈଳ ଓ ଗ୍ୟାସ୍ ବିରୋଧରେ କଟକଣାକୁ ଆହୁରି ବଢ଼ାଇବା ଆବଶ୍ୟକ ବୋଲି ସ୍ୱିରିଡେଙ୍କୋ କହିଛନ୍ତି।

ୟୁକ୍ରେନ୍ ଯୁଦ୍ଧ ଥମିବାର ନାଁ ନେଉନାହିଁ। ଶାନ୍ତି ଆଲୋଚନା ଆଶା ମଧ୍ୟ ମଉଳିବାରେ ଲାଗିଛି। ୨ ସପ୍ତାହ ମଧ୍ୟରେ କିଭ୍‌କୁ ଟାର୍ଗେଟ କରି ରୁଷିଆ ଦୁଇଥର ବଡ଼ ଆକ୍ରମଣ କଲାଣି। ଯୁଦ୍ଧ ବନ୍ଦ ହେବା ପରେ କ୍ଷତିଗ୍ରସ୍ତ ଅଞ୍ଚଳରେ 'ରିଆସୁରାନ୍ସ ଫୋର୍ସ' ଭାବେ ୟୁକ୍ରେନ୍‌ର ୨୬ ସହଯୋଗୀ ଦେଶ ସୈନ୍ୟ ମୁତୟନ କରିବେ ବୋଲି କିଛିଦିନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ଯୁଦ୍ଧ ବନ୍ଦ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ସେମାନେ ଚାପ ପକାଇଥିଲେ।

### ୮୦୫ ଡ୍ରୋନ୍ ସହ ମସ୍କୋର ସବୁଠୁ ବଡ଼ ଆକ୍ରମଣ



## ପଞ୍ଜାବ ବନ୍ୟାରେ ୧୩,୨୮୯ କୋଟି କ୍ଷତି

### ୯ରେ ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ ପ୍ରଧାନମନ୍ତ୍ରୀ

**ଚଣ୍ଡିଗଡ଼,୭।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୯ରେ ପଞ୍ଜାବ ଗସ୍ତ କରି ବନ୍ୟା ସ୍ଥିତିର ସମୀକ୍ଷା କରିବେ। ସେ ଆକାଶ ମାର୍ଗରୁ ପଞ୍ଜାବର ସୀମାନ୍ତ ଜିଲାଗୁଡ଼ିକ ସମେତ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକର ସର୍ଭେ କରିବେ। ପ୍ରଧାନମନ୍ତ୍ରୀଙ୍କ ପଞ୍ଜାବ ଗସ୍ତ ନେଇ ସରକାରୀ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି ଏବଂ ଏହା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ନେଇ ପଞ୍ଜାବ ଭାଜପା ସଭାପତି ସୁନୀଲ ଝାକର ସୂଚନା ଦେଇଛନ୍ତି। ଏହାସହ ସେ ପଡ଼ୋଶୀ ହିମାଚଳ ପ୍ରଦେଶକୁ ମଧ୍ୟ ଗସ୍ତ କରିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ତେବେ ବନ୍ୟା ଯୋଗୁ ପଞ୍ଜାବକୁ ୧୩ ହଜାର ୨୮୯ କୋଟି ଟଙ୍କାର କ୍ଷତି ହୋଇଥିବା ନେଇ ରାଜ୍ୟ ସରକାର ଆକଳନ କରିଛନ୍ତି। ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତ ବିଭାଗ ସହ ଜଡ଼ିତ ଭିତ୍ତିଭୂମି କ୍ଷେତ୍ରରେ ସର୍ବାଧିକ ୫,୦୪୩ କୋଟି ଟଙ୍କାର କ୍ଷତି ହୋଇଥିବାବେଳେ ୧,୮୫୮ କୋଟି ଟଙ୍କାର ଫସଲ ନଷ୍ଟ, ଏବଂ ୧,୫୨୦ କୋଟି ଟଙ୍କାର ଜଳ ଯୋଗାଣ କ୍ଷତି ହୋଇଥିବା ନେଇ ରାଜ୍ୟ ସରକାର ଆକଳନ କରିଛନ୍ତି। ରାଜ୍ୟର ମଣ୍ଡି ବୋର୍ଡ ଗୁଡ଼ିକୁ ୧,୦୨୨ କୋଟି ଟଙ୍କା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରକୁ ୭୮୦ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିବା ନେଇ ଆକଳନ ହୋଇଛି। ସେହିପରି କୃଷି କ୍ଷେତ୍ରକୁ ୩୧୭ କୋଟି, ଶିକ୍ଷା କ୍ଷେତ୍ରକୁ ୫୪୨ କୋଟି ଏବଂ ଶକ୍ତି କ୍ଷେତ୍ରକୁ ୧୦୩ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏନେଇ ରାଜ୍ୟର ଅଧିକାରୀମାନେ କେନ୍ଦ୍ରୀୟ ଦଳଗୁଡ଼ିକୁ ରିପୋର୍ଟ ପ୍ରଦାନ କରିଛନ୍ତି। ତେଣୁ ଏହି କ୍ଷତିପୂରଣ ପାଇଁ ପଞ୍ଜାବ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ରିଲିଫ୍ ପ୍ୟାକେଜ୍ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇ ଆସୁଛି।

## ଅନୁପର୍ଣ୍ଣା ରଏ ଶ୍ରେଷ୍ଠ ନିର୍ଦ୍ଦେଶିକା

### ଭେନିସ୍ ଫିଲ୍ମ ଫେଷ୍ଟିଭାଲ

**ନୂଆଦିଲ୍ଲୀ, ୭।୯ (ପି.ଟି.)**

ଭେନିସ୍ ଫିଲ୍ମ ଫେଷ୍ଟିଭାଲର ୮୨ତମ ସଂସ୍କରଣରେ ଭାରତୀୟ ଫିଲ୍ମ ନିର୍ମାତା ଅନୁପର୍ଣ୍ଣା ରଏ ଇତିହାସ ରଚିଛନ୍ତି। ସେ ତାଙ୍କ ଫିଲ୍ମ 'ସଙ୍ଗସ୍ ଅଫ୍ ଫର୍‌ଗଟେନ୍ ଟ୍ରିସ୍' ପାଇଁ ଓରିଜୋଣ୍ଟି ସେକ୍ସନରେ ଶ୍ରେଷ୍ଠ ନିର୍ଦ୍ଦେଶିକା ଭାବେ ପୁରସ୍କାର ଜିତିଛନ୍ତି। ସାଧାରଣତଃ ଯୁବ ପ୍ରତିଭା, ଡେବ୍ୟୁ କରୁଥିବା କଳାକାର, ସ୍ୱଦେଶୀ ଫିଚର, ନୂତନ ଟ୍ରେଣ୍ଡଙ୍କୁ ଦର୍ଶାଉଥିବା ଚଳଚ୍ଚିତ୍ରଗୁଡ଼ିକୁ ଓରିଜୋଣ୍ଟି ପ୍ରତିଯୋଗିତା ସେକ୍ସନରେ ସ୍ଥାନିତ କରାଯାଇଥାଏ। ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବେ ଏହି ବିଭାଗରେ ଅନୁପର୍ଣ୍ଣା ସମ୍ମାନିତ ହୋଇଛନ୍ତି।

ମୁମ୍ବାଇରେ ୨ ପ୍ରବାସୀ ମହିଳାଙ୍କ ଦୈନନ୍ଦିନ ଜୀବନକୁ ନେଇ 'ସଙ୍ଗସ୍ ଅଫ୍ ଫର୍‌ଗଟେନ୍ ଟ୍ରିସ୍' ଫିଲ୍ମ



ଆଧାରିତ। ଅନୁରାଗ କଶ୍ୟପ ଏହି ଫିଲ୍ମର ପ୍ରୋଯୋଜକ ଅଛନ୍ତି। ଶନିବାର ଆୟୋଜିତ ଉତ୍ସବରେ ଭେନିସ୍ ଫିଲ୍ମ ଫେଷ୍ଟିଭାଲ ଓରିଜୋଣ୍ଟି ଜୁରିର ଅଧ୍ୟକ୍ଷ ତଥା ଫରାସୀ ଫିଲ୍ମ ନିର୍ମାତା ଜୁଲିଆ ଡକ୍ୟୁର୍ନୁ ଅନୁପର୍ଣ୍ଣାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଏନ୍‌ଡିଏର କର୍ମଶାଳା

- ପଛ ଧାଡ଼ିରେ ବସିଲେ ପ୍ରଧାନମନ୍ତ୍ରୀ
- ଆଜି ବିରୋଧୀ ଏମ୍‌ପିଙ୍କ ମକ୍ ପୋଲ୍

**ନୂଆଦିଲ୍ଲୀ,୭।୯**

ଉପରାଷ୍ଟ୍ରପତି ନିର୍ବାଚନ ମଙ୍ଗଳବାର ହେବାକୁ ଥିବାବେଳେ ଏଥିପାଇଁ ଶାସକ ଓ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ତତ୍ପରତା ଦେଖାଦେଇଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଏମ୍‌ପିମାନେ ଶକ୍ତିପ୍ରଦର୍ଶନ ପାଇଁ ରବିବାରଠାରୁ ୨ ଦିନିଆ କର୍ମଶାଳାରେ ଏକାଠି ହୋଇଛନ୍ତି। ପାର୍ଲାମେଣ୍ଟ କମ୍ପ୍ଲେକ୍ସର ଜିଏମ୍‌ସି ବାଲଯୋଗୀ ଅଡିଟୋରିୟମ୍‌ରେ



ଏନ୍‌ଡିଏ କର୍ମଶାଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ୟ ଏମ୍‌ପିମାନଙ୍କ ସହ ପଛ ଆସନରେ ବସିଛନ୍ତି।

ଆୟୋଜିତ କର୍ମଶାଳାରେ ଯୋଗ ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଛ ଧାଡ଼ିରେ ବସିଥିବା ଦେଖାଯାଇଛି। ସେହିପରି ବିରୋଧୀ ଏମ୍‌ପିମାନେ ସୋମବାର ଏକାଠି ହୋଇ ମକ୍ ପୋଲ୍‌ରେ ଭାଗନେବେ। ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବା ପ୍ରକ୍ରିୟା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯିବ। କଂଗ୍ରେସ ଅଧ୍ୟକ୍ଷ ସୋମବାର ସନ୍ଧ୍ୟାରେ ବିରୋଧୀ ଏମ୍‌ପିମାନଙ୍କ ପାଇଁ ଏକ ନୈଶଭୋଜିର ଆୟୋଜନ କରିଥିବା ଇଣ୍ଡିଆ ବ୍ଲକ୍ ସୂତ୍ରରୁ କୁହାଯାଇଛି। ସୋମବାର ଅପରାହ୍ନ ୨ଟା ୩୦ ମିନିଟ୍ ସମୟରେ ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲ୍‌ରେ ମକ୍ ପୋଲ୍ ଅନୁଷ୍ଠିତ ହେବ। ୯ ତାରିଖରେ ଶାସକ ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ଏବଂ ବିରୋଧୀ ଦଳଗୁଡ଼ିକର ମିଳିତ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହେବାକୁ ଯାଉଛି। ଶାସକ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ସଂଖ୍ୟା ରହିଥିବାବେଳେ ଏହାକୁ ଏକ ଆଦର୍ଶଗତ ଲଢ଼େଇ ବୋଲି ବିରୋଧୀ କହିଛନ୍ତି।

### ଫୁର୍‌ସତ

## ସମୁଦ୍ର ଭିତରେ ଗର୍ଲଫ୍ରେଣ୍ଡଙ୍କୁ ପ୍ରପୋଜ

**ମସ୍କୋ:** ସମ୍ପ୍ରତି ପ୍ରେମୀଯୁଗଳ ପରସ୍ପରକୁ ପ୍ରପୋଜ କରିବାର ବିଭିନ୍ନ ନୂତନ ପନ୍ଥା ଆପଣାଉଛନ୍ତି। କେତେଜଣ ସାର୍ବଜନୀନ ସ୍ଥାନରେ ପ୍ରପୋଜ କରିବାକୁ ପସନ୍ଦ କରନ୍ତି ତ ଆଉ କେତେଜଣ ବ୍ୟକ୍ତିଗତ ଭାବେ ନିଜ ପ୍ରେମୀଙ୍କୁ ପ୍ରପୋଜ କରିବାକୁ ପସନ୍ଦ କରିଥାନ୍ତି। ନିକଟରେ ରୁଷିଆର କ୍ରାସ୍‌ନୋୟାର୍ସ୍କ ବାସିନ୍ଦା ତଥା ଯୁବ ଡାଇଭର ଡାନିଲ (୨୧) ତାଙ୍କ ଗର୍ଲଫ୍ରେଣ୍ଡ ନାସ୍ତ୍ୟା (୨୧)ଙ୍କୁ ଏକ ନିଆରା ଉପାୟରେ ପ୍ରପୋଜ୍ କରିଛନ୍ତି। ନିକଟରେ ପୂର୍ବ ୟୁରୋପର କ୍ରିମେଆ ଉପଦ୍ୱୀପସ୍ଥିତ ବ୍ଲାକ ସି'ର କେପ୍ ତାର୍ଖାନକୁଟ ଉପକୂଳରେ ଡାନିଲ ଗର୍ଲଫ୍ରେଣ୍ଡ ନାସ୍ତ୍ୟାଙ୍କ ସହ ମିଶି ଡାଇଭିଂ କରିଥିଲେ। ଏହା ନାସ୍ତ୍ୟାଙ୍କର ପ୍ରଥମ ଡାଇଭ ଥିଲା। ତେବେ ଏହି ଡାଇଭରେ ନାସ୍ତ୍ୟାଙ୍କୁ ପ୍ରପୋଜ କରି ଡାନିଲ ଏହାକୁ ଏକ ସ୍ମରଣୀୟ



ଅଭିଜ୍ଞତାରେ ପରିଣତ କରିଥିଲେ।

ସମୁଦ୍ର ମଧ୍ୟରେ ନାସ୍ତ୍ୟା ପଥୁରିଆ ସମୁଦ୍ର ଭୂମିକୁ ଅନୁଧ୍ୟାନ କରୁଥିଲେ। ଏହି ସମୟରେ ପଛକୁ ଚାହିଁବା ମାତ୍ରେ ସେ ଡାନିଲଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଡାନିଲ୍ ତାଙ୍କ ନିକଟରେ ହାତରେ ଏକ ଖୋଲା ରିଙ୍ଗ୍ ବାକ୍ସ ଧରି ପହଁଚୁଥିଲେ। ଡାନିଲ୍ ଧୀରେ ଧୀରେ ନାସ୍ତ୍ୟାଙ୍କ ଆଙ୍ଗୁଠିରେ ରିଙ୍ଗ୍‌ଟିକୁ ପିନ୍ଧାଇଥିଲେ ଓ ତାଙ୍କୁ ପ୍ରପୋଜ କରିଥିଲେ। ଡାନିଲଙ୍କ ପ୍ରପୋଜକୁ ନାସ୍ତ୍ୟା ସ୍ୱୀକାର କରିଥିଲେ ଓ ଉଭୟ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏହା ତାଙ୍କ ଖୁସିର ସବୁ ସୀମାକୁ ପାର୍ କରିଥିଲା ବୋଲି ନାସ୍ତ୍ୟା କହିଛନ୍ତି। ସମୁଦ୍ରର ନୀରବତା ଏହି ମୁହୂର୍ତ୍ତକୁ ଆହୁରି ଯାଦୁକରୀ କରିଥିଲା। ଏହି ବିଶେଷ ମୁହୂର୍ତ୍ତ ସବୁଦିନ ପାଇଁ ସେମାନଙ୍କ ସ୍ମୃତିରେ କଏଦ୍ ହୋଇ ରହିବ ବୋଲି ଏହି ପ୍ରେମୀ ଯୁଗଳ କହିଛନ୍ତି। ଡାନିଲ୍ ଏବଂ ନାସ୍ତ୍ୟା ୩ ବର୍ଷ ଧରି ପରସ୍ପରକୁ ଡେଟ୍ କରି ଆସୁଛନ୍ତି ଏବଂ ଗ୍ରୀଷ୍ମ ଋତୁରେ କାମ କରିବା ପାଇଁ ସେମାନେ ସାଧାରଣତଃ କ୍ରିମେଆ ଆସିଥାନ୍ତି। ସମୁଦ୍ର ପ୍ରତି ଉଭୟଙ୍କର ଖୁବ୍ ଆକର୍ଷଣ ରହିଛି। ଭବିଷ୍ୟତରେ ସମୁଦ୍ର ଉପକୂଳ ନିକଟରେ ବସତି ସ୍ଥାପନ କରିବାକୁ ଏହି ପ୍ରେମୀଯୁଗଳ ଲକ୍ଷ୍ୟ ରଖିଛନ୍ତି।

## ଅଲ୍ଲୁ ଶ୍ରେଷ୍ଠ ଅଭିନେତା, ରଶ୍ମିକା ଶ୍ରେଷ୍ଠ ଅଭିନେତ୍ରୀ

### ଏସ୍‌ଆଇଆଇଏମ୍‌ଏ ଆୱାର୍ଡ-୨୦୨୫

**ଦୁବାଇ:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରେ ଶନିବାର ସାଉଥ୍ ଇଣ୍ଡିଆନ୍ ଇଣ୍ଟରନ୍ୟାଶନାଲ ମୁଭି ଆୱାର୍ଡ୍ସ (ଏସ୍‌ଆଇଆଇଏମ୍‌ଏ) ୨୦୨୫ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ତେଲୁଗୁ, କନ୍ନଡ଼, ତାମିଲ ଏବଂ ମାଲୟାଲମ ଫିଲ୍ମ ଇଣ୍ଡଷ୍ଟ୍ରିରେ ଦକ୍ଷତା ପ୍ରତିପାଦନ କରିଥିବା କଳାକାରମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରାଯାଇଛି। ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ 'ପୁଷ୍ପା ୨: ଦି ରୁଲ୍'ର ଜଲ୍‌ୱା ଦେଖିବାକୁ ମିଳିଛି। ଏହି ଫିଲ୍ମକୁ ଏକାଧିକ ଆୱାର୍ଡ ମିଳିଛି। ଫିଲ୍ମ ପାଇଁ ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ



ସମ୍ମାନିତ କରାଯାଇଛି। ସେହିପରି ଏହି ଫିଲ୍ମ ପାଇଁ ନିର୍ଦ୍ଦେଶକ ସୁକୁମାର ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଛନ୍ତି। 'କଲ୍‌କୀ ୨୮୯୮ ଏଡି' ଫିଲ୍ମକୁ ମଧ୍ୟ ଏକାଧିକ ଆୱାର୍ଡ ମିଳିଛି। ଶ୍ରେଷ୍ଠ ତେଲୁଗୁ ଫିଲ୍ମ ଭାବେ ଏହି ଫିଲ୍ମ ସମ୍ମାନିତ ହୋଇଛି। ସେହିପରି ଏହି ଫିଲ୍ମ ପାଇଁ ଅଭିନେତା କମଲ ହାସନଙ୍କୁ ଶ୍ରେଷ୍ଠ ଖଳନାୟକ ଓ ଅଭିନେତା ଅମିତାଭ ବଚ୍ଚନଙ୍କୁ ଶ୍ରେଷ୍ଠ ସହ ଅଭିନେତା ଭାବେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ କନ୍ନଡ଼, ତାମିଲ ଏବଂ ମାଲୟାଲମ ଫିଲ୍ମ ଇଣ୍ଡଷ୍ଟ୍ରିରେ ମଧ୍ୟ ଦକ୍ଷତା ପ୍ରତିପାଦନ କରିଥିବା କଳାକାରମାନଙ୍କୁ ବିଭିନ୍ନ ଶ୍ରେଣୀରେ ସମ୍ମାନିତ କରାଯାଇଛି।

# ସମାଲୋଚନାକୁ ଭୟ କଲେ ପରିବର୍ତ୍ତନ ଅସମ୍ଭବ: ତଥାଗତ

**ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍**

ଛୋଟ ଗଛ ଲଗାଇବା ସହ ବଡ଼ ଗଛର ସୁରକ୍ଷା ଜରୁରୀ- **ଆଦ୍ୟାଶା ସତପଥୀ**



କେନ୍ଦୁଝର ଜିଲା ଆନନ୍ଦପୁରସ୍ଥିତ ଫକୀରପୁର ସିଟି ସ୍କୁଲ ପରିସରରେ ରବିବାର ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍‌ରେ ଉପସ୍ଥିତ (ବାମରୁ) ଆନନ୍ଦପୁର ଆଞ୍ଚଳିକ ଟ୍ରେନିଂ କଲେଜର ସହକାରୀ ପ୍ରଫେସର ଡ. ସବିତା ଜେନା, ପରିବେଶବିତ୍ ବୈଲୋଚନ ସୂତାର, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଫକୀରପୁର ସିଟି ସ୍କୁଲର ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ ଏବଂ ପରିବେଶବିତ୍ ସରୋଜ କୁମାର ସାହୁ।

ଘସିପୁରା/ଆନନ୍ଦପୁର,୭।୯ (ନିରଞ୍ଜନ ସାହୁ/ସୁଶାନ୍ତ କୁମାର ସାହୁ)

ସମାଲୋଚନାକୁ ଭୟ କରି ପଦକ୍ଷେପ ଗ୍ରହଣ କରା ନ ଗଲେ ପରିବର୍ତ୍ତନ ଅସମ୍ଭବ। ଏହା ସବୁ କ୍ଷେତ୍ରରେ ପ୍ରଯୁଜ୍ୟ। ଜଣେ ଗଛଟିଏ ଲଗାଉଛି, ଅନ୍ୟ ଜଣେ କହୁଛି କାହିଁକି ଲଗାଉଛୁ, ତାହାକୁ ଅଣଦେଖା କରି ଆଗକୁ ବଢ଼ିବା ସମାଜ ପାଇଁ ମଙ୍ଗଳ। ଯେମିତି ସୁସ୍ଥ ପ୍ରଶାସନିକ ବ୍ୟବସ୍ଥାରେ ନିଆଯାଉଥିବା କୌଣସି ଉତ୍ତମ ପଦକ୍ଷେପକୁ ଯଦି କେହି ସମାଲୋଚନା କରେ ତାକୁ ଅଣଦେଖା କରି ଆଗକୁ ବଢ଼ିବା ବୁଦ୍ଧିମାନ୍‌ର କାମ ହେବା ଆବଶ୍ୟକ। ତା'ହେଲେ ସମାଜର ବିକାଶ ସମ୍ଭବ। କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଫକୀରପୁରର ସିଟି ସ୍କୁଲ ପରିସରରେ ରବିବାର ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନକ୍ଲେଭ୍‌ରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ସମବେତ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ।

ନିଜ ବକ୍ତବ୍ୟରେ ତଥାଗତ ଆହୁରି କହିଥିଲେ, ରାଜନୀତିଠାରୁ ଦୂରେଇ ରହି 'ଆନିମଲ୍-ମ୍ୟାନ୍' ଓ 'ମାଟି କଥା' ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରଖି କାମ କରୁଛନ୍ତି। ଏଥିସହ କଥା ଛଳରେ ତ୍ରୁଟିଗତ ପ୍ରଶାସନିକ ବ୍ୟବସ୍ଥାକୁ କଡ଼ା ସମାଲୋଚନା କରି ରାସ୍ତା ନିର୍ମାଣ ଆଳରେ ଗଛ କଟା ଚାଲିଥିବ, ଶେଷରେ ରାସ୍ତା ରହିଥିବ ମଣିଷ ନ ଥିବ। ଏହିଭଳି ବ୍ୟବସ୍ଥାରେ ସୁଧାର ଆସିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ ପରିବେଶର ସୁରକ୍ଷା ଦାୟିତ୍ୱ ଯୁବପିଢ଼ିଙ୍କ ଉପରେ ନିର୍ଭର କରୁଛି। ଛୋଟ ଛୋଟ ଗଛ ଲଗାଇ ପରିବେଶକୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଥିବା ବ୍ୟକ୍ତିବିଶେଷ ବଡ଼ ବଡ଼ ଗଛର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଲେ ପରିବେଶର ସନ୍ତୁଳନ ସହଜରେ ହୋଇପାରନ୍ତା ବୋଲି ପ୍ରକାଶ କରିଥିଲେ। ଏପରିକି ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା, ଜଙ୍ଗଲରୁ ଗଛ ଧ୍ୱଂସ ହେବାକୁ ଦିଆ ନ ଯିବା ଦିଗରେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଫକୀରପୁର ସିଟି ସ୍କୁଲର ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ, ଆନନ୍ଦପୁର ଆଞ୍ଚଳିକ ଟ୍ରେନିଂ କଲେଜର ସହକାରୀ ପ୍ରଫେସର ଡ. ସବିତା ଜେନା, ପରିବେଶବିତ୍ ବୈଲୋଚନ ସୂତାର, ସରୋଜ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଧରିତ୍ରୀର ସହଯୋଗରେ ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନକ୍ଲେଭ୍ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିସହିତ ଉପସ୍ଥିତ ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦେବା ସହିତ ପୃଥିବୀକୁ ବିପର୍ଯ୍ୟୟରୁ ମୁକ୍ତ କରିବାକୁ ଉଦ୍ୟମ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ବର୍ତ୍ତମାନ ପରିବେଶର ଯେଉଁ ପ୍ରଭାବ ରହିଛି, ଏହା କ'ଣ ପାଇଁ ଏବଂ ଏହାର ନିରାକରଣ କିପରି କରାଯାଇପାରିବ ଏ ନେଇ ସଭାରେ ପରିବେଶବିତ୍ ନିରଞ୍ଜନ ସାହୁ, ଚନ୍ଦନ କୁମାର ପଣ୍ଡା, ସର୍ବେଶ୍ୱର ଦଳେଇ, ଶୁଭସ୍ମିତା ମିଶ୍ର, କାଉନ୍‌ସିଲର ସନତ କର, ସୁରେନ୍ଦ୍ର ଦାସ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ। କେନ୍ଦୁଝର ଜିଲାର ବିଭିନ୍ନ ପ୍ରାନ୍ତରୁ ଅନେକ ମହିଳା, ପୁରୁଷ ପରିବେଶବିତ୍ କିପରି ନିଜର ନିତିଦିନ କାର୍ଯ୍ୟରୁ ପରିବେଶ ସମ୍ବନ୍ଧୀୟ କାର୍ଯ୍ୟ କରିପାରିବେ ଏହି ପ୍ରସଙ୍ଗରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ପରିବେଶବିତ୍ ତ୍ରିଲୋଚନ ସାହୁ ସଂଯୋଜନା କରିଥିବା ବେଳେ ପ୍ରାରମ୍ଭରେ ସାମାଜିକକର୍ମୀ ଅନିଲ ସାହୁ ଅତିଥିଙ୍କୁ ସଭାକୁ ନିମନ୍ତ୍ରଣ କରିଥିଲେ। ମା' ତାରିଣୀଙ୍କ ଫଟୋଚିତ୍ର ନିକଟରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରିବେଶବିତ୍ ବଳଦେବ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଯୁବପିଢ଼ି, ପରିବେଶବିତ୍, ସଚେତନ ନାଗରିକ ଯୋଗଦେଇଥିଲେ। ଶେଷରେ ଫକୀରପୁର ସିଟି ସ୍କୁଲ ପରିସରରେ ଅତିଥିଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା।

## ଡିଜିଟାଲ ସାକ୍ଷରତା ପ୍ରୋତ୍ସାହିତ କରିବାକୁ ଆହ୍ୱାନ

ଭୁବନେଶ୍ୱର,୭।୯(ସୁଚିସ୍ମିତା ସାହୁ)

**ଆଜି 'ଅନ୍ତର୍ଜାତୀୟ ସାକ୍ଷରତା ଦିବସ'**



ଦେଶ ତଥା ରାଜ୍ୟର ଆର୍ଥିକ ପ୍ରଗତି ସହିତ ସାମାଜିକ ବିକାଶ ଏବଂ ବ୍ୟକ୍ତିଗତ ଉନ୍ନତି ପାଇଁ ଶିକ୍ଷା ଅତ୍ୟନ୍ତ ଜରୁରୀ। ଶିକ୍ଷା କେବଳ ଜଣେ ବ୍ୟକ୍ତିର ମୌଳିକ ଅଧିକାର ନୁହେଁ, ସମାଜରୁ ଦାରିଦ୍ର୍ୟ ଓ ଅସମାନତା ଦୂର କରିବାରେ ସହାୟକ ହୁଏ। ତେଣୁ ସାକ୍ଷରତା ହାର ବୃଦ୍ଧି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ସହ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଶିକ୍ଷା ପ୍ରତି ସମସ୍ତଙ୍କ ମନରେ ଆଗ୍ରହ ଓ ଉତ୍ସାହ ଜାଗ୍ରତ କରିବା ଏବଂ ଶିକ୍ଷାର ମହତ୍ତ୍ୱ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୮କୁ 'ଅନ୍ତର୍ଜାତୀୟ ସାକ୍ଷରତା ଦିବସ' ଭାବେ ପାଳନ କରାଯାଉଛି। ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ପକ୍ଷରୁ ୭ ନଭେମ୍ବର ୧୯୬୫ରେ ଏହା ଘୋଷଣା କରାଯାଇଥିବାବେଳେ ୧୯୬୬ ମସିହାରୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଇ ଆସୁଛି। ତେବେ ଚଳିତବର୍ଷର ଥିମ୍ ରହିଛି 'ଡିଜିଟାଲ ଯୁଗରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା'। ଡିଜିଟାଲ ମାଧ୍ୟମରେ ପାଠପଢ଼ିବା ବା ଡିଜିଟାଲି ଶିକ୍ଷିତ ହେଲେ ସ୍ଥାୟୀ ବିକାଶର ଲକ୍ଷ୍ୟ ପୂରଣ ହେବା ସହ ଶାନ୍ତିପୂର୍ଣ୍ଣ, ନ୍ୟାୟ ଏବଂ ସ୍ଥାୟୀ ସମାଜ ଗଠନ ହେବ ବୋଲି ଆହ୍ୱାନ ଦିଆଯାଇଛି।

୨୦୧୧ ଜନଗଣନା ଅନୁଯାୟୀ, ଭାରତରେ ସାକ୍ଷରତା ହାର ୭୪.୦୪% ରହିଥିଲା। ହେଲେ ଏ କ୍ଷେତ୍ରରେ ମହିଳା ଏବଂ ପୁରୁଷଙ୍କ ମଧ୍ୟରେ ବହୁ ପାର୍ଥକ୍ୟ ରହିଥିଲା। ମହିଳାଙ୍କ ସାକ୍ଷରତା ହାର ୬୫.୪୬ ରହିଥିବା ବେଳେ ପୁରୁଷଙ୍କ ହାର ୮୨.୧୪ ଥିଲା। ହେଲେ ସରକାରଙ୍କ ଦୀର୍ଘସ୍ଥାୟୀ ଯୋଜନା ଓ ପଦକ୍ଷେପ ଦ୍ୱାରା ଭାରତ ସମେତ ଓଡ଼ିଶାରେ ସାକ୍ଷରତା ହାର ବଢ଼ି ଚାଲିଛି। ଏଥିସହ ପୁରୁଷ ଓ ମହିଳାଙ୍କ ସାକ୍ଷରତା ହାର ବ୍ୟବଧାନ ମଧ୍ୟ କମିବାରେ ଲାଗିଛି। ପିରିୟଡିକ୍ ଲେବର ଫୋର୍ସ ସର୍ଭେ ୨୦୨୩-୨୪ ରିପୋର୍ଟ ଅନୁସାରେ, ଏବେ ଭାରତର ସାମଗ୍ରିକ ସାକ୍ଷରିତ ହାର ୮୦.୯%କୁ ବୃଦ୍ଧି ପାଇଛି। ତେବେ ସହରାଞ୍ଚଳରେ ୯୦% ରହିଥିବା ବେଳେ ଗ୍ରାମାଞ୍ଚଳରେ ୭୭% ରହିଛି। ସେହିପରି ପୁରୁଷଙ୍କ ସାକ୍ଷରତା ହାର ୮୮% ରହିଥିବା ବେଳେ ମହିଳାଙ୍କ ସାକ୍ଷରତା ହାର ୮୧% ରହିଛି।

## କଂଗ୍ରେସ ଜନତାଙ୍କ ଏକମାତ୍ର ବିକଳ୍ପ: ଭକ୍ତ

### ସଙ୍ଗଠନ ସୃଜନ କଂଗ୍ରେସର ଗଣତାନ୍ତ୍ରିକ ମୂଲ୍ୟବୋଧର ପରିଚୟ

ଭୁବନେଶ୍ୱର,୭।୯(ରବିନାରାୟଣ ଜେନା)


ଭକ୍ତ ଚରଣ ଦାସ

କଂଗ୍ରେସ ସବୁବେଳେ ଗଣତନ୍ତ୍ର, ସମ୍ବିଧାନ ଏବଂ ଲୋକଙ୍କ ଅଧିକାର ଉପରେ ଅଗ୍ରାଧିକାର ଦେଇଆସିଛି। କଂଗ୍ରେସ କେବଳ ଗଣତନ୍ତ୍ରର ଭାଷଣ ଦିଏ ନାହିଁ, ବରଂ ଗଣତାନ୍ତ୍ରିକ ଉପାୟରେ ନିଜ ଦଳକୁ ନିର୍ମାଣ କରିବାରେ ବିଶ୍ୱାସ କରେ। ଆଗାମୀ ଦିନରେ କଂଗ୍ରେସ ହିଁ ଲୋକଙ୍କ ଏକମାତ୍ର ବିକଳ୍ପ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ରବିବାର ଭକ୍ତ ଗଣମାଧ୍ୟମକୁ କହିଛନ୍ତି, ଦେଶରେ ସମ୍ବିଧାନ, ଭୋଟ ଚୋରି, ନାରୀଙ୍କୁ ନ୍ୟାୟ ଆଦି ବିଷୟକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜନତାଙ୍କ ପାଖକୁ ଯାଉଛନ୍ତି। ଓଡ଼ିଶାରେ ମଧ୍ୟ ରାହୁଲଙ୍କ ବାର୍ତ୍ତା ଯେଭଳି ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ଆବଶ୍ୟକ ସମସ୍ତ ପ୍ରୟାସ କରୁଛୁ। ରାହୁଲଙ୍କ ପ୍ରୟାସ ବର୍ତ୍ତମାନ ଏକ ଜନ ଜାଗରଣର ରୂପ ନେବାକୁ ବସିଲାଣି। ସଙ୍ଗଠନ ସୃଜନ ଅଭିଯାନ ରାହୁଲଙ୍କ ଏକ ଅନନ୍ୟ ପ୍ରୟାସ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ତୃଣମୂଳସ୍ତରରେ ଜିଲା ସଭାପତି ଚୟନ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଚାଲିଛି। କଂଗ୍ରେସର ୩୫ ଗୋଟି ସାଙ୍ଗଠନିକ ଜିଲା ପାଇଁ ଏଆଇସିସିରୁ ଜଣେ ଏବଂ ପିସିସିରୁ ତିନିଜଣ ଏଭଳି ଚାରିଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ଜିଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ଅପୂର୍ବ ଉତ୍ସାହ ପରିଲକ୍ଷିତ ହେଉଛି, ଯାହା କଂଗ୍ରେସ ଦଳର ଭବିଷ୍ୟତ ପାଇଁ ଅତି ଶୁଭଙ୍କର। ଆଗାମୀ ୧୪ ତାରିଖରେ ସଙ୍ଗଠନ ସୃଜନ କାର୍ଯ୍ୟକ୍ରମର ପରିସମାପ୍ତି ହୋଇ ପ୍ରତ୍ୟେକ ସାଙ୍ଗଠନିକ ଜିଲା ପାଇଁ ସଭାପତି ନିଯୁକ୍ତି ହେବ। ତୃଣମୂଳ ସ୍ତରରେ ଏଭଳି ଗଣତାନ୍ତ୍ରିକ ଉପାୟରେ, ସମସ୍ତ କଂଗ୍ରେସ କର୍ମୀଙ୍କ ମତାମତକୁ ସମ୍ମାନ ଦେଇ ନେତା ଚୟନର ଏତେ ବ୍ୟାପକ କାର୍ଯ୍ୟକ୍ରମ କେବଳ କଂଗ୍ରେସ ଦଳ ପକ୍ଷରେ ହିଁ ସମ୍ଭବ ବୋଲି ଭକ୍ତ କହିଛନ୍ତି।

## ନବୀନଙ୍କ ୪ଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୭।୯(ରବିନାରାୟଣ ଜେନା)


ନବୀନ ପଟ୍ଟନାୟକ

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରବିବାର ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ବିମାନବନ୍ଦରଠାରେ ଗଣମାଧ୍ୟମକୁ କହିଛନ୍ତି ଯେ, ଉପରାଷ୍ଟ୍ରପତି ନିର୍ବାଚନ ନେଇ ଦିଲ୍ଲୀ ଗସ୍ତ କରୁଛନ୍ତି। ଏହି ସମୟରେ ଦଳୀୟ ସାଂସଦଙ୍କ ସହିତ ସେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ ଯେ, ଶନିବାର ବିଜେଡି ପକ୍ଷରୁ ଅନୁଷ୍ଠିତ ପିଏସି ବୈଠକରେ ଉପରାଷ୍ଟ୍ରପତି ନିର୍ବାଚନ ସଂକ୍ରାନ୍ତରେ ଦଳର ବରିଷ୍ଠ ନେତାଙ୍କ ମତାମତ ଲୋଡାଯାଇଥିଲା। ନେତାମାନେ ନିଜ ନିଜର ମତ ପ୍ରକାଶ କରିଥିଲେ ହେଁ କୌଣସି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇ ନ ଥିଲା। ଦିନକ ପରେ ଉପରାଷ୍ଟ୍ରପତି ନିର୍ବାଚନ। ମହାରାଷ୍ଟ୍ରର ରାଜ୍ୟପାଳ ଥିବା ସି ପି ରାଧାକ୍ରିଷ୍ଣନଙ୍କୁ ଏନ୍‌ଡିଏ ପ୍ରାର୍ଥୀ କରିଥିବା ବେଳେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ସୁଦର୍ଶନ ରେଡ୍ଡିଙ୍କୁ 'ଇଣ୍ଡିଆ' ମେଣ୍ଟ ପ୍ରାର୍ଥୀ କରିଛି । ହେଲେ ବିଜେଡି କାହାକୁ ସମର୍ଥନ ଦେବ କିମ୍ବା ନିର୍ବାଚନରୁ ଦୂରେଇ ରହିବ ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ଜଳିଗଲା ୧୦୮ ଆମ୍ବୁଲାନ୍ସ ଇଞ୍ଜିନ୍, ମୃତ୍ୟୁ ସହ ସଂଘର୍ଷ କଲେ ବୃଦ୍ଧା

ପରଜଙ୍ଗ,୭।୯ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ଗେଙ୍ଗୁଟିଆ ଗ୍ରାମକୁ ରବିବାର ପୂର୍ବାହ୍ନରେ ରୋଗୀ ଆଣିବାକୁ ଯାଇଥିବା ୧୦୮ ଆମ୍ବୁଲାନ୍ସରେ ତ୍ରୁଟି ପରିଲକ୍ଷିତ ହୋଇ ଇଞ୍ଜିନ୍ ଜଳି ଯାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଗେଙ୍ଗୁଟିଆ ଗ୍ରାମର ବୃଦ୍ଧା ବାସନ୍ତୀ ବେହେରା(୮୦)ଙ୍କ ସ୍ୱାସ୍ଥ୍ୟ ବସ୍ଥାକୁ ନେଇ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଡାକିଥିଲେ। ଆମ୍ବୁଲାନ୍ସଟି ଅନୁଗୋଳ ଜିଲା ବଁଅରପାଳରୁ ଗେଙ୍ଗୁଟିଆ ଗାଁକୁ ଆସିଥିଲା। ମାତ୍ର ଗାଁରେ ଆମ୍ବୁଲାନ୍ସଟି ଷ୍ଟାର୍ଟ ହୋଇ ନ ଥିଲା। ଫଳରେ ପ୍ରାୟ ୨ ଘଣ୍ଟା ଧରି କର୍ମଚାରୀ ଓ ଗ୍ରାମର କେତେଜଣ ଯୁବକ ମିଶି ଠେଲିଥିଲେ। ହେଲେ ଠେଲିଠେଲି ନୟାନ୍ତ ହୋଇଥିଲେ ମଧ୍ୟ ଆମ୍ବୁଲାନ୍ସଟି ଷ୍ଟାର୍ଟ ହୋଇ ନ ଥିଲା। ଏହାର କିଛି ସମୟ ପରେ ଆମ୍ବୁଲାନ୍ସ ଇଞ୍ଜିନରୁ ଧୂଆଁ ବାହାରିଥିଲା। ଆମ୍ବୁଲାନ୍ସର ଯାନ୍ତ୍ରିକ ତ୍ରୁଟି ଯୋଗୁ ରୋଗୀ ବାସନ୍ତୀ ମୃତ୍ୟୁ ସହ ଲଢେଇ କରୁଥିଲେ। ଗାଡ଼ିଗୁଡ଼ିକ ଠିକ୍ ସମୟରେ ମରାମତି କରାଯାଉ ନ ଥିବାରୁ ଏଭଳି ବାରମ୍ବାର ତ୍ରୁଟି ହେଉଥିବା କର୍ମଚାରୀ କହିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେଲେ ରୋଗୀମାନେ ଉତ୍ତମ ସେବା ପାଇପାରିବେ ବୋଲି ସାଧାରଣରେ ଦାବି ହେଉଛି।

## ଲୋକସେବା ଭବନକୁ ଅନଧିକୃତ ଗସ୍ତ କରିପାରିବେନି ଓଏଏସ୍, ଓଆର୍‌ଏସ୍ ଅଫିସର

**ସବୁ ଜିଲାପାଳ, ଆର୍‌ଡିସିଙ୍କୁ ଦିଆଗଲା ଚିଠି**

ଭୁବନେଶ୍ୱର,୭।୯(ରବିନାରାୟଣ ଜେନା)

ରାଜ୍ୟର ବିଭିନ୍ନ ଜିଲା ଓ ଆର୍‌ଡିସି ସ୍ତରରେ କାର୍ଯ୍ୟରତ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଏବଂ ଓଡ଼ିଶା ରାଜସ୍ୱ ସେବା(ଓଆର୍‌ଏସ୍) ଅଧିକାରୀଙ୍କୁ ଲୋକସେବା ଭବନ ପରିଦର୍ଶନ ଏଣିକି ମହଙ୍ଗା ସାବ୍ୟସ୍ତ ହେବ। ଯେଉଁ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀ ସମ୍ପୃକ୍ତ ଜିଲାପାଳ କିମ୍ବା ଆର୍‌ଡିସିଙ୍କ ବିନା ସ୍ୱୀକୃତିରେ ଲୋକସେବା ଭବନରେ ପ୍ରବେଶ କରିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହିଭଳି ଏକ କଡ଼ା ନିର୍ଦ୍ଦେଶନାମା ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ଜାରି କରାଯାଇଛି। ଏହାକୁ ନେଇ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି।

ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ପ୍ରଜ୍ଞାଧାରା ମିଶ୍ର ଏ ସଂକ୍ରାନ୍ତରେ ଶନିବାର ସବୁ ଜିଲାପାଳ ଓ ଆର୍‌ଡିସିଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ରାଜ୍ୟର ବହୁ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀ ସରକାରୀ କାର୍ଯ୍ୟ ଛାଡ଼ି ଲୋକସେବା ଭବନ ଚଲାପଥରେ ଟହଲ ମାରୁଥିବା ଦେଖିବାକୁ ମିଳିଛି। ଏଭଳି କେତେକ ଘଟଣା ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ନଜରକୁ ଆସିବା ପରେ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମୁଖ୍ୟାଳୟରେ ନିଜ କାର୍ଯ୍ୟ ଛାଡ଼ି ଲୋକସେବା ଭବନରେ ବାରମ୍ବାର ବୁଲିବା ଦ୍ୱାରା ଲୋକଙ୍କ ସମସ୍ୟାର ସମାଧାନ ହୋଇପାରୁନାହିଁ। ରାଜସ୍ୱ ସେବାରେ ବିଶେଷ ବ୍ୟାଘାତ ଉପୁଜୁଛି। କାର୍ଯ୍ୟଦିବସରେ ଏଣିକି ବିନା ଅନୁମତିରେ ଏହି ଦୁଇ ବର୍ଗର ଅଧିକାରୀ ଯେଭଳି ଲୋକସେବା ଭବନରେ ଦେଖା ନ ଯିବେ ସେଥିପ୍ରତି ଦୃଷ୍ଟିଦେବା ସହିତ ସମ୍ପୃକ୍ତ ଅଧିକାରୀଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ଏପରି କି ସମ୍ପୃକ୍ତ ଅଧିକାରୀଙ୍କୁ 'ୱାର୍ନିଂ' ଦେବା ସହ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଜିଲାପାଳ ଓ ଆର୍‌ଡିସି ପରାମର୍ଶ ପ୍ରଦାନ କରନ୍ତୁ ବୋଲି କୁହାଯାଇଛି। ଏହାସତ୍ତ୍ୱେ ଯଦି ସମ୍ପୃକ୍ତ ବର୍ଗର ଅଧିକାରୀଙ୍କୁ ଲୋକସେବା ଭବନ ଓ ଅନ୍ୟାନ୍ୟ ରାଜ୍ୟ ମୁଖ୍ୟାଳୟରେ ଦେଖିବାକୁ ମିଳେ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି।

**ଭଡ଼ାଗାଡ଼ି ଆବଶ୍ୟକ**

ସମ୍ବଲପୁର ବରେଇପାଲିସ୍ଥିତ ଧରିତ୍ରୀ ଛାପାଖାନାଠାରୁ ଭବନୀପାଟଣାକୁ ଧରିତ୍ରୀ ଖବରକାଗଜ ବିତରଣ କରିବା ନିମନ୍ତେ ଭଡ଼ା ସୂତ୍ରରେ ଗାଡ଼ି ଆବଶ୍ୟକ। ଇଚ୍ଛୁକ ଗାଡ଼ି ମାଲିକ ଗାଡ଼ିର ଆର୍.ସି. ବହିର ନକଲ ଓ ଗାଡ଼ିର ଫଟୋ ସହିତ ନିଜର କୋଟେସନ ପାଞ୍ଚଦିନ ମଧ୍ୟରେ ନିମ୍ନ ଇ-ମେଲ୍ ଠିକଣାରେ ପଠାନ୍ତୁ।

recruitment@dharitri.com




## ସାପ କାମୁଡ଼ାରେ ମହିଳା ସରପଞ୍ଚ ମୃତ

ରାୟଗଡ଼ା,୭।୯(ଆଶିଷ ରଞ୍ଜନ ପଣ୍ଡା)

ବିଷାକ୍ତ ସାପ କାମୁଡ଼ାରେ ଜଣେ ମହିଳା ସରପଞ୍ଚଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତା ହେଲେ ରାୟଗଡ଼ା ବ୍ଲକ କୁଲି ପଞ୍ଚାୟତର ସରପଞ୍ଚ ମାଙ୍ଗୀ କାଡ୍ରାକା। ଶନିବାର ବିଳମ୍ବିତ ରାତିରେ ମାଙ୍ଗୀ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କ ଡାହାଣ ଗୋଡ଼କୁ କାମୁଡ଼ି ଦେଇଥିଲା। ଏ ସମ୍ପର୍କରେ ସେ ତାଙ୍କ ସ୍ୱାମୀ ସୁରୀ କାଡ୍ରାକାଙ୍କୁ କହିବାରୁ ଆମ୍ବୁଲାନ୍ସ ସାହାଯ୍ୟରେ ସେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସରପଞ୍ଚଙ୍କ ବିୟୋଗରେ ରାଜ୍ୟ ସଭା ପୂର୍ବତନ ସଦସ୍ୟ ଏନ୍. ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ରାଜ୍ୟରେ ୧୩ ଯାଏ ବର୍ଷା

ଭୁବନେଶ୍ୱର,୭।୯(ବନ୍ଦନା ସେଠୀ)

ରାଜ୍ୟରେ ପୁଣି ବଢ଼ିବ ବର୍ଷା। ଆଞ୍ଚଳିକ ପାଣିପାଗ ସୂଚନାନୁସାରେ, ସେପ୍ଟେମ୍ବର ୭ରୁ ୧୩ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ବଜ୍ରପାତ ହେବାର ସମ୍ଭାବନା ରହିଛି। ମୌସୁମୀ ଟ୍ରଫ୍ ବର୍ତ୍ତମାନ ପୂର୍ବ- ଦକ୍ଷିଣପୂର୍ବ ଦିଗରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଗତି କରୁଛି। ଏଥିସହ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ଉପକୂଳରେ ଉପରେ ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷାର ତୀବ୍ରତା ବଢ଼ିଛି। ଏହି କ୍ରମରେ ସୋମବାର ରାଜ୍ୟର ୪ଟି ଜିଲା ଯଥା ମାଲକାନଗିରି, କୋରାପୁଟ, ରାୟଗଡ଼ା ଏବଂ ଗଜପତି ଜିଲାକୁ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଏବଂ ଗଞ୍ଜାମ ଜିଲାର କିଛି ସ୍ଥାନରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ଏବେ ଘୂର୍ଣ୍ଣିବଳୟ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସମୁଦ୍ର ପତ୍ତନଠାରୁ ୩.୧ ଏବଂ ୫.୮ କି.ମି. ଉଚ୍ଚତାରେ ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରତ୍ନଚିରା ପବ୍ଲିକେଶନ୍ ପକ୍ଷରୁ ଇନ୍ଦ୍ରମଣୀ ପାଣିଗ୍ରାହୀଙ୍କ ଜନ୍ମ ଶତବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

## କଟକ
- ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ବାରଙ୍ଗ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ସତ୍ସଙ୍ଗ ବିହାର ଆନୁକୂଲ୍ୟରେ କଲ୍ୟାଣୀ ନଗର ଓ ରାଜେନ୍ଦ୍ରନଗର ଗୁରୁଭ୍ରାତାଙ୍କ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ଉତ୍ସଙ୍ଗ, ସ୍ଥାନ: ଗୋବିନ୍ଦ ମଣ୍ଡପ, କଲ୍ୟାଣୀନଗର, ସମୟ: ସନ୍ଧ୍ୟା ୭ଟା ୩୦ମି।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରସାଦ ସେବନ ଓ ବନ୍ଧୁମିଳନ, ସ୍ଥାନ: ପୁରୁଣାବଜାର ଟୋକା ଗଣେଶ ପୂଜା ମଣ୍ଡପ, ଭଦ୍ରକ, ସମୟ: ରାତି ୮ଟା।

## ମୟୂରଭଞ୍ଜ
- ଅଲମ୍ପିଆଡ୍ ପୁରସ୍କାରପ୍ରାପ୍ତ ଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ:ଚିତ୍ରଡ଼ା ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ, ମୋରଡ଼ା,ସମୟ: ପୂର୍ବାହ୍ନ ୯ଟା।
- ଜିଲା ବିଦ୍ୟାଳୟ ସମୂହ ଫୁଟବଲ, କବାଡ଼ି ଓ ଖୋ-ଖୋ ପ୍ରତିଯୋଗିତା, ସ୍ଥାନ: ସରକାରୀ ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟ, ବିଶୋଇ,ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଫ୍ରେଣ୍ଡସ ହେଲ୍ପିଂ କ୍ଲବର ସଚେତନତା ରାଲି, ସ୍ଥାନ: ମେଣ୍ଟୁ ଛକ ଆସିକା ରୋଡ, ସମୟ: ସକାଳ ୭.୧୫।
- ଜନଶୁଣାଣି ଶିବିର, ସ୍ଥାନ: ଲାଠି ପଞ୍ଚାୟତ ଗୃହ, ସମୟ: ପୂର୍ବାହ୍ନ ୧୦ଟା

## ଗଞ୍ଜାମ
- ଗ୍ରାମପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଆଙ୍କୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦.୩୦।
- ଜିଲାପାଳ ଓ ଆରକ୍ଷୀଅଧିକ୍ଷକଙ୍କ ଯୁଗ୍ମ ଶୁଣାଣି, ସ୍ଥାନ: ଶେରଗଡ଼ ବ୍ଲକ୍ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ନିଃଶୁଳ୍କ ଫିଜିଓଥେରାପି ଶିବିର, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ବଜ୍ରପାତକୁ ନେଇ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିରିଡ଼ି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷିତ ସପ୍ତାହ ପାଳନ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୨ଟା।
- କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ ଅଥରିଟିର ୫୪ତମ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ,ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା
- ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜନ୍ମୋତ୍ସବ, ସ୍ଥାନ: ଦିବ୍ୟ ଜୀବନ ସଂଘ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୪ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୁଲାରସିଂ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଦୁଧାରୀ,ସେମିଳିଗୁଡ଼ା ବ୍ଲକ, ଉମୁରି ପଞ୍ଚାୟତ କାର୍ଯ୍ୟାଳୟ ପରିସର,ଉମୁରି ବ୍ଲକ,କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟପାଳଙ୍କ କୋରାପୁଟ କଫି ବୋର୍ଡ ପରିଦର୍ଶନ, ସ୍ଥାନ: କଫି ବୋର୍ଡ଼, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା ୨୫।
- ରାଜ୍ୟପାଳଙ୍କ ଶାବର ଶ୍ରୀକ୍ଷେତ୍ର ପରିଦର୍ଶନ, ସ୍ଥାନ: କୋରାପୁଟ ଶାବର ଶ୍ରୀକ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା ୫।

## ମାଲକାନଗିରି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:କାଲିମେଳା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- କେବିକେ ଦ୍ୱାରା ଚାଷୀଙ୍କୁ ଚାଷ ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ, ସ୍ଥାନ:ମାଲକାନଗିରି ବ୍ଲକ ବାଡ୍ରିଅଟାଳ ଗ୍ରାମ, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଜମନକିରା ବ୍ଲକ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ବିଦ୍ୟାଙ୍ଗ ଅଧିକାର ସମ୍ପର୍କିତ କୁଇଜ କାର୍ଯ୍ୟକ୍ରମ, ସ୍ଥାନ : ସରକାରୀ ମହିଳା ମହାବିଦ୍ୟାଳୟ ସଭା କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ପଞ୍ଚମୁଖୀ ଯୁବକ ସଂଘ ଓ ଚେତନା ନାଟ୍ୟ ଅନୁଷ୍ଠାନ ଆୟୋଜନରେ ନୂଆଁଖାଇ ଭେଟଘାଟ, ସ୍ଥାନ : ମହାବୀରପଡା, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୁଇଁତଲା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସକାଳ ୬ଟା ୩୦।
- ପାଣି ପାଇଁ ବସ୍ତିବାସୀଙ୍କ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ୱାଟକୋ କାର୍ଯ୍ୟାଳୟ, ଉଦିତ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ସାହିତ୍ୟରେ ଭାଷାର ସରଳୀକରଣ ଆବଶ୍ୟକତା ଶୀର୍ଷକ ଆଲେଶଚନାଚକ୍ର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ୧୦ଟା୩୦।
- ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: କୁଆଁରମୁଣ୍ଡା ବ୍ଲକ,ସମୟ: ସକାଳ ୧୦ ଟା।
- ପଞ୍ଚାୟତସ୍ତରୀୟ ଆଇଇସି ପ୍ରୋଗ୍ରାମ,ସ୍ଥାନ: ଡୁମେରଯୋର ପଞ୍ଚାୟତ,କୁଆଁରମୁଣ୍ଡା ବ୍ଲକ
- ସମୟ,ଅପରାହ୍ନ: ଅପରାହ୍ନ ୨ଟା।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଏମ୍. ରାମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଭବାନୀପାଟଣା ଟାଉନ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ହରଭଙ୍ଗା (ଚାରିଛକ), ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ, ସ୍ଥାନ: ଦେବଗଡ଼ ଟାଉନ୍ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବିନିକା ପାପକ୍ଷୟ ଘାଟରେ ମୁକ୍ତି ସ୍ନାନ, ସ୍ଥାନ: ମହାନଦୀର ପାପକ୍ଷୟ ଘାଟ, ସମୟ: ପ୍ରାତଃ ୫ଟା।
- ଜିଲାପାଳ, ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ଗ୍ରାମପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।

## ନୂଆପଡ଼ା
- ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓଡିଶା ପ୍ରଦେଶ ପକ୍ଷରୁ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୋଡେନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବୋଡେନ ବ୍ଲକ ପଲସଦା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଭାରତୀୟ ଜନତା ପାର୍ଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଜିଲା କାର୍ଯ୍ୟାଳୟ ନୂଆପଡା, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପବିତ୍ର ଭାଦ୍ରବ ପରିକ୍ରମା ସତ୍‌ସଙ୍ଗ, ସ୍ଥାନ: ସତ୍‌ସଙ୍ଗ ବିହାର ନୂଆପଡ଼ା, ସମୟ: ରାତ୍ର ୮ଟା ୩୦।

## ଝାରସୁଗୁଡ଼ା
- ରୁଦ୍ରାଭିଷେକ ପୂଜା, ସ୍ଥାନ: ବାଗଡ଼ିହି ମହାକାଳ ମନ୍ଦିର, ସମୟ: ସକାଳ ୮ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଲଖନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଘର ମାଉସୀ ବିଲେଇ
ନିଆଁ ମାଗିଗଲା କେଉଟ ସାହି
ମାଛ ଗନ୍ଧ ଶୁଙ୍ଘି ଫେରିଲା ନାହିଁ।**

ଶ୍ରଦ୍ଧାରେ ବିଲେଇକୁ ପୁଷି ମାଉସୀ ବୋଲି କୁହାଯାଇଥାଏ। ସାଧାରଣତଃ ବିଲେଇ ଆଇଁଷ ରଙ୍କୁଣା। ଯେଉଁଠି ମାଛ କି ଶୁଖୁଆର ଟିକିଏ ଗନ୍ଧ ପାଏ ସେ ସେଇଠି ନସର ପସର ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ଆମିଷଲୋଭୀ ବ୍ୟକ୍ତିଙ୍କର ଏତାଦୃଶ ଲକ୍ଷଣ ଦେଖାଯାଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବୋହିଗଲା ପାଣି ଯାଉ ତେଣିକି
ବନ୍ଧେଇଲା ପାଣି ରହୁ ଏଣିକି।**

ପାଣି ବା ଜଳ ସଦାସର୍ବଦା ନିମ୍ନଗାମୀ ହୋଇଥାଏ। ଏହାର ଧର୍ମ ବୋହିଚାଲିବା। ପାଣିକୁ ଅଟକାଇ ରଖିବା ପାଇଁ ସେଥିରେ ବନ୍ଧ ବାନ୍ଧିବାକୁ ପଡ଼ିଥାଏ। ପରୋକ୍ଷରେ ଯାହା ବିତିଯାଇଛି ବା ଘଟିଯାଇଛି ସେଥିକି ଅନୁଶୋଚନା ନ କରି ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଦେବଗଡ଼ ରିୟାମାଳ ମୁଖ୍ୟରାସ୍ତାର ଝାଡ଼େଶ୍ୱର ମନ୍ଦିର ଛକ ନିକଟରେ ଚାଷୀମାନେ ରାସ୍ତାରୋକ କରୁଛନ୍ତି।

## ସାର ପାଇଁ ...

ଡିଲର ଗୋଦାମ ଖୋଲି ଅଧିକ ଦାମ୍‌ରେ ସାର ବିକ୍ରି କରୁଥିବାବେଳେ ଦିନରେ ଗୋଦାମ ଖୋଲିବାରେ ବିଳମ୍ବ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଦେବଗଡ଼ ଜିଲା ପୁରୁଣାଗଡ଼ ହକିଛକ ନିକଟରେ ଥିବା ଘରୋଇ ଡିଲରଙ୍କ ଗୋଦାମରେ ସାର ଗଚ୍ଛିତ ଥିବା ସୂଚନାପାଇ ରବିବାର ସକାଳେ ଶତାଧିକ ଚାଷୀ ସେଠାରେ ପହଞ୍ଚିଥିଲେ। ହେଲେ କଳାବଜାର ଉଦ୍ଦେଶ୍ୟରେ ଡିଲର ଜାଣିଶୁଣି ଗୋଦାମ ଖୋଲିବାରେ ବିଳମ୍ବ କରିଥିଲେ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ସେମାନେ ପୂର୍ବାହ୍ନ ୧୦ଟାରେ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା। ଫଳରେ ଡିଲର ଗୋଦାମ ଖୋଲିବାରୁ ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ରାସ୍ତା ଅବରୋଧ ହଟିଥିଲା। ପରେ ଚାଷୀମାନେ ଘଣ୍ଟା ଘଣ୍ଟା ଧରି ଖରାରେ ଛିଡା ହୋଇ ସାର କିଣୁଥିବା ଦେଖିବାକୁ ମିଳିଥିଲା। କୃଷି ବିଭାଗ ଓ ଜିଲା ପ୍ରଶାସନ ସାର କଳାବଜାର ରୋକିବାକୁ ପଦକ୍ଷେପ ନେବା ସହ ତୁରନ୍ତ ଆବଶ୍ୟକତା ଅନୁଯାୟୀ ସାର ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

ଏନେଇ ଦେବଗଡ଼ ଜିଲା କୃଷକ ସଂଘ ସଭାପତି ବିଜୟ କୁମାର ପ୍ରଧାନ କହିଛନ୍ତି, ଜିଲାରେ ସାର ଅଭାବ ଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହେଉଛି। ଫଳରେ ଅନେକ ସମୟରେ ଚାଷୀମାନେ ଧର୍ମଘଟ, ରାସ୍ତାରୋକୋ କରିଛନ୍ତି। ଏଭଳି ପରିସ୍ଥିତିରେ ଜିଲା ପ୍ରଶାସନ ସାର କଳାବଜାର ରୋକିବାକୁ ପ୍ରୟାସ କଲେ ଚାଷୀ ଉପକୃତ ହେବେ। ସେହିପରି ଜିଲା ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମ କହିଛନ୍ତି, ଜିଲାରେ ରାସାୟନିକ ସାର ଯୋଗାଣରେ ଅବ୍ୟବସ୍ଥା ପାଇଁ କୃଷି ବିଭାଗ ଓ ପ୍ରଶାସନ ଦାୟୀ। କିଛିଦିନ ପୂର୍ବରୁ ଡିଏପି ଓ ଗ୍ରୋମୋର ସାର ଅଭାବ ଦେଖାଦେବାରୁ ଜିଲା କୃଷି କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ପରେ କୃଷି ବିଭାଗ ପକ୍ଷରୁ ସାର ଯୋଗାଇ ଦିଆଯାଇଥିଲା। ପ୍ରଶାସନର ଖାମଖିଆଲ ନୀତି ପାଇଁ ଏବେ ୟୁରିଆ ସାର ଯୋଗାଣରେ ଅବ୍ୟବସ୍ଥା ଦେଖାଦେଇଛି। ବିଭାଗ ପକ୍ଷରୁ ତୁରନ୍ତ ସାର ଯୋଗାଇ ଦିଆ ନଗଲେ କୃଷି ବିଭାଗ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ବାଧ ହେବୁ। ଅପରପକ୍ଷେ ଭାରପ୍ରାପ୍ତ ଜିଲା କୃଷି ଅଧିକାରୀ ମନୋଜ ମାରାଣ୍ଡିଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ କଲ୍ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ। ସେହିପରି ମାଲକାନାଗିରି ଜିଲା କାଲିମେଳା ବ୍ଲକ ମହାରାଜପଲ୍ଲୀ ପଞ୍ଚାୟତ ସମ୍ମୁଖ ୩୨୬ ନମ୍ବର ଜାତୀୟ ରାଜପଥରେ ଶତାଧିକ ଚାଷୀ ରବିବାର ବସି ରହିଥିଲେ। ସକାଳ ୭ଟାରୁ ବିଜୟୱାଡା-ରାଞ୍ଚିକୁ ସଂଯୋଗ କରୁଥିବା ରାଜରାସ୍ତାରେ କାଠ ଓ ଟାୟାର ରଖି ପ୍ରତିବାଦ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ମୋଟର ଅଟକି ରହିଥିଲା। ଏହି ଖବର ଜଣାପଡ଼ିବା ପରେ ମହାରାଜପଲ୍ଲୀ ପଞ୍ଚାୟତ ଲ୍ୟାମ୍ପସ ଶାଖା ପରିଚାଳକ ଗୁରୁଚାନ୍ଦ ମଣ୍ଡଳ ପୂର୍ବାହ୍ନ ପ୍ରାୟ ୧୧ଟାରେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଚାଷୀଙ୍କ ସହ ଆଲୋଚନା କରି ମଙ୍ଗଳବାର ସୁଦ୍ଧା ସାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା। ମହାରାଜପଲ୍ଲୀ ପଞ୍ଚାୟତକୁ ଏପର୍ଯ୍ୟନ୍ତ ୟୁରିଆ ସାର ଆସିନାହିଁ। ଫଳରେ ଜମିରେ ସାର ପକାଇବା ସମୟ ଗଡ଼ି ଯାଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ମହାରାଜପଲ୍ଲୀ ପଞ୍ଚାୟତ ଲ୍ୟାମ୍ପସ ଶାଖା ପରିଚାଳକ ଗୁରୁଚାନ୍ଦଙ୍କୁ ଯୋଗାଯୋଗ କରିବାରୁ ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ୬୦୦ ରୁ ୬୫୦ ବ୍ୟାଗ ସାର ଆସିଲେ ଚାଷୀଙ୍କୁ ବଣ୍ଟାଯିବ । ତାଲିକା ପ୍ରସ୍ତୁତି କରି ରଖାଯାଇଛି, ଆସିବାମାତ୍ରେ ଦିଆଯିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ କାଲିମେଳା ବ୍ଲକ ପୁସୁଗୁଡା ପଞ୍ଚାୟତରେ ଚଢାଦରରେ ୟୁରିଆ ସାର ବିକ୍ରିକୁ ନେଇ ଚାଷୀଙ୍କ ପକ୍ଷରୁ ରାସ୍ତା ଅବରୋଧ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

# ଚାଷୀ ସମସ୍ୟା, ସାର ବଣ୍ଟନର ସମୀକ୍ଷା କଲେ ମନ୍ତ୍ରୀ

### ସାର ହେରଫେର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, (ଅନୁରାଧା ମହାରଣା)/ ଗୋପାଳପୁର ୭।୯ (ନବୀନ ରାଜ ଆଚାରୀ)

ରାଜ୍ୟରେ ସାର ଓ ଚାଷୀଙ୍କ ସମସ୍ୟା ଦୂର ପାଇଁ ରବିବାର ବାଣିଜ୍ୟ ପରିବହନ ଓ ଖଣି ଇସ୍ପାତ୍ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୋପାଳପୁର ନିର୍ବାଚନମଣ୍ଡଳୀ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଗୋଳନ୍ଥରାସ୍ଥିତ ବନ୍ଦେ ମାତରଂ ଗୃହଠାରେ ମନ୍ତ୍ରୀ ଜେନାଙ୍କ ଅଧ୍ୟକ୍ଷତାରେ ରଙ୍ଗେଇଲୁଣ୍ଡା ଓ କୁକୁଡାଖଣ୍ଡି ବ୍ଲକର ଚାଷୀଙ୍କ ସମସ୍ୟା ଓ ସାର ବିକ୍ରୟ ସଂକ୍ରାନ୍ତରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ସମବାୟ ସମିତି ସଭାପତି, ସମ୍ପାଦକମାନେ ନିଜ ସମବାୟ ସଂସ୍ଥାର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେତେକ ପାକ୍ସରେ ଜାଗା ନ ଥିବା ଯୋଗୁ ସ୍ଥାୟୀ କାର୍ଯ୍ୟାଳୟ ତଥା ଗୋଦାମ ଗୃହ ନିର୍ମାଣ ହୋଇପାରୁ ନାହିଁ ଏବଂ ପାକ୍ସ ସମ୍ପାଦକ ପଦ ଖାଲିଥିବାରୁ ସମସ୍ୟା ହେଉଥିବା ଜଣାଇଥିଲେ। ମନ୍ତ୍ରୀ ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାରଙ୍କୁ ତୁରନ୍ତ ଜାଗା ଜମି ଯୋଗାଇ ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଅନ୍ୟାନ୍ୟ ସମସ୍ୟାର ସମାଧାନ ୭ଦିନ ଭିତରେ କରିବାକୁ ଉପସ୍ଥିତ ଥିବା ସହକାରୀ ସମବାୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ପାକ୍ସୱାରୀ କେତେ ସାର ଆବଶ୍ୟକ ସେନେଇ ତାଲିକା ପ୍ରସ୍ତୁତ କରି ତୁରନ୍ତ ଯୋଗାଣ ନିମନ୍ତେ ଉପସ୍ଥିତ ଥିବା ଜିଲା କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ୯୯୯ ମେଟ୍ରିକ ଟନ ସାର ୨୯ଟି ସମବାୟ ସମିତି କାର୍ଯ୍ୟାଳୟରେ ପହଞ୍ଚି ସାରିଛି। ଯେଉଁ ବ୍ୟକ୍ତି କିମ୍ବା ଅଧିକାରୀ ସାରରେ ହେରଫେର୍ କରିବେ, ତାଙ୍କ ଉପରେ ସରକାର ତରଫରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ଜିଲା କୃଷି ଅଧିକାରୀ ଅଜୟ କୁମାର କର, ସହକାରୀ ସମବାୟ ଅଧିକାରୀ ଦେବାଶିଷ ସ୍ୱାଇଁ ଓ ରଙ୍ଗେଇଲୁଣ୍ଡା ବ୍ଲକ ସହକାରୀ କୃଷି ଅଧିକାରୀ କିଶୋର କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ନାବାଳିକାଙ୍କୁ ବଳାତ୍କାର ...

କ୍ଷତବିକ୍ଷତ ମୃତଦେହ ଗାଁ ନାଳରେ ମୁହଁ ମାଡ଼ି ପଡିଥିବା ତାଙ୍କ ଭାଇ ଦେଖିବାକୁ ପାଇଥିଲେ। ନାବାଳିକାଙ୍କ ତଣ୍ଟି, ହାତ, କାନ ପାଖରେ କଟାଦାଗ ରହିଛି। ତାଙ୍କୁ କେହି ବଳାତ୍କାର ପରେ ହତ୍ୟା କରିଥିବା ତାଙ୍କ ଭାଇ କହିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଅନୁଗୋଳ ସଦର ଥାନା ପୋଲିସ, ବନ୍ତଳା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିଥିଲେ। ହେଲେ ଦୋଷୀଙ୍କୁ ଧରିବା ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ଅନୁଗୋଳ-ବନ୍ତଳା ମୁଖ୍ୟରାସ୍ତାକୁ ଶାବଳଭଙ୍ଗାଠାରେ ଅବରୋଧ କରିବା ସହ ମୃତଦେହ ଘଟଣାସ୍ଥଳରୁ ଉଠାଇବାକୁ ଦେଇ ନ ଥିଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଆସିବା ଦାବିରେ ସେମାନେ ଅଟଳ ରହିଥିଲେ। ଘଟଣାସ୍ଥଳରେ ସଦର ଆଇଆଇସି ମୃଣାଳ କାଲ, ଏସ୍‌ଡିପିଓ ରମାକାନ୍ତ ମହାଳିକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ। ଶେଷରେ ଲୋକଙ୍କ ଦାବି ଅନୁଯାୟୀ, ଅନୁଗୋଳରୁ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଥିଲା। ଘଟଣାସ୍ଥଳରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ନିଜେ ଦାୟିତ୍ୱ ନେଇ ତଦନ୍ତ କରିବା ସହ ୭ଦିନ ଭିତରେ ଦୋଷୀଙ୍କୁ ଧରି କଠୋର ଦଣ୍ଡବିଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ୫ଘଣ୍ଟା ପରେ ଗ୍ରାମବାସୀ ରାସ୍ତା ଅବରୋଧ ହଟାଇଥିଲେ। ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ ପୀଡ଼ିତାଙ୍କୁ ପରିବାରଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ଅନୁଗୋଳ ଥାନା ଅଧିକାରୀ ଧୀରେଶ ଦାସ, ବନ୍ତଳା ଥାନା ଅଧିକାରୀ ନଟବର ନନ୍ଦ ରହି ତଦନ୍ତରେ ସହଯୋଗ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରଥମେ ହୋଇଥିବା ନିଖୋଜ ଅଭିଯୋଗ କ୍ରମେ ପୋଲିସ ୧୪/୨୫ ନମ୍ବରରେ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟରେ ବଳାତ୍କାର ହୋଇଥିବା ଜଣାପଡ଼ିଲେ ତଦନୁଯାୟୀ ଦଫା ଲଗାଯିବ ବୋଲି ଆଇଆଇସି କାଲ କହିଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ଥିଲେ ମଧ ନୂତନ ଯୋଜନା ସକାଶେ ମନ ବଳାଇବେ। ଅଶ୍ୱିନୀ ନକ୍ଷତ୍ରର ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପଡ଼ୋଶୀ କିମ୍ବା ସମ୍ପର୍କୀୟମାନେ ଆପଣଙ୍କୁ ଅଣଦେଖା କରି ସମାଲୋଚିତ ହୋଇପାରନ୍ତି।

**ବୃଷ** ଆଜି ରୋହିଣୀ ନକ୍ଷତ୍ର କାର୍ଯ୍ୟସିଦ୍ଧି ହେବା କାରଣରୁ ମାନସିକ ଶାନ୍ତି ପାଇବେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇପାରିବେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟାର ସମାଧାନ ହୋଇଯିବ। ସଭାସମିତି, ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମିଥୁନ** ସମ୍ପର୍କୀୟଙ୍କ ସହାୟତାରେ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ । ଆର୍ଦ୍ରା ନକ୍ଷତ୍ର ବିବାଦୀୟ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି ଉଚିତ ପଦେକ୍ଷପ ନିଅନ୍ତୁ। ଫାଇଲପତ୍ର କିମ୍ବା କୌଣସି ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାୟତାରେ କାମ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ। ବ୍ୟବସାୟରେ ଲାଭବାନ ହେବେ ମାତ୍ର ଆଶାନୁରୂପ ନ ହୋଇପାରେ। ଆଲୋଚନା ପରିସରରେ ନ୍ୟାୟୋଚିତ ଏବଂ ଗଠନମୂଳକ ପରାମର୍ଶ ଦେଇ ପ୍ରଶଂସିତ ହେବେ। ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ସିଂହ** ମଘା ନକ୍ଷତ୍ର ଆଜି ଯାହା ପାଇବାକୁ ଇଚ୍ଛା କରୁଛନ୍ତି ତାହା ପାଇବା କଷ୍ଟକର ହେବ। ଉଚ୍ଚ ପଦାଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସାମିଲ ହେବେ। ପାରିବାରିକ କ୍ଷେତ୍ରରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ସାଂଗଠନିକ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ପ୍ରତ୍ୟେକ କାର୍ଯ୍ୟ ବିବାଦୀୟ ହେବାରୁ ବ୍ୟସ୍ତତା ବଢ଼ିଯିବ। ବିବାଦୀୟ କଥାରେ ମୁଣ୍ଡ ପୂରାଇଲେ ଅଯଥା ଦୋଷୀ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦୂରେଇଯିବାର ସମ୍ଭାବନା ରହିଛି।

**ତୁଳା** ସ୍ୱାତୀ ନକ୍ଷତ୍ରର କର୍ମକ୍ଷେତ୍ରରେ ଲାଗିରହିଥିବା ସମସ୍ୟା ସମାଧାନ ହେବ। ଅବଶ୍ୟ ଏହି ଦିଗରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେଇପାରନ୍ତି । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ।

**ବିଛା** ଅନ୍ୟମନସ୍କ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। ଅନୁରାଧା ନକ୍ଷତ୍ର ଆନୁଷ୍ଠାନିକ କାମରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କଳା, କ୍ରୀଡ଼ା, ସଙ୍ଗୀତ, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ସୁନାମ ଅର୍ଜନ କରିବେ। କାମ ହାସଲ ପାଇଁ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ। ଉତ୍ତରାଷାଢ଼ା ନକ୍ଷତ୍ର ପରିବାରର ଇଚ୍ଛା ବିରୁଦ୍ଧରେ କାମ କଲେ ସମାଲୋଚିତ ହେବାର ସୂଚନା ରହିଛି।

**ମକର** ଶ୍ରବଣା ନକ୍ଷତ୍ରର ସାମାନ୍ୟ ଅସୁସ୍ଥତାଜନିତ ମନଟା ଭଲ ରହି ନ ପାରେ। ବିଭିନ୍ନ ପ୍ରକାରର ସମସ୍ୟା ଜନିତ କଳା ସାହିତ୍ୟରେ ସମସ୍ୟା ବୃଦ୍ଧି ପାଇପାରେ। ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ପୂର୍ବଶତ୍ରୁତାରେ ମନ ବିଚଳିତ ରହିପାରେ।

**କୁମ୍ଭ** କାମଗୁଡିକ ପୂର୍ଣ୍ଣାଙ୍ଗ କରିବାକୁ ଅନ୍ୟମାନଙ୍କ ସାହାଯ୍ୟର ଆବଶ୍ୟକତା ଅନୁଭବ କରିବେ। ପାରିବାରିକ ଶୃଙ୍ଖଳା ରକ୍ଷାରେ ସମ୍ପର୍କୀୟଙ୍କ ସହାୟତା ନେବେ। ପୂର୍ବଭାଦ୍ରପଦ ନକ୍ଷତ୍ର ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ବେଳେ ସ୍ପର୍ଶକାତର କଥାରେ ଚିହ୍ନା ପଡିବା ଠିକ୍ ହେବନାହିଁ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ଦେଖାଦେଲେ ମଧ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଇଚ୍ଛା ନ ଥିଲେ ମଧ ବନ୍ଧୁଙ୍କ କାମରେ ବାହାରକୁ ଯିବାକୁ ପଡ଼ିପାରେ। ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ସୁସ୍ଥତା ରହିବ ନାହିଁ। ସାମାଜିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଆଗ୍ରହୀ ହେବେ।

ଆଜି ସେପ୍ଟେମ୍ବର ୮ ତାରିଖ, ବିଶ୍ୱ ସାକ୍ଷରତା ଦିବସ, ଅପରପକ୍ଷ ଓ ପିତୃତର୍ପଣ ଆରମ୍ଭ, ସ୍ୱାମୀ ଶିବାନନ୍ଦ ଜୟନ୍ତୀ, ଜହ୍ନିଓଷା ଆରମ୍ଭ, ଶରଣ, ଆଶ୍ୱିନ କୃଷ୍ଣପ୍ରତିପଦା ସୋମବାର। ରାଶିନକ୍ଷତ୍ର- ପୂର୍ବଭାଦ୍ରପଦ/କୁମ୍ଭ, ଦିବା ଘ. ୦୨.୨୮ ମି. ଗତେ ମୀନଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ (ମହାଳୟା ବିଧିରେ କରାଯିବ)। ସକାଳ ଘ.୦୫.୩୬ମି. ଗତେ ଘ.୦୭.୦୮ମି. ମଧ୍ୟେ, ଘ. ୧୦.୩୦ମି. ଗତେ ଘ. ୧୨.୫୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୮ ମି. ଗତେ ଘ. ୦୮.୪୦ମି. ମଧ୍ୟେ ରାହୁ କାଳ ।

## ଗଞ୍ଜେଇ ଜବତ, ଜଣେ ଗିରଫ

ଖଡ଼ିଆଳ,୭।୯ (ସୁଜିତ କୁମାର ପ୍ରଧାନ)


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଡୁକୁଲା ଗାଁର ଏକ ଘରେ ପୋଲିସ ଚଢାଉ କରି ପ୍ରାୟ ୨କେଜି ୭ଶହ ଗ୍ରାମର ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଉକ୍ତ ଗ୍ରାମର ଶଙ୍କର ମେହେରଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ ଶଙ୍କର ବେଆଇନ ଭାବେ ଗଞ୍ଜେଇ ବେପାର କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖଡ଼ିଆଳ ପୋଲିସର ଏକ ଟିମ୍ ତାଙ୍କ ଘର ଉପରେ ଚଢାଉ କରିଥିଲା। ଯାଞ୍ଚ ସମୟରେ ଘରୁ ଗଞ୍ଜେଇ ମିଳିଥିଲା। ଗିରଫ ଶଙ୍କରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ ସୂଚନା ଦେଇଛନ୍ତି।

# ଗଛର ବିବରଣୀ ଦେଉଛି କ୍ୟୁଆର୍ କୋଡ

ଭବାନୀପାଟଣା,୭।୯(ଉତ୍ତମ କୁମାର ଦାଶ)

ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ପରସ୍ପର ପରିପୂରକ। ବୃକ୍ଷ ନ ରହିଲେ ପ୍ରାଣୀଜଗତ ତିଷ୍ଠି ରହିପାରିବିନି। ଅମ୍ଳଜାନ ବୃକ୍ଷଲତାଠାରୁ ଆସିଥିବା ବେଳେ କ୍ଷତିକାରକ ଅଙ୍ଗାରକାମ୍ଳକୁ ବୃକ୍ଷ ଗ୍ରହଣ କରିଥାଏ। ତେବେ ଏହି ଉଦ୍ଭିଦ ଜଗତରେ ରହିଛି ଲକ୍ଷାଧିକ ପ୍ରଜାତିର ଔଷଧୀୟ ବୃକ୍ଷ। ସେଗୁଡ଼ିକର ବ୍ୟବହାର ବା ଔଷଧୀୟ ପ୍ରୟୋଗ ପାଇଁ ଅଧ୍ୟୟନ ସହ ସଂରକ୍ଷଣ ମଧ୍ୟ ଜରୁରୀ। ଏ ବିଷୟରେ ଅଧ୍ୟୟନ ପରେ କଳାହାଣ୍ଡି ଜିଲା ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ସ୍ୱର୍ଗତ ପ୍ରଫେସର ସଞ୍ଜୟ ଶତପଥୀଙ୍କ ଉଦ୍ୟମ ଓ ବଟ୍ନୀ ବିଭାଗ ମୁଖ୍ୟ ଡ଼. ଘନଶ୍ୟାମ ବେହେରାଙ୍କ ପ୍ରୟାସରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ୧୦୦ ଗୋଟି ଗଛରେ କ୍ୟୁଆର୍ କୋଡ ଲଗାଯାଇଛି। ଆଗକୁ ଆହୁରି ୫୦୦ଟି ଗଛରେ କ୍ୟୁଆର୍ କୋଡ ଲାଗିବ। ସ୍ମାର୍ଟ ଫୋନରେ ଏହାକୁ ସ୍କାନ କଲେ ଗଛର ଓଡ଼ିଆ, ହିନ୍ଦୀ, ଇଂଲିଶ ଓ ବଟାନିକାଲ ନାମ, ବୃକ୍ଷର ଔଷଧୀୟ ଗୁଣ,


ବିଶ୍ୱବିଦ୍ୟାଳୟ ସମ୍ମୁଖରେ ରହିଥିବା ଗଛରେ କ୍ୟୁଆର କୋଡ଼ ଲାଗିଛି।

କାର୍ଯ୍ୟ, ଉପକାରିତା ବିଷୟରେ ଜଣେ ସହଜରେ ଜାଣିପାରିବ। ଗଛକୁ କ୍ୟୁଆର୍ କୋଡିଂ କରିବା ଏକ ସୁନ୍ଦର ବ୍ୟବସ୍ଥା, ଯାହା ମାଧ୍ୟମରେ ଡିଜିଟାଲ ଉପାୟରେ ବୃକ୍ଷ

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

ସମ୍ପର୍କରେ ତଥ୍ୟ ହାସଲ କରିହେବ। ନୂଆ ପିଢ଼ିର ଛାତ୍ରୀଛାତ୍ର ବୃକ୍ଷର କ୍ୟୁଆର ସ୍କାନ କରି ଗଛଗୁଡ଼ିକର ଉପକାରିତା ବିଷୟରେ ଜାଣିବା ଦ୍ୱାରା ବୃକ୍ଷର ସଂରକ୍ଷଣ ହୋଇପାରିବ। ଅନେକ ପ୍ରଜାତିର ବୃକ୍ଷଲତା, ଗୁଳ୍ମ ଧୀରେ ଧୀରେ ଲୁପ୍ତ ହେବାକୁ ଯାଉଛି। ଆଉ ଯେଉଁମାନେ ଏହିସବୁ ଗଛପତ୍ରକୁ ଚିହ୍ନିଛନ୍ତି ସେମାନେ ମଧ୍ୟ ଆଗକୁ ନ ଥିବେ। ତେଣୁ ସେମାନେ ବଞ୍ଚିଥିବା ସମୟରେ ବୃକ୍ଷଲତାକୁ ଚିହ୍ନଟ କରାଯାଇ ସରକାରୀ ସ୍ତରରେ ହେଉ କି ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ କ୍ୟୁଆର୍ କୋଡ ଲଗାଇବା ବ୍ୟବସ୍ଥା କଲେ ବୃକ୍ଷଗୁଡ଼ିକର ପରିଚୟ ଲୋକଲୋଚନକୁ ଆସିବା ସହ ଗଛଠାରୁ ଲୋକେ ଅନେକ ସୁଫଳ ପାଇପାରିବେ ଭାବି ଏହି ଅଭିନବ ବ୍ୟବସ୍ଥାକୁ ସ୍ୱର୍ଗତ ପ୍ର. ଶତପଥୀ କାର୍ଯ୍ୟକାରୀ କରିଥିଲେ ବୋଲି ବଟ୍ନି ବିଭାଗ ମୁଖ୍ୟ ଡ. ବେହେରା କହିଛନ୍ତି। ଗଛରେ କ୍ୟୁଆର୍ କୋଡ ପ୍ରଥମେ ଇଂଲଣ୍ଡର ଦକ୍ଷିଣ ଲଣ୍ଡନର କ୍ୟୁରେ ଅବସ୍ଥିତ ରୟାଲ ବଟାନିକାଲ ଗାର୍ଡେନରେ ୨୦୧୧ ମସିହାରେ ବ୍ୟବହାର ହୋଇଥିଲା। ଏହା ହେଉଛି ପୃଥିବୀର ଏକ ବୃହତ୍ତମ ଗାର୍ଡେନ ଯେଉଁଠି ୩୦,୦୦୦ ପ୍ରକାରର ବୃକ୍ଷ ରହିଛି। ଭାରତରେ ପ୍ରଥମେ କେରଳରେ ଅବସ୍ଥିତ ଥାଲାସେରି ହେରିଟେଜ ଗାର୍ଡେନରେ ୨୦୧୩ ମସିହାରେ କ୍ୟୁଆର୍ କୋଡ ଲାଗିଥିଲା, ଯାହାକୁ ପର୍ଯ୍ୟଟକ ଉପଯୋଗ କରି ବୃକ୍ଷ ବିଷୟରେ ଜାଣିପାରୁଛନ୍ତି। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟଠାରେ ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷରେ କ୍ୟୁଆର୍ କୋଡ ଲାଗି ସଂରକ୍ଷିତ କରାଯିବା ଏକ ଉପଲବ୍ଧି। ଏ ଦିଗରେ ବଟାନି ବିଭାଗ ମୁଖ୍ୟଙ୍କ ସମେତ ଅଧ୍ୟାପକ ଗଣନାଥ ବାଗ ମଧ୍ୟ ପ୍ରୟାସ ଜାରି ରଖିଛନ୍ତି। କ୍ୟାମ୍ପସର ବିଭିନ୍ନ ବୃକ୍ଷରେ କ୍ୟୁଆର୍ କୋଡ ଲାଗିବା ଦ୍ୱାରା ଛାତ୍ରୀଛାତ୍ର ଓ ଗବେଷଣାରତ ବିଦ୍ୟାର୍ଥୀମାନେ ଅନେକ ବୃକ୍ଷ ସମ୍ପର୍କରେ ଅବଗତ ହେଉଛନ୍ତି। ସବୁ ବଟାନିକାଲ ଗାର୍ଡେନ, ରାସ୍ତାକଡ଼ରେ ଥିବା ବୃକ୍ଷ, ଜଙ୍ଗଲ ପାର୍ଶ୍ୱରେ ଥିବା ଗଛମାନଙ୍କରେ କ୍ୟୁଆର୍ କୋଡ ଲଗାଇବାକୁ ପ୍ରଶାସନ ଦୃଷ୍ଟି ଦେବା ଦରକାର ବୋଲି ମତପ୍ରକାଶ ପାଉଛି।

## ପ୍ରାଚୀର ପତ୍ରିକା 'ମହକ' ଉନ୍ମୋଚିତ



ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥିଗଣ।

ଭବାନୀପାଟଣା,୭।୯(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସହର ଉପକଣ୍ଠ ପ୍ରତି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଚୀର ପତ୍ରିକା 'ମହକ' ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତି ଶିକ୍ଷାନୁଷ୍ଠାନର ମୁଖ୍ୟ ଇଂ. ଅଜୟ କୁମାର ପଣ୍ଡା ଉପସ୍ଥିତ ରହି ଉକ୍ତ ପତ୍ରିକା ଉନ୍ମୋଚନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଶେଷଦେବ ମୁଣ୍ଡ, ଉପାଧ୍ୟକ୍ଷ ଅଶୋକ କୁମାର ସାହୁ, ମୁଖ୍ୟ ଶିକ୍ଷା ସଂଯୋଜକ ଅଞ୍ଜନ କୁମାର ରଣା, ପ୍ରଶାସନିକ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ଏବଂ ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ଅନୁଷ୍ଠାନର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପତ୍ରିକାକୁ ଶେଷଦେବ ମୁଣ୍ଡ ସମ୍ପାଦନା କରିଥିବା ବେଳେ ପ୍ରଚ୍ଛଦପଟ ଖସଲେନ ସାହୁ ଓ ଚିରଞ୍ଜନ ନନ୍ଦ ପ୍ରସ୍ତୁତ କରିଥିଲେ। ଏଭଳି ଏକ ନୂତନ ପ୍ରୟାସ ନିମନ୍ତେ ଶିକ୍ଷାନୁଷ୍ଠାନ ମୁଖ୍ୟ ପଣ୍ଡା ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ଧନ୍ୟବାଦ ଦେଇଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ

ଖଡ଼ିଆଳ,୭।୯ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ରଞ୍ଜିତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୂଆପଡା ଉପଜିଲାପାଳ ସୁର୍ମି ସୋରେନ, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଡ଼ିଓ ନରସିଂହ ଗଡ଼ବା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା ପ୍ରମୁଖ ଯୋଗଦେଇଥିଲେ। ନୂତନ କୋଠାକୁ ସ୍ଥାନାନ୍ତରଣ ପରେ ମଧ୍ୟ ୨୫ ବର୍ଷ ପୁରୁଣା ଏକ୍ସରେ ମେସିନ ବ୍ୟବହାର ହେଉଛି। ଏହା ଜାଣିବା ପରେ ଏକ ନୂତନ ଡିଜିଟାଲ ଏକ୍ସରେ ସ୍ଥାପନ ପାଇଁ ବିଧାୟକ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରତି ୬ ମାସରେ ଥରେ ବୈଠକ ବସିବା ନିୟମ ଥିଲେ ହେଁ ଦୀର୍ଘ ତିନିବର୍ଷ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ତାହା ହୋଇନାହିଁ। ଫଳରେ ପୂର୍ବରୁ ଥିବା ସମସ୍ୟା ସୁଧୁରୁ ନ ଥିବାବେଳେ ନୂତନ ସମସ୍ୟା ଯୋଗୁ ଏଠାରେ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। କର୍ମଚାରୀମାନେ ଠିକ୍ ଭାବେ ଦାୟିତ୍ୱ ନ ତୁଲାଇଲେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ବିଧାୟକ ତାଗିଦ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ ଅଫିସର, ସିଡିପିଓ, ପରିମଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ରୋଗୀ କଲ୍ୟାଣ ସମିତି ସଦସ୍ୟ ଉପସ୍ଥିତ ଥିଲେ।

# ବିସ୍ଫୋରକ ଗୋଦାମ ସିଲ୍ କଲା ପ୍ରଶାସନ


ଗୋଦାମ ପରିସରରେ ପୋଲିସ କର୍ମଚାରୀ।

କେସିଙ୍ଗା,୭।୯(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ଶିରୋଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୁରୁଜୋର୍ ଜଙ୍ଗଲ ଭିତରେ ଭବାନୀ ଏଣ୍ଟର ପ୍ରାଇଜେସ ନାମରେ ଥିବା ବିସ୍ଫୋରକ ଗୋଦାମକୁ କେସିଙ୍ଗା ପୋଲିସ ପକ୍ଷରୁ ଶନିବାର ସିଲ କରାଯାଇଛି। ସୂଚନାଯୋଗ୍ୟ, ଏଠାରେ ପ୍ରାୟ ୪ ଏକର ବିଶିଷ୍ଟ ଜମିରେ ଗତ ୨୦୧୯ରେ ଗୋଦାମ ଗୃହ ସ୍ଥାପନ କରାଯାଇଛି। ଦୀର୍ଘ ୬ବର୍ଷ ହେଲା କେନ୍ଦ୍ର ସରକାରଙ୍କଠାରୁ ଲାଇସେନ୍ସ ଆଣି ଜିଲୋଟିନ ଓ ଆଇଇଡି ଭଳି ବିସ୍ଫୋରକ ରଖାଯାଉଛି। ୨୦ ହଜାର କେଜି କ୍ଷମତା ବିଶିଷ୍ଟ ଉକ୍ତ ଗୋଦାମରେ ବର୍ତ୍ତମାନ ବହୁ ପରିମାଣର ବିସ୍ଫୋରକ ଗଚ୍ଛିତ ରହିଛି। ଭବାନୀ ଏଣ୍ଟର ପ୍ରାଇଜେସ ଜିଲାର କେସିଙ୍ଗା, ଭବାନୀପାଟଣା, ନବରଙ୍ଗପୁର, କୋରାପୁଟ, ରାୟଗଡା, ଜୟପୁର ଆଦି ସ୍ଥାନକୁ ବିସ୍ଫୋରକ ସାମଗ୍ରୀ ଯୋଗାଇ ଆସୁଛି। ଏହି ଗୋଦାମରେ ବନ୍ଧୁକଧାରୀ ସୁରକ୍ଷା କର୍ମୀଙ୍କୁ ନିଯୁକ୍ତି ଦେବାର ନିୟମ ଥିଲେ ମଧ୍ୟ ସେଭଳି ବ୍ୟବସ୍ଥା ନାହିଁ। ତେଣୁ ଯଦି କୌଣସି କାରଣରୁ ଗୋଦାମରେ ବିସ୍ଫୋରଣ ଘଟେ ତେବେ ପୋଡ଼ଖାମ୍ଭ, ବାହାଦୂର ପିଟା, ସାଉରାପଦର, ପରଲସିଙ୍ଗା, ଶିରୋଲ ଆଦି ଗ୍ରାମର ଲୋକଙ୍କ ଘରଦ୍ୱାର, ଚାଷଜମି, ରାସ୍ତା ଘାଟ ନଷ୍ଟ ହେବା ସହ ଲୋକଙ୍କ ଜୀବନ ଯିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି କଳାହାଣ୍ଡି ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ ଓ ଆଇଆଇସି ଜିତେନ୍ଦ୍ର ବିଶାଲଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ଘଟଣାସ୍ଥଳ ପରିଦର୍ଶନ କରିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନଙ୍କ ଉପସ୍ଥିତିରେ ଅନ୍ୟାଦେଶ ପର୍ଯ୍ୟନ୍ତ ଗୋଦାମକୁ ସିଲ୍ କରାଯାଇଛି। ଏ ସମ୍ପର୍କରେ କେସିଙ୍ଗା ଆଇଆଇସି ବିଶାଳଙ୍କୁ ପଚାରିବାରୁ ଏସ୍‌ପିଙ୍କ ନିର୍ଦ୍ଦେଶରେ ଗୋଦାମରେ ଅବ୍ୟବସ୍ଥା ଦେଖି ସିଲ କରିଥିବା ପ୍ରକାଶ କରିଥିଲେ।

## ୟୁରିଆ ସାର ପାଇଁ ଲମ୍ବା ଧାଡ଼ି


ସାର ପାଇଁ ଲମ୍ବା ଧାଡ଼ିରେ ଚାଷୀ।

ନୂଆପଡ଼ା,୭।୯ (ମକାରୁ ବେମାଲ)

ନୂଆପଡ଼ା ଜିଲାର ବିଭିନ୍ନ ପାକ୍ସରେ ୟୁରିଆ ସାର ପାଇଁ ଚାଷୀଙ୍କ ଲମ୍ବା ଧାଡ଼ି ଲାଗୁଛି। ରବିବାର କୋମନା ବ୍ଲକର ଭେଲା ଓ ତରବୋଡ଼ ପାକ୍ସରେ ପ୍ରବଳ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ସୂଚନା ଅନୁସାରେ ଜିଲାକୁ ୨୭ ହଜାର କୁଇଣ୍ଟାଲ ୟୁରିଆ ସାର ଆସିଥିବା ବେଳେ ୨୬ ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ସୁଷମ ବଣ୍ଟନ ଦାୟିତ୍ୱ ଦିଆଯାଇଛି। ହେଲେ ଚାଷୀ ତୁଳନାରେ ସାର କମ ଆସିଥିବାରୁ ପାକ୍ସ କର୍ମଚାରୀଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି। ଗୋଟିଏ ପାକ୍ସକୁ ୩ ଶହରୁ ୭ ଶହ ବସ୍ତା ସାର ଦିଆଯାଉଛି। ଜଣ ପିଛା ଗୋଟିଏ ବସ୍ତା ଦିଆଯାଉଥିଲେ ମଧ୍ୟ ଚାଷୀ ଦିନତମାମ ଧାଡ଼ିରେ ଅପେକ୍ଷା କରୁଛି। ତଥାପି ସମସ୍ତଙ୍କୁ ସାର ମିଳିପାରୁ ନାହିଁ। ଧାନ ରୁଆ, ବେଉଷଣ ସରିଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ସାର ଦେବା ସମୟ ହୋଇଯାଇଛି। ଠିକ୍ ସମୟରେ ଚାଷୀ ସାର ଦେଇ ନ ପାରିବାରୁ ଧାନ ଗଛ ଠିକ୍ ଭାବେ ବଢିପାରୁ ନାହିଁ। ଏହାକୁ ନେଇ ଚାଷୀ ଚିନ୍ତାରେ ପଡିଛି। ସାରର କୃତ୍ରିମ ଅଭାବ ଯୋଗୁ ଚଳିତ ଖରିଫରେ ଅମଳ କମିବା ସମ୍ଭାବନା ଅଧିକ ରହିଛି ବୋଲି ଜଣେ ଚାଷୀ ପ୍ରକାଶ କରିଛନ୍ତି।

## ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ମାଣ୍ଡିଆ କ୍ଷେତ ପରିଦର୍ଶନ


କ୍ଷେତ ପରିଦର୍ଶନ ଅବସରରେ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ସହ ଅନ୍ୟମାନେ।

ଥୁଆମୂଳ ରାମପୁର,୭।୯ (ଦୁର୍ଗା କୀର୍ତ୍ତି)

ଉଦ୍ୟାନ କୃଷି ନିର୍ଦ୍ଦେଶକ ତଥା କଳାହାଣ୍ଡି ନୋଡାଲ ଅଫିସର କାଲୁଙ୍ଗା ଗୋରକ ୱାମାନ ରବିବାର ଥୁଆମୂଳ ରାମପୁର ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ସହାୟତାରେ ପରିଚାଳିତ ଶ୍ରୀ ଅନ୍ନ ଅଭିଯାନ ତରଫରୁ ଚାଷ କରୁଥିବା ଗୁଣପୁର ଓ ବାଗଡିଆଣୀ ପଞ୍ଚାୟତର ମଣ୍ଡିଆ ଚାଷୀ ଗୋପୀ ନାଏକ ଓ ମା' ସରସ୍ୱତୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ମାଣ୍ଡିଆ କ୍ଷେତ ପରିଦର୍ଶନ କରିଥିଲେ। ଏହାସହ ସ୍ୱୟଂ ସହାୟକ ଗୋଷ୍ଠୀର ଉଦ୍ୟମକୁ ପ୍ରଶଂସା କରି ଆଗାମୀ ଦିନରେ ସୌର ଚାଳିତ ଜଳସେଚନ ପ୍ରକଳ୍ପ ସ୍ଥାପନ କରିବା ପାଇଁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ମୁଖ୍ୟ କୃଷି ଅଧିକାରୀ ଶୁଭେନ୍ଦୁ କର, ଗୋଷ୍ଠୀ କୃଷି ଅଧିକାରୀ ରୋହିତ ରାଜ ସିଂ, ଜିଲା ସଂଯୋଜକ ଅକ୍ଷୟ ପାତ୍ର, ବ୍ଲକ ସଂଯୋଜକ ସଞ୍ଜୟ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଦି-ହ୍ୟୁମାନ ଡେଭଲପମେଣ୍ଟ ସଂସ୍ଥାର ସଞ୍ଜୟ କୁମାର ମାଝି ଏବଂ ଜଗଦିଶ୍ୱର ନାଏକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

**ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ କଳାହାଣ୍ଡି ଶାଖାର ନିର୍ବାଚନ**

## ସନ୍ଧ୍ୟାରାଣୀ ସଭାପତି, ବସନ୍ତ ସମ୍ପାଦକ

ଭବାନୀପାଟଣା,୭।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରବିବାର ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ କଳାହାଣ୍ଡି ଜିଲା ଶାଖାର ଚଳିତ ୨୦୨୫-୨୭ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ ପାଇଁ ସନ୍ଧ୍ୟାରାଣୀ ରଥ, ଉପସଭାପତି ପାଇଁ ତ୍ରିବିକ୍ରମ ପଧାନ, ସମ୍ପାଦକ ପାଇଁ ବସନ୍ତ କୁମାର, ସହ ସମ୍ପାଦକ (ସଂଗଠନ) ପାଇଁ ଅଜିତ କୁମାର ସାହୁ, ସହ ସମ୍ପାଦକ (ଅର୍ଥ) ପାଇଁ ଅନନ୍ତ ସାହୁ, ସହ ସମ୍ପାଦକ (ସମନ୍ୱୟ) ପାଇଁ ହିମାଂଶୁ ଶେଖର ପାଢୀ, ସହ ସମ୍ପାଦକ (ସାଂସ୍କୃତିକ) ପାଇଁ ରୋଶନ ସାହୁ, କୋଷାଧ୍ୟକ୍ଷ ପାଇଁ କ୍ଷୀରସିନ୍ଧୁ ରାଣା, ଅଡିଟର ପଦ ପାଇଁ ମମତା ଶତପଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ହେଲେ ଅନ୍ୟ କେହି କୌଣସି ପଦବୀ ପାଇଁ ନାମାଙ୍କନ ଦାଖଲ କରି ନ ଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବରେ ରବିମଣି ସିଂହ ଓ ଶୁଭାସିନୀ ଧୁରୁଆ, ପ୍ରିଜାଇଡିଂ ଅଫିସର ଭାବେ କନକଲତା ସେଠୀ ଓ ମେନକା ସ୍ୱାଇଁ, ପୋଲିଂ ଅଫିସର ଭାବେ ବେବିଆନା ସାଙ୍ଗା ଓ ସଲିଳା ବିହାରୀଙ୍କ ସମେତ ମନୋନୀତ ୩୦ ଜଣ ସ୍ୱେଚ୍ଛାସେବୀ ମିଶି ନିର୍ବାଚନ ପରିଚାଳନା କରିଥିଲେ। ଫଳାଫଳ ଘୋଷଣା ହେବା ପରେ ଜିଲାର ସମସ୍ତ ବ୍ଲକରୁ ଆସିଥିବା ସଦସ୍ୟମାନଙ୍କୁ ନିର୍ବାଚିତ ପ୍ରତିନିଧି ଧନ୍ୟବାଦ ଜଣାଇଥିଲେ। ଛୁଟି ଦିନମାନଙ୍କରେ ସମୟ ବାହାରକରି ସଂଘ କର୍ମକର୍ତ୍ତାଙ୍କ ସହଯୋଗରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବା ସହ ସମସ୍ତେ ଏଥିରେ ସହଯୋଗ କରିବା ପାଇଁ ସଭାରେ ଆଲୋଚନା କରାଯାଇଥିଲା।

## ଡିଗ୍ରୀ ମହାବିଦ୍ୟାଳୟର ନିଶା ନିବାରଣ ଅଭିଯାନ



ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର।

ପଲମ, ୭।୯ (ଭିକାରି ଗଉଡ଼)

କଳାହାଣ୍ଡି ଜିଲା ନର୍ଲା ବ୍ଲକର ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟଠାରେ ନିଶା ନିବାରଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନାରାୟଣ ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଏନ୍‌ଏସ୍‌ଏସ୍ ଅଧିକାରୀ ପ୍ରାଧ୍ୟାପକ ସୁଶାନ୍ତ କୁମାର ସାହୁ ଯୋଗଦେଇ ନିଶା ସେବନର କାରଣ ନିରାକରଣ ଉପରେ ଆଲୋଚନା କରିଥିଲେ। ଏହାସହ ଛାତ୍ରୀଛାତ୍ର କିଭଳି ଏଥିରୁ ନିବୃତ୍ତ ରହିବେ ସେ ଦିଗରେ ମାର୍ଗଦର୍ଶନ କରିଥିଲେ। ପରେ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ନର୍ଲା ସହର ପରିକ୍ରମା କରିଥିଲେ। ଏହି ଅଭିଯାନରେ ଇଂରାଜୀ ଅଧ୍ୟାପିକା ବାସନ୍ତି ସାହୁ, ଭୂଗୋଳ ଅଧ୍ୟାପିକା ସଂଘମିତ୍ର ପଣ୍ଡା, ମନୋଜ କୁମାର ନନ୍ଦଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ।

## ୟୁବ ଯାଦବ ସମାଜର ନୂତନ କର୍ମକର୍ତ୍ତା ଚୟନ

ନୂଆପଡ଼ା,୭।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ନୂଆଗାଁ କେନ୍ଦ୍ର ଲୋହୋଣ୍ଡୋପାଲିଠାରେ ରବିବାର ଯୁବ ଯାଦବ ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସମାଜ ସଭାପତି କାର୍ତ୍ତିକ ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭା ସାଧାରଣ ସମ୍ପାଦକ ତ୍ରିଲୋଚନ ନାଗ ମୁଖ୍ୟ ଅତିଥି, କୋମନା ବ୍ଲକ ସମ୍ପାଦକ ଯୋଗେନ୍ଦ୍ର ବାଗ, ନୂଆଗାଁ କେନ୍ଦ୍ର ସଭାପତି ଭ୍ରମରବର ନିଆଲ, ଲୋକନାଥ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସର୍ବସମ୍ମତି କ୍ରମେ ପୁରନ୍ଦର ନିଆଲ ସଭାପତି, ବିଦ୍ୟାଧର ବେମାଲ ସମ୍ପାଦକ, ବିଜୟ ହାତି ଉପସଭାପତି, ମନେଶ୍ୱର ବାଗ ସହ ସମ୍ପାଦକ ଓ ଜୟଦେବ ହଂସ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ଯାଦବ ସମାଜର ଇଷ୍ଟଦେବୀ ଚଣ୍ଡୀ ସମଲେଇ ଓ ଶ୍ରୀକୃଷ୍ଣ ଫଟୋଚିତ୍ର ସମ୍ମୁଖରେ ଶପଥପାଠ କରାଯାଇଥିଲା। ଏହି ସମୟରେ ସଂଗଠନକୁ ମଜଭୁତ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

## ଯୁବାମଞ୍ଚ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ନୂଆପଡ଼ା,୭।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ପେଣ୍ଡରାବନର ଜୟ ମା' ପ୍ରଦେଶେନ ଯୁବାମଞ୍ଚ ପକ୍ଷରୁ ଡ. ବିଆର୍ ଆମ୍ବେଡକର ଛକଠାରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଗୋପାଳ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗନ୍ନାଥ ମହାବିଦ୍ୟାଳୟ କରଙ୍ଗାମାଲ ଅଧ୍ୟକ୍ଷ ଦେବରାଜ ମାଝି ମୁଖ୍ୟଅତିଥି, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନୂଆପଡ଼ା ବିଜ୍ଞାନ ଶିକ୍ଷକ ପଙ୍କଜ କୁମାର ଶୁକ୍ଳା ମୁଖ୍ୟବକ୍ତା ଓ ମଡେଲ ଡିଗ୍ରୀ କଲେଜ ଖଡିଆଳ ସହକାରୀ ଅଧ୍ୟାପକ ପ୍ରହଲ୍ଲାଦ ମାଝି, ସାମାଜିକ କର୍ମୀ ତଥା ନାଟ୍ୟ କଳାକାର ଖଗେଶ୍ୱର ମାଝି, ପକଲୁ ମହାନନ୍ଦ, ଯୁବାମଞ୍ଚ ସଭାପତି କପିଲ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଇଷ୍ଟଦେବୀ ମା' ପ୍ରଦେଶେନ ଓ ମା' ସମଲେଇଙ୍କୁ ପୂଜାର୍ଚ୍ଚନା କରି ନୂଆଁ ଧାନର ଚୂଡା ଭୋଗ ଅର୍ପଣ ପରେ ସମସ୍ତେ ଏକାଠି ହୋଇ ନବାନ୍ନ ଭକ୍ଷଣ କରିଥିଲେ। ପରେ ପରସ୍ପର ମଧ୍ୟରେ ଜୁହାର ଭେଟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନୂଆଁଖାଇ ଉପରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମିତି ସଭ୍ୟ ହରିଶ୍ଚନ୍ଦ୍ର ମାଝି ମଞ୍ଚ ପରିଚାଳନା କରିଥିବା ବେଳେ ଯୁବାମଞ୍ଚ କୋଷାଧ୍ୟକ୍ଷ ସୁକୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

**ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗର ଅଭିନବ ପ୍ରୟାସ**

ଭବାନୀପାଟଣା,୭।୯(ଉତ୍ତମ କୁମାର ଦାଶ)

ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏହି ଉକ୍ତିକୁ ପ୍ରତିପାଦନ କରିବାକୁ ଯାଇ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ରବିବାର ଭବାନୀପାଟଣା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲାରେ ପ୍ରଥମଥର ପାଇଁ ସରକାରୀ କର୍ମଚାରୀଙ୍କ ପାଇଁ ଏକ ଦିନିକିଆ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଜିଲା ପ୍ରଶାସନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ପ୍ରକାଶ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରି ସମସ୍ତ ସରକାରୀ କର୍ମଚାରୀ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବାକୁ ହେଲେ ନିଜର ତଥା ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଫିଟ୍ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା କାର୍ଯ୍ୟକ୍ରମ ପରିଚାଳକ ଦିଲୀପ


ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରୁଛନ୍ତି ଜିଲାପାଳ।

ଦୁବେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଭେଷଜ ଚିକିତ୍ସା ବିଭାଗ, ଦାନ୍ତ ଚିକିତ୍ସା ବିଭାଗ, ଚକ୍ଷୁ, ନାସା, କର୍ଣ୍ଣ ଓ ଗଳା, ଶିଶୁ ରୋଗ ଇତ୍ୟାଦି ବିଭାଗର ବିଶେଷଜ୍ଞ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ଦେଇଥିଲେ। ଏହି ଶିବିରରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶିବାଜୀ ପ୍ରଧାନ, ଡି ଡି ପ୍ଲାନିଂ ସୁକାନ୍ତ ଦଳେଇ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଭବାନୀପାଟଣା ବିଡ଼ିଓ ଚନ୍ଦନ କୁମାର ଭୋଇ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର, ସହକାରୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ ସୁବ୍ରତ ସାହୁ, ଏପିଡି ବିଦ୍ୟାଧର ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିର ପରିଚାଳନାରେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ସମ୍ପାଦକ ଅକ୍ଷୟ କୁମାର ଦାସ, ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଆଲୋକ ରଞ୍ଜନ ମୁଣ୍ଡ, ଅନନ୍ତ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ୟୁରିଆ ପାଇଁ ପ୍ୟାକ୍ସରେ ହୋହାଲ୍ଲା

## ପୋଲିସ ଉପସ୍ଥିତିରେ ବିକ୍ରିହେଲା ୟୁରିଆ

ଅମରପାଲି,୭।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲାରେ ଦେଖାଦେଇଛି ୟୁରିଆର ଅଭାବ। ଫଳରେ ଚାଷୀ ଏବେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହିକ୍ରମରେ ବୀରମହାରାଜପୁର ବ୍ଲକ ପିତାମହୁଲ ପ୍ରାଥମିକ କୃଷି ସେବା ସମବାୟ ସମିତିରେ ରବିବାର ୟୁରିଆ ବିକ୍ରି ବେଳେ ଚାଷୀଙ୍କ ଭିଡ ଯୋଗୁ ହୋହାଲ୍ଲା ପରିସ୍ଥିତି ଦେଖାଦେଇଥିଲା। ୟୁରିଆ ପାଇଁ ସମବାୟ ସମିତି ସମ୍ମୁଖରେ ଲୋକଙ୍କ ଗହଳି ଯୋଗୁ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ଫଳରେ ୟୁରିଆ ବିକ୍ରି ହୋଇ ପାରି ନ ଥିଲା। ପରେ ଏନେଇ ସୁବଳୟା ପୋଲିସକୁ ଖବର ଦିଆଯାଇଥିଲା। ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ୍ ଘଟଣା ସ୍ଥଳକୁ ଆସି ସ୍ଥିତି ନିୟନ୍ତ୍ରଣ କରିଥିଲେ।

ଧାନ ଚାଷ ପାଇଁ ଏବେ ୟୁରିଆ ଦେବାର ସମୟ। ମାତ୍ର ବୀରମହାରାଜପୁର ସମେତ ସମଗ୍ର ସୁବର୍ଣ୍ଣପୁର ଜିଲାରେ ୟୁରିଆର କୃତ୍ରିମ ଅଭାବ ଦେଖା ଦେଇଛି। ଏହାର ସୁଯୋଗ ନେଇ କେତେକ ବ୍ୟବସାୟୀ କଳାବଜାର


ପିତାମହୁଲ ପ୍ୟାକ୍ସରେ ୟୁରିଆ ପାଇଁ ଚାଷୀଙ୍କ ଭିଡ।

କରୁଛନ୍ତି। ଫଳରେ ବୀରମହାରାଜପୁର ଅଞ୍ଚଳରେ ଚାଷୀ ୟୁରିଆ ପାଇବାରୁ ବଞ୍ଚିତ ହେଉଛନ୍ତି। ଅଞ୍ଚଳରେ ୟୁରିଆ ଆବଶ୍ୟକତାକୁ ପୂରଣ କରିବା ପାଇଁ ବ୍ଲକର କେତେକ ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ବିଭାଗ ତରଫରୁ ୟୁରିଆ ଯୋଗାଇ ଦିଆଯାଇଥିଲା। ପିତାମହୁଲ ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ତିନି ଶହ ପ୍ୟାକେଟ ୟୁରିଆ ଆସିଥିଲା। ଏହି ପ୍ୟାକ୍ସରେ ପୂର୍ବରୁ ଦୁଇ ଶହ ପଚାଶ ପ୍ୟାକେଟ ୟୁରିଆ ଥିଲା। ଫଳରେ ସମୁଦାୟ ୫ଶହ୫୦ପ୍ୟାକେଟ ୟୁରିଆ ବିକ୍ରି ହେବାକୁ ଥିବା ବେଳେ ଉକ୍ତ ପ୍ୟାକ୍ସକୁ ପ୍ରାୟ ୨ହଜାରରୁ ଅଧିକ ଚାଷୀ ୟୁରିଆ ନେବା ପାଇଁ ଆସିଥିଲେ। ଫଳରେ ସମସ୍ତ ଚାଷୀ ସାର ନ ପାଇବାରୁ ପ୍ୟାକ୍ସ ଆଗରେ ଅପ୍ରିତିକର ପରିସ୍ଥିତି ଦେଖାଦେଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଉପସ୍ଥିତିରେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ୟୁରିଆ ବିକ୍ରି କରାଯାଇଥିଲା। ଏନେଇ ପିତାମହୁଲ ପ୍ୟାକ୍ସ ସମ୍ପାଦକ ହିମାଂଶୁ ପ୍ରଧାନଙ୍କୁ ପଚାରିବାରୁ ପ୍ୟାକ୍ସକୁ ୩ଶହ ପ୍ୟାକେଟ ୟୁରିଆ ଆସିଥିବା ବେଳେ ଅଧିକ ଚାଷୀ ଆସିବାରୁ ଭିଡ଼ ହୋଇଥିଲା। ପରେ ପୋଲିସ ଉପସ୍ଥିତିରେ ଆଧାର କାର୍ଡ ଦେଖି ପ୍ରତି ଚାଷୀଙ୍କୁ ଗୋଟିଏ ଲେଖାଏ ପ୍ୟାକେଟ ୟୁରିଆ ଦିଆଯାଇଛି ବୋଲି ପ୍ରକାଶ କରିଛନ୍ତି। ସେହିପରି ଖଣ୍ଡହତା ପ୍ୟାକ୍ସରେ ମଧ୍ୟ ୟୁରିଆ ନେବାକୁ ହଜାର ହଜାର ଲୋକ ଆସିଥିଲେ। ୟୁରିଆ ବିକ୍ରି ବେଳେ ପ୍ୟାକ୍ସ ବାହାରେ ଚାଷୀଙ୍କ ମଧ୍ୟରେ ଯୁକ୍ତି ତର୍କ ହେବା ସହିତ ଗଣ୍ଡଗୋଳ ହୋଇଥିବା ମଧ୍ୟ ସୂଚନା ମିଳିଛି।

# ଅଧିବକ୍ତା ପରିଷଦର କାରାଗାର, ସଖୀ ଗୃହ ପରିଦର୍ଶନ


ସୋନପୁର ଉପକାରାଗାର ସମ୍ମୁଖରେ ଅଧିବକ୍ତା ପରିଷଦର କର୍ମକର୍ତ୍ତା।

ସୋନପୁର,୭।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଅଧିବକ୍ତା ପରିଷଦର କର୍ମକର୍ତ୍ତା ରବିବାର ସୋନପୁର ଉପ କାରାଗାର ଓ ସଖୀ ଗୃହ ପରିଦର୍ଶନ କରିଛନ୍ତି। ଜିଲା ଅଧିବକ୍ତା ପରିଷଦ ସଭାପତି ବଳଦେବ ପଧାନଙ୍କ ନେତୃତ୍ୱରେ ସମ୍ପାଦକ ଦଶରଥ ମିଶ୍ରଙ୍କ ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲା ସମ୍ପର୍କ ପ୍ରମୁଖ ରାଜେନ୍ଦ୍ର ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ସବିତା ପଣ୍ଡା, ପ୍ରିତିପ୍ରଜ୍ଞା ପୁରୋହିତ, ମଧୁମିତା ପରମଗୁରୁ, ଶ୍ରୀକାନ୍ତ ଦାସ, ଶମ୍ଭୁ ପ୍ରସାଦ ବିଶି, ମନୋଜ ପଣ୍ଡା, ଶ୍ରବଣ ପ୍ରଧାନ, ତପନ ଯୁଆଡ଼ି ପ୍ରମୁଖ ଏଥିରେ ସାମିଲ ଥିଲେ। ଏହି ପରିଦର୍ଶନ ସମୟରେ ଅଧିବକ୍ତା ମାନେ ଉପ କାରାଗାରରେ ଥିବା କଏଦୀମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ, ସ୍ୱଚ୍ଛତା, ମାନବ ଅଧିକାର ଓ ନ୍ୟାୟିକ ସହାୟତା ବିଷୟରେ ବୁଝିଥିଲେ। ପରେ ସହର ସ୍ଥିତ ପ୍ୟାଲେସ ଗାର୍ଡେନର ଥିବା ସଖୀ ଗୃହକୁ ଅଧିବକ୍ତା ପରିଷଦ କାର୍ଯ୍ୟକର୍ତ୍ତା ପରିଦର୍ଶନ କରି ମହିଳା ଅନ୍ତେବାସୀଙ୍କ ମାନଙ୍କ ସମସ୍ୟା ବୁଝିବା ସହ ନ୍ୟାୟିକ ଓ ସାମାଜିକ ସହାୟତା ପ୍ରଦାନର ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ବିନିକାରେ କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ

ବିନିକା, ୭।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ରବିବାର ବିନିକା ବ୍ଲକ କୋଅର୍ଡିନେଟର ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ ବିନିକା ନଗର ଓ ବ୍ଲକ କଂଗ୍ରେସ ମିଳିତ ଉଦ୍ୟମରେ ଜାତୀୟ କଂଗ୍ରେସ ସୃଜନ ସଂଗଠନ ଅଭିଯାନ ଅନୁଷ୍ଠିତ ହୋଇଛି। ଏଆଇସିସି ପର୍ଯ୍ୟବେକ୍ଷକ ଅମିତ ସିହାଗ, ପିସିସି ଅବଜରଭର ଗଣେଷ ସାହୁ, ଜିଲା କୋଅର୍ଡିନେଟର ବିନୋଦ ପାତ୍ର ମଞ୍ଚାସୀନ ଥିଲେ। ତୃଣମୂଳସ୍ତରରୁ କର୍ମୀଙ୍କ ମତାମତ ନେଇ ଜିଲା ସଭାପତି, ବ୍ଲକ ସଭାପତି, ନଗର ସଭାପତି ଚୟନ କରିବା ପାଇଁ ଆସିଛୁ ବୋଲି ଅମିତ ସିହାଗ କହିଥିଲେ। ସଂଗ୍ରାମ କେଶରୀ ନାୟକ, ସନ୍ତୋଷ କୁମାର ପଣ୍ଡା, ନରେନ୍ଦ୍ର ସାହୁ, ପବନ ଅଗ୍ରୱାଲ, ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଦୀପ ସେଠୀ, ପ୍ରିୟବ୍ରତ ସାହୁ, ରାଘବ ଦାଶ, ସୁଧାଂଶୁ ପଣ୍ଡା, ଅଜିତ ଦାଶ, ସ୍ୱପ୍ନେଶର ପୁଷ୍ଟି, ନରେନ୍ଦ୍ର ପଣ୍ଡା, ଅନିଲ ନାଏକ, ଉମାକାନ୍ତ ଦୀପ, ଶ୍ରୀନିବାସ ଖମାରୀ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ


ଆନନ୍ଦ ପୁରୋହିତ।

ଅମରପାଲି, ୭।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ବଡ଼ବର୍ଡାକଟା ଗ୍ରାମର ଅବସରପ୍ରାପ୍ତ ଖେଳ ଶିକ୍ଷକ ଆନନ୍ଦ ପୁରୋହିତ(୬୯)ଙ୍କ ରବିବାର ବିଳମ୍ବିତ ରାତିରେ ସମ୍ବଲପୁର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ସନ୍ଧ୍ୟାରେ ମୃତଦେହ ପହଞ୍ଚିବା ପରେ ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ଆନନ୍ଦ ଖଣ୍ଡହତା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗଳ ପୁରୋହିତଙ୍କ ଚତୁର୍ଥ ପୁତ୍ର ଥିଲେ। ତାଙ୍କ ଧର୍ମପତ୍ନୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସବିତା ପୁରୋହିତ, ଦୁଇ ବିବାହିତ ଝିଅ ଓ ଏକମାତ୍ର ପୁତ୍ର ଅଛନ୍ତି। ଏକମାତ୍ର ପୁତ୍ର ଅଂଶୁମାନ ପୁରୋହିତ ମୁଖାଗ୍ନି ଦେଇଥିଲେ।

# ଓଡ଼ିଆ ଅସ୍ମିତା, ସ୍ୱାଭିମାନର କାଳଜୟୀ ସ୍ୱର ଓଡ଼ିଆ ଭାଗବତ


ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକବୃନ୍ଦ।

ସୋନପୁର,୭।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରର ଶୈନଗିରୀସ୍ଥିତ ଯୋଗ ବିହାରଠାରେ ଓଡ଼ିଆ ଭାଗବତ ଜନ୍ମ ତଥା ଭାଗବତ କଥାମୃତ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଭାଗବତ ଓ ସମାଜ ସ୍ୱର ଶୀର୍ଷକରେ ଏକ ବୌଦ୍ଧିକ ଏବଂ ଆଧାତ୍ମିକ ଆଲୋଚନାଚକ୍ରରେ ଓଡ଼ିଆ ଭାଗବତ ଆମ ଅସ୍ମିତାର ଏକ ଜ୍ୱଳନ୍ତ ଦୀପଶିଖା ବୋଲି ଆଲୋଚକମାନେ ମତ ଦେଇଛନ୍ତି। ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ପଠନ କେବଳ ଏକ ଧର୍ମୀୟ ପରମ୍ପରାକୁ ଉଜ୍ଜୀବିତ କରିନଥିଲା ବରଂ ନୈତିକ ଶିକ୍ଷା ଓ ସମାଜ ସଚେତନତା ସୃଷ୍ଟିକରି ଜନ ସମୂହକୁ ସଂସ୍କାରିତ ଜୀବନ ପାଇଁ ପ୍ରେରଣା ଦେଇଥିଲା ବୋଲି ଲେଖକ ଓ ସ୍ତମ୍ଭକାର ଗୋରେଖନାଥ ସାହୁ କହିଛନ୍ତି। ଅତିଥି ଆଲୋଚକଭାବେ ଶିକ୍ଷାବିତ ଲକ୍ଷ୍ମଣ ମିଶ୍ର, ଗବେଷକ ଡ଼ ଦେବାଶିଷ ପାଣ୍ଡିଆ ଓ କବି ଶ୍ୟାମାଓଁ ପ୍ରସାଦ ମିଶ୍ର ଯୋଗଦାନ କରି ଓଡ଼ିଆ ଭାଗବତ ମାନବୀୟ ସାଧନାକୁ ସରଳ ଭାଷାରେ ସମାଜରେ ପହଞ୍ଚାଇ ଆଜି ପର୍ଯ୍ୟନ୍ତ ମାନସିକ ଶକ୍ତି ଓ ନୈତିକ ପ୍ରେରଣା ଦେଇ ଆସୁଛି ବୋଲି କହିଥିଲେ। ମହାନଦୀ ସାହିତ୍ୟ ସଂସଦ ଓ କୋସଳ ସାହିତ୍ୟ ସଂସ୍କୃତି ଏକାଡେମୀଙ୍କ ମିଳିତ ପ୍ରୟାସରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଡ଼ ସୌରଭ ରଞ୍ଜନ ଖମାରୀ ସଭାପତିତ୍ୱ କରିଥିବାବେଳେ ଉପସଭାପତି ବେଣୁଧର ପ୍ରଧାନ କଥାଚକ୍ର ସଞ୍ଚାଳନ କରିଥିଲେ। ମହାନଦୀ ସାହିତ୍ୟ ସଂସଦ ସାଧାରଣ ସମ୍ପାଦକ ଲକ୍ଷ୍ମୀ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୌଦ୍ଧିକ ଓ ସାରସ୍ୱତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରର ସାହିତ୍ୟିକ, ଶିକ୍ଷାବିତ୍, ଲେଖକ ଓ ସଂସ୍କୃତିସେବୀଙ୍କର ସକ୍ରିୟ ଯୋଗଦାନରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

# ମୁଖ୍ୟ ଅଭିଯୁକ୍ତଙ୍କୁ ୪ଦିନ ରିମାଣ୍ଡରେ ଆଣିବ ପୋଲିସ

## ଅଜିତ ଖଣ୍ଡଗିରି ହତ୍ୟା ମାମଲା

ବୀରମହାରାଜପୁର,୭।୯(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମେଣ୍ଡାମାଳଠାରେ ଗତ ଅଗଷ୍ଟ ୨୯ତାରିଖରେ ବାଘମାରି ଗ୍ରାମର ଅଜିତ କୁମାର ଖଣ୍ଡଗିରିଙ୍କୁ ହତ୍ୟା କରାଯାଇଥିଲା। ମୃତକଙ୍କ ସାନଭାଇ ସଞ୍ଜିତ ଖଣ୍ଡଗିରି ଲିଖିତ ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ଏକ ହତ୍ୟା ମାମଲା(ନଂ.୧୯୧/୨୫)ରୁଜୁ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ମେଣ୍ଡିମାଳ ଗ୍ରାମର ଦେବେନ୍ଦ୍ର ପାତ୍ର ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବା ନେଇ ସେପ୍ଟେମ୍ବର ୩ତାରିଖରେ ବାଘମାରି, କର୍ଣ୍ଣପାଲି ଗାଁର ଲୋକେ ବୀରମହାରାଜପୁର ଥାନା ଘେରାଉ କରିଥିଲେ। ଏହାର ଚାପରେ ମୁଖ୍ୟ ଅଭିଯୁକ୍ତ ଦେବେନ୍ଦ୍ର ପାତ୍ର ବୀରମହାରାଜପୁର ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ବୀରମହାରାଜପୁର ପୋଲିସ ଦେବେନ୍ଦ୍ରଙ୍କୁ ୭ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟକୁ ଆବେଦନ କରିଥିଲା। କୋର୍ଟ ଅଭିଯୁକ୍ତଙ୍କୁ ୪ଦିନିଆ ରିମାଣ୍ଡରେ ନେବାକୁ ପୋଲିସକୁ ଅନୁମତି ଦେଇଛନ୍ତି। ସୋମବାର ମୁଖ୍ୟ ଅଭିଯୁକ୍ତ ପାତ୍ରଙ୍କୁ ଆଣି ପୋଲିସ ହତ୍ୟାକାଣ୍ଡ ସମ୍ପର୍କରେ ଖୋଳତାଡ କରିବ। ଏଥିରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ତାହାର ସତ ବାହାର କରିବାକୁ ଉଦ୍ୟମ କରିବ ବୋଲି ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ କହିଛନ୍ତି।

# ସୋନପୁର-ସରଧାପାଲି ରାସ୍ତା ଖାଲଖମାରେ ଭର୍ତ୍ତି


ପାଣିସିଆଲି ପୂର୍ତ୍ତ ବିଭାଗ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି।

ସୋନପୁର,୭।୯(ମୃତ୍ୟୁଞ୍ଜୟ ଶତପଥୀ)

## ମରାମତି ଅଭାବରୁ ଦୁର୍ଘଟଣା ବଢୁଛି

ସୁବର୍ଣ୍ଣପୁର ଜିଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସୋନପୁର-ସରଧାପାଲି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ବିନିକା, ଡୁଙ୍ଗୁରିପାଲି ଓ ବରଗଡକୁ ସଂଯୋଗ କରୁଥିବା ଏହି ରାସ୍ତାରେ ପ୍ରତ୍ୟହ ହଜାର ହଜାର ଛୋଟ ଓ ବଡ ଗାଡି ଯାତାୟତ କରୁଛି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ମାତ୍ର ୨୦୦ମିଟର ଦୂରରେ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ଅଛି। ପାଣିସିଆଲି ଓ ବାବୁପାଲି ପର୍ଯ୍ୟନ୍ତ ରାସ୍ତାରେ ଏକାଧିକ ବଡ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ସେଗୁଡିକୁ ମରାମତି କରାଯାଉନି। ବର୍ଷାରେ ଗର୍ତ୍ତ ଗୁଡିକରେ ପାଣି ଜମି ହୋଇରହୁଛି। ବାଇକ୍ ଓ ସ୍କୁଟିରେ ଯାଉଥିବା ଲୋକେ ଖାଲଖମା ଜାଣି ନପାରି ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ଏହି ରାସ୍ତାରେ ବିନିକା, ଡୁଙ୍ଗୁରିପାଲି ଓ ରାମପୁର ଅଞ୍ଚଳର ଲୋକେ ଜିଲା ସଦର ମହକୁମାକୁ ଯିବା ଆସିବା କରନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ, ସାହାରା ଟ୍ରଷ୍ଟ ହାଇସ୍କୁଲ ଓ ଅନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ଏହି ରାସ୍ତା ଉପରେ ନିର୍ଭରଶୀଳ। ସେହିପରି ଜିଲା ଓ ଜିଲା ବାହାର ଲୋକେ ବରଗଡ ଓ ବୁର୍ଲା ଡାକ୍ତରଖାନାକୁ ମଧ ସୁବିଧା ଦୃଷ୍ଟିରୁ ଏହି ରାସ୍ତାରେ ଯାତାୟତ କରନ୍ତି। କିନ୍ତୁ ରାସ୍ତା ପାର୍ଶ୍ୱ ସଫା କରାଯାଉନି, ଏଥିଯୋଗୁ ପାଣି ଜମି ରହିବା ଫଳରେ ରାସ୍ତା ନଷ୍ଟ ହୋଇଗଲାଣି। ପୂର୍ତ୍ତ ବିଭାଗ ଏହାର ମରାମତି ପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିଜନ କୁମାର ନାୟକଙ୍କୁ ପଚାରିବାରୁ ବର୍ଷା ଛାଡିଲେ ତୁରନ୍ତ ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।

# ମାର୍ଶଲ ଆର୍ଟ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ବୀରମହାରାଜପୁର,୭।୯(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୈତ୍ରୀ ସଦନଠାରେ ରବିବାର ପୂର୍ବାହ୍ନ ୧୧ଟାରେ ରାଜ୍ୟସ୍ତରୀୟ ମାର୍ଶଲ ଆର୍ଟ ପାଞ୍ଚକ ସିଲାଟ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚକସିଲଟ ଆସୋସିଏଶନ ସଭାପତି ନୀଳାମ୍ବର ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବ୍ଲକ ଆମ୍ବା ସଭାପତି ବିବାସ୍ୱତୀ ପଣ୍ଡା, ବ୍ଲକ କ୍ରୀଡା ସଂଘ ସଭାପତି ବାସୁଦେବ ହୋତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ କିଶୋର ହୋତା କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ୧୧ଜଣଙ୍କୁ ସମର୍ଦ୍ଧନା ଦିଆଯାଇଥିଲା। ଆବୃତ୍ତି ସେଠୀ, ଅଭିଳାଷ ମହାନନ୍ଦଙ୍କୁ ସ୍ୱର୍ଣ୍ଣ ପଦକ, ଆରୋଷୀ ଅମୃତା ସରାଫ, ପ୍ରତିମା ମହାନନ୍ଦଙ୍କୁ ରୌପ୍ୟ, କୁଲଦୀପ କୃଷ୍ଣା ନାଏକ, ହିମାଂଶୁ ମେହେର, ପ୍ରତିମା ମହାନନ୍ଦ, କୁନାଲ ରଣା, ମୌସୁମୀ ରାଣୀ ସିଂହ ତାମ୍ର ପଦକ ହାସଲ କରିଥିଲେ। ଶେଷରେ କୋଚ କୃତିବାସ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ମାର୍ଶଲ ଆର୍ଟ କୃତୀ ପ୍ରତିଯୋଗୀଙ୍କ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ।

# ଶବର ସଂସ୍କୃତିରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସୋନପୁର,୭।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଘୋଡାଘାଟପଡାସ୍ଥିତ ଶୀତଳାଇ କଲ୍ୟାଣ ମଣ୍ଡପରେ କର୍ମଚାରୀ ଅଶିଘର ସହଁରା(ଶବର) ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଇଷ୍ଟଦେବୀଙ୍କ ପୂଜାର୍ଚ୍ଚନା ପରେ ଶବ୍ୟାରାଣୀ ଭୋଇଙ୍କ ଅଧକ୍ଷତାରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପୋଲିସ ଡିଏସ୍‌ପି ରାଜେଶ୍ୱରୀ ଭୋଇ ଯୋଗଦାନ କରି ଶବର ସଂସ୍କୃତିରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ରାମାୟଣରେ ସୀତା ହରଣ ପରେ ଜଙ୍ଗଲରେ ରହୁଥିବା ରାମଙ୍କୁ ଶବରୀ ଭକ୍ତିରେ ଅଇଁଠା କରି ମିଠା ଜଙ୍ଗଲି ଫଳ ଖୁଆଉଥିଲେ। ଏହାହିଁ ଶବରୀ ସଂସ୍କୃତି ବୋଲି ଭୋଇ ମତପ୍ରକାଶ କରିଥିଲେ। ଅଶିଘର ସହଁରା ସମାଜରେ ଶୃଙ୍ଖଳା ଓ ଏକତା ରକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟବକ୍ତା ଭାବେ ଶିକ୍ଷୟିତ୍ରୀ ଜମ୍ବୁବତୀ ଭୋଇ ଯୋଗଦେଇ ଭାଇଚାରାର ପର୍ବ ନୂଆଁଖାଇ ବୋଲି କହିଥିଲେ। ସମ୍ମାନିତ ଅତିଥି ଡାକ୍ତର ପ୍ରଜ୍ଞାପରମିତା



ଭେଟ୍‌ଘାଟ୍ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଅଶୀଘର ସହଁରା ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

କାଲସେ, ବାସନ୍ତୀ ବୁଡେକ ଓ ସୁକାନ୍ତି ଭୁଏ ଯୋଗଦେଇ ଶବର ସମାଜରେ ଲୋପ ପାଇ ଯାଉଥିବା ପୁରାତନ ପ୍ରଥାକୁ ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ। ଅଜିତା ଶବର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯଶୋବନ୍ତୀ ଭୁଏ ବାର୍ଷିକ ବିବରଣୀ ପାଠ କରିଥିଲେ। ହରିପ୍ରିୟା ଭୁଏ ଓ ଶୁଭ୍ରକେଶୀ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବଳଦେବ ଭୋଇ, ଚନ୍ଦ୍ରଶେଖର ଶବର, ରାଜକିଶୋର ବାରିକ, ବେଣୁଧର ଭୋଇ, ଚତୁର୍ଭୁଜ ଭୋଇ, ଦେବାର୍ଚ୍ଚନ ନାଏକ, ସତ୍ୟନାରାୟଣ ଭୋଇ, ସୁବର୍ଣ୍ଣପୁର ଜିଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଯୋଗେନ୍ଦ୍ର ଭୋଇ, ସମାଜର କୃତି ପ୍ରତିଭା ଓ ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସବୁଠୁ ବଡ କଥା ହେଲା ମହିଳାଙ୍କୁ ସମ୍ମାନ ଜଣାଇ ସମାଜ ପକ୍ଷରୁ ଚଳିତ ଥର ଅତିଥି ଓ ମଞ୍ଚ ଦାୟିତ୍ୱରେ କେବଳ ମହିଳାଙ୍କୁ ସୁଯୋଗ ଦିଆଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଶବର ସମାଜର ଶତାଧିକ ମହିଳା ଓ ପୁରୁଷ ଏହି ଉତ୍ସବରେ ଯୋଗଦେଇ ନିଜ ସଂସ୍କୃତି, ପରମ୍ପରା ଓ ଭାବର ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମମିତା ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ। ନିରଞ୍ଜନ ଭୁଏ, ବିପ୍ର ଶବର, ରବିଚନ୍ଦ୍ର ଭୁଏ, ଶେଷଦେବ ଭୁଏ, ଚୈତନ୍ୟ ବିଶ୍ୱାଳ, କୈଳାଶ ଭୁଏ, ଗଣ୍ଡାରାମ ହାତିଖୁଜିଆ ଓ ସୁରେଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଗଞ୍ଜେଇ ଜବତ, ଜଣେ ଗିରଫ

ରାଉରକେଲା,(ସଙ୍ଗୀତା ଜେନା): ଗଞ୍ଜେଇ ଚାଲାଣ ଅଭିଯୋଗରେ ପ୍ଲାଣ୍ଟସାଇଟ୍ ଥାନା ପୋଲିସ ରେଳବାଇ କଲୋନି ଇନ୍ଦିରାନଗର ବସ୍ତି ନିକଟରୁ ଗୋପବନ୍ଧୁପାଲୀ ୱାର୍ଡ ନଂ.୧୩ର ଜଣେ ମହିଳାଙ୍କୁ ରବିବାର ସକାଳ ୯ଟାରେ ଗିରଫ କରିଛି। ତାଙ୍କଠାରୁ ପ୍ରାୟ ୩ କେଜି ଗଞ୍ଜେଇ ଓ ନଗଦ ୨୪୨୦ ଟଙ୍କା ଜବତ ହୋଇଛି। ଜବତ ଗଞ୍ଜେଇର ବଜାର ଦର ଲକ୍ଷାଧିକ ଟଙ୍କାହେବ ବୋଲି ଅନୁମାନ କରାଯାଉଛି। ପୋଲିସ ଏକ ମାମଲା (ନଂ.୬୮୦/୨୫) ରୁଜୁ କରି ଅପରାହ୍ନ ୪ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ପାଟ୍ରୋଲିଂ ବେଳେ ପୋଲିସ ଉକ୍ତ ମହିଳାଙ୍କୁ ଆୟତ୍ତ କରିଥିଲା।



ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ରବିବାର ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

# ସମ୍ବଲପୁରୀ ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ

### ପଶ୍ଚିମ ଓଡିଶା ସାଂସ୍କୃତିକ ପରିଷଦର ନୂଆଁଖାଇ ଭେଟ୍‌ଘାଟ୍

ରାଉରକେଲା,୭।୯(ସଙ୍ଗୀତା ଜେନା/ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ ସ୍ଥାନୀୟ ସିଭିକ୍ ସେଣ୍ଟରରେ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହାକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉଦ୍‌ଘାଟନ କରିଥିଲେ। ପାରମ୍ପରିକ 'ପାହୁର' ଯାତ୍ରା, ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ଓ ମହାଆଳତିରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଉପଲକ୍ଷେ ପୁଲୀନ ରାଉତରାୟ ଓ ଦଳଙ୍କ ଦ୍ୱାରା ନୂଆଁଖାଇ ଆଧାରିତ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ହୋଇଥିଲା। ପରିଷଦ ସଭାପତି ସ୍ୱରୂପ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଢ଼ୀ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ପରିଷଦର ଇ-ପତ୍ରିକା 'ଝୁଲକା'ର ସ୍ୱତନ୍ତ୍ର ନୂଆଁଖାଇ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଗତ ସମ୍ବଲପୁରୀ ଦିନ୍ ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିବା ପରିଦେର ଡକ୍ଟର କିଶୋରୀ ଦାଶ, ଶ୍ରୀକାନ୍ତ ଷଡ଼ଙ୍ଗୀ, ଡା. ସୁବୋଧ ମେହେର, ବନ୍ଦନା ବେହେରା, ଆଇ. ପଣ୍ଡା, ରମେଶ ସୁନା, ସତ୍ୟ ନାୟକ, ଉମେଶ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପରିଷଦର ପ୍ରତିଷ୍ଠାତା ସଦସ୍ୟ ତଥା ସମାଜସେବୀ ସନ୍ୟାସୀ ଯୋଷୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବାହ୍ନରେ କୁଆଁରମୁଣ୍ଡା ଘୁଙ୍ଗୁରୁ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ବନ୍ଦନା ବେହେରା ଓ ଇପ୍‌ସିତା ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ସାଂସ୍କୃତିକ ସମ୍ପାଦକ ସୂର୍ଯ୍ୟନାରାୟଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ସମ୍ବଲପୁରର ଜାତୀୟ ଖ୍ୟାତି ସମ୍ପନ୍ନ କଳାନୁଷ୍ଠାନ 'ପଞ୍ଚାଦ୍ୟ' ପକ୍ଷରୁ ସମ୍ବଲପୁରୀ ରଙ୍ଗାରଙ୍ଗ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିଶୁ କଳାକାର ଆଭାରାଣୀ ସାହୁ ନୃତ୍ୟ ପ୍ରଦର୍ଶନ କରିଥିଲେ। ଡା. ବିଜୟ ସାହୁ, ପଦ୍ମଲୋଚନ ବାଗ, ଅଶୋକ ଭଇସା ଏରିଅର ଜାଲ, ନିବାସ ଦାଶ, ଦେବାଶିଷ ମିଶ୍ର, ଶ୍ରୀପତି ତ୍ରିପାଠୀ, ପ୍ରବୀର ମିଶ୍ର, କେଶବ ସେଠ, ବିମଳ ପ୍ରଧାନ, ଦୁର୍ଗା ସାହୁ, ଡ. ସୁବୋଧ ମେହେର, ମନୋଜ ସେଠ, ଆଲୋକ ମହାପାତ୍ର, ଶୁଭେନ୍ଦୁ ପଣ୍ଡା, ମଦନ ବେହେରା, ଗୌରୀ ପ୍ରଧାନ, ନରେନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ପରିଷଦର ବରିଷ୍ଠ ସଦସ୍ୟ ଭାଗନା ପାଟି, ଡ. ବିଜୟ ସାହୁ, ଡ. ସନାତନ ପ୍ରଧାନ, ଡ. ଅଜୟ ମିଶ୍ର, ଜୟ ପ୍ରକାଶ ରଥ ଉପସ୍ଥିତ ଥିଲେ।

# ୨୫୦ ମେଗାୱାଟ୍ ଗ୍ରୀଡ୍ ଆଇଲ୍ୟାଣ୍ଡ ସିଷ୍ଟମ କାର୍ଯ୍ୟକ୍ଷମ



ସିଷ୍ଟମ କାର୍ଯ୍ୟକ୍ଷମ କରିଥିବା ସାମୂଦାୟିକ ଦଳ।

ରାଉରକେଲା,୭।୯(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ବିଦ୍ୟୁତ୍ ବିତରଣ ବିଭାଗ ସେପ୍ଟେମ୍ବର ୧ ତାରିଖରେ ୨୫୦ ମେଗାୱାଟ ୟୁନିଟ୍ ଗ୍ରୀଡ୍ ଆଇଲ୍ୟାଣ୍ଡ ସିଷ୍ଟମକୁ ସଫଳତାର ସହିତ ସିମୁଲେଟ ଏବଂ କାର୍ଯ୍ୟକ୍ଷମ କରିଛି। ଏହି ମାଇଲଖୁଣ୍ଟ କାର୍ଯ୍ୟଦକ୍ଷତା ଏବଂ ମୂଲ୍ୟ ନିପୁଣତା ବୃଦ୍ଧି ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଥିସହ ଅଧିକ ଲାଭଦାୟକତାରେ ମଧ୍ୟ ଯୋଗଦାନ କରିଛି। ସୂଚନାଯୋଗ୍ୟ, ବିଦ୍ୟୁତ୍ ବିତରଣ ବିଭାଗ ଆର୍‌ଏସ୍‌ପି ଶୀର୍ଷ ପ୍ରବନ୍ଧନର ରଣନୈତିକ ମାର୍ଗଦର୍ଶନ ଏବଂ ପ୍ରେରଣାଦାୟୀ ସମର୍ଥନରେ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧, ପାୱାର ଏବଂ ବ୍ଲୋଇଂ ଷ୍ଟେଶନ ଓ ଏନ୍‌ଏସ୍‌ପିସିଏଲ ସହିତ ନିବିଡ ସମନ୍ୱୟ ରଖି ଏହି ଜଟିଳ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସତର୍କତାର ସହିତ ଯୋଜନା ଓ କାର୍ଯ୍ୟକାରୀ କରିଛି। ଏହି ଅବସରରେ ବୋକାରୋ ଷ୍ଟିଲ ପ୍ଲାଣ୍ଟ ଓ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ସମ୍ପୃକ୍ତ ଦଳକୁ ଅଭିନନ୍ଦନ ଜଣାଇ ଆର୍‌ଏସ୍‌ପିକୁ ଉନ୍ନତି ପଥରେ ଆଗେଇ ନେବାକୁ ସାମୂଦାୟିକଙ୍କୁ ଆହ୍ୱାନ ଦେଇଥିଲେ। ସେପ୍ଟେମ୍ବର ୨ତାରିଖରେ ଏକ ଗ୍ରୀଡ୍ ବିଭ୍ରାଟ ସମୟରେ ଉକ୍ତ ବ୍ୟବସ୍ଥା ପ୍ରଭାବଶାଳୀ ଭାବେ ପରୀକ୍ଷିତ ହୋଇଥିଲା। ଏହାର ସଫଳ କାର୍ଯ୍ୟାନ୍ୱୟନ ପରେ ପରବର୍ତ୍ତୀ ନିଷ୍ପତ୍ତି ଯାଏ ସିପିପି-୨ ବିଭାଗର ଦୁଇଟି କମ୍ ଦକ୍ଷତା ବିଶିଷ୍ଟ ୬୦ ମେଗାୱାଟ୍ ୟୁନିଟ୍ ବନ୍ଦ କରାଯାଇଛି। ଉଲ୍ଲେଖନୀୟ, ଏହି ୨୫୦ ମେଗାୱାଟ ଉତ୍ପାଦନକାରୀ ୟୁନିଟ୍ ନା କେବଳ ଉଚ୍ଚ କାର୍ଯ୍ୟଦକ୍ଷତା ସମ୍ପନ୍ନ ଅଟେ ବରଂ ଏହା ଏକ ଅତ୍ୟାଧୁନିକ ସୁବିଧା ସମ୍ପନ୍ନ । ଏହି ୟୁନିଟ୍ ସର୍ବାଧିକ ଉତ୍ପାଦନ କରିବା ସହିତ ୬୦ ମେଗାୱାଟ ୟୁନିଟ୍ ଗୁଡିକୁ ନିରବଚ୍ଛିନ୍ନ ସଂରକ୍ଷଣରେ ରଖିବା ଦ୍ୱାରା ବାର୍ଷିକ ବ୍ୟବସାୟ ଯୋଜନା ୨୦୨୫-୨୬ କଳ୍ପନା ଅନୁସାରେ କାରଖାନାର ଲାଭଦାୟକତା ଉପରେ ଏକ ସକାରାତ୍ମକ ପ୍ରଭାବ ପଡିବ ବୋଲି ଆଶା କରାଯାଉଛି।

# ବଜ୍ରପାତରେ ମହିଳା ଆହତ

ରାଉରକେଲା,୭।୯(ସଙ୍ଗୀତା ଜେନା)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ସାନ ନୂଆଗାଁରେ ଶନିବାର ଅପରାହ୍ନ ୫ଟାରେ ବଜ୍ରପାତ ହେବାରୁ ବିଲରେ କାମ କରୁଥିବା ଜଣେ ମହିଳା ଆହତ ହୋଇଛନ୍ତି। ତାଙ୍କୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମହିଳା ଜଣଙ୍କ ହେଲେ ସାନନୂଆଗାଁର ଚାନ୍ଦିନୀ ଲାକ୍ରା(୩୫)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଚାନ୍ଦିନୀ ବିଲରେ କାମ କରୁଥିବା ବେଳେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ଗୋ ସୁରକ୍ଷା ସଚେତନତା ପଦଯାତ୍ରା




ସଂଘର କର୍ମକର୍ତ୍ତା ପଦଯାତ୍ରାରେ ବାହାରିଛନ୍ତି।

ରାଉରକେଲା,୭।୯(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୭ସ୍ଥିତ ଟାଟା ପଡିଆରୁ ଗୋ କୃପା ସଂଘ ସଭାପତି ପ୍ରତୀକ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଗୋ ସୁରକ୍ଷାକୁ ନେଇ ଏକ ଜନସଚେତନତା ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରାରେ ସଂଘର କର୍ମକର୍ତ୍ତା ପ୍ଲାଗ୍‌କାର୍ଡ ଓ ବ୍ୟାନର ଧରି ଗୋମାତାର ସୁରକ୍ଷା ସାଙ୍ଗକୁ ଖୋଲାରେ ଗାଇଗୋରୁଙ୍କୁ ନ ଛାଡିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଗୋ କୃପା ସଂଘ ଗତ ୪ ମାସ ଭିତରେ ବିଭିନ୍ନ ସ୍ଥାନରୁ ୧୧ ଗାଈଙ୍କୁ ଉଦ୍ଧାର କରିଥିବା ସମ୍ପାଦକ ଅରୁଣ ମହାନ୍ତି କହିଥିଲେ। ବଜରଙ୍ଗ ଦଳ ପ୍ରଭାରୀ ରାଜୁ ସିଂ, ଗୋବିନ୍ଦା ଗିରି, କାହ୍ନା ନାୟକ, ଅମିତ ନାୟକ, ଆଲୋକ କୁମାର, ସୌମ୍ୟରଞ୍ଜନ ସାହୁ, ଦେବାଶିଷ ହୋତା, ରାହୁଲ ସିଂ, ମାର୍କଣ୍ଡ ସାହୁ, ସୌମ୍ୟରଞ୍ଜନ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ସେଲ୍ ଘରୋଇକରଣକୁ ବିରୋଧ କରିବ ଏସ୍‌ଡବ୍ଲ୍ୟୁଏଫ୍‌ଆଇ

ରାଉରକେଲା,୭।୯(ସଙ୍ଗୀତା ଜେନା)

ଷ୍ଟିଲ୍ ୱାର୍କର୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଡବ୍ଲ୍ୟୁଏଫ୍‌ଆଇ)ର ୧୦ମ ସର୍ବଭାରତୀୟ ଦ୍ୱିଦିବସୀୟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ସେକ୍ଟର-୫ ଭଞ୍ଜ ଭବନ ପ୍ରେକ୍ଷାଳୟରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅବସରରେ ଅପରାହ୍ନ ୧ଟାରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ କମିଟି ଅଧ୍ୟକ୍ଷ ତପନ ସେନ ସୂଚନା ଦେଇ କହିଥିଲେ, ମୋଦୀ ସରକାରଙ୍କ ରାଷ୍ଟ୍ର ବିରୋଧୀ ଘରୋଇକରଣ ରାଜନୈତିକ କ୍ଷେତ୍ର ସମେତ ଇସ୍ପାତ କାରଖାନାର ଘରୋଇକରଣ କରିବାର ଷଡ଼ଯନ୍ତ୍ରକୁ ଆମେ ବିରୋଧ କରୁଛୁ। ଇସ୍ପାତ ଉତ୍ପାଦନ ଜୀବନରେଖା ଓ ଏହାବ୍ୟତୀତ କାରଖାନା ଚାଲିପାରିବ ନାହିଁ। ବିଶେଷକରି ସୁନ୍ଦରଗଡ଼ ଜିଲାର ସେଲ୍ ବରସୁଆଁ, ଟେନ୍‌ସା, କାଲଟା ଖଣି ଅଞ୍ଚଳ ଉପରେ ଲୁହା କାରଖାନା ଗୁଡ଼ିକ ନିର୍ଭର କରୁଛି। ହେଲେ ସେଠାକାର ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହି ସରକାର କେବଳ ପୁଞ୍ଜିପତିଙ୍କୁ ଦେଖୁଛି ଏବଂ ସେମାନଙ୍କ ଇଙ୍ଗିତରେ କାମ କରୁଛି। ଆମେ କାରଖାନାର ଆଧୁନିକୀକରଣକୁ ଆଦୌ ବିରୋଧ କରୁନାହୁଁ। ଆଧୁନିକୀକରଣ ହେବା ଉଚିତ। ହେଲେ ଆଧୁନିକୀକରଣ ଆଳରେ ଘରୋଇକରଣ ଷଡ଼ଯନ୍ତ୍ରକୁ ପ୍ରଶ୍ରୟ ଦିଆଯିବ ନାହିଁ। ଘରୋଇକରଣ ପ୍ରସଙ୍ଗରେ ଭାଇଜାଗ ଷ୍ଟିଲ ପ୍ଲାଣ୍ଟକୁ ଉଦାହରଣ ଭାବେ ନିଆଯାଇପାରେ। ଏହାକୁ ବନ୍ଦ କରିବାକୁ ଯୋଜନା କରାଯାଉଛି। କାର୍ଯ୍ୟରତ ଶ୍ରମିକମାନଙ୍କୁ ମୌଳିକ ସୁବିଧା ପ୍ରଦାନ କରାଯାଉନାହିଁ। କେବଳ ଘରୋଇକରଣ ମାଧ୍ୟମରେ ଖଣିଗୁଡ଼ିକ ଚଳାଇବା ପାଇଁ ପ୍ରୟାସ କରଯାଉଛି। ଅଦ୍ୟାବଧି ଆର୍‌ଏସ୍‌ପିରେ ୩୯ ମାସର ଏରିଅର, ଯଥାଶୀଘ୍ର ପ୍ରଦାନ, ଶ୍ରମିକଙ୍କୁ ମୌଳିକ ସୁବିଧା ପ୍ରଦାନ, ଠିକା ପରିବର୍ତ୍ତନ ସତ୍ତ୍ୱେ କାରଖାନା ସଂସ୍ଥାରେ କାର୍ଯ୍ୟରତ ଶ୍ରମିକଙ୍କ ପୂର୍ବ ଜାଗାରେ ନିୟୋଜିତ କରିବା ଆଦି ସମ୍ପର୍କରେ ସେନ୍ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଲଳିତ ମିଶ୍ର, ସିଟୁ ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି, ବିମାନ ମାଇତି, ଆଦିତ୍ୟ ରାମ, ବି. ଡ଼ି ପ୍ରସାଦ, ବିଶ୍ୱରୂପ ବାନାର୍ଜୀ, ପି. ପରମେଶ୍ୱରମ୍, ସୁରେଶ କୁମାର, ପ୍ରଯୁକ୍ତ ବାନାର୍ଜୀ, ପ୍ରସନ୍ନଜିତ ମଣ୍ଡଳ, ବସନ୍ତ ନାୟକ, ପ୍ରମୋଦ ସାମଲ, ରାଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ବିଭିନ୍ନ ଶ୍ରମିକ ସଙ୍ଗଠନର ନେତୃବୃନ୍ଦ ସାମିଲ ହୋଇଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା,୭।୯(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଏବଂ ଏସ୍‌ଏସ୍‌ଆର୍‌ଭିଏମ୍ ଟ୍ରଷ୍ଟ ପକ୍ଷରୁ ରାଉରକେଲା ସିଭିକ୍ ସେଣ୍ଟରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି ଓ ବୋକାରୋ ଷ୍ଟିଲ ପ୍ଲାଣ୍ଟର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି, ମାନବ ସମ୍ବଳ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ସମ୍ମାନିତ ଅତିଥି, ମୁମ୍ବାଇ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ସର୍ବୋଚ୍ଚ ଗ୍ରେଡ୍ ପ୍ରଫେସର ଡକ୍ଟର ବୈଶାଖି ବାମ୍ଭୋଲେ ମୁଖ୍ୟବକ୍ତା, ଟିଏସ୍ ଓ ସିଏସ୍‌ଆର ମୁଖ୍ୟ ମହାପ୍ରବନ୍ଧକ ଟି. ଜି. କାନେକର ଏବଂ ଏସ୍‌ଏସ୍‌ଆର୍‌ଭିଏମ୍ ଇସ୍ପାତ ସ୍କୁଲ ନିର୍ଦ୍ଦେଶକ କ୍ୟାପ୍‌ଟେନ ଆଲୋକେଶ ସେନ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି, ଏସ୍‌ଏସ୍‌ଆର୍‌ଭିଏମ୍ ଟ୍ରଷ୍ଟର ବହୁ ଅଧିକାରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଭଲ ଛାତ୍ର ଗଠନରେ ଶିକ୍ଷକ ସମାଜର ଅମୂଲ୍ୟ ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଡକ୍ଟର ବାମ୍ଭୋଲେ ସମାଜ ଗଠନରେ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ନିର୍ଦ୍ଦେଶକ ବର୍ମା ଡକ୍ଟର ବାମ୍ଭୋଲେ, ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଏବଂ ଇସ୍ପାତ ବିଦ୍ୟା ମନ୍ଦିରି ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ମାନିତ କରିଥିଲେ। ପରେ ଆର୍‌ଏସ୍‌ପିର ଏକ ନୂତନ କ୍ରୀଡା ନୀତି ଉନ୍ମୋଚନ ହୋଇଥିଲା। ସେହିପରି ଛାତ୍ରୀଛାତ୍ରମାନଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ୟାପ୍‌ଟେନ ଆଲୋକେଶ ସେନ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଜ୍ଞାନ ରଞ୍ଜନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇସ୍ପାତ ବିଦ୍ୟା ମନ୍ଦିରର ସୁଶ୍ରୀ ନୈନା ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ଏସ୍‌ଆର୍‌ଭିଏମ୍ ଇସ୍ପାତ ବିଦ୍ୟା ମନ୍ଦିରର କୁମାରୀ ସୃଷ୍ଟି ପଣ୍ଡିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




ମୁଖ୍ୟ ଅତିଥି ଡକ୍ଟର ବୈଶାଖୀ ବାମ୍ଭୋଲେଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଠିକା ଶ୍ରମିକଙ୍କ ପ୍ରାକ୍ ଜ୍ଞାନାର୍ଜନ ସ୍ୱୀକୃତି ପ୍ରଶିକ୍ଷଣ ଶିବିର



ତାଲିମ ଶିବିରରେ ଉପସ୍ଥିତ ପ୍ରଶିକ୍ଷକ ଏବଂ ଠିକା ଶ୍ରମିକ।

ରାଉରକେଲା,୭।୯(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ସୁରକ୍ଷା ସାଥୀ ଉପରେ ଗତ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ପ୍ରାକ୍ ଜ୍ଞାନାର୍ଜନ ସ୍ୱୀକୃତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏଲ୍‌ଏଣ୍ଡଡି ବିଭାଗର ଜିଏମ୍ ଏଚ୍. ଏନ୍. ପତି ଉପସ୍ଥିତ ଥିଲେ। କାରଖାନାର ବିଭିନ୍ନ କ୍ଷେତ୍ରରେ ନିୟୋଜିତ ୩୧ଜଣ ଠିକା ଶ୍ରମିକ ଏହି ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଇଣ୍ଡିଆନ ଆଇରନ ଏଣ୍ଡ ଷ୍ଟିଲ ସେକ୍ଟର ସ୍କିଲ କାଉନସିଲ ବିଶେଷଜ୍ଞ ପ୍ରଶିକ୍ଷକ ଓ ସୁରକ୍ଷା ପରିଷଦ ଓଡିଶା ଶାଖା ସଚିବ ମଧୁସୂଦନ ମୋହିନୀ ଏହାର ବୈଷୟିକ ଅଧିବେଶନଗୁଡିକ ସମ୍ପନ୍ନ କରିଥିଲେ। ସୂଚନାଯୋଗ୍ୟ, ଇଣ୍ଡିଆନ ଆଇରନ ଏଣ୍ଡ ଷ୍ଟିଲ ସେକ୍ଟର ସ୍କିଲ କାଉନସିଲ ସହ ଏଲ ଏଣ୍ଡ ଡି ବିଭାଗ ଏଭଳି ତାଲିମ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ଅଧିବେଶନରେ ଇସ୍ପାତ ଶିଳ୍ପରେ ମାନକ ଅଭ୍ୟାସ ଏବଂ ବୃତିଗତ ତଥା ସ୍ୱାସ୍ଥ୍ୟ ନିରାପତା,ଅଗ୍ନି ନିରାପତା,ଗ୍ୟାସ ସୁରକ୍ଷା ଏବଂ ବ୍ୟକ୍ତିଗତ ପ୍ରତିରକ୍ଷା ଉପକରଣର ବ୍ୟବହାର ଉପରେ ଆଲୋଚନା ହୋଇଥିଲା। ଏହି ଦକ୍ଷତା ଭିତ୍ତିକ ପ୍ରଶିକ୍ଷକ-ନେତୃତ୍ୱାଧୀନ ପ୍ରଶିକ୍ଷଣରେ ବୃତ୍ତିଗତ ବିକାଶ ଏବଂ ଅପ୍ ସ୍କିଲିଂ କାର୍ଯ୍ୟକଳାପକୁ ପ୍ରାଧାନ୍ୟ ଦିଆଯାଉଛି। ଏଚ୍‌ଆର୍ ଏଲ୍‌ଏଣ୍ଡଡି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏ. ଆର୍ ବେହେରା ତାଲିମ ଅଧିବେଶନ ପରିଚାଳନା କରିଥିଲେ।

# ଇଣ୍ଟରାକ୍ଟ କ୍ଲବର ଦ୍ୱିତୀୟ ସ୍ଥାପନା ଦିବସ ପାଳିତ

ରାଉରକେଲା,୭।୯(ଦିନେଶ ମିଶ୍ର)

ରୋଟାରି କ୍ଲବ ଅଫ୍ ରାଉରକେଲା ଅର୍ବାନ ପକ୍ଷରୁ ଗର୍ଜନସ୍ଥିତ ବିବେକାନନ୍ଦ ହାଇସ୍କୁଲରେ ଇଣ୍ଟରାକ୍ଟ କ୍ଲବର ଦ୍ୱିତୀୟ ସ୍ଥାପନା ଦିବସ ସଭାପତି ଉଦିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ସଭାରେ ଡିଜିଇ ଆଲାମ ସିଂହ ରୂପ୍ରା ମୁଖ୍ୟ ଅତିଥି, ପ୍ରଥମ ଲେଡି ରୋଟାରିଆନ ହରପାଲ ରୂପ୍ରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ନୂତନ ପ୍ରେସିଡେଣ୍ଟ ପ୍ରଦ୍ୟୁମ୍ନ ବଡାଇକ ଓ ସମ୍ପାଦିକା ବର୍ଷା କୁମ୍ଭାରଙ୍କୁ କ୍ଲବରେ ସାମିଲ କରିଥିଲେ। ଇଣ୍ଟରାକ୍ଟ କ୍ଲବର ୨୦ ସଦସ୍ୟଙ୍କୁ ଇଣ୍ଟରାକ୍ଟ ପିନ୍ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ପରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିଶ୍ଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦସ୍ୟ ରୋଟାରିଆନ ରାମଚନ୍ଦ୍ର ମେହେର, ଡି. ମୋହନ ରାଓ, ଅଞ୍ଜୁ କକ୍କଡ, ମଞ୍ଜୁରାଣୀ ମେହେର, ଡକ୍ଟର ପି. କେ. ମହାନ୍ତି, ଦେବବ୍ରତ ନାୟକ, ଉଷାରାଣୀ ଦାସ, ଦେବବ୍ରତ ନାୟକ, ପ୍ରଦୀପ ଦାସ ପ୍ରମୁଖ ସହଯୋଗ କରିଥିଲେ। ବନାନି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନସହଭାଗିତା ଦ୍ୱାରା ନିୟନ୍ତ୍ରଣ ହେବ ବାୟୁ ପ୍ରଦୂଷଣ

### ନୀଳ ଆକାଶ ପାଇଁ ନିର୍ମଳ ବାୟୁ ସମ୍ପର୍କିତ ଅନ୍ତର୍ଜାତୀୟ ଦିବସ ପାଳିତ




ଅତିଥିମାନେ ଶପଥ ପାଠ କରାଉଛନ୍ତି।

ରାଉରକେଲା,୭।୯
(ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଶାଖା, ରାଉରକେଲା ଏନ୍‌ଆଇଟି ଓ ଆର୍‌ଏମ୍‌ସିର ମିଳିତ ଆନୁକୂଲ୍ୟରେ ରବିବାର ପୂର୍ବାହ୍ନରେ 'ନୀଳ ଅକାଶ ପାଇଁ ନିର୍ମଳ ବାୟୁ' ସମ୍ପର୍କିତ ଅନ୍ତର୍ଜାତୀୟ ଦିବସ ସ୍ଥାନୀୟ ଏନ୍‌ଆଇଟିର ଟୀର ଅଡିଟୋରିଅମରେ ଆୟୋଜିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି, ରାଉରକେଲା ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ, ଆର୍‌ଏମ୍‌ସି ଯୁଗ୍ମ କମିଶନର ପଲ୍ଲବୀ ନାୟକ, ଏନ୍‌ଆଇଟି ଆଲୁମନି ବିଭାଗ ଡିନ୍ ପ୍ରଫେସର ଡ. ହିମାଂଶୁ ଭୂଷଣ ସାହୁ, ଢେଙ୍କାନାଳ ମେରାମୁଣ୍ଡଳିସ୍ଥିତ ଟାଟା ଷ୍ଟିଲ୍‌ର ପରିବେଶ ବିଭାଗ ମୁଖ୍ୟ ସଞ୍ଜୀବ ପାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଡା. ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଲେ, ଜିଲାରେ ପରିବେଶ ଅନୁକୂଳ ଇ-ବାଇକ୍ ପ୍ରଚଳନ, ଅଭିନବ ପ୍ରକଳ୍ପକୁ ପ୍ରୋତ୍ସାହନ, ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଆମେ ବୃହତ୍ ସ୍ତରରେ ଚିନ୍ତା କରିବା ସହ ଆଞ୍ଚଳିକ ସ୍ତରରେ ତାକୁ କାର୍ଯ୍ୟରେ ଲଗାଇବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ଏଥିସହ ଆମ ଦୈନନ୍ଦିନ ଜୀବନ ଶୈଳୀରେ ପରିବେଶ ଅନୁକୂଳ ଛୋଟ ଛୋଟ ଅଭ୍ୟାସ ଆପଣାଇଲେ ପରିବେଶ ସୁରକ୍ଷା ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ଛାତ୍ର ଓ ଯୁବ ବର୍ଗ ଅଭିନବ ପ୍ରଣାଳୀ ଉଦ୍ଭାବନ କରି ପରିବେଶ ଓ ବିକାଶ ଧାରାରେ ସାମିଲ ହେବାକୁ ଡ଼ ମହାପାତ୍ର ଆହ୍ୱାନ ଦେଇଥିଲେ। ଜନସହଭାଗିତା ଦ୍ୱାରା ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇପାରିବ ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ ପାଇଁ ଡ. କେ. ଉମାମହେଶ୍ୱର ରାଓ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ଅନୁପ କୁମାର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏନଆଇଟି ପ୍ରଫେସର ଡ଼ ଭୀଷ୍ମ ତ୍ୟାଗୀ ବାୟୁର ସ୍ଥିତି ଓ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବରୁ ଏନ୍‌ଆଇଟି ଏବଂ ୱାଇଏମ୍‌ଏଫ୍‌ଆଇ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉପ ପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ, ଆର୍. ଆର୍. ଦାସ, ଚନ୍ଦ୍ରଶେଖର ଚୌହାନ, ରଜତ କୁମାର ସେଠି, ସହକାରୀ ପରିବେଶ ଯନ୍ତ୍ରୀ ପ୍ରିତମ କୁମାର ପତି, ଏ.ଇ.ଏସ. ସୌମ୍ୟ ରଞ୍ଜନ ପ୍ରଧାନ, ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞାଜ୍ୟୋତି ସେନାପତି, ଓଏସ୍‌ଡ଼ି ବିଭୂତି ଭୂଷଣ ମହନ୍ତ ପ୍ରମୁଖ ସହଯୋଗ କରିଥିଲେ। ଜିଲାପାଳ ସମସ୍ତଙ୍କୁ ମିଶନ ଲାଇଫ୍ ଅନ୍ତର୍ଗତ ପରିବେଶ ଅନୁକୂଳ ଜୀବନ ଶୈଳୀ ଆପଣାଇବାକୁ ଶପଥ ପାଠ କରାଇଥିଲେ। ଏନ୍‌ଆଇଟି ଛାତ୍ର ରଘୁରାଜ ସମାନୀ ଓ ଛାତ୍ରୀ ରୀତିକା ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ବିକାଶ ଚନ୍ଦ୍ର ମହାରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀଙ୍କ ପ୍ରତି ସଦୟ ହୁଅ

## କଲମ ପରିବାର ପକ୍ଷରୁ ନୂଆଁଖାଇ ଜୁହାର ଭେଟ୍

### ସାହିତ୍ୟିକ ପ୍ରହ୍ଲାଦ ଦାଶଙ୍କୁ କଲମ ସାରଥି ସମ୍ମାନ

ସମ୍ବଲପୁର,୭।୯(ବି.ଶଙ୍କର)

ଚାଷ ଆଉ ଚାଷୀର ପର୍ବ ନୂଆଁଖାଇ। ଚାଷୀମାନଙ୍କ ପ୍ରତି ସମସ୍ତେ ସଦୟ ହୁଅ। ସେମାନଙ୍କ ଅସୁବିଧାଗୁଡ଼ିକର ନିରାକରଣ କରି ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ କାମ କର। ତେବେ ଯାଇ ଚାଷ ଏବଂ ଚାଷୀ ବଞ୍ଚି ରହିବେ ଏବଂ ନୂଆଁଖାଇର ଗୁରୁତ୍ୱ ଅକ୍ଷୁର୍ଣ୍ଣ ରହିବ । ନୂଆଁଖାଇ ଏକ ସାମାଜିକ ପର୍ବ ଓ ଆମର ଅସ୍ମିତାର ପରିଚୟ ଅଟେ। ତେଣୁ ଆମର ସଂସ୍କୃତି ଆମର ପରମ୍ପରା ସର୍ବାଦୃତ । ରବିବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ କଲମ ପରିବାର ଟ୍ରଷ୍ଟ ଆୟୋଜିତ ନୂଆଁଖାଇ ଜୁହାର ଭେଟ କାର୍ଯ୍ୟକ୍ରମରେ ବକ୍ତାମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଡ. ପ୍ରଦୀପ କୁମାର ପଣ୍ଡା ମୁଖ୍ୟ ଅତିଥି, ଡ.ଦ୍ୱାରିକାନାଥ ନାୟକ ମୁଖ୍ୟବକ୍ତା, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ସନ୍ତୋଷିନୀ ବାବୁ, ଡ. ଶ୍ୟାମ ଭୋଇ ଏବଂ ସାହିତ୍ୟିକ ତଥା ସମୀକ୍ଷକ ମୋହନ ସାହୁ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସମ୍ବଲପୁରୀ ସାହିତ୍ୟିକ ପ୍ରହ୍ଲାଦ ଦାଶଙ୍କୁ କଲମ ସାରଥୀ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ସେହିପରି ପରିବେଶ ସଚେତନତାରେ ବ୍ରତୀ ବରଗଡ ଜିଲା ବରପାଲି ଗ୍ରୀଣ୍ଡୋଲା ଗ୍ରାମର ରଘୁନାଥ ପଧାନଙ୍କୁ କଲମ ପରିବେଶବନ୍ଧୁ ସମ୍ମାନ, ଏବଂ ପାଟକୁଲୁଣ୍ଡା ଜୈବିକ ଚାଷୀ ସୁଶାନ୍ତ ନାଏକଙ୍କୁ କଲମ କାସତକାର ସମ୍ମାନରେ ସମ୍ମାନୀତ କରାଯାଇଥିଲା। କଲମ ପରିବାର ଟ୍ରଷ୍ଟ ସଭାପତି ତଫିଜୁଲ ହୁସେନଙ୍କ ପୌରହିତ୍ୟରେ ଉତ୍ସବ ହୋଇଥିଲା। ପ୍ରାରମ୍ଭରେ ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଦ୍ମଶ୍ରୀ ବିନୋଦ କୁମାର ପଶାୟତ ଏବଂ ବିଶିଷ୍ଟ କବି ବିପିନ ଆଚାର୍ଯ୍ୟଙ୍କ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ତରଣୀସେନ ମେହେର ଏବଂ ଅନନ୍ୟା ବେହେରାଙ୍କ ସଂଯୋଜନାରେ ସମ୍ବଲପୁରୀ କବିତା ପାଠ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ୩୦ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତ କବିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଟ୍ରଷ୍ଟ ଉପସଭାପତି ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲଳିତ ମୋହନ ବେବର୍ତ୍ତା, ପରଭେଜ ଅଲୀ ଖାନ, ଡ.ଦୀପେନ କୁମାର ପଟ୍ଟନାୟକ, ନାସିର ଫରାଜ, ତ୍ରିଲୋଚନ ତ୍ରିପାଠୀ, କୈଳାସ ମହାରଣା ପ୍ରମୁଖ ସହଯୋଗ କରିଥିଲେ ।



ନୂଆଁଖାଇ ଜୁହାର ଭେଟ କାର୍ଯ୍ୟକ୍ରମରେ ସମ୍ମାନିତ ପ୍ରତିଭା ଓ ଅତିଥିମାନେ ।

## ସଂକ୍ଷେପରେ

### ଧାନକ୍ଷେତରୁ ଯୁବକଙ୍କ ମୃତଦେହ ଜବତ

ନାକଟିଦେଉଳ,୭।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ତିଳେଇମାଳ ଗ୍ରାମର ଏକ ଧାନକ୍ଷେତରୁ ରବିବାର ମଧ୍ୟାହ୍ନରେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକକ ହେଲେ ତିଳେଇମାଳ ଗ୍ରାମର ପରମାନନ୍ଦ ମାଝୀ(୪୫)। ରବିବାର ସକାଳୁ ପରମାନନ୍ଦ ଗାଁ ନିକଟସ୍ଥ ନିଜର ଧାନ କ୍ଷେତକୁ ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ସେ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ। ତେବେ ମଧ୍ୟାହ୍ନ ପ୍ରାୟ ୧ଟାରେ ପରିବାର ଲୋକେ ଧାନ କ୍ଷେତରେ ପରମାନନ୍ଦଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ନାକଟିଦେଉଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରମାନନ୍ଦଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୯/୨୫) ରୁଜୁ କରି ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଅମୁନସେନ କିଡୋ କହିଛନ୍ତି।

### ବଜ୍ରପାତରେ ଜଣେ ମୃତ, ୨ଆହତ

ପଡିଆବାହାଲ,୭।୯(ରାଧାମୋହନ ଷଡଙ୍ଗୀ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବାହାମ ଡୁମରିପଡାଠାରେ ରବିବାର ଅପରାହ୍ନରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ବରଗଛ ପିଣ୍ଡିରେ ବସିଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ଯୁଧିଷ୍ଠିର ମେହେର(୨୭)ଙ୍କ ମୃତ୍ୟୁ ଘଟିଥିବାବେଳେ ଦିଲ୍ଲୀପ ମେହେର(୨୨)ଏବଂ ଭୂପତି ମେହେର(୧୮) ଆହତ ହୋଇଥିଲେ। ଆହତଙ୍କୁ ବୁର୍ଲା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଯୁଧିଷ୍ଠିରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ଭାଗବତ ଜନ୍ମ ପାଳିତ

ପଡିଆବାହାଲ,୭।୯(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଡଙ୍ଗରପଡା ପଞ୍ଚାୟତ ପଟୁଆ ମୁହାଣସ୍ଥିତ କପିଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ରବିବାର ପ୍ରତ୍ୟୁଷରୁ ପଣ୍ଡିତ ଅମୂଲ୍ୟ କୁମାର ବଡ଼ପଣ୍ଡାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦିଲ୍ଲୀପ କୁମାର ପଧାନ ସପତ୍ନୀକ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଅଠର ଜଣ ବକ୍ତାଙ୍କ ଦ୍ୱାରା ଜଗନ୍ନାଥ ଦାସଙ୍କ ଅନୁବାଦିତ ଦ୍ୱାଦଶ ଖଣ୍ଡ ଭାଗବତ ଗୀତା ପୁରାଣ ପାଠ କରାଯାଇଥିଲା । ଖରସନମାଲ, ବଡ଼ ତୁରାଙ୍ଗ, ଟମ୍ପରଗଡ, ଡାକଡେରା, ଲିଟିମୁଣ୍ଡା, ରେଙ୍ଗାଲକାନୀ, ଚିଲକାମ, ପାଥମୁଣ୍ଡା, ରସିଆପାଲି, ପଡିଆବାହାଲ ପ୍ରଭୃତି ଗ୍ରାମରୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଚନ୍ଦ୍ର ଗ୍ରହଣ ହେତୁ ମଧ୍ୟାହ୍ନ ୧୨ଟା ସୁଦ୍ଧା ପଠନ ଓ ପୂଜନ କାର୍ଯ୍ୟ ସମାପନ ପରେ ପ୍ରସାଦ ବଣ୍ଟନ କରାଯାଇଥିଲା ।

### ଲୋକସେବା ପକ୍ଷରୁ ସମ୍ବଲପୁରୀ ଡେରାରେ ଚାରା ରୋପଣ

ସମ୍ବଲପୁର,୭।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ପରିସରରେ ଲୋକ ସେବା ସମ୍ବଲପୁର ପକ୍ଷରୁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଅଁଳା, ନିମ୍ବ, କରଞ୍ଜ ଭଳ ୨୦ରୁ ଅଧିକ ପରମ୍ପରିକ ଚାରାରୋପଣ କରାଯାଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟେକଙ୍କୁ ଚାରାରୋପଣକୁ ଜୀବନର ଅଙ୍ଗ ଭାବେ ଗ୍ରହଣ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ପ୍ରତ୍ୟେକ ରବିବାର ଲୋକ ସେବା ସମ୍ବଲପୁର ଦଳ ଦ୍ୱାରା ସମ୍ବଲପୁରର ବିଭିନ୍ନ ସ୍ଥାନରେ ଚାରାରୋପଣ ଅଭିଯାନ ଆୟୋଜିତ କରାଯାଉଥିବା ନେଇ ସୂଚନା ଦିଆଯାଇଥିଲା। ଆଗାମୀ ଦିନରେ ମଧ ଏହି ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ଲୋକ ସେବା ପକ୍ଷରୁ କୁହାଯାଇଥିଲା। ବିଶେଷ କରି ଯୁବ ସମାଜକୁ ନିଜର ସାମାଜିକ ଦାୟିତ୍ୱ ପ୍ରତି ସଚେତନ କରି କାର୍ଯ୍ୟ କରିବାକୁଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲୋକ ସେବା ସମ୍ବଲପୁରର ସଦସ୍ୟ ମାସୁଦ ଆଲମ, ଏସ.କେ. ଫୈଜାନ, ବିଶ୍ୱଜିତ ମହାନ୍ତି, ସୁଶାନ୍ତ କୁମାର କେବଟ, ବିକାଶ ରାଣା, ଗୋପରଞ୍ଜନ କୁମ୍ଭାର, ସୁମୈର ହାସନ, କାଜଲ କୁମାରୀ ଓ ନୁରାନୀ ଗୁଲଜାର ଯୋଗଦେଇଥିଲେ।

# ପୁଣି ବନ୍ଦ ହେଲା ୧୨ ସ୍ଲୁଇସ୍ ଗେଟ୍

## ହୀରାକୁଦ ଜଳଭଣ୍ଡାରରୁ ୪ଟି ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୭।୯(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ୧୨ଟ ସ୍ଲୁଇସ ଗେଟ୍‌କୁ ରବିବାର ବନ୍ଦ କରି ଦିଆଯାଇଛି। ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଗତ ବିଳମ୍ବିତ ରାତିରେ ୪ଟି ଓ ରବିବାର ଦୁଇଟି ପର୍ଯ୍ୟାୟରେ ପୁଣି ୮ଟି ଗେଟ୍‌କୁ ବନ୍ଦ କରଯାଇଛି। ଫଳରେ ବର୍ତ୍ତମାନ ୪ଟି ସ୍ଲୁଇସ ଗେଟ୍ ଜରିଆରେ ଜଳଭଣ୍ଡାରରୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ରବିବାର ସନ୍ଧ୍ୟା ସାଢ଼େ ୬ଟାରେ ମିଳିଥିବା ଶେଷ ସୂଚନା ଅନୁସାରେ ଜଳଭଣ୍ଡାରର ଜଳପତ୍ତନ ୬୨୬.୬୨ଫୁଟରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରହାରି ୧ ଲକ୍ଷ ୬୪ ହାଜର ୫୫୬ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ପ୍ରତି ସେକେଣ୍ଡରେ ହାରହାରି ୧ ଲକ୍ଷ ୦୫ ହାଜର ୦୦୬ ଘନଫୁଟ୍ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ୪ଟି ସ୍ଲୁଇସ୍ ଗେଟ୍ ଜରିଆରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୬୪ ହାଜର ୭୩୨ ଘନଫୁଟ୍, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୫,୯୯୭ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୪୩ ଘନଫୁଟ୍ ଏବଂ ଜଳ ସେଚନ ପାଇଁ ବରଗଡ଼ କେନାଲରେ ୩୩୨୩, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୮୧ ଘନଫୁଟ୍ ଜଳ ମିଶି ମୋଟ୍ ୪୦୩୪ ଘନଫୁଟ୍ ଫୁଟ୍ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିମନ୍ତ୍ରଣ କକ୍ଷର ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଉପରମୁଣ୍ଡରେ ୧.୦୨ ମିଲିମିଟର ଓ ତଳମୁଣ୍ଡରେ ୨.୨୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।



# କିଶୋର ଓଡ଼ିଶା ତୀରନ୍ଦାଜ ସଂଘ ଯୁଗ୍ମ ସମ୍ପାଦକ




ଓଡ଼ିଶା ତୀରନ୍ଦାଜ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ସହ ଯୁଗ୍ମ ସମ୍ପାଦକ କିଶୋର ଦେହୁରୀ ।

ସମ୍ବଲପୁର,୭।୯(ଭବାନୀ ଶଙ୍କର ଭୋଇ)

ଓଡ଼ିଶା ତୀରନ୍ଦାଜ ସଂଘର କଟକ ବାରବାଟି ଷ୍ଟାଡିୟମସ୍ଥିତ ସଂଘ କାର୍ଯ୍ୟାଳୟରେ ରବିବାର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଜିଲା ତୀରନ୍ଦାଜ ସଂଘ ସଭାପତି କିଶୋର ଦେହୁରୀଙ୍କୁ ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ଭାବେ ଚୟନ କରାଯାଇଛି। ରାଜ୍ୟସଂଘ ଉପ ସଭାପତି ତଥା ବରିଷ୍ଠ ସଦସ୍ୟ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ୨୦୨୫-୨୯ ୪ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମାନଙ୍କର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ପୁନର୍ବାର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ୪ ଜଣ ଉପସଭାପତି ଓ ୪ଜଣ ଯୁଗ୍ମ ସମ୍ପାଦକଙ୍କ ସହ ସୁରଜିତ ସିଂ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ନିବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସମ୍ବଲପୁର ଜିଲା ତୀରନ୍ଦାଜ ସଂଘ ସଭାପତି କିଶୋର ଦେହୁରୀ ଯୁଗ୍ମ ସମ୍ପାଦକଭାବେ ଚୟନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଜେଠୀ ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିଥିଲେ। ରାଜ୍ୟ ସଂଘରେ ପଦାଧିକାରୀଭାବେ ଚୟନ ହେବା ପରେ ସମ୍ବଲପୁର ଜିଲାରେ ତୀରନ୍ଦାଜର ଉନ୍ନତି ସମ୍ଭାବନା ବୃଦ୍ଧି ପାଇବ ବୋଲି କିଶୋର କହିଛନ୍ତି। ସମ୍ବଲପୁର ତୀରନ୍ଦାଜ କ୍ଷେତ୍ରରେ ବଶେ ପାରଦର୍ଶୀତା ହାସଲ କରିପାରିଥିବା ସତ୍ତ୍ୱେ ରାଜ୍ୟରେ ଜିଲାର ସମସ୍ୟା ଏବଂ ସୁଯୋଗ ନେଇ ଦାବି ଉପସ୍ଥାପନ କରିବା ଦିଗରେ ଆଗକୁ ସୁବିଧା ହେବ ବୋଲି ସେ କହିଛନ୍ତି।

# ନଦୀରେ ଭାସିଗଲେ ଗାଈଚରାଳି

ନାକଟିଦେଉଳ,୭।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ମହୁକୁଦ ଗ୍ରାମର ଜଣେ ବ୍ୟକ୍ତି ଗାଈ ଚରାଇବାକୁ ଯାଇ ଫେରୁଥିବା ବେଳେ ଟିକିରା ନଦୀରେ ଭାସି ଯାଇଛନ୍ତି। ସେ ହେଲେ ଗାଁର ପୀତାମ୍ବର ନାଏକ(୫୨)। ସବୁଦିନ ପରି ଶନିବାର ସକାଳୁ ସେ ଟିକିରା ନଦୀ ପାର ହୋଇ ଅପରପାର୍ଶ୍ୱରେ ଥିବା ସଜାପଦା ଜଙ୍ଗଲକୁ ନିଜ ଗାଈ ଚରାଇବାକୁ ଯାଇଥିଲେ । ସନ୍ଧ୍ୟାରେ ଗୋରୁମାନେ ଘରକୁ ଫେରି ଆସିଥିବା ବେଳେ ପୀତାମ୍ବର ଫେରି ନ ଥିଲେ। ତେବେ ରାତି ୭ଟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଗାଈ ଚରାଇବାସ୍ଥଳକୁ ଯାଇ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ପରିବାର ଲୋକେ ରବିବାର ସକାଳୁ ସ୍ଥାନୀୟ ଦମକଳ ବିଭାଗକୁ ଖବର ଦେଇଥିଲେ। ନାକଟିଦେଉଳ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ସକାଳ ୮ ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଟିକିରା ନଦୀର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଖୋଜିବା ବେଳେ ଟିକିଲିପଡ଼ା ପୋଲର ଉପରମୁଣ୍ଡ ନଦୀରୁ ପୀତାମ୍ବରଙ୍କ ଛତା, ଗାମୁଛା, ଚପଲ ଏବଂ ଟାଙ୍ଗିଆ ଉଦ୍ଧାର କରିଥିଲେ ମଧ ତାଙ୍କର କୌଣସି ପତ୍ତା ପାଇ ପାରି ନ ଥିଲେ। ଗାଈ ଚରାଇ ଫେରୁଥିବା ବେଳେ ହଠାତ ଟିକିରା ନଦୀରେ ବଢ଼ି ପାଣି ଆସି ଯିବାରୁ ପ୍ରଖର ସ୍ରୋତରେ ସେ ଭାସି ଯାଇଥିବା ଅନୁମାନ କରାଯାଉଛି।

# ଠାକୁର କେଶବ ଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

କୁଚିଣ୍ଡା, ୭।୮(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ପତ୍ରାପାଲିରେ ସାପ୍ତାହିକ ଭାଗବତ ପାରାୟଣ ରବିବାର ଉଦ୍‌ଯାପିତ ହୋଇଯାଇଛି। କଟକ ମାହାଙ୍ଗାର ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ କ୍ଷିତିଜ୍ୟୋତି ଆଶ୍ରମ ସ୍ୱର୍ଣ୍ଣକ୍ଷେତ୍ର ପ୍ରାଣ ପ୍ରତିଷ୍ଠାତା ଠାକୁର ଶ୍ରୀ କେଶବ ଚନ୍ଦ୍ରଙ୍କ ଜନ୍ମ ବାର୍ଷିକୀ ସହ ଆବିର୍ଭାବ ମହୋତ୍ସବ ପାଳନ ଅବସରରେ ପ୍ରତିବର୍ଷ ଏହି ଭାଗବତ ସପ୍ତାହ ସାରା ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥାଏ। ଏହି ପରିପ୍ରେକ୍ଷିରେ କୁଚିଣ୍ଡାର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପତ୍ରାପାଲିରେ ୨୫ ବର୍ଷ ଧରି ଏହି ସାପ୍ତାହିକ ଭାଗବତ ପାରାୟଣ ଆବିର୍ଭାବ ମହୋତ୍ସବ ପାଳନ ହୋଇ ଆସୁଅଛି। ଭାଦ୍ରବ ଶୁକ୍ଳ ପକ୍ଷ ତାଳ ନବମୀ ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇ ଭାଦ୍ରବ ପୂର୍ଣ୍ଣିମା ତିଥି ଇଂରାଜୀ ୭ ତାରିଖ ପୂର୍ଣ୍ଣାହୁତି ପୂଜା ସହ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଦିନ ସକାଳ ଓ ମଧ୍ୟାହ୍ନରେ ପୂଜାର୍ଚ୍ଚନା ସହ ସନ୍ଧ୍ୟାରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପରିଚାଳକ ଅଭିମନ୍ୟୁ ବୁଡା, ସହ ପରିଚାଳକ ଯଦୁମଣି କୁସୁମ, ସଙ୍ଗଠକ ଉମେଶ କିଚିଣ୍ଡିଆ, ପୂଜକ ସତ୍ୟ ବୁଡା, ରିଙ୍କୁ କୁସୁମ, ସିଲୁ ସୁନାନୀ, ସୁରେନ୍ଦ୍ର ସହଂସିଆ, ସଙ୍ଗଠିକା ସୁମିତ୍ରା କୁସୁମ, ଯଶପାଲ ସିଂ, ରାଜୁ ଛଛାନ, ପ୍ରଶାନ୍ତ କୁସୁମ, ରାଜୁ ବାରିକଙ୍କ ସମେତ ପତ୍ରାପାଲି ଗ୍ରାମବାସୀ ସହଯୋଗ କରିଥିଲେ।

# ଏସ୍‌ସି, ଏସ୍‌ଟି ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ବୈଠକ



ଆୟୋଜିତ ବୈଠକରେ ଏସ୍‌ସି, ଏସ୍‌ଟି ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା।

ସମ୍ବଲପୁର,୭।୯(ବି.ଶଙ୍କର)

ସମ୍ବଲପୁର ଜିଲା ଏସ୍‌ସି/ଏସ୍‌ଟି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୋଦିପଡାସ୍ଥିତ ଅମ୍ବେଦକର ଭବନଠାରେ ରବିବାର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ନୀଳମଣି ବେହେରା ମୁଖ୍ୟ ଅତିଥି, ନିଖିଳ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବବୃବାହନ ଭୋଇ ସମ୍ମାନୀତ ଅତିଥି, ବରଗଡ଼ ଜିଲା ସଭାପତି ରାହସ ଛୁରିଆ ମୁଖ୍ୟବକ୍ତା, ଅରକ୍ଷିତ ମଲ୍ଲିକ, କୃଷ୍ଣଚନ୍ଦ୍ର ସେଠ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ସମସ୍ତ ଜିଲାର ଜିଲା ପ୍ରତିନିଧି ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଆପାର ଆଇଡିର ସୁବ୍ୟବସ୍ଥା, ୟୁଏଏସ ପୋଟାଲକୁ ବିରୋଧ, ଶିକ୍ଷକଙ୍କ ଯୋଗ୍ୟତା ଅନୁଯାୟୀ ପଦୋନ୍ନତି, ପୁରୁଣା ପେନସନ ଲାଗୁ ଓ ସାମାଜିକ ବ୍ୟବସ୍ଥା ରହିବା ଉଚିତ ଆଦିକୁ ନେଇ ଆଲୋଚନା ହୋଇଥିଲା। ଆଗାମୀ ଦନରେ ଏହା ରାଜ୍ୟସ୍ତରରେ ଜୋରଦାର ହେବାପାଇଁ ଆହ୍ୱାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଦୁର୍ଗା ସିଂ, ରାଜକିଶୋର କୁମୁରା, ଦେବନନ୍ଦ ମିର୍ଦ୍ଧା, ରାଜକିଶୋର ବାଘ, ଗୋପାଳ ରୋହିଦାସ, ମାଳା ଡାଏରି, ପୂର୍ଣ୍ଣିମା କୁଅଁର, ଉମା ମିର୍ଦ୍ଧା, ଉପେନ୍ଦ୍ର ଭୋଇ, ରଞ୍ଜନ ମିର୍ଦ୍ଧା ସହଯୋଗ କରିଥିଲେ ।

# ଲିମସରିଏନ ମନ୍ଦିରରେ ନବରାତ୍ର ପ୍ରସ୍ତୁତି

ସମ୍ବଲପୁର,୭।୯(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଖଣ୍ଟୁଆଳସ୍ଥିତ ଲିମସରିଏନ ମନ୍ଦିରରେ ରବିବାର ନବରାତ୍ର ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ମା' ଲିମସରିଏନ ଯୁବକ ସଚେତନ ସଂଘ ସଭାପତି ଅମିତ ସ୍ୱାଇଁ ଏଥିରେ ସଭାପତିତ୍ୱ କରି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଚଳିତ ମାସ ୨୨ ତାରିଖରୁ ପୂଜା ଆରମ୍ଭ ହେବାକୁ ଥିବାବେଳେ ଦଶମୀ ତିଥିରେ ଭୋଗ ବଣ୍ଟା ଯିବାକୁ ନିଷ୍ପତ୍ତି ହୋଇଛି । ବୈଠକରେ ସଦସ୍ୟ ଅସୀମ ପତି, ଭବାନୀ ମିଶ୍ର, ବିଶ୍ୱଜିତ ଦାଶ, ବିଭୁତି ଭୁଷଣ ବେହେରା, କୈଳାସ ମେହେର, ଅବିନାଶ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ବଡୋଦରାରେ ନୂଆଁଖାଇ ଭେଟ୍‌ଘାଟ

ସମ୍ବଲପୁର,୭।୯(ଭବାନୀ ଶଙ୍କର ଭୋଇ)

ଗୁଜୁରାଟର ବଡୋଦରା ସହରରେ ଜୁହାର ପରିବାର ଭଡୋଦରା ପକ୍ଷରୁ ପ୍ରବାସୀ ପଶ୍ଚିମ ଓଡ଼ିଆ ମାନଙ୍କୁ ନେଇ ରବିବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ ଏକାଡେମୀ କଳାକାରମାନେ ସମ୍ବଲପୁରୀ ଗୀତ ବାଦ୍ୟ ଓ ନାଚ ପ୍ରଦର୍ଶନ କରିଥିଲେ। କଳାକାର ମାନଙ୍କ ଦ୍ୱାରା ପାରିବେଷିତ ପଶ୍ଚିମ ଓଡିଶାର ପ୍ରସିଦ୍ଧ ଘୁଡକା ନାଚ ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। ଏହି ଅବସରରେ ସମ୍ବଲପୁରୀ ହସ୍ତତନ୍ତର ଲୋକପ୍ରିୟତା ବୃଦ୍ଧି କରିବା ପାଇଁ ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ ତଥା ସମ୍ବଲପୁରୀ ଫ୍ୟାଶନ ଶୋ କରିଥିଲେ। ସମସ୍ତେ ସମ୍ବଲପୁରୀ ଖାଦ୍ୟ ମଜା ନେଇଥିଲେ। ଜୁହାର ପରିବାର ଭଡୋଦରା ପକ୍ଷରୁ ଗ୍ରୀନ ଇନିସିଏଟିଭ ଭାବରେ ଆମର ମାଏଟ ସ୍ମରଣିକାର ଇଲୋକ୍ଟ୍ରୋନିକ ପ୍ରତିଲିପି ପ୍ରକାଶିତ ହୋଇଥିଲା। ଏହି ପର୍ବ ପାଳନ କରିବା ପାଇଁ ବଡୋଦରାରେ ରହୁଥିବା ପଶ୍ଚିମ ଓଡ଼ିଶା ବାସୀଙ୍କ ସହ ଓଡ଼ିଶାର ଅନ୍ୟ ଅଞ୍ଚଳର ଲୋକ ମାନେ ମଧ ସାମିଲ ହୋଇଥିଲେ।



ବଡୋଦରାରେ ଆୟୋଜିତ ଭେଟଘାଟରେ ସାମିଲ ସଦସ୍ୟମାନେ।

# ବ୍ୟକ୍ତିତ୍ୱ ବିକାଶ କରିବା ଶିଖ

## ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର

ସମ୍ବଲପୁର,୭।୯(ବି.ଶଙ୍କର)

ରାଷ୍ଟ୍ର ନିମାର୍ଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ରବିବାର ସକାଳ ୯ଟାରେ ସମ୍ବଲପୁର ପବ୍ଲିକ ଲାଇବ୍ରେରି ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ରାଜେନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିସହ ଗୀତା ଆବୃତ୍ତି ଅଷ୍ଟମ ଅଧ୍ୟାୟ ଶ୍ଳୋକ ବିଷୟରେ ସୂଚନା ଦେଇଥିଲେ। ସାମୂହିକ ପ୍ରାର୍ଥନା ପରେ ପ୍ରଥମ ଅଧିବେଶନ ନୈତିକ ଶିକ୍ଷାଦାନ ପ୍ରସଙ୍ଗରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରାକ୍ତନ ଶିକ୍ଷା ମଣ୍ଡଳାଧିଶ ଡ. ଗିରିଧାରୀ ହୋତା ପ୍ରଶିକ୍ଷକ ଥିଲେ। କର୍ତ୍ତବ୍ୟ ଓ ଦାୟିତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଜୀବନରେ କିପରି କର୍ତ୍ତବ୍ୟ ଓ ଦାୟିତ୍ୱ ଉଭୟେ ପରିପୂରକ, ସେ ବିଷୟରେ ବିଭିନ୍ନ ଉଦାହରଣ ସହ ଛାତ୍ରୀଛାତ୍ରମାନଙ୍କୁ ବୁଝେଇ ଥିଲେ। ଦ୍ୱିତୀୟ ଅଧିବେଶନରେ କୌଶଳ ଶିକ୍ଷା ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରି ପୂର୍ବତନ ବ୍ୟାଙ୍କ ଅଧିକାରୀ ପୃଥ୍ୱୀରାଜ ମିଶ୍ର ବ୍ୟକ୍ତିତ୍ୱ ଜୀବନ ଶୈଳୀର ଏକ ଅଙ୍ଗ ବୋଲି କହିଥିଲେ। ଏଥିସହ ବ୍ୟକ୍ତିତ୍ୱ ବିକାଶ ହେଲେ ଚରିତ୍ର ଗଠନ, ସମୟ ଜ୍ଞାନ, ଶୁଣିବା କହିବା ଓ ବୁଝିବା ଶୈଳୀ ଆପେ ଆପେ ହେବ ବୋଲି ବୁଝେଇ ଥିଲେ। ପ୍ରାରମ୍ଭରୁ ଯୋଗଗୁରୁ ଡାକ୍ତର ଜୟଦେବ ମେହେର ଓ ସହଯୋଗୀ ସିନ୍ଧୁସୂତା ପିଲାଙ୍କୁ ଯୋଗର ବିଭିନ୍ନ ମୁଦ୍ରା ପ୍ରଦର୍ଶନ କରି ଏହାର ଉପକାରିତା ଉପରେ ସୂଚନା ଦେଇଥିଲେ। ବିଜୟ ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଆଜି ଆଲୋଚନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଭିଜ୍ଞାନ, ସିଦ୍ଧାର୍ଥ, ଆଶୁତୋଷ, ଗୌରବ, ଦିବ୍ୟାଂଶୁ ଓ ଆମନ୍ତ୍ରିତା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶିବିରରେ ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ରଘୁନାଥ ମିଶ୍ର ଓ ପ୍ରଫେସର ସେବକ ତ୍ରିପାଠୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୧୭ଟି ବିଦ୍ୟାଳୟରୁ ୪୬ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ।



ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷାର୍ଥୀ ଓ ଛାତ୍ରୀଛାତ୍ର ।

ଯେଉଁ ଶକ୍ତି ସବୁ ସାଧନ କରିପାରିବ- ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ- ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। -ଶ୍ରୀଅରବିନ୍ଦ

-ଅପରପକ୍ଷ ଆରମ୍ଭ ଓ ଶରଣ ଶେଷ



# କାଠଗୁଡ଼ା ଗଡ଼ିଗଲା

ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପୂର୍ଣ୍ଣ ଭାବେ କିଭଳି ଅନୁଭୂତ ହେଲାଣି ତା'ର ସଦ୍ୟ ଟ୍ରେଲର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା, ଦିଲ୍ଲୀ ଏବଂ ଜମ୍ମୁ ଓ କଶ୍ମୀରରୁ ଦେଖିବାକୁ ମିଳିଛି। ଏହି ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କେତେକ ସ୍ଥାନରେ ଗୋଟିଏ ଦିନରେ ଯେଭଳି ବର୍ଷା ହୋଇଛି, ତାହା ଗୋଟେ ମାସର ରେକର୍ଡ ସହ ସମାନ ବୋଲି କୁହାଗଲାଣି। ଚଳିତ ଋତୁରେ ହିମାଚଳ ପ୍ରଦେଶ ଓ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟରେ ଯେଉଁଭଳି ବନ୍ୟା ସ୍ଥିତିର ଭିଡିଓ ଦେଖିବାକୁ ମିଳିଛି, ସେଥିରୁ ମନୁଷ୍ୟକୃତ ବିପର୍ଯ୍ୟୟ ଯୋଗୁ ପ୍ରକୃତିର ରୋଷ କିଭଳି ରୂପ ଧାରଣ କରିପାରେ ତାହା ଅନୁମେୟ। ନଦୀଜଳରେ ଅସଂଖ୍ୟ କାଠଗଣ୍ଡି ଭାସିଯିବାର ଦୃଶ୍ୟ ସୂଚାଇ ଦେଇଛି ଯେ କେତେ ମାତ୍ରାରେ ସେହି ସବୁ ଅଞ୍ଚଳରେ ଗଛ କଟାଯାଉଛି। ଏଥିରେ ସ୍ଥାନୀୟ ଅଧିବାସୀ ଓ ସରକାରୀ କର୍ମଚାରୀଙ୍କ ସହ କେଉଁ ଧରଣର ମଧୁର ସମ୍ପର୍କ କାଠ ମାଫିଆ ରଖିଛନ୍ତି, ତାହା ବୁଝି ହୋଇଯାଉଛି। ଗଛ କାଟି ତାହାକୁ ଗଦାଗଦା କରି ରଖିଥିବା ବେଳେ ସେଗୁଡ଼ିକ ବନ୍ୟା ଜଳରେ ଭାସିଯିବା ପରେ ସବୁ ବିଷୟ ପଦାକୁ ଆସିଛି। ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟଗୁଡ଼ିକରେ କ୍ରମାଗତ ଭୂସ୍ଖଳନ ଓ ବନ୍ୟା ପାଇଁ ବେଆଇନ ଗଛକଟା ଦାୟୀ ବୋଲି ୪ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ କହିବା ସହ କେନ୍ଦ୍ର ସରକାର, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ପ୍ରଭାବିତ ରାଜ୍ୟଗୁଡ଼ିକୁ ଜବାବ ମାଗିଥିଲେ। ଏଥିସହିତ ସର୍ବୋଚ୍ଚ ଅଦାଲତଙ୍କ ଖଣ୍ଡପୀଠ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ସମେତ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ ଓ କଶ୍ମୀର ଏବଂ ପଞ୍ଜାବ ସରକାରଙ୍କୁ ଏ ନେଇ ନୋଟିସ ଜାରି କରିଛନ୍ତି। ଭିତ୍ତିଭୂମି ବିକାଶ ଓ ପରିବେଶ ସୁରକ୍ଷା ଦିଗରେ ଏମାନେ କ'ଣସବୁ ପଦକ୍ଷେପ ନେଉଛନ୍ତି ସେହି ବିଷୟରେ କୋର୍ଟ ଜାଣିବାକୁ ଚାହିଁବା ନିଶ୍ଚିତ ଭାବେ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଆମ ସମସ୍ତଙ୍କ ସମ୍ମୁଖରେ ଦଣ୍ଡାୟମାନ।

> **ସାମୟିକ ଲୋଭକୁ ଚରିତାର୍ଥ କରିବା ଲକ୍ଷ୍ୟରେ ପ୍ରକୃତିବିଗିଡ଼ା କାର୍ଯ୍ୟ ପ୍ରତି ବର୍ତ୍ତମାନ ଆଖିବୁଜି ଦେଲେ ଆଗକୁ ସେହି ସବୁ ଅଞ୍ଚଳ ନଦୀଗର୍ଭକୁ ଚାଲିଯିବା ଡେରି ନୁହେଁ। ଗଦା ହୋଇଥିବା କାଠଗୁଡ଼ା ଗଡ଼ିଯାଉଥିବାର ଦୃଶ୍ୟ ଏବେ ସମସ୍ତଙ୍କ ପାଇଁ ସତର୍କଘଣ୍ଟି ବୋଲି ଭାବିବା ଦରକାର।**

ବିକାଶ ନାମରେ ପରିବେଶକୁ ଧ୍ୱଂସ କରାଗଲେ ତା'ର କୁଫଳ ଏହି ମଣିଷକୁ ଭୋଗ କରିବାକୁ ପଡୁଛି। ଅନାବଶ୍ୟକ ସ୍ଥଳେ ଓ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରା ନ ଯାଇ ଅବିଚାରିତ ଭାବେ ଗଛ କାଟି ଦିଆଯାଉଥିବାରୁ ତାହାର ସିଧାସଳଖ ପ୍ରଭାବ ପରିସଂସ୍ଥାନ ଉପରେ ପଡୁଛି। ହିମାଳୟ ସଂଲଗ୍ନ ରାଜ୍ୟଗୁଡ଼ିକରେ ବ୍ୟାପକ ଗଛକଟା, ନଦୀ ଅଞ୍ଚଳଗୁଡ଼ିକରେ ଅସଂଖ୍ୟ ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ଏବଂ ପର୍ଯ୍ୟଟନକୁ ବଢ଼ାଇବା ଲାଗି ହେଉଥିବା ନିର୍ମାଣ ଭୂସ୍ଖଳନ, ବାଦଲଫଟା ବର୍ଷା ଓ ବନ୍ୟା ସୃଷ୍ଟି କରୁଛି ବୋଲି ଅନେକ ଗବେଷଣାତ୍ମକ ରିପୋର୍ଟ ପ୍ରକାଶ ପାଉଛି। ହେଲେ କେହି ଏହାକୁ ଶୁଣିବା ସ୍ଥିତିରେ ଥିବା ଭଳି ମନେହେଉ ନାହିଁ। ମଣିଷର ଲୋଭ ଓ ସାମୟିକ ଲାଭ ପାଇଁ ସମ୍ପୃକ୍ତ ଅଞ୍ଚଳର ମାଟି ଦିନକୁ ଦିନ ଫମ୍ପା ହେବାରେ ଲାଗିଛି। ସମସ୍ତେ ଜାଣିଛେ ଯେ, ଗଛ ସଂଖ୍ୟା କମିଗଲେ ମାଟି ଧୋଇଯିବା ସହ ବର୍ଷା ଜଳ ନଦୀକୁ ଯାଇ ଅସମ୍ଭାଳ ବନ୍ୟାସ୍ଥିତି ସୃଷ୍ଟି କରିଥାଏ। ପୁଣି ବିକାଶ ନାମରେ ଯେଉଁଠାରେ ଗଛ କଟା ଚାଲୁଛି, ସେହି ସଂଖ୍ୟାକୁ ପୂରଣ କରିବା ଲାଗି ନିକଟ ଅଞ୍ଚଳରେ ବନୀକରଣକୁ ଗୁରୁତ୍ୱ ଦିଆଯିବା କଥା। ହେଲେ ସେହି ଦିଗ ପ୍ରତି ବିଶେଷ ଦୃଷ୍ଟି ଦିଆଯାଉ ନ ଥିବାରୁ ସ୍ଥିତି ବିଗିଡ଼ିବାରେ ଲାଗିଛି। ଏସବୁକୁ ଦେଖି ସ୍ପଷ୍ଟ ଭାବେ କହିହେବ ଯେ, ମନୁଷ୍ୟକୃତ ଭୁଲ କାର୍ଯ୍ୟ ଯୋଗୁ ଜଳବାୟୁ ପରିବର୍ତ୍ତନ ଓ ତତ୍‌ଜନିତ ବିପଦ ବଢ଼ିଚାଲିଛି। କେବଳ ହିମାଳୟ ଅଞ୍ଚଳ ନୁହେଁ, ଓଡ଼ିଶାରେ ଥିବା ପରିବେଶ ସମ୍ବେଦନଶୀଳ ଅଞ୍ଚଳ ସାତକୋଶିଆ, ଚିଲିକା, ଶିମିଳିପାଳ ଆଦି ମଣିଷର ଲୋଭାତୁର କାର୍ଯ୍ୟ ଯୋଗୁ ବିଗିଡ଼ି ଗଲାଣି। ଚିଲିକାରେ ସିପ୍ଳେନ୍ ଉଡ଼ିବା ନେଇ ନିକଟରେ ଆଲୋଚନା ହେବା ସହଜରେ ଭାଙ୍ଗିପାରୁଥିବା ପରିବେଶ ଭାରସାମ୍ୟ (ଫ୍ରାଜାଇଲ୍ ଇକୋଲୋଜିକାଲ ବାଲାନ୍ସ)କୁ କ୍ଷତି ପହଞ୍ଚାଇବା ଜଳ ଜଳ ଦିଶୁଛି। ଏମିତି ଦେଖିଲେ ଓଡ଼ିଶାର ଅନେକ ଇଲାକା ବନ୍ୟା ଓ ବାତ୍ୟା ପ୍ରବଣ ରହିଛି। ଯଦି ମଣିଷର ଗୋଟିଏ ଗୋଟିଏ ପ୍ରକୃତିବିଗିଡ଼ା କାମ ବଢ଼ି ଚାଲିବ, ତାହାର କୁପ୍ରଭାବ ଏହି ପ୍ରାଣୀଜଗତ ଭୋଗିବା ଥୟ।

ଏଠି ମନେପଡ଼େ ୨୦୨୨ ଫେବୃଆରୀରେ ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ବ୍ରାଜିଲର ଆମାଜନ ଜଙ୍ଗଲରେ ବ୍ୟାପକ ଗଛ କଟାଯିବା ବିଷୟ। ଏଭଳି ଘଞ୍ଚ ଜଙ୍ଗଲ ଜଳବାୟୁ ସ୍ଥିର ରଖିବାରେ ସହାୟକ ହୋଇଥାଏ। ବିକାଶ ନାମରେ ଯେଉଁଭଳି ଭାବେ ଜଙ୍ଗଲ ଧ୍ୱଂସ କରାଗଲା ସେଥିଲାଗି ସେଠାକାର ତତ୍କାଳୀନ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋଙ୍କୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଥିଲା। ଏପଟେ ଭାରତର ନଦୀରେ ଭାସି ଯାଉଥିବା କାଠଗଣ୍ଡିର ଦୃଶ୍ୟ ପ୍ରତ୍ୟେକ ଭାରତୀୟଙ୍କୁ ବ୍ୟଥିତ କରିବା କଥା। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ଏଭଳି ପ୍ରକୃତି ବିରୋଧୀ କାର୍ଯ୍ୟରେ ଜଡ଼ିତ ଲୋକଗୁଡ଼ାକୁ ଠାବ କରି ଦଣ୍ଡିତ କରିବାର ସମୟ ଆସିଲାଣି। ଏ ଦିଗରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ସାମୟିକ ଲୋଭକୁ ଚରିତାର୍ଥ କରିବା ଲକ୍ଷ୍ୟରେ ବର୍ତ୍ତମାନ ଏସବୁ ପ୍ରତି ଆଖିବୁଜି ଦେଲେ ଆଗକୁ ସେହି ସବୁ ଅଞ୍ଚଳ ନଦୀଗର୍ଭକୁ ଚାଲିଯିବା ଡେରି ନୁହେଁ। ଗଦା ହୋଇଥିବା କାଠଗୁଡ଼ା ଗଡ଼ିଯାଉଥିବାର ଦୃଶ୍ୟ ଏବେ ସମସ୍ତଙ୍କ ପାଇଁ ସତର୍କଘଣ୍ଟି ବୋଲି ଭାବିବା ଦରକାର।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | 8 | 3 | 6 | |
| | | | | | 4 | | 8 | 7 |
| 9 | | 2 | | | | | | |
| | | | | 4 | 7 | | | |
| | | | 5 | | | | 4 | |
| | 3 | 4 | | | 2 | | 1 | |
| | | 1 | | | 6 | 9 | | |
| 2 | | | 8 | | | | 7 | 6 |
| 8 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 4 | 7 | 8 | 5 | 6 | 2 | 9 |
| 5 | 7 | 2 | 9 | 6 | 3 | 4 | 1 | 8 |
| 6 | 8 | 9 | 1 | 2 | 4 | 7 | 3 | 5 |
| 8 | 6 | 3 | 4 | 1 | 9 | 5 | 7 | 2 |
| 7 | 4 | 1 | 3 | 5 | 2 | 9 | 8 | 6 |
| 9 | 2 | 5 | 6 | 7 | 8 | 1 | 4 | 3 |
| 2 | 5 | 7 | 8 | 4 | 6 | 3 | 9 | 1 |
| 1 | 9 | 6 | 2 | 3 | 7 | 8 | 5 | 4 |
| 4 | 3 | 8 | 5 | 9 | 1 | 2 | 6 | 7 |

ଗତକାଲିର ଉତ୍ତର

# ଭୂପେନ୍‌ଦା'ଙ୍କୁ ଶ୍ରଦ୍ଧାଞ୍ଜଳି



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଜି ସେପ୍ଟେମ୍ବର ୮ ତାରିଖ। ଭାରତୀୟ ସଂସ୍କୃତି ଏବଂ ସଙ୍ଗୀତ ପ୍ରତି ଆଗ୍ରହ ରଖୁଥିବା ସମସ୍ତଙ୍କ ପାଇଁ ଏକ ବିଶେଷ ଦିନ। ଆଉ ବିଶେଷ ଭାବେ ମୋର ଆସାମର ଭାଇଭଉଣୀମାନଙ୍କ ପାଇଁ ଆଜିର ଦିନ ଅଧିକ ସ୍ୱତନ୍ତ୍ର। ଆଜି ଭାରତରତ୍ନ ଡକ୍ଟର ଭୂପେନ୍ ହଜାରିକାଙ୍କ ଜୟନ୍ତୀ। ସେ ଭାରତର ସବୁଠୁ ଅସାଧାରଣ ଓ ସବୁଠୁ ପ୍ରଭାବଶାଳୀ ଗାୟକଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଚଳିତ ବର୍ଷ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନର ଶୁଭାରମ୍ଭ ହେବା ଖୁସିର ବିଷୟ। ଏହା ଭାରତୀୟ କଳାଜଗତ ଓ ଜନଚେତନା ଦିଗରେ ତାଙ୍କର ମହାନ୍ ଅବଦାନକୁ ସ୍ମୃତିଚାରଣ କରିବାର ଏକ ଅବସର। ଭୂପେନ୍‌ଦା' ଆମକୁ ଯାହା ଦେଇଥିଲେ, ତାହା ସଙ୍ଗୀତଠାରୁ ଢେର ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ। ତାଙ୍କର କାର୍ଯ୍ୟଗୁଡ଼ିକ ସ୍ୱରକୁ ଅତିକ୍ରମ କରୁଥିବା ଭାବନାକୁ ମୂର୍ତ୍ତିମନ୍ତ କରିଥିଲା। କେବଳ ଏକ କଣ୍ଠସ୍ୱର ନୁହେଁ, ବରଂ ସେ ଲୋକମାନଙ୍କ ହୃଦୟର ସ୍ପନ୍ଦନ ଥିଲେ। ଅନେକ ପିଢ଼ି ତାଙ୍କ ଗୀତ ଶୁଣି ବଡ଼ ହୋଇଛନ୍ତି। ତାଙ୍କ ସଙ୍ଗୀତରେ ସବୁବେଳେ ଦୟା, ଅନୁକମ୍ପା, ସାମାଜିକ ନ୍ୟାୟ, ଏକତା ଏବଂ ଗଭୀର ସମ୍ପର୍କବୋଧର ବିଷୟବସ୍ତୁ ସହିତ ଗୁଞ୍ଜରିତ ହୋଇଥାଏ। ଭୂପେନ୍‌ଦା'ଙ୍କ ରୂପରେ ଆସାମରୁ ଉତ୍ପତ୍ତି ହୋଇଥିବା ଏହି ସ୍ୱର ଏକ କାଳଜୟୀ ନଦୀ ପରି ପ୍ରବାହିତ ହୋଇଥିଲା। ଭୂପେନ୍‌ଦା' ସଶରୀରରେ ଆଜି ଆମ ଗହଣରେ ନାହାନ୍ତି, କିନ୍ତୁ ତାଙ୍କ ସ୍ୱର ଆଜି ବି ଆମେ ଶୁଣିପାରୁଛୁ। ସେ ସ୍ୱର ଆଜି ବି ସବୁ ସୀମା ଏବଂ ସଂସ୍କୃତିକୁ ଅତିକ୍ରମ କରିଛି। ସେଥିରେ ରହିଛି ମାନବୀୟ ଭାବନାର ସ୍ପର୍ଶ। ଭୂପେନ୍‌ଦା' ବିଶ୍ୱ ପରିଭ୍ରମଣ କରିଥିଲେ, ସମାଜର ସବୁବର୍ଗର ଲୋକଙ୍କ ସହ ମିଶିଥିଲେ। କିନ୍ତୁ ସେ ଆସାମ ସହିତ ଗଭୀର ଭାବରେ ଜଡ଼ିତ ଥିଲେ। ଆସାମର ସମୃଦ୍ଧ ମୌଖିକ ପରମ୍ପରା, ଲୋକସଙ୍ଗୀତ ଏବଂ ଲୋକକଥା କହିବାର ଧାରା ତାଙ୍କ ଶୈଶବକୁ ଗଭୀର ଭାବରେ ଗଢ଼ିତୋଳି ଥିଲା। ଏହି ଅଭିଜ୍ଞତା ତାଙ୍କର କଳାତ୍ମକ ଶବ୍ଦକୋଷର ମୂଳଦୁଆ ଥିଲା। ସେ ସବୁବେଳେ ଆସାମର ଜନଜାତିଙ୍କ ପରିଚୟ ଏବଂ ଏହାର ଲୋକଙ୍କ ନୀତିକୁ ସାଙ୍ଗରେ ନେଇ ଚାଲୁଥିଲେ। ଖୁବ୍‌କମ୍ ବୟସରେ ଭୂପେନ୍‌ଦା'ଙ୍କ ନିକଟରେ ଥିବା ପ୍ରତିଭାର ପରିପ୍ରକାଶ ଘଟିଥିଲା। ମାତ୍ର ପାଞ୍ଚ ବର୍ଷ ବୟସରେ ସେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଗୀତ ଗାଇଥିଲେ। ଖୁବ୍‌ଶୀଘ୍ର ସେ ଅନ୍ୟ କାହାର ନୁହେଁ ବରଂ ଅହମିୟା ସାହିତ୍ୟର ଅଗ୍ରଦୂତ ଲକ୍ଷ୍ମୀନାଥ ବେଜବରୁଆଙ୍କ ଧ୍ୟାନଆକର୍ଷଣ କରିଥିଲେ। କିଶୋର ବୟସ ବେଳକୁ ସେ ତାଙ୍କର ପ୍ରଥମ ଗୀତ ରେକର୍ଡ କରିଥିଲେ। କିନ୍ତୁ ସଙ୍ଗୀତ ତାଙ୍କ ବ୍ୟକ୍ତିତ୍ୱର କେବଳ ଗୋଟିଏ ଦିଗ ଥିଲା। ଭୂପେନ୍‌ଦା' ହୃଦୟରେ ଜଣେ ବୌଦ୍ଧିକ ବ୍ୟକ୍ତିତ୍ୱ ଥିଲେ। ସେ ଜିଜ୍ଞାସୁ, ସ୍ପଷ୍ଟବାଦୀ ଥିଲେ ଏବଂ ଦୁନିଆକୁ ଜାଣିବାର ଏକ ଅତୃପ୍ତ ଇଚ୍ଛା ତାଙ୍କ ଭିତରେ ରହିଥିଲା। ଜ୍ୟୋତି ପ୍ରସାଦ ଅଗ୍ରୱାଲା ଏବଂ ବିଷ୍ଣୁ ପ୍ରସାଦ ରଭାଙ୍କ ପରି ସାଂସ୍କୃତିକ କିମ୍ବଦନ୍ତୀଙ୍କ ବ୍ୟକ୍ତିତ୍ୱ ତାଙ୍କ ମନରେ ଗଭୀର ଛାପ ଛାଡ଼ିଥିଲା। ଏହା ତାଙ୍କର ଜିଜ୍ଞାସୁ ମନୋଭାବକୁ ମଧ୍ୟ ଗଭୀର କରିଥିଲା। ଶିଖିବା ପ୍ରତି ତାଙ୍କର ଅଦମ୍ୟ ଇଚ୍ଛା, ତାଙ୍କୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କଟନ କଲେଜ ପର୍ଯ୍ୟନ୍ତ ଟାଣିଆଣି ଥିଲା। ସେ ବିଏଚ୍‌ୟୁରେ ରାଜନୀତି ବିଜ୍ଞାନର ଛାତ୍ର ଥିଲେ, କିନ୍ତୁ ତାଙ୍କର ଅଧିକାଂଶ ସମୟ ସଙ୍ଗୀତ ସାଧନାରେ ବିତୁଥିଲା। ବନାରସ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ସଙ୍ଗୀତମନସ୍କ କରିଥିଲା। କାଶୀର ସାଂସଦ ହୋଇଥିବା ଦୃଷ୍ଟିରୁ ତାଙ୍କ ଜୀବନଯାତ୍ରା ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ ମୋଡ଼କୁ ଅନୁଭବ କରିପାରୁଛି ଏବଂ ଏହାକୁ ନେଇ ମୁଁ ଅତ୍ୟନ୍ତ ଗର୍ବିତ। କାଶୀଠାରୁ ଆଗକୁ ବଢ଼ିଥିବା ଜୀବନଯାତ୍ରାରେ ସେ କିଛି ସମୟ ଆମେରିକାରେ ବିତାଇଥିଲେ। ସେଠାରେ ସେ ତତ୍କାଳୀନ ସମୟର ଶ୍ରେଷ୍ଠ ବିଦ୍ୱାନ୍, ଚିନ୍ତାନାୟକ ଏବଂ ସଙ୍ଗୀତଜ୍ଞମାନଙ୍କ ସହ ବିଚାର ମନ୍ଥନ କରିବାର ସୁଯୋଗ ପାଇଥିଲେ। ସେ କିମ୍ବଦନ୍ତୀ କଳାକାର ଏବଂ ମାନବାଧିକାର ନେତା ପଲ୍ ରବସନଙ୍କୁ ଭେଟିଥିଲେ। ରବସନଙ୍କ ଗୀତ 'ଓଲ୍ଡ ମ୍ୟାନ ରିଭର' ଭୂପେନ୍‌ଦା'ଙ୍କ ପ୍ରତୀକାତ୍ମକ ରଚନା 'ବିସ୍ତୀର୍ଣ୍ଣୋ ଦୁପାରେର...'ପାଇଁ ପ୍ରେରଣା ପାଲଟିଥିଲା। ଆମେରିକାର ପୂର୍ବତନ ପ୍ରଥମ ମହିଳା ଏଲିନର ରୁଜଭେଲ୍ଟ ତାଙ୍କୁ ଭାରତୀୟ ଲୋକ ସଙ୍ଗୀତ ପରିବେଷଣ ପାଇଁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଭୂପେନ୍ ହଜାରିକା ସଙ୍ଗୀତ ସହିତ ମା' ଭାରତୀଙ୍କର ଜଣେ ସଚ୍ଚା ଉପାସକ ଥିଲେ। ଭୂପେନ୍‌ଦା'ଙ୍କ ପାଖରେ ଆମେରିକାରେ ରହି ଉଚ୍ଚ ପଦପଦବୀ ହାସଲ କରିବାର ଅନେକ ବିକଳ୍ପ ଥିଲା, କିନ୍ତୁ ସେ ଭାରତ ଫେରିଆସିଲେ ଏବଂ ସଙ୍ଗୀତ ସାଧନାରେ ନିଜକୁ ନିମଗ୍ନ କରିଦେଲେ। ରେଡିଓରୁ ଆରମ୍ଭ କରି ରଙ୍ଗମଞ୍ଚ ପର୍ଯ୍ୟନ୍ତ, ଚଳଚ୍ଚିତ୍ରଠାରୁ ଆରମ୍ଭକରି ଶିକ୍ଷା ସମ୍ପର୍କିତ ଡକ୍ୟୁମେଣ୍ଟାରୀ ପର୍ଯ୍ୟନ୍ତ, ସେ ପ୍ରତ୍ୟେକ ମାଧ୍ୟମରେ ପାରଙ୍ଗମ ଥିଲେ। ସେ ଯେଉଁଠାକୁ ଯାଉଥିଲେ, ନୂଆ ପ୍ରତିଭାଙ୍କୁ ସମର୍ଥନ କରିବା ଉପରେ ଗୁରୁତ୍ୱ ଦେଉଥିଲେ। ଭୂପେନ୍‌ଦା'ଙ୍କର କୃତିରେ ଗୀତିକବିତାର ସୌନ୍ଦର୍ଯ୍ୟ ଭରିରହିଥିଲା। ସେ ଅବିସ୍ମରଣୀୟ ସାମାଜିକ ବାର୍ତ୍ତା ମଧ୍ୟ ଦେଇଥିଲେ। ଗରିବ ଓ ଅବହେଳିତଙ୍କ ପାଇଁ ନ୍ୟାୟ, ଗ୍ରାମୀଣ ବିକାଶ, ସାଧାରଣ ନାଗରିକଙ୍କ ଶକ୍ତି ଇତ୍ୟାଦି ପ୍ରସଙ୍ଗକୁ ସ୍ପର୍ଶକରିଥିଲା। ତାଙ୍କ ସଙ୍ଗୀତ ମାଧ୍ୟମରେ ସେ ଆସାମର ବ୍ରହ୍ମପୁତ୍ର ସମେତ ଅନ୍ୟାନ୍ୟ ନଦୀମାନଙ୍କରେ ନୌକା ବାହିନେଉଥିବା ନାଉରିଆ, ଚା' ବଗିଚା ଶ୍ରମିକ, ମହିଳା, କୃଷକ ଆଦିଙ୍କ ଆଶା ଆକାଂକ୍ଷାକୁ ସ୍ୱର ଦେଇଥିଲେ। ତାଙ୍କ ରଚନା ଲୋକମାନଙ୍କର ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରୁଥିଲା। ଭୂପେନ୍‌ଦା'ଙ୍କ କୃତି ଆଧୁନିକତାକୁ ଦେଖିବା ପାଇଁ ଏକ ଶକ୍ତିଶାଳୀ ଦୃଷ୍ଟିକୋଣ ମଧ୍ୟ ପାଲଟିଥିଲା। ଅନେକ ଲୋକ, ବିଶେଷକରି ସାମାଜିକ ଭାବରେ ପଛୁଆବର୍ଗର ଲୋକମାନେ ତାଙ୍କ ସଙ୍ଗୀତରୁ ଶକ୍ତି ଏବଂ ଆଶା ପାଇଛନ୍ତି... ଆଜି ମଧ୍ୟ ପାଉଛନ୍ତି। ଭୂପେନ୍‌ଦା'ଙ୍କ ଜୀବନ ଯାତ୍ରାରେ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଭାବନାର ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳିଥାଏ। ତାଙ୍କର କୃତି ଦେଶସାରା ଲୋକଙ୍କୁ ଏକତ୍ରିତ କରିବା ପାଇଁ ଭାଷାଗତ ଏବଂ ଆଞ୍ଚଳିକ ସୀମା ଅତିକ୍ରମ କରିଥିଲା। ସେ ଅହମିୟା, ବଙ୍ଗଳା ଏବଂ ହିନ୍ଦୀ ଭାଷାରେ ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଥିଲେ। ତାଙ୍କ ସ୍ୱରରେ ଯେଉଁ ପୀଡ଼ାର କାହାଣୀ ରହିଥିଲା, ତାହା ସବୁବେଳେ ଆମ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥାଏ। 'ଦିଲ୍ ହୁମ୍ ହୁମ୍ କରେ'ରେ ଯେଉଁ ପୀଡ଼ାର ପ୍ରଭାବ ଦେଖିବାକୁ ମିଳିଥାଏ, ତାହା ସିଧା ହୃଦୟର ଗଭୀରତାକୁ ସ୍ପର୍ଶ କରିନିଏ। ଆଉ ଯେତେବେଳେ ସେ ପଚାରନ୍ତି, ଗଙ୍ଗା ବହତି ହେ କ୍ୟୁଁ', ଏମିତି ଲାଗେ ଯେମିତି ପ୍ରତ୍ୟେକ ଆତ୍ମାକୁ ବିଦାରିତ କରି ସେ ଜବାବ ମାଗୁଛନ୍ତି। ସେ ସାରା ଭାରତ ଆଗରେ ଆସାମର କଥା କହିଥିଲେ, ଦେଖାଇଥିଲେ ଏବଂ ଅନୁଭବ କରାଇଥିଲେ। ଏହା କହିବା ଆଦୌ ଅତିଶୟୋକ୍ତି ହେବ ନାହିଁ ଯେ ସେ ଆଧୁନିକ ଆସାମର ସାଂସ୍କୃତିକ ପରିଚୟ ଗଢ଼ିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଆସାମ ଭିତରେ ଏବଂ ସାରା ଦୁନିଆରେ ଥିବା ପ୍ରବାସୀ ଆସାମୀଙ୍କ ପାଇଁ ସେ ଆସାମର ସ୍ୱର ପାଲଟିଥିଲେ। ଭୂପେନ୍‌ଦା' ଜଣେ ରାଜନୈତିକ ବ୍ୟକ୍ତି ନ ଥିଲେ, କିନ୍ତୁ ସେ ଜନସେବା ଜଗତ ସହିତ ନିବିଡ଼ ଭାବରେ ଜଡ଼ିତ ଥିଲେ। ୧୯୬୭ ମସିହାରେ ସେ ଆସାମର ନୌବୋଇଚା ନିର୍ବାଚନମଣ୍ଡଳୀରୁ ଜଣେ ନିର୍ଦ୍ଦଳୀୟ ବିଧାୟକ ଭାବରେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହା ଦେଖାଇଥିଲା ଯେ ସାଧାରଣ ଲୋକଙ୍କର ତାଙ୍କ ଉପରେ କେତେ ବିଶ୍ୱାସ ଥିଲା। ସେ ରାଜନୀତିକୁ ନିଜ କ୍ୟାରିଅର ରୂପେ ବାଛି ନ ଥିଲେ, କିନ୍ତୁ ସବୁବେଳେ ଲୋକଙ୍କ ସେବାରେ ନିୟୋଜିତ ରହିଥିଲେ। ଭାରତବାସୀ ଏବଂ ଭାରତ ସରକାର ବର୍ଷ ବର୍ଷଧରି ତାଙ୍କର ବିପୁଳ ଅବଦାନକୁ ସ୍ୱୀକୃତି ପ୍ରଦାନ କରିଆସିଛନ୍ତି। ତାଙ୍କୁ ପଦ୍ମଶ୍ରୀ, ପଦ୍ମଭୂଷଣ, ପଦ୍ମବିଭୂଷଣ, ଦାଦାସାହେବ ଫାଲ୍‌କେ ପୁରସ୍କାର ଏବଂ ଅନ୍ୟାନ୍ୟ ବହୁ ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୯ରେ ଆମ କାର୍ଯ୍ୟକାଳ ମଧ୍ୟରେ ତାଙ୍କୁ ଭାରତରତ୍ନ ସମ୍ମାନ ପ୍ରଦାନ କରାଯିବା ମୋ ପାଇଁ ବ୍ୟକ୍ତିଗତ ଭାବରେ ଏବଂ ଏନ୍‌ଡିଏ ସରକାରଙ୍କ ଲାଗି ଏକ ଗୌରବର ମୁହୂର୍ତ୍ତ ଥିଲା। ସାରା ବିଶ୍ୱର ଲୋକମାନେ, ବିଶେଷକରି ଆସାମ ଏବଂ ଉତ୍ତର-ପୂର୍ବାଞ୍ଚଳର ଜନସାଧାରଣ ତାଙ୍କୁ ଏହି ସମ୍ମାନରେ ଭୂଷିତ କରାଯାଇଥିବାରୁ ଅପାର ଆନନ୍ଦ ପ୍ରକାଶ କରିଥିଲେ। ଏହା ଥିଲା ଭୂପେନ୍‌ଦା'ଙ୍କ ହୃଦୟରେ ଥିବା ସିଦ୍ଧାନ୍ତ ପ୍ରତି ସମ୍ମାନ। ସେ କହୁଥିଲେ, ସତ୍ୟତାରୁ ନିଃସୃତ ହୋଇଥିବା ସଙ୍ଗୀତ କୌଣସି ଗୋଟିଏ ପରିଧି ମଧ୍ୟରେ ସୀମିତ ରହି ନ ଥାଏ। ଗୋଟିଏ ଗୀତ ଲୋକଙ୍କ ସ୍ୱପ୍ନରେ ଡେଣା ଯୋଡ଼ି ପାରେ ଏବଂ ସାରା ଦୁନିଆର ଲୋକଙ୍କ ହୃଦୟକୁ ଛୁଇଁ ପାରେ। ୨୦୧୧ରେ ଭୂପେନ୍‌ଦା'ଙ୍କ ବିୟୋଗ ସମୟ ମୋର ମନେଅଛି। ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟାରେ ଲକ୍ଷଲକ୍ଷ ଲୋକ ସାମିଲ ହେବା ମୁଁ ଟିଭିରେ ଦେଖିଛି। ସେହି ସମୟରେ ପ୍ରତ୍ୟେକ ଆଖି ଲୁହରେ ଛଳଛଳ ଥିଲା। ବଞ୍ଚିଥିବା ସମୟ ଭଳି ମୃତ୍ୟୁ ସମୟରେ ମଧ୍ୟ ଲୋକମାନେ ତାଙ୍କ ସହ ରହିଥିଲେ। ସେଥିପାଇଁ ତାଙ୍କୁ ବ୍ରହ୍ମପୁତ୍ର ନଦୀ ଆଡ଼କୁ ମୁହଁ କରାଇ ଜାଲୁକବାଡ଼ି ପାହାଡ଼ ଉପରେ ଅନ୍ତିମ ବିଦାୟ ଦିଆଯାଇଥିଲା। ବ୍ରହ୍ମପୁତ୍ର ହେଉଛି ସେହି ନଦୀ ଯାହା ତାଙ୍କର ସଙ୍ଗୀତ, ତାଙ୍କର ପ୍ରତୀକ ଏବଂ ସ୍ମୃତିଗୁଡ଼ିକର ଜୀବନରେଖା ସାଜିଥିଲା। ଆସାମ ସରକାର ଭୂପେନ୍ ହଜାରିକା ସାଂସ୍କୃତିକ ଟ୍ରଷ୍ଟର କାର୍ଯ୍ୟକୁ ପ୍ରୋତ୍ସାହନ ଯୋଗାଇଦେବା ଖୁସିର ବିଷୟ। ଏହି ଟ୍ରଷ୍ଟ ଯୁବପିଢ଼ିଙ୍କ ମଧ୍ୟରେ ଭୂପେନ୍‌ଦା'ଙ୍କ ଜୀବନ ଯାତ୍ରାକୁ ଯୋଡ଼ିବାରେ ନିୟୋଜିତ ରହିଛି। ଭୂପେନ୍‌ଦା'ଙ୍କ ସାଂସ୍କୃତିକ ପରମ୍ପରାକୁ ସମ୍ମାନ ଦେବା ଲାଗି ଦେଶର ସବୁଠୁ ବଡ଼ ସେତୁକୁ ଭୂପେନ୍ ହଜାରିକା ସେତୁ ନାମରେ ନାମକରଣ କରାଯାଇଛି। ୨୦୧୭ରେ ଯେତେବେଳେ ମୋତେ ଏହି ସେତୁ ଉଦ୍‌ଘାଟନ କରିବାର ସୁଯୋଗ ମିଳିଲା, ସେତେବେଳେ ମୁଁ ଅନୁଭବ କରିଥିଲି ଯେ ଆସାମ ଏବଂ ଅରୁଣାଚଳ ପ୍ରଦେଶକୁ ଯୋଡ଼ିଥିବା ତଥା ଦୁଇ ରାଜ୍ୟ ମଧ୍ୟରେ ଦୂରତା ହ୍ରାସ କରୁଥିବା ଏହି ସେତୁର ନାମକରଣ ଭୂପେନ୍‌ଦା'ଙ୍କ ନାମରେ ହେବା ସବୁଠୁ ଉପଯୁକ୍ତ ହେବ। ଭୂପେନ୍ ହଜାରିକାଙ୍କ ଜୀବନ ଆମକୁ କରୁଣାର ଶକ୍ତି ବିଷୟରେ ଅନୁଭବ କରାଇଥାଏ। ଲୋକଙ୍କ କଥା ଶୁଣିବା ଏବଂ ନିଜ ମାଟି ସହ ଯୋଡ଼ି ହୋଇ ରହିବା ଶିଖାଇଥାଏ। ଆଜି ବି ପିଲାଠୁ ବୁଢ଼ା ଯାଏ ସମସ୍ତଙ୍କ କଣ୍ଠରେ ତାଙ୍କର ଗୀତ ଶୁଣିବାକୁ ମିଳିଥାଏ। ତାଙ୍କ ସଙ୍ଗୀତ ଆମକୁ ସ୍ୱାଭିମାନୀ ଏବଂ ସାହସୀ ହେବାକୁ ଶିଖାଏ। ଏହା ଆମକୁ ଆମ ନଦୀ, ଆମ ଶ୍ରମିକ, ଆମ ଚା' ବଗିଚା ଶ୍ରମିକ, ଆମ ନାରୀଶକ୍ତି ଏବଂ ଆମ ଯୁବଶକ୍ତିକୁ ମନେରଖିବାକୁ ଅନୁପ୍ରାଣିତ କରେ। ଏହା ଆମକୁ ବିବିଧତା ମଧ୍ୟରେ ଏକତାରେ ବିଶ୍ୱାସ କରିବାକୁ ପ୍ରେରଣା ଦେଇଥାଏ। ଭୂପେନ୍ ହଜାରିକାଙ୍କ ଭଳି ଜଣେ ଉଜ୍ଜ୍ୱଳ ପ୍ରତିଭାଙ୍କୁ ପାଇ ଭାରତ ଧନ୍ୟ ହୋଇଛି। ଆମେ ତାଙ୍କ ଜନ୍ମଶତାବ୍ଦୀ ବର୍ଷ ପାଳନ ଆରମ୍ଭ କରୁଛୁ। ଆସନ୍ତୁ ଆମେ ତାଙ୍କ ବାର୍ତ୍ତାକୁ ଦୂରଦୂରାନ୍ତରରେ ପହଞ୍ଚାଇବା ଲାଗି ଆମ ପ୍ରତିବଦ୍ଧତାକୁ ଦୋହରାଇବା। ଏହି ସଂକଳ୍ପ ଆମକୁ ସଙ୍ଗୀତ, କଳା ଏବଂ ସଂସ୍କୃତି ପାଇଁ ଅଧିକ କାମକରିବା ଲାଗି ପ୍ରେରଣା ଦେଉ, ନୂଆ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରୁ, ଭାରତରେ ସୃଜନଶୀଳତା ଏବଂ କଳାତ୍ମକ ଉତ୍କର୍ଷକୁ ଆଗକୁ ବଢ଼ାଉ। ମୋର ଅନେକ ଅନେକ ଶୁଭକାମନା।

# ଶାନ୍ତିର ସନ୍ଧାନ



ଅଲେଖ ଚନ୍ଦ୍ର ମିଶ୍ର

ଶାନ୍ତି କିଏ ନ ଚାହେଁ ? ହେଲେ ପାଆନ୍ତି କେତେଜଣ ? ଏ ପ୍ରଶ୍ନ ଯୁଗ ଯୁଗ ଧରି ଅସମାହିତ ରହିଆସିଛି ; କାରଣ ଶାନ୍ତିର ମାର୍ଗ ଅସ୍ପଷ୍ଟ ଯାହା ଏକ ବ୍ୟକ୍ତିଗତ ବ୍ୟାପାର ହେଲେ ବି ସାମଗ୍ରିକ ସ୍ଥିତି ଉପରେ ନିର୍ଭରଶୀଳ। ଅନେକଙ୍କର ଧାରଣା ସୁଖ ହିଁ ଶାନ୍ତିର ମୁଖ୍ୟ ଉତ୍ସ। କିନ୍ତୁ ସୁଖ ଓ ଶାନ୍ତି ଦୁଇଟି ଅଲଗା କଥା। ସୁଖରେ ଥିବା ଲୋକ ଅଶାନ୍ତିରୁ ମୁକ୍ତ ନୁହେଁ, ଶାନ୍ତିରେ ଥିବା ଲୋକ ସୁଖ ପଛରେ ଧାଏଁନା। ଏହାର ଏକ ବଳିଷ୍ଠ ଉଦାହରଣ ପୃଥିବୀର ସର୍ବଶ୍ରେଷ୍ଠ ଧନୀ ଷ୍ଟିଭ ଜବ୍ସଙ୍କ ଜୀବନ କାହାଣୀ। ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ମାତ୍ର ୫୨ ବର୍ଷ ବୟସରେ ଦେହତ୍ୟାଗ କଲାବେଳେ (୨୦୧୩) ସେ କହିଥିଲେ, ''ଧନ ବଳରେ ମୁଁ ସବୁ କିଛି ପାଇଛି, ଏପରି କିଛି ଜିନିଷ ନାହିଁ ଯାହା ମୋର ଅପ୍ରାପ୍ୟ। କିନ୍ତୁ ଏ ରୋଗରୁ ମୁକ୍ତି ପାଇଁ କିମ୍ବା ଆସନ୍ନ ମୃତ୍ୟୁକୁ କିଛି ସମୟ ପାଇଁ ଘୁଞ୍ଚେଇ ଦେବା ପାଇଁ ମୋର ସକଳ ଧନ ସଂପତ୍ତି ଅସମର୍ଥ। ଅତଏବ ଧନ ଯେ ସବୁ କିଛି ଦେଇପାରେ ଏହା ଭୁଲ୍''।

କେହି କେହି ଭାବନ୍ତି ପ୍ରାପ୍ତି ହିଁ ଶାନ୍ତି ପ୍ରଦାନ କରେ। ନିଜର ଈପ୍ସିତ ବସ୍ତୁ ମିଳିଗଲେ ଶାନ୍ତି ଆପେ ମିଳିଯାଏ। କିନ୍ତୁ ରାଜା ମିଦାସ ଓ କୃଷକ ପୋହାମଙ୍କ କଥା (ଟଲଷ୍ଟୟଙ୍କ କାହାଣୀ ହାଓ ମଚ ଲ୍ୟାଣ୍ଡ ଡଜ୍ ଏ ମ୍ୟାନ ନିଡ୍) ଟିକେ ମନେପକାନ୍ତୁ ତ ! ଜଣେ ନିଜ ଇଚ୍ଛା ମୁତାବକ ସୁନା ତ ପାଇଥିଲେ ହେଲେ ହରେଇଥିଲେ ନିଜର ଏକମାତ୍ର ଅଲିଅଳି କନ୍ୟାକୁ। ଅନ୍ୟ ଜଣକ ଯେତେ ଇଚ୍ଛା ଜମି ସଂଗ୍ରହ କରୁ କରୁ ନିଜର ଜୀବନ ହରେଇଥିଲେ। ସେଥିପାଇଁ ପ୍ରଖ୍ୟାତ ରୁଷ ଦାର୍ଶନିକ କାଉଣ୍ଟ ଲିଓ ଟଲଷ୍ଟୟ କହି ଯାଇଛନ୍ତି, ''ଏଭ୍ରି ପଜେଶନ ଇଜ୍ ୱାନ ୱିଥ୍ ଲସ୍'' (ପ୍ରତ୍ୟେକ ପ୍ରାପ୍ତି ପଛରେ କିଛି ହରେଇବା ଥାଏ)। କାରଣ ପ୍ରାପ୍ତିର ପରିସର ଅସୀମ ଯାହାର ଆରମ୍ଭ ତ ଥାଏ କିନ୍ତୁ ଶେଷ ନ ଥାଏ। ତା' ପଛରେ ଧାଇଁଲେ କେବଳ ଧାଇଁବା ହିଁ ସାର ହୁଏ। ଶାନ୍ତିରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପାଇଁ ଧାଉଁଥିବା ଅବସ୍ଥାରେ ମୃତ୍ୟୁ ଆସିଯାଏ। ହେଲେ ତା' ପରେ ବି ଶାନ୍ତିର ସନ୍ଧାନ ଶେଷ ହୁଏନା ଏବଂ ପ୍ରେତକର୍ମ, ନୀରବ ପ୍ରାର୍ଥନା, ମହମବତି ପ୍ରଜ୍ୱଳନ, ଶୋଭାଯାତ୍ରା, ସମୂହ ଦୀପଦାନ, ସାମୂହିକ ତିଳତର୍ପଣ, ସ୍ମୃତିଚାରଣ, ପିଣ୍ଡ ଦାନ ଇତ୍ୟାଦି ମାଧ୍ୟମରେ ଦିବଂଗତ ଆତ୍ମାର ଶାନ୍ତି ପାଇଁ ପ୍ରଚେଷ୍ଟା କରାଯାଏ।



ଶାନ୍ତି ପାଇବା ପାଇଁ କେବେ କେବେ ଭୌତିକ କ୍ରିୟାର ସାହାରା ନିଆଯାଏ ଯଥା ଗୁଣି ଗାରେଡ଼ି, ଗ୍ରହଶାନ୍ତି, ଦରିଦ୍ର ନାରାୟଣ ସେବା, ଶକ୍ତି ପୀଠରେ ବଳିଦାନ, ଓଷା, ବାର, ବ୍ରତ, ବିଭିନ୍ନ ପୂଜାର୍ଚ୍ଚନା, ଧର୍ମାନୁଷ୍ଠାନ, ଯଜ୍ଞ, ଦାନ, ପଶୁପକ୍ଷୀଙ୍କର ହେପାଜତ, ବର ଓସ୍ତ ବିବାହ ଇତ୍ୟାଦି। ସେହିପରି ସେବା ପ୍ରଦାନ ଶାନ୍ତିର ଏକ ମାର୍ଗ ବୋଲି କେହି କେହି ସେଥିରେ ମନୋନିବେଶ କରନ୍ତି, କିନ୍ତୁ ସେଥିରେ ପ୍ରଚ୍ଛନ୍ନ ଭାବରେ ନିହିତ ସ୍ୱାର୍ଥ ଓ ଅହଂଭାବ ଶାନ୍ତିକୁ ଅଶାନ୍ତିରେ ପରିଣତ କରିଦିଏ।

କେତେକଙ୍କର ବିଶ୍ୱାସ କ୍ଷମତା, ପ୍ରତିପତ୍ତି, ପ୍ରଭୁତ୍ୱ ଭଳି ପାର୍ଥିବ ବସ୍ତୁରେ ଶାନ୍ତି ଥାଏ ; କିନ୍ତୁ ତ୍ରିପୁର ବିଜୟୀ ରାବଣ କିମ୍ବା କ୍ଷମତାଲୋଭୀ ଦୁର୍ଯ୍ୟୋଧନ ଭଳି ଅନେକ ଦୃଷ୍ଟାନ୍ତ ଏହାର ବିରୋଧାଭାସ। ଏପରିକି ପାଶ୍ଚାତ୍ୟ ସାହିତ୍ୟର ଲୋକପ୍ରିୟ କବିତା ''ମିଲର୍ ଅଫ ଦ ଡି'' ର ବର୍ଣ୍ଣନା ଅନୁଯାୟୀ ନଦୀ କୂଳରେ ମନ ଉଲ୍ଲାସରେ ଗୀତ ଗାଉଥିବା ଏକ ଅଟାକଳର ମାଲିକକୁ ଦେଖି ସ୍ୱୟଂ ବ୍ରିଟିଶ ରାଜା ହଲ୍ ତାକୁ ପ୍ରଶଂସା କରି କହିଥିଲେ, ''ହେ ମିଲ୍ ବାଲା ତୁମର ଟୋପି ମୋର ରାଜ ମୁକୁଟ ଏବଂ ତୁମର କଳ ମୋର ରାଜ୍ୟଠାରୁ ମୂଲ୍ୟବାନ। ତୁମଭଳି ଲୋକ ଇଂଲଣ୍ଡର ଗୌରବ''। ଅତଏବ ଶାନ୍ତି ଏକ ଆପେକ୍ଷିକ ଶବ୍ଦ ଯାହା ଖୋଜିଲେ ମିଳେନା, ନ ଖୋଜିଲେ ଅଜାଣତରେ ଆପେ ଆସିଯାଏ, ଯେପରି କ୍ଷୁଧାର୍ତ୍ତଟିଏ ପେଟ ଭରି ଖାଇଲା ପରେ, ତୃଷାର୍ତ୍ତଟିଏ ମନ ଭରି ପାଣି ପିଇଲା ପରେ, ରୋଗୀଟିଏ ଆରୋଗ୍ୟ ହେଲା ପରେ, ଉପରିସ୍ଥ କର୍ମ ଚାପରୁ ମୁକ୍ତି ଯଥା ମଳ ମୂତ୍ର ତ୍ୟାଗଜନିତ ଆଶ୍ୱସ୍ତି, କ୍ଳାନ୍ତି ପରେ ବିଶ୍ରାମ ମିଳିଲେ ଯେଉଁ ମାନସିକ ଉପଲବ୍ଧି ଅନୁଭୂତ ହୁଏ ତାହା ହିଁ ଶାନ୍ତିର କ୍ଷଣିକ ରୂପ ଯାହା ସଙ୍ଗେ ସଙ୍ଗେ ଉଭେଇ ଯାଏ, କାରଣ ଶାନ୍ତିର ମୁଖ୍ୟ ନିଦର୍ଶନ ହେଉଛି ଏହା ଅଳିକ। ନିରବଚ୍ଛିନ୍ନ ଶାନ୍ତି ଅସମ୍ଭବ। ଅନ୍ୟ ପକ୍ଷରେ ଏହା ଏକ ଆଭ୍ୟନ୍ତରୀଣ ସୂକ୍ଷ୍ମ ବିଭାବ ଯାହା କେବଳ ସାମୟିକ ଭାବରେ ହୃଦୟଙ୍ଗମ କରିହୁଏ। ନିଜ ଗର୍ଭରେ ଥିବା କସ୍ତୁରୀର ସୁଗନ୍ଧକୁ ବାରି ନ ପାରି ତା'ର ସନ୍ଧାନରେ ଇତସ୍ତତଃ ଧାଉଁଥିବା କୃଷ୍ଣସାର ଭଳି ମଣିଷର ଶାନ୍ତି ପ୍ରଚେଷ୍ଟା।

**ସାରଦାଶ୍ରୀ ୯୦୪, ଶାସ୍ତ୍ରୀ ନଗର ୟୁନିଟ୍-୪ ଭୁବନେଶ୍ୱର, ମୋ:୯୪୩୮୬୭୩୮୯୮**

## ଏଇ ଭାରତରେ

ରୋଗ ହେଲେ ସମସ୍ତେ ଡାକ୍ତର ପାଖକୁ ଯାଆନ୍ତି। କିନ୍ତୁ ଏଥିପାଇଁ କେହି କ'ଣ ମନ୍ଦିର ଲୁଟିବାକୁ ଯିବା କଥା ଶୁଣିଛନ୍ତି! ଏଭଳି ଘଟଣା ଦେଖିବାକୁ ମିଳିଛି ଛତିଶଗଡ଼ର ଦୁର୍ଗ ଅଞ୍ଚଳରେ। ଏଠାରେ ୪୫ ବର୍ଷୀୟ ଜଣେ ବ୍ୟକ୍ତି ଏବେ ପୋଲିସ ହାତରେ ଧରାପଡିଛନ୍ତି, ଯିଏ କି ଗତ ୧୦ ବର୍ଷ ହେଲାଣି ବିଭିନ୍ନ ମନ୍ଦିରରୁ ଚୋରି କରୁଥିଲେ। ତାଙ୍କର ଏପରି କରିବା ପଛର ଉଦ୍ଦେଶ୍ୟ ଥିଲା ଭଗବାନ୍‌ଙ୍କ ଉପରେ ପ୍ରତିଶୋଧ ନେବା। ପ୍ରକୃତ କଥା ହେଉଛି ଏହି ବ୍ୟକ୍ତି ଜଣକ ୨୦୧୨ରେ ଏକ ମାରପିଟ ଘଟଣାରେ ଜେଲ ଯାଇଥିଲେ। ଜେଲରୁ ବାହାରିବା ପରେ ସେ ଏଚ୍‌ଆଇଭି ପଜିଟିଭ୍ ବୋଲି ଜଣାପଡିଥିଲା। ଏହା ପରେ ସେ ଭାଙ୍ଗି ପଡିଥିଲେ। ଭଗବାନ୍‌ଙ୍କ ଉପରୁ ତାଙ୍କର ଭରସା ତୁଟି ଯାଇଥିଲା। ତାଙ୍କୁ ମନେହୋଇଥିଲା କି ଭଗବାନ୍ ହିଁ ତାଙ୍କୁ ଏଭଳି ଏକ ଭୟଙ୍କର ରୋଗ ଦେଇଛନ୍ତି। ତେଣୁ ସେ ଭଗବାନ୍‌ଙ୍କ ଉପରେ ପ୍ରତିଶୋଧ ନେବାକୁ ଯାଇ କୌଣସି ସ୍ଥାନରେ ମନ୍ଦିର ଦେଖିଲେ ସେଠାରୁ ବିଭିନ୍ନ ଜିନିଷ ଚୋରି କରି ନେଇଯାଉଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୮ ସେପ୍ଟେମ୍ବର ୧୯୭୬

- ବିଖ୍ୟାତ ବିପ୍ଳବୀ ଓ ସ୍ୱାଧୀନତା ସଂଗ୍ରାମୀ ତଥା କଂଗ୍ରେସ ପାର୍ଲାମେଣ୍ଟାରୀ ଦଳର ପୂର୍ବତନ ଉପନେତା ସୁରେନ୍ଦ୍ର ମୋହନ ଘୋଷଙ୍କ ୮୩ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ସତ୍ୟବାଦୀ ବ୍ଲକରେ ୟୁରିଆ ଅଭାବ

ମହାଶୟ,

ଏବେ ସମଗ୍ର ଓଡ଼ିଶାରେ ୟୁରିଆ ସାରର ଅଭାବ ଦେଖାଦେଇଛି। ପୁରୀ ଜିଲା ସତ୍ୟବାଦୀ ବ୍ଲକର ୨୪ ପଞ୍ଚାୟତର ଚାଷୀଙ୍କୁ ଆବଶ୍ୟକ ଅନୁସାରେ ଏହା ମିଳୁ ନ ଥିବାରୁ ଅନେକ ସ୍ଥାନରେ ଚଢ଼ାଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ କୃଷି ବିଭାଗ ତଥ୍ୟ ଅନୁସାରେ ଏବେ ରାଜ୍ୟରେ ୫୭% ୟୁରିଆ ଅଭାବ ରହିଛି। ସତ୍ୟବାଦୀ ବ୍ଲକକୁ କେତେ ସାର ଯୋଗାଣ ହୋଇଛି ତାହାର ସବିଶେଷ ତଥ୍ୟ କୃଷିବିଭାଗ ପାଖରେ ଉପଲବ୍ଧ ନାହିଁ। ବର୍ତ୍ତମାନ ସୁଦ୍ଧା ସାର କଳାବଜାର ହେଉଥିଲେ ମଧ୍ୟ କୌଣସି ସ୍ଥାନରେ ସେହିଭଳି ଆଖିଦୃଶିଆ ଧରପଗଡ଼ ହେଉନାହିଁ। ଏ ନେଇ ବ୍ଲକ କୃଷି ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେହିଭଳି କିଛି ଅଭିଯୋଗ ଆସି ନ ଥିବା ପ୍ରକାଶ କରିଛନ୍ତି। ବିଭାଗୀୟ ମନ୍ତ୍ରୀ ଓ ପୁରୀ ଜିଲା ପ୍ରଶାସନ ଘଟଣାର ତଦନ୍ତ କରି କଳାବଜାରକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**-ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦିବସ ନିଶାର ଏହି ବିବାହ ସମ୍ଭୋଗେ
ପ୍ରତୀଚୀର ଅଙ୍ଗେ
ସନ୍ଧ୍ୟା-ସହଚରୀ କିବା ଲେଖଇ ଅଳତା
ପକ୍ଷୀଙ୍କଠୁ ମୁଖରଇ କି ମଙ୍ଗଳ କଥା !
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି**

ଖଡ଼ିଆଳ,(ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ଶାନ୍ତି ଉପସ୍ଥିତ ରହିଥିଲେ। କମିଟିର ବରିଷ୍ଠ ଉପଦେଷ୍ଟା ଦଶମୁ ବେହେରା, ଶ୍ୟାମସୁନ୍ଦର କୁଲଦୀପ, ଶଙ୍କର ବେହେରା, ପ୍ରଶାନ୍ତ ମୁଣ୍ଡ, ପୁରୁମ ଖଣ୍ଡି, କ୍ଷୀରୋଦ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଆସନ୍ତା ୧୩ ତାରିଖରେ ଜଳମୁଣ୍ଡା ଖେଳ ପଡ଼ିଆଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାକୁ ଆଡ଼ମ୍ବର ସହକାରେ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# 'ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ଯୁକ୍ତିଯୁକ୍ତ'

## ଅଭିଭାବକ ସଂଘ ପକ୍ଷରୁ ସେମିନାର



ପାଟଣା ହାଇକୋର୍ଟ ପ୍ରତିଷ୍ଠା ସଂକ୍ରାନ୍ତୀୟ ସେମିନାରରେ ମଞ୍ଚାସୀନ ଅତିଥି ଓ ଆଲୋଚକ।

**ବଲାଙ୍ଗୀର,୭।୯(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଅଭିଭାବକ ମଞ୍ଚ ପକ୍ଷରୁ ରବିବାର ସନ୍ଧ୍ୟାରେ ଟେଲିଗୋଡପଡ଼ାସ୍ଥିତ ଐତିହାସିକ ପୂର୍ଣ୍ଣଚନ୍ଦ୍ର ପାଠାଗାର ସମ୍ମିଳନୀ କକ୍ଷଠାରେ ପାଟଣା ହାଇକୋର୍ଟର ୮୫ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମଞ୍ଚ ଉପାଧ୍ୟକ୍ଷ ଧର୍ମପ୍ରଦ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ଶତପଥି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଜୟରାମ ମିଶ୍ର, ଶୁଭାଂଶୁ ଶେଖର ପଣ୍ଡା ମଞ୍ଚାସୀନ ହୋଇଥିଲେ। ମୁଖ୍ୟବକ୍ତା ଆଇନଜୀବୀ ଶତପଥି ସ୍ୱାଧୀନତା ପୂର୍ବରୁ ପାଟଣା ଷ୍ଟେଟ୍ ବା ଆଜିର ବଲାଙ୍ଗୀର ଜିଲାରେ ୧୯୪୦ ମସିହାରେ ପାଟଣା ହାଇକୋର୍ଟ ସ୍ଥାପିତ ହୋଇଥିଲା ଏବଂ ପରେ ୧୯୪୨ ମସିହାରେ କଟକ ହାଇକୋର୍ଟରେ ଏହା ରୂପାନ୍ତରିତ ହୋଇଥିବା ସୂଚନା ଦେଇଥିଲେ। ଉକ୍ତ ହାଇକୋର୍ଟରେ ଓଡ଼ିଶା ଓ ଛତିଶଗଡ଼ର ୩୦ଟି ରାଜ୍ୟର ବିଭିନ୍ନ ମୋକଦ୍ଦମା ପରିଚାଳନା ହେଉଥିଲା ବୋଲି ସୂଚନା ଦେଇଥିଲେ। ଯଶବନ୍ତ ସିଂ କମିଶନ ସୁପାରିଶ ଆଧାରରେ ବଲାଙ୍ଗୀର ହାଇକୋର୍ଟ ବେଞ୍ଚ ହେବା ପାଇଁ ଉପଯୁକ୍ତ ସ୍ଥାନ ଏବଂ ବଲାଙ୍ଗୀରବାସୀଙ୍କ ହାଇକୋର୍ଟ ସ୍ଥାନୀୟ ବେଞ୍ଚ ପ୍ରତିଷ୍ଠା ଦାବି ଯୁକ୍ତିଯୁକ୍ତ ବୋଲି ସେ କହିଥିଲେ। ମୁଖ୍ୟଅତିଥି ପାଣିଗ୍ରାହୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ହୋଇଥିବା ଆନ୍ଦୋଳନର ସୂଚନା ଦେଇ ଦାବି ପୂରଣ ନ ହେଲେ ଆଗକୁ ମଧ୍ୟ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ସଭା ପ୍ରାରମ୍ଭରେ ପ୍ରସନ୍ନ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାକୁ ଦିବାକର ହୋତା, ରୁଦ୍ରେନ୍ଦ୍ର ବେହେରା, ସୁନାଧର ବନଛୋର ପରିଚାଳନା କରିଥିଲେ। ଆଲୋଚନାରେ ମନୋରଞ୍ଜନ ସାହୁ, ପ୍ରଫେସର ତରୁଣ କୁମାର ମିଶ୍ର, ରଘୁନନ୍ଦନ ସିଂ, ଦୟାନନ୍ଦ ପଣ୍ଡା, ଗୋପାଳ ହୋତା, ଜୟକୃଷ୍ଣ ଆଚାର୍ଯ୍ୟ, ମଦନମୋହନ ରଥ, ମାଳତୀ ଉଦ୍‌ଗାତା, କୃଷ୍ଣଚନ୍ଦ୍ର ନାଥ, ପବିତ୍ର ଦାସ, ରାଧାକାନ୍ତ ସେଠ୍, ନବକିଶୋର ବେହେରା, ଅଶୋକ ମେହେର, ବିମଳ ଚକ୍ରବର୍ତ୍ତୀ, ବନମାଳୀ ନନ୍ଦ, ଜୟଦେବ ବେହେରା, ସୁବ୍ରତ କୁମାର ସାହୁ ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କସ୍ତୁରୀ ରଥ ସଭା ସଂଯୋଜନା କରିଥିଲେ। ଶେଷରେ ଗୋବିନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ସେମିନାରରେ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

## ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା


ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆଦିବାସୀ ଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ଜଣାଉଛନ୍ତି।

**ପାଟଣାଗଡ଼,୭।୯(ସଚ୍ଚିଦାନନ୍ଦ ମହାକୁଡ଼)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ସୁଙ୍ଗମୁଦା ଗ୍ରାମଠାରେ ରବିବାର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିଧାରୀ ଭୋଇଙ୍କ ସହିତ ଜିଲାର ସମସ୍ତ ବ୍ଲକର ସଭାପତି ଉପସ୍ଥିତ ଥିଲେ। ପ୍ରଥମେ ଗାଁର ସାପ୍ତାହିକ ବଜାର ସମ୍ମୁଖରେ ସଂଘର ସମସ୍ତ ସଦସ୍ୟ ଏକତ୍ରିତ ହୋଇଥିଲେ। କିଛି ସମୟ ପରେ ସେଠାରୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଗାଁର ମୁଖ୍ୟ ରାସ୍ତା ଦେଇ ଏକ ଶୋଭାଯାତ୍ରାରେ ବାହାରି ସଭାସ୍ଥଳରେ ପହଞ୍ଚିଥିଲେ। ସଭାସ୍ଥଳରେ ପହଞ୍ଚିବା ପରେ ଅତିଥିମାନେ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ପ୍ରଥମେ ନିଟ୍ ପରୀକ୍ଷାରେ ୧୧୧ ନମ୍ବରରେ ଉତ୍ତୀର୍ଣ୍ଣ ହୋଇଥିବା ପୁରିବାହାଲ ବ୍ଲକ ଚଳକି ଗାଁର ଆଦିବାସୀ ଛାତ୍ର ବିଶ୍ୱରଂଜନ ମାଝୀଙ୍କୁ ପୁଷ୍ପଗୁଚ୍ଛ ଓ ଫୁଲମାଳଦେଇ ଅତିଥିମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଦିବାସୀ କଲ୍ୟାଣ ସଂଘର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# ବୌଦ୍ଧିକ ଭିନ୍ନକ୍ଷମ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା

**ଟିଟିଲାଗଡ଼,୭।୯(ଶରତ ମିଶ୍ର)**

ସ୍ୱତନ୍ତ୍ର ଭାରତ ଅଲିମ୍ପିକ ପକ୍ଷରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ସହିଦ ଜିମନାସିୟମଙ୍କ ସହାଭାଗିତାରେ ସ୍ଥାନୀୟ ବାଳକ ହାଇସ୍କୁଲ ପଡ଼ିଆଠାରେ ରବିବାର ରାଜ୍ୟସ୍ତରୀୟ ବୌଦ୍ଧିକ ଭିନ୍ନକ୍ଷମ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଭାରୀ ତଥା କ୍ଷେତ୍ରୀୟ ନିର୍ଦ୍ଦେଶକ ପ୍ରକାଶ ରଥ, କ୍ରୀଡ଼ା ନିର୍ଦ୍ଦେଶିକା ସସ୍ମିତା ମହାପାତ୍ର, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର, ସ୍ୱତନ୍ତ୍ର ଅଲିମ୍ପିକ ଓଡ଼ିଶାର ରାଜ୍ୟ ଉପସଭାପତି ଉମାକାନ୍ତ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୭ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ୯ କୋଚ ଏବଂ ୧୨ ଅଫିସିଆଲ ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ପୁରୁଷ ବର୍ଗରେ ୪ ଜଣ ଏବଂ ମହିଳା ବର୍ଗରେ ୨ ଜଣ ଶୀର୍ଷସ୍ଥାନ ବିଜେତା କୃତିତ୍ୱ ଲାଭ କରି ଜାତୀୟ ସ୍ତରରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ତଥା ବରିଷ୍ଠ ଆଇନଜୀବୀ କମୁଧାଣି ପାଢ଼ୀ, ବିଶିଷ୍ଟ ଶିକ୍ଷାବିତ ଜ୍ୟୋତିପ୍ରକାଶ ଗଡ଼ତିଆ, ରେଡ଼କ୍ରସ ଜୋନିକ ବିଦ୍ୟାଳୟର ଅଧ୍ୟକ୍ଷ ଦେବାନନ୍ଦ ସାହୁ, ବରିଷ୍ଠ ସାମ୍ବାଦିକ ଶରତ ମିଶ୍ର, ଅଭିଭାବକ ସୁଧାହସ୍ତା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କ୍ରୀଡ଼ାର ଶୁଭ ଉଦଘାଟନ କରିଥିଲେ। ସମାଜସେବୀ ମୋହନ ଗୁପ୍ତା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ପରିଚାଳନାରେ ସହିଦ ଜିମନାସିୟମର ସୁଦାମ ସାହୁ, ରଞ୍ଜନ ଆଡ଼ୁଆଡ଼, ସୁଶାନ୍ତ ବେହେରା, ମହେଶ ବେହେରା, ଧ୍ରୁବଲେଶ୍ୱର ଦଳବେହେରା, ଓମ ହାତୀ, ଗଣେଶ କେତକୀ, ରାହୁଲ ମହାନନ୍ଦ, ସୋମନାଥ ସାହୁ, ଚୈତନ୍ୟ ଘିଭେଲା, ସଞ୍ଜୟ ପାଢ଼ୀ, ରାଜେଶ ସାହୁ ପ୍ରମୁଖ ଅଫିସିଆଲ ସହାୟତା କରିଥିଲେ।

# ହରିଶଙ୍କର ଝରଣାରେ ପୁଣି ଉଛୁଳିଲା ପାଣି

**ଖପ୍ରାଖୋଲ,୭।୯(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ଶୈବପୀଠ ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ମନ୍ଦିର ପାଖ ପାପନାସିଣୀ ଝରଣାରେ ପାଣି ପୁଣି ଥରେ ରବିବାର ଅପରାହ୍ନରେ ଉଛୁଳି ପଡ଼ିବା ଦେଖାଯାଇଛି। ମନ୍ଦିର ପାଖରେ କମ ବର୍ଷା ହୋଇଥିଲେ ମଧ୍ୟ ଅପ୍ରତ୍ୟାଶିତ ଭାବରେ ଝରଣା ପାଣି ବୃଦ୍ଧି ପାଇ ଉଛୁଳି ଉଠିଥିଲା। ଯାହା ଫଳରେ କିଛି ସମୟ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସୂଚନା ଅନୁସାରେ କେହି ଝରଣାରେ ନ ଥିଲେ ଏବଂ କୌଣସି ଅଘଟଣ ଘଟି ନ ଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସୂଚନା ଅନୁସାରେ ପୂର୍ବରୁ ମଧ୍ୟ ଚଳିତବର୍ଷ ଥରେ ଶ୍ରାବଣ ମାସରେ ଏପରି ଝରଣାର ପାଣି ଉଛୁଳି ଥିଲା।

# କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ

**ଥୁଆମୂଳରାମପୁର,୭।୯ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ବାବା ଖଣ୍ଡୁଆଳ ଖେଳ ପଡିଆ ସଭାଗୃହଠାରେ ରବିବାର କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ପର୍ଯ୍ୟବେକ୍ଷକ ଶେଖ ମସ୍ତାନ ଅଲ୍ଲୀ ଯୋଗଦେଇ ଲାଞ୍ଜିଗଡ଼ ନର୍ବାଚନ ମଣ୍ଡଳୀର କଂଗେସ ସ୍ଥିତି ସମ୍ପର୍କରେ ବୁଝିବା ସହ ଆଗାମୀ ଦିନରେ ସଂଗଠନ କିଭଳି ସୁଦୃଢ଼ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଗଠନ ସୃଜନ ଅଭିଯାନ ମାଧ୍ୟମରେ ଜିଲା ତଥା ବ୍ଲକର କଂଗ୍ରେସ କର୍ମୀ, ଛାମୁଆ ନେତାଙ୍କ ମତାମତ ନେଇ ଜିଲା ସଭାପତି ଚୟନ କରାଯିବ, ଏଥିରେ କାହାରି ସୁପାରିସ ରହିବା ନାହିଁ ବୋଲି କହିଥିଲେ। ଏଥିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ ସହ ପର୍ଯ୍ୟବେକ୍ଷକ ତଥା ଜିଲା କଂଗ୍ରେସ କମିଟି ସଂଯୋଜକ ଜଳନ୍ଧର ନାଏକ, କଳାହାଣ୍ଡି ଲୋକ ସଭା ପ୍ରାର୍ଥିନୀ ଦ୍ରୌପଦୀ ମାଝୀ, ଜିଲା ଯୁବ କଂଗ୍ରେସ କମିଟି ସଭାପତି ମହମ୍ମଦ ସାହେବ, ଭବାନୀପାଟଣା ବ୍ଲକ କଂଗ୍ରେସ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ନାୟକ, ପୂର୍ବତନ ବ୍ଲକ ସଭାପତି ମନୋରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ରହି ସାଂଗଠନିକ ସ୍ଥିତି ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ପଞ୍ଚାୟତସ୍ତରୀୟ ସଭାପତି, ସମ୍ପାଦକ, ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଥୁଆମୂଳ ରାମପୁର,୭।୯(ଦୁର୍ଗା କୀର୍ତ୍ତି)**

ଆସନ୍ତା ୧୩ତାରିଖରେ ଥୁଆମୂଳ ରାମପୁରସ୍ଥିତ ଜେଏମ୍ଏଫ୍ସି କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପ୍ରକାର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ମକଦ୍ଦମାର ଆପୋସ ସମାଧାନ କରାଯିବ। ଲୋକ ଅଦାଲତରେ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ କରିବାକୁ ପଡେ ନାହିଁ। ଏ ସଂକ୍ରାନ୍ତରେ ବିଶେଷ ବିବରଣୀ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣ, କଳାହାଣ୍ଡି ଓ ତାଲୁକ ଆଇନସେବା କମିଟି ଥୁଆମୂଳ ରାମପୁର ସହ ଯୋଗାଯୋଗ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ଏବଂ ଥୁଆମୂଳ ରାମପୁର ଆଇନସେବା ପ୍ରାଧିକରଣ ତରଫରୁ ସୂଚନା ଦିଆଯାଉଛି।

# ଆଦିବାସୀ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍



**କୋକସରା,୭।୯(ଦୁଷ୍ମନ୍ତ କୁମାର ପାଟଯୋଷୀ)**

ଶନିବାର କୋକସରା ବ୍ଲକ ଅନ୍ତର୍ଗତ ରେଙ୍ଗାଲପାଲି ଗ୍ରାମ ପଞ୍ଚାୟତ ଡଙ୍ଗରିଗୁଡା ଗ୍ରାମ ଜଗନ୍ନାଥ ମନ୍ଦିର ପରିସରରେ ଆଦିବାସୀ ସଂଘ ପକ୍ଷରୁ ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଯୋଗ ଦେଇଥିଲେ। ପ୍ରଥମେ ଆଦିବାସୀଙ୍କ ଆରାଧ ଦେବୀ ମା' ବସୁନ୍ଧାରିଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ନୂଆଁଖାଇ ଜୁହାର ଭେଟ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମାଝୀ, ସ୍ଥାନୀୟ ସରପଞ୍ଚ ପଦ୍ମିନୀ ପାତ୍ର, ଡ଼ହଗାଁ ସରପଞ୍ଚ କୁଞ୍ଜଲତା ନାଏକ, ଗୋତମୁଣ୍ଡା ସମିତି ସଭ୍ୟା ଶାମୁକା ନାଏକ, କନ୍ଦାବୁଟ୍ରା ସରପଞ୍ଚ କୁରୁକ୍ଷେତ୍ର ବେହେରା, ରେଙ୍ଗାଲପାଲି ଗ୍ରାପ ସମିତି ସଭ୍ୟ ମୁକ୍ତେଶର ନାଏକ, ଜିଲା ଆଦିବାସୀ ସଂଘ ସମ୍ପାଦକ ଋତୁରାଜ ମାଝୀ, ବ୍ଲକ ଆଦିବାସୀ ସଂଘ ସମ୍ପାଦକ ତ୍ରିନାଥ ଶବର, ଜିଲା ବଞ୍ଜାରା ସମାଜର ସଭାପତି ଯଶୋବନ୍ତ ସିଂ ନାଏକ ଯୋଗଦେଇଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଦିଶାରୀ ଓ ସୁଧୀର ଧଙ୍ଗଡାମାଝୀ ମଞ୍ଚ ପରିଚାଳନା କରିଥିଲେ।

# ପୂର୍ବତନ ଡାକମାଷ୍ଟରଙ୍କ ପରଲୋକ

**ଦେଓଗାଁ,୭।୯(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝର ଗ୍ରାମର ପୂର୍ବତନ ଡାକମାଷ୍ଟର ଝସକେତନ ସାହୁ(୬୮)ଙ୍କ ଶନିବାର ପରଲୋକ ହୋଇଛି। ସେ କିଛିଦିନ ହେଲା ଅସୁସ୍ଥତା ଥିବାରୁ ବିଶାଖାପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ସାହୁ ସ୍ଥାନୀୟ ନାଟ୍ୟକଳା ପରିଷଦର ସଭାପତି ଦାୟିତ୍ୱରେ ଥିଲେ। ତାଙ୍କ ୨ପୁଅ ଶଶୀଭୂଷଣ ଓ ବୁଦ୍ଧଦେବ ଓ ଗୋଟିଏ ଝିଅ ଚନ୍ଦ୍ରକାନ୍ତୀ ଥିବା ବେଳେ ବଡପୁଅ ଶଶୀଭୂଷଣ ମୁଖାଗ୍ନି ଦେଇଥିଲେ। ରବିବାର ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ସେବାପକ୍ଷ ଉପଲକ୍ଷେ ଭାଜପାର କର୍ମଶାଳା

**ନୂଆପଡ଼ା,୭।୯(ମକାରୁ ବେମାଲ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସେବାପକ୍ଷ ପାଳନ ହେବ। ଏହି ଉପଲକ୍ଷେ ରବିବାର ଭାଜପା ଜିଲା ସଭାପତି କମଲେସ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ନୂଆପଡ଼ା ଭାଜପା ଜିଲା କାର୍ଯ୍ୟାଳୟଠାରେ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ପୂର୍ବତନ ନବରଙ୍ଗପୁର ଏମ୍‌ପି ପର୍ଶୁରାମ ମାଝି, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ପୂର୍ବତନ ଜିଲା ସଭାପତି ସୁବ୍ରତ ଠାକୁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ପ୍ରତ୍ୟେକ ଜିଲା, ବ୍ଲକ, ମଣ୍ଡଳ ଓ ଗ୍ରାମ ସ୍ତରରେ ସେବାପକ୍ଷ ପାଳନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ତୁଳସ ପଟେଲ, ପ୍ରକାଶ କଲାର, ଅତିନ୍ଦ୍ର ମଲ୍ଲିକ, ଅଜିତ ଚଲାନ, ଜ୍ଞାନ ମେଘ, ସଞ୍ଜୟ ତିୱାରୀ, ସଦାନନ୍ଦ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ଲାଞ୍ଜିଗଡ଼,୭।୯(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି କ୍ଲଷ୍ଟର କୁକେଲକୁରୁଡ଼ିସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କାନକୁଟ୍ରୁ କ୍ଲଷ୍ଟର ସିଆର୍‌ସିସି ଗୁଣମଣୀ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେର, ଏବିଇଓ ସୁଢ଼ଳ ଦେବ ମୁଣ୍ଡ ଯୋଗଦେଇଥିଲେ। ଅତିଥିମାନେ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମା'ଙ୍କ ନାମରେ ଗଛଟିଏ, ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଉପରେ ଦିଗଦର୍ଶନ ଦେଇଥିଲେ। ଆର୍‌ପି. ମହେଶ୍ୱର ନାୟକ, ମନୋଜ ଧଙ୍ଗଡ଼ମାଝୀ ପ୍ରମୁଖ ଏଫ୍‌ଏଲ୍‌ଏନ୍ ବିଷୟରେ ବୁଝାଇଥିଲେ। ଏଥିରେ ଲାଞ୍ଜିଗଡ଼ ବ୍ଲକ ଏକ୍ସକ୍ୟାଡର ଶିକ୍ଷକ ସଂଘ ସଭାପତି ପଞ୍ଚାନନ ନାଗ, ପୂର୍ବତନ ସଭାପତି ଦିଲୀପ କୁମାର ପରିଛା, ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ନେଗୀ, ମନୋଜ ଶବର, ଚକ୍ରଧର ସୁନା, ସନମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଚ ଶବ୍ଦଯୁକ୍ତ ଡିଜେ ପାଇଁ ଲୋକେ ହଇରାଣ

**ଖଡ଼ିଆଳ,୭।୯(ସୁଜିତ କୁମାର ପ୍ରଧାନ)**

ପାର୍ବଣ ଋତୁ ଚାଲିଥିବା ବେଳେ ନୂଆପଡ଼ା ଜିଲା ଖଡ଼ିଆଳ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଚାରିଆଡେ ଉଚ୍ଚ ଶବ୍ଦଯୁକ୍ତ ଡିଜେ ବାଜିବା ଆରମ୍ଭ ହୋଇଯାଇଛି। ଏହି ଶବ୍ଦ ବିଶେଷକରି ସ୍ଥାନୀୟ ଅଞ୍ଚଳରେ ରହୁଥିବା ଶିଶୁ, ବୟସ୍କ ବ୍ୟକ୍ତି, ପ୍ରସୁତି ମହିଳାମାନଙ୍କୁ ଅସହ୍ୟ ବୋଧ ହେଉଛି। ଡିଜେ ସାଉଣ୍ଡରୁ ରକ୍ଷା ପାଇବା ପାଇଁ ଘର ଭିତରେ କବାଟ ବନ୍ଦ କରି ରହିଲେ ମଧ୍ୟ କାନ ଫଟା ଶବ୍ଦରୁ ମୁକ୍ତି ମିଳୁନାହିଁ। ଏହା ଉପରେ କଟକଣା ରହୁ ନ ଥିବାରୁ ଶବ୍ଦ ପ୍ରଦୂଷଣ ବଢ଼ୁଛି ବୋଲି ଅଭିଯୋଗ ହେଉଛି। ରାତି ୧୦ଟା ପରେ ଡିଜେ ସାଉଣ୍ଡ ବାଜିବା ଓ ବାଣ ଫୁଟାଇବା ଉପରେ କଟକଣା ଥିଲେ ମଧ୍ୟ ତାହାକୁ ଅଣଦେଖା କରାଯାଉଛି। ପାର୍ବଣ ଋତୁର ପ୍ରଥମ ପାହାଚରେ ଗଣେଶ ପୂଜା ସରିଥିବା ବେଳେ ଗାଁଠାରୁ ସହର ସବୁଆଡ଼େ ଆରମ୍ଭ ହୋଇଛି ଭସାଣି କାର୍ଯ୍ୟକ୍ରମ। ସବୁ ପୂଜା କମିଟି ପକ୍ଷରୁ ଏଥିପାଇଁ ପ୍ରତିଯୋଗିତା ମୂଳକ ଭାବରେ ଉଚ୍ଚଶବ୍ଦ ସମ୍ପନ୍ନ ଡିଜେ ବ୍ୟବହାର କରାଯାଉଛି। ପୋଲିସର କଡ଼ାକଡ଼ି ଯାଞ୍ଚ ହିଁ ଇଚ୍ଛାକୃତ ଶବ୍ଦ ପ୍ରଦୂଷଣରୁ ଲୋକଙ୍କୁ ଆଶ୍ୱସ୍ତି ଦେଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।


CNR: MHLC01-002532-2021
No. 4138/2025

**OFFICE OF THE LABOUR COURT,**
New Administrative Bldg. Gr. Floor, Govt. Colony, Bandra (East), Mumbai - 400 051, Date : 22/8/2025

**IN THE 10th LABOUR COURT AT MUMBAI BEFORE SMT. J.R.RAUT, JUDGE**
**APPLICATION (ECA) No. 61/A-8/2025**

1. Shri. Rajendra Raghu Samal
2. Mrs. Bini Rajendra Samal

At : Bantha Palli Antei, Banthapalli, Ganjam, Odisha 760 002 ...Applicants

V/s

**Aalok Infra Contractor & Developers**
At: 1102, Siwah Building, Skylines Oasis, Premier Road, Ghatkopar West, Mumbai 400 086. ... Opponents

**PUBLICATION NOTICE**

Please take notice that, **Late Uma Rajendra Samal** has died on 25/09/2024 due to accident, while working with **Aalok Infra Contractor & Developers** and it is claims that the above applicants are the only legal heirs. The above mentioned applicants have filed an application in this Court to get the amount of compensation **Rs.14,20,325/- (Rs. Fourteen Lakhs Twenty Thousand Three Hundred Twenty Five Only)** deposited by Aalok Infra Contractor & Developer.

Now it is hereby informed that, if any person or persons have any objection with regard to the claim of the applicants regarding compensation amount deposited in this Court, the same be filed on **11/09/2025**. Please take note that, the objection received after the above date will not be entertained by this Court.

By Order
Sd./- I/c Secretary
Labour Court, Mumbai



**NOTICE BY JD CONSTRUCTIONS**

It is for information to all concerned that the Partnership Firm M/s **JD CONSTRUCTIONS** bearing Regd. No.-**1820202200202 / 2022** having its principal place of business at –**Office No-104, 1st Floor, Arihant Plaza, Plot No-B-15, PO/PS:- Saheed Nagar, Dist:- Khordha, City: Bhubaneswar, Odisha-751007** has been reconstituted with effect from **14/08/2025** vide reconstitution deed dated **14/08/2025** as follows:

**1. Before Reconstitution, Partners were:**
1) RONAK DUGAR (PAN: ANLPD9105H)
2) SWAYAM PRAKASH JENA (PAN: AJIPJ6037H)

**2. Incoming Partner:**
1) TWO7 ADDRESS MAKERS PRIVATE LIMITED
(Represent by it's Director, SWAYAM PRAKASH JENA)
(CIN: U41000OD2024PTC047197, PAN: AALCT3640B)

**3. Outgoing Partner:**
1) SWAYAM PRAKASH JENA (PAN: AJIPJ6037H)

**4. After Reconstitution, Partners are:**
1) RONAK DUGAR (PAN: ANLPD9105H)
2) TWO7 ADDRESS MAKERS PRIVATE LIMITED
(Represent by it's Director, SWAYAM PRAKASH JENA)
(CIN: U41000OD2024PTC047197, PAN: AALCT3640B)



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, CUTTACK**
No.O-644
e-mail : serw_ctc@yahoo.com

No. Tender Online RWC-17/2025 — **e-Procurement NOTICE** — Letter No. 2949 Date : 22.08.2025

1. **Name of the work** : Construction of **Building and Road** works.
2. **Class of contractor**
   c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-7 of the Annexure**.
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-17/25 | 08.09.2025 at 11.30 A.M. | 23.09.2025 up to 05.00 P.M. | 23.09.2025 up to 02.00 P.M. | 24.09.2025 at 11.30 A.M. | Will be intimated later |

Further details can be seen from the website **www.tendersodisha.gov.in**

OIPR-25097/11/0029/2526
Sd./- Chief Construction Engineer
Rural Works Circle, Cuttack



**Government of Odisha, "e"-Procurement Notice**
**WORKS DEPARTMENT**
**Bid Identification No. CCEKC-09/2025-26**
e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
No.B-445 Letter No. 4213 dt. 22.08.2025

1. No. of the work : 2 number of Building Works and 3 number of Road Works
2. Eastimated cost : Rs.114.43 Lakhs to Rs.765.85 Lakhs
3. Class of contractor : "B", "A" & "Special" Class
4. Period of completion : 03 (Three) Calendar Months to 09 (Nine) Calendar Months
5. Date and Time of availability of bid document in the portal : From 11.00 Hours of 09.09.2025 to 16.00 Hours of 23.09.2025
6. Last date / Time for receipt of bids in the portal : 16.00 Hours of 23.09.2025
7. Date of opening of bid from portal : 11.30 Hours on 24.09.2025
8. Name and address of the officer inviting bid : Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "**http://tendersodisha.gov.in**"

OIPR-34033/11/0089/2526
Sd./- Chief Construction Engineer
Keonjhar (R&B) Circle, Keonjhar



GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**BOLANGIR (R&B) DIVISION, BOLANGIR**
Mail ID: eepwd.bgr@rediffmail.com, eepwd.bgr@gmail.com,
Ph.No.- 06652-232374
BID IDENTIFICATION No.: BGR R&B / 15/ 2025-26
No.B-491 No.5724/ Dtd.26.08.2025

| | | | |
|---|---|---|---|
| 1 | The Superintending Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single cover system in ONLINE MODE for construction of building work and road work detailed in the table below from eligible contractors. | | |
| 2 | Nature of work | : | Building work and road work |
| 3 | No. of tender | : | 2 Nos. Building work and 6 Nos. Road work |
| 4 | Tender cost | : | Rs.600/-, Rs.4000/- and Rs.6000/- (Tender paper cost) |
| 5 | Class of contractor | : | 'D', 'C' and 'B' class contractor (Registered in CDMS) |
| 6 | Date & time of sale & receipt of bids | : | From Dt.09.09.2025, 11.00 A.M. Dt.15.09.2025 upto 5.00 P.M. |
| 7 | Date of opening bid | : | Dt.16.09.2025 at 11.30 A.M. |
| 8 | The bidders have to participate in ONLINE bidding only. Further details can be seen from the website: http://tendersodisha.gov.in | | |

Sd./- Superintending Engineer, Bolangir (R&B) Division
OIPR-34028/11/0036/2526



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.-୪, ଭୁବନେଶ୍ୱର
**Office of the Superintending Engineer, Bhubaneswar (R&B) Division No.IV, Nirman Soudha, Unit-V, Bhubaneswar**
E-mail ID : eernb4bbsr@gmail.com, Tel - (0674) - 2390245
**INVITATIONS FOR BIDS THROUGH e-Procurement**
**No.8275 Date - 30.08.2025**
**Bid Identification No. - C.C. (R&B) - 04**
No.B-474 **e-Procurement Notice No. 16 of 2025-26**

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No. of Works | 1 No. Road Work |
| 3 | Estimated Cost | Rs. 80,88,291.00 (As per Tender Call Notice) |
| 4 | Class of Contractor | B Class (As per Tender Call Notice) |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.09.09.2025 to Dt.24.09.2025 up to 17.30 hours |
| 8 | Last Date & Time for Receipt of bids in the Portal | Dt.24.09.2025 at 17.30 hours |
| 9 | Opening of Bid through online | Dt.25.09.2025 at 11.30 hours |
| 10 | Name & Adderss of the Officer inviting Bid | Er. Sundara Madhaba Padhi, Additional Chief Engineer, Bhubaneswar (R&B) Division No.IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
**N.B : Subsequent corrigendum / addendum if required shall be available in the website as indicated above.**

OIPR-34090/11/0023/2526
Sd./- Additional Chief Engineer
BBSR (R&B) Division No.IV, BBSR

# ଏଚ୍ଆର୍ଏରୁ ବଞ୍ଚିତ ବରିଷ୍ଠ ରେସିଡେଣ୍ଟ ଡାକ୍ତର

## ଏସ୍‌ସିବି, ଏମ୍‌କେସିଜିରେ ପ୍ରଦାନ, ଭିମ୍ସାରରେ ବ୍ୟତିକ୍ରମ

## ଯଥାଶୀଘ୍ର ସମସ୍ୟା ସମାଧାନ ପାଇଁ ଡିଏମ୍ଇଟିଙ୍କ ପ୍ରତିଶ୍ରୁତି: ଡିନ୍

ସମ୍ବଲପୁର,୭।୯ (ପ୍ରମୋଦ ବହିଦାର)

ଓଡ଼ିଶାର ୩ ପ୍ରମୁଖ ଓ ସର୍ବପୁରାତନ ସରକାରୀ ସ୍ୱାସ୍ଥ୍ୟ ଚିକିତ୍ସା ଓ ଶିକ୍ଷାନୁଷ୍ଠାନ(ମେଡିକାଲ କଲେଜ) ରହିଛି। ସେଗୁଡିକ ହେଲା କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ(ଏସ୍‌ସିବି ମେଡିକାଲ କଲେଜ), ବ୍ରହ୍ମପୁରର ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଏବଂ ସମ୍ବଲପୁର ବୁର୍ଲାର ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ(ଭିମ୍ସାର)। ଭତ୍ତା ପ୍ରଦାନ ବିଶେଷକରି ଘରଭଡ଼ା ଭତ୍ତା(ଏଚ୍ଆର୍ଏ) ପ୍ରଦାନ କ୍ଷେତ୍ରରେ ଏସ୍‌ସିବି ଓ ଏମ୍‌କେସିଜି ତୁଳନାରେ ଭିମ୍ସାର୍‌ରେ କାର୍ଯ୍ୟରତ ବରିଷ୍ଠ ରେସିଡେଣ୍ଟ ଡାକ୍ତର ପାତରଅନ୍ତରର ଶିକାର ହୋଇଥିବା ଖବର ସାମ୍ନାକୁ ଆସିଛି। ଛାତ୍ରାବାସରେ ରହି ଏସ୍‌ସିବି ଓ ଏମ୍‌କେସିଜିରେ କାର୍ଯ୍ୟରତ ବରିଷ୍ଠ ରେସିଡେଣ୍ଟ ଡାକ୍ତରଙ୍କୁ ଘରଭଡ଼ା ଭତ୍ତା ପ୍ରଦାନ କରାଯାଉଛି। ମାତ୍ର ଭିମ୍ସାରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଭିମ୍ସାର୍‌ରେ କାର୍ଯ୍ୟରତ ବରିଷ୍ଠ ରେସିଡେଣ୍ଟ ଡାକ୍ତରଙ୍କୁ ଘରଭଡ଼ା ଭତ୍ତା ମିଳୁନାହିଁ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ମେଡିକାଲ କଲେଜରେ କାର୍ଯ୍ୟରତ ସମସ୍ତ ବରିଷ୍ଠ ରେସିଡେଣ୍ଟ ଡାକ୍ତରଙ୍କୁ ଘରଭଡ଼ା ଭତ୍ତା ସହିତ ଅନ୍ୟାନ୍ୟ ସମସ୍ତ ଭତ୍ତା ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଛି। ୨୦୨୧ରେ ତତ୍କାଳୀନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ ରାଜ୍ୟର ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ(ଡିଏମ୍ଇଟି)ଙ୍କ ଉଦ୍ଦେଶ୍ୟରେ ପତ୍ରସଂଖ୍ୟା ୧୬୨୬୧ରେ ଏହି ନିର୍ଦ୍ଦେଶନାମା ଜାରି କରିଥିଲେ। ଉକ୍ତ ନିର୍ଦ୍ଦେଶନାମା ଅନୁସାରେ ଏସ୍‌ସିବି ମେଡିକାଲ କଲେଜ, ଏମ୍‌କେସିଜି ମେଡିକାଲ କଲେଜର ଡିନ୍ ଓ ଅଧ୍ୟକ୍ଷଙ୍କୁ ୨୦୨୪ରେ ଡିଏମ୍ଇଟି ତାଙ୍କ ପତ୍ରସଂଖ୍ୟା ୬୬୪୦ରେ ଉଭୟ ମେଡିକାଲ କଲେଜରେ କାର୍ଯ୍ୟରତ ସମସ୍ତ ବରିଷ୍ଠ ରେସିଡେଣ୍ଟ ଡାକ୍ତରଙ୍କୁ ସରକାରୀ ଅନୁମୋଦିତ ଏଚ୍ଆର୍ଏ ପ୍ରଦାନ ପାଇଁ ପରାମର୍ଶ ଦେଇଛନ୍ତି। ଏପରି କି ସେମାନେ ମେଡିକାଲ କଲେଜ ଛାତ୍ରାବାସରେ ରହୁଥିଲେ ହେଁ ତାଙ୍କୁ ଏଚ୍ଆର୍ଏ ପ୍ରଦାନ ପାଇଁ ଏଥିରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ମାତ୍ର ଏଭଳି କୌଣସି ପତ୍ର ଭିମ୍ସାର ଡିନ୍ ଓ ଅଧ୍ୟକ୍ଷଙ୍କ ନିକଟକୁ ଆସି ନ ଥିବାରୁ ଏଠାରେ କାର୍ଯ୍ୟରତ ପାଖାପାଖି ୧୦୦ ଜଣ ବରିଷ୍ଠ ରେସିଡେଣ୍ଟ ଭତ୍ତାରୁ ବଞ୍ଚିତ ଛାତ୍ରାବାସରେ ରହି ଭିମ୍ସାରରେ କାର୍ଯ୍ୟରତ ବରିଷ୍ଠ ରେସିଡେଣ୍ଟ ଡାକ୍ତରଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଭିମ୍ସାର କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ଭିମ୍ସାର ଡିନ୍ ଓ ଅଧ୍ୟକ୍ଷ ଡା. ପ୍ରଦୀପ କୁମାର ମହାନ୍ତି କହିଛନ୍ତି, ଏ ସମ୍ପର୍କରେ ଡିଏମ୍ଇଟିଙ୍କ ପରାମର୍ଶ ଲୋଡ଼ାଯାଇଛି। ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ସାମାନ୍ୟ ଜଟିଳତା ରହିଛି। ଏହାକୁ ନେଇ ଗତବର୍ଷ ପତ୍ର ମାଧ୍ୟମରେ ଡିଏମ୍ଇଟିଙ୍କୁ ସ୍ପଷ୍ଟୀକରଣ ମଗାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ଡିଏମ୍ଇଟିଙ୍କ ସ୍ପଷ୍ଟୀକରଣ ବା ପରାମର୍ଶ ଭିମ୍ସାର କର୍ତ୍ତୃପକ୍ଷଙ୍କ ହସ୍ତଗତ ହୋଇନାହିଁ। ତେଣୁ ବିଭିନ୍ନ ସମୟରେ ଏହାକୁ ନେଇ ହ୍ୱାଟ୍ସଆପ ମେସେଜ ଜରିଆରେ ତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି। ନିକଟରେ ଏହାକୁ ନେଇ ତାଙ୍କ ସହିତ ଫୋନ୍‌ରେ ବାର୍ତ୍ତାଳାପ ହୋଇଛି। ଏସମ୍ପର୍କିତ ନିର୍ଦ୍ଦେଶନାମାର ଉପଯୁକ୍ତ ତର୍ଜମା କରି ବରିଷ୍ଠ ରେସିଡେଣ୍ଟ ଡାକ୍ତରମାନଙ୍କୁ ଏଚ୍ଆର୍ଏ ପ୍ରଦାନ ଜନିତ ସମସ୍ୟାର ସମାଧାନ ପାଇଁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ଡିଏମ୍ଇଟି ପ୍ରତିଶ୍ରୁତି ଦେଇଥିବା ମହାନ୍ତି କହିଛନ୍ତି।



ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନ।

ଡାକ୍ତର ଏଚ୍ଆର୍ଏରୁ ବଞ୍ଚିତ ଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ ସମ୍ପର୍କରେ କଟକ ଏବଂ ବ୍ରହ୍ମପୁର ମେଡିକାଲ କଲେଜ ଅଧ୍ୟକ୍ଷ ଓ ଡିନ୍‌ଙ୍କ ପକ୍ଷରୁ ପତ୍ର ମାଧ୍ୟମରେ ଡିଏମ୍ଇଟିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଯାହାର ଜବାବରେ ଡିଏମ୍ଇଟି ଉଭୟ ମେଡିକାଲ କଲେଜର ଡିନ୍ ଓ ଅଧ୍ୟକ୍ଷଙ୍କୁ ପତ୍ରଲେଖି କାର୍ଯ୍ୟରତ ସମସ୍ତ ବରିଷ୍ଠ ରେସିଡେଣ୍ଟ ଡାକ୍ତରଙ୍କୁ ଏଚ୍ଆର୍ଏ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ଏଭଳି

# ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ୧୦ଜଣଙ୍କୁ ଆର୍ଥିକ ସହାୟତା

## ଡାକ୍ତର ରାସେଶ୍ୱର ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ବୈଠକ


ଶାନ୍ତି ନଗରସ୍ଥିତ କାର୍ଯ୍ୟାଳୟରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ବୈଠକରେ ସଭ୍ୟ ଓ ହିତାଧିକାରୀ।

ସମ୍ବଲପୁର,୭।୯ (ବି.ଶଙ୍କର)

ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ବୈଠକ ଶାନ୍ତି ନଗର ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୦ଜଣଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ୧ଲକ୍ଷ ୨୩ହଜାର ୯୮୫ଟଙ୍କା ଆର୍ଥିକ ସହାୟତା ଦିଆଯାଇଛି। ଟ୍ରଷ୍ଟ ସଂସ୍ଥାପିକା ଡା.ପାଣିଗ୍ରାହୀଙ୍କ ଉପସ୍ଥିତି ଏବଂ ବରିଷ୍ଠ ସଭ୍ୟା ଡ.ନିରୁପମା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶନିବାର ରାତିରେ ହୋଇଥିବା ବୈଠକରେ ଉପରୋକ୍ତ ସହାୟତାକୁ ମଞ୍ଜୁରୀ ଦିଆଯାଇଛି । ଉପରୋକ୍ତ ହିତାଧିକାରୀଙ୍କ ମଧ୍ୟରୁ ୩ ଜଣଙ୍କୁ ଚଳିତ ଶିକ୍ଷା ବର୍ଷରେ ମାସିକ ସହାୟତା ଦିଆଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି । ଟ୍ରଷ୍ଟ ସମ୍ପାଦକ ସୁଧିର ପୂଜାରୀଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଚିକିତ୍ସା ପାଇଁ ୪ ଜଣଙ୍କୁ ୪୫ ହଜାର ଟଙ୍କା ଏବଂ ପାଠପଢା ପାଇଁ ୬ ଜଣଙ୍କୁ ୭୮ ହଜାର ୯୮୫ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଆଲୋଚନାରେ କୋଷାଧ୍ୟକ୍ଷ ସ୍ୱରୂପ ପୁରୋହିତ, ଦେବାଶିଷ ନନ୍ଦ, ବିପିନ ପଣ୍ଡା ଓ ଶିବ ନନ୍ଦ ଭାଗ ନେଇଥିବାବେଳେ ସ୍ୱତନ୍ତ୍ର ନିମନ୍ତ୍ରିତ ଭାବେ ଅବସରପ୍ରାପ୍ତ ଆଇପିଏସ ସଞ୍ଜୀବ ପାଢୀଯୋଷୀ ଉପସ୍ଥିତ ଥିଲେ।

# ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରତିଯୋଗିତା

ସମ୍ବଲପୁର,୭।୯ (ବି.ଶଙ୍କର)

ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରତିଯୋଗିତା ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍ୟୁ) ପରିସରସ୍ଥ ଆର୍ଟ ଗ୍ୟାଲେରୀଠାରେ ରବିବାର ସନ୍ଧ୍ୟା ୫ଟାରେ ସମ୍ପନ୍ନ ହୋଇଛି। ଜିଏମ୍ୟୁ ଆର୍ଟ, କ୍ରାଫ୍ଟ ଓ ଡିଜାଇନ ପାଠ୍ୟକ୍ରମର କୋଅର୍ଡିନେଟର ସିନିଆ ଟିଗା ଓ ପ୍ରଶିକ୍ଷିକା ତଥା ବରିଷ୍ଠ ଚିତ୍ରଶିଳ୍ପୀ ବନ୍ଦନା ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର, ବରଗଡ ଓ ଭୁବନେଶ୍ୱରରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଚିତ୍ରକଳା ବର୍ଗରେ ସମଲେଶ୍ୱରୀ ଓ ନୂଆଁଖାଇ ବିଷୟରେ ଚିତ୍ରଶିଳ୍ପୀମାନେ ଚିତ୍ର ଅଙ୍କନ କରିଥିଲେ। ସେହିପରି କ୍ରାଫ୍ଟବର୍ଗରେ ମଧ୍ୟ ଚିତ୍ରଶିଳ୍ପୀମାନେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ବିଶେଷତଃ କେତେକ ଚିତ୍ରଶିଳ୍ପୀମାନେ କାଚ ଉପରେ ସପ୍ତରଙ୍ଗର ମିଶ୍ରଣ ଓ ସୂକ୍ଷ୍ମ ତୂଳୀର ସ୍ପର୍ଶରେ ଆକର୍ଷଣୀୟ ଚିତ୍ର ଆଙ୍କିଥିବା ଦେଖିବାକୁ ମିଳିଥିଲା। ସେହିପରି ପଶ୍ଚିମଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇର ବିଭିନ୍ନ କାର୍ଯ୍ୟକୁ ନେଇ କାନଭାସ ଜୀବନ୍ତ ହୋଇଥିଲା। ପ୍ରତିଯୋଗିତା ପରିଚାଳନାରେ ଚିତ୍ରଶିଳ୍ପୀ ସମୀର ମହାରଣା, ସାଂସ୍କୃତିକା ପୁରୋହିତ, ମେଘା ଯାଦବ, ଆର୍ଯ୍ୟନ ଶର୍ମା, ଅନୁଭା ମୁଣ୍ଡା, ଅଙ୍କିତା ଜାଲ, ପାୟଲ ଶର୍ମା, ଦିପ୍ତି ରଣା ଓ ରେବତୀବାଳା ସାହୁ ସହାୟତା କରିଥିଲେ ।


ଜିଏମ୍ୟୁ ପରିସରସ୍ଥ ଆର୍ଟ ଗ୍ୟାଲେରିଠାରେ ରବିବାର ଆୟୋଜିତ ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରତିଯୋଗିତାର ପ୍ରତିଯୋଗୀମାନେ।

# ସଙ୍ଗଠନ ସୃଜନ ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୭।୯ (ପ୍ରମୋଦ ବହିଦାର)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଙ୍ଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ସମସ୍ତ ୩୫ଟି କଂଗ୍ରେସ ସାଂଗଠନିକ ଜିଲା ପାଇଁ ସଭାପତି ଚୟନ କରାଯାଉଛି। ଏହି ମର୍ମରେ ସମ୍ବଲପୁର ଜିଲାରେ ଆସନ୍ତା ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି 'ସଂଗଠନ ସୃଜନ ଅଭିଯାନ' ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଗଠନ ସୃଜନ ଅଭିଯାନକୁ ସଫଳ ମଣ୍ଡିତ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଏଆଇସିସି ସମ୍ପାଦକ ଆସଫ ଅଲ୍ଲୀ ଖାଁ, ପିସିସି ସଭ୍ୟ ଚନ୍ଦ୍ରକାନ୍ତ ପୁରୋହିତ, ପିସିସି ସଭ୍ୟା ସୁରଞ୍ଜିନି ବାରିକ, ଇଂ. ଦିଲୀପ ଦୁରିଆ, କେଦାର ବରିହା, ଗୋବିନ୍ଦ ମିଶ୍ର, ସୂତପା ମିତ୍ର, କବିତା ପଟ୍ଟନାୟକ, ବିନୋଦିନୀ ଦୀପ, ଡଲି ଅହମଦ ବାବୁ ଖାନ, ରବି ରାଉତ, ଜିତେନ୍ ମହାନନ୍ଦ, ଅଶୋକ ସୋନି, ବନମାଳୀ ସତନାମୀ, ଲାଲ ମୋହନ ଷାଠିଆ, କୃଷ୍ଣଚନ୍ଦ୍ର ସୁନାର, ଖୋକା ମିତ୍ର, ପ୍ରକାଶ ଶତପଥୀ, ଲକ୍ଷ୍ମୀ ନାରାୟଣ ପ୍ରଧାନ, ଡ. ସନ୍ତୋଷ କାନୁନଗୋ, ଓବିସି ଜିଲା ସଭାପତି ଶିବବ୍ରତ ପ୍ରଧାନ, ବଣ୍ଟି ଖାନ, ତାପସ କୁମାର, ଦଶରଥ ଦାସ, ବିରଞ୍ଚି ମହାପାତ୍ର, କାଲୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁନାନକ ପବ୍ଲିକ ସ୍କୁଲ ବିଜୟୀ

## ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃସ୍କୁଲ ଫୁଟ୍‌ବଲ

ସମ୍ବଲପୁର,୭।୯ (ପ୍ରମୋଦ ବହିଦାର)

ସମ୍ବଲପୁର କାଇଁଶିର ନିକଟସ୍ଥ ସିଂହପାଲି ଖେଳ ପଡ଼ିଆରେ ଅନୁଷ୍ଠିତ ୨୬ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତ-୨୫ର ପ୍ରାରମ୍ଭିକ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଗୁରୁନାନକ ପବ୍ଲିକ ସ୍କୁଲ୍ ବିଜୟୀ ହୋଇଛି। ସମ୍ବଲପୁର ବର୍ଷଆନ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ରବିବାର ଅନୁଷ୍ଠିତ ମ୍ୟାଚରେ ଗୁରୁ ନାନକ ପବ୍ଲିକ ସ୍କୁଲ ୭-୦ ଗୋଲରେ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲକୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଦଳ ପକ୍ଷରୁ ମେହେମୁଦ ରାଜା, ରିସଭ କୁମାର, ଶେଖ ଅଜାନ ଓ ଶିମିଆନ୍ ରାଉତ ଗୋଲ ସ୍କୋର କରିଥିଲେ। ରେଫରୀ ଭାବେ ଲକ୍ଷ୍ମଣ ନାଥ, ମନୋଜ ଭୋଇ, ମଖୁରା ଓରାମ, ଜିତେନ୍ଦ୍ର ଓରାମ ମ୍ୟାଚ ପରିଚାଳନା କରିଥିଲେ। ଅତିଥିଭାବେ ଅକ୍ଷୟ କୁମାର ପ୍ରଧାନ, ବିଦ୍ୟାଧର ପ୍ରଧାନ, ନାରାୟଣ ପଣ୍ଡା, ପ୍ରଦୀପ କୁମାର ନାଥ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ସୋମବାର ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲ ଓ ବୁର୍ଲା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ସେଣ୍ଟ ଜୋସେଫ୍ କନ୍‌ଭେଣ୍ଟ ସ୍କୁଲ ଓ ଧନକଉଡ଼ା ଉଚ୍ଚ ବିଦ୍ୟାଳୟ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପରଲୋକ

କୁଚିଣ୍ଡା, ୭।୯ (ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଏନଏସି ୱାର୍ଡ ନଂ.୨ ବାସିନ୍ଦା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଯାମିନୀକାନ୍ତ ଶର୍ମାଙ୍କ ରବିବାର ସନ୍ଧ୍ୟାରେ ୯୨ବର୍ଷ ବୟସରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ୧୯୯୪ରେ କୁଚିଣ୍ଡା ଷ୍ଟେଟ ବ୍ୟାଙ୍କ କର୍ମଚାରୀ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କର ୨ପୁଅ ଓ ୪ଝିଅ। ସୋମବାର ସକାଳେ ଖର୍ଲା ନଦୀ ଝୁଲେନ ପୋଲ ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ପ୍ରକାଶ।

# ଭାରତୀୟ ସଂସ୍କୃତିରେ ଗୋସେବାର ମହତ୍ତ୍ୱ ରହିଛି

ସମ୍ବଲପୁର,୭।୯ (ଭବାନୀ ଶଙ୍କର ଭୋଇ)

ଆର୍ଥ କିପର୍ସ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସମ୍ବଲପୁରରେ ରବିବାର ଗୋସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଦସ୍ୟମାନେ ଗୋରୁଙ୍କୁ ଚୁଡ଼ା, ଗୁଡ଼ ଓ କଦଳୀ ଖୁଆଇଥିଲେ। ଭାରତୀୟ ସଂସ୍କୃତିରେ ଗୋସେବାର ମହତ୍ତ୍ୱ ରହିଥିବା ବେଳେ ସହରରେ ଗୋରୁମାନେ ରାସ୍ତାଘାଟରେ ପଡି ରହୁଛନ୍ତି। ସେଥିପାଇଁ ଯୁବକମାନଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱ ସହ ଗୋସେବା ନେଇ ସଚେତନତା ଓ ସମ୍ବେଦନଶୀଳତା ବୃଦ୍ଧି କରିବାକୁ ଏଭଳି ପ୍ରୟାସ କରାଯାଇଥିଲା। ପଶୁ ସେବା ମାନବତାର ମୂଳ ଅଙ୍ଗ। ତେଣୁ ପଶୁଙ୍କ ପ୍ରତି ଦୟା ଭାବ ପୋଷଣ କରିବାକୁ ଆହ୍ୱାନ କରାଯାଇଥିଲା। ନିୟମିତ ଗୋସେବା କରବାକୁ ଏହି ଅବସରରେ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାହୁଲ ଗୁପ୍ତା, ବିକାଶ ସ୍ୱାଇଁ, ବିଶ୍ୱଜିତ ବାରିକ, ଅଭିନାଶ ରାଉତ, ରାଜା ଦାସ, ଓମ ଦାସ, ବିଶ୍ୱନାଥ ରୋହିଦାସ, ଚିନ୍ମୟ ମହାନ୍ତି, ମହେନ୍ଦ୍ର ବର୍ଗର୍ତ୍ତୀ, ଜାଗେଶ୍ୱର୍ ବେହେରା ପ୍ରମୁଖ ଯୋଗ ଦେଇଥିଲେ।


ସହରର ଯୁବକମାନେ ଗୋରୁଙ୍କୁ ଖାଇବାକୁ ଦେଉଛନ୍ତି।


CNR: MHLC01-002532-2021
No. 4138/2025

**OFFICE OF THE LABOUR COURT,**
New Administrative Bldg. Gr. Floor, Govt. Colony, Bandra (East), Mumbai - 400 051, Date : 22/8/2025

**IN THE 10th LABOUR COURT AT MUMBAI BEFORE SMT. J.R.RAUT, JUDGE**
**APPLICATION (ECA) No. 61/A-8/2025**

1. Shri. Rajendra Raghu Samal
2. Mrs. Bini Rajendra Samal
At : Bantha Palli Antei, Banthapalli, Ganjam, Odisha 760 002 ...Applicants
V/s
Aalok Infra Contractor & Developers
At: 1102, Siwah Building, Skylines Oasis, Premier Road, Ghatkopar West, Mumbai 400 086. ... Opponents

PUBLICATION NOTICE

Please take notice that, Late Uma Rajendra Samal has died on 25/09/2024 due to accident, while working with Aalok Infra Contractor & Developers and it is claims that the above applicants are the only legal heirs. The above mentioned applicants have filed an application in this Court to get the amount of compensation Rs.14,20,325/- (Rs. Fourteen Lakhs Twenty Thousand Three Hundred Twenty Five Only) deposited by Aalok Infra Contractor & Developer.

Now it is hereby informed that, if any person or persons have any objection with regard to the claim of the applicants regarding compensation amount deposited in this Court, the same be filed on 11/09/2025. Please take note that, the objection received after the above date will not be entertained by this Court.

By Order
Sd./- I/c Secretary
Labour Court, Mumbai



Government of Odisha, "e"-Procurement Notice

**WORKS DEPARTMENT**

Bid Identification No. CCEKC-09/2025-26

e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com

No.B-445 Letter No. 4213 dt. 22.08.2025

1. No. of the work : 2 number of Building Works and 3 number of Road Works
2. Eastimated cost : Rs.114.43 Lakhs to Rs.765.85 Lakhs
3. Class of contractor : "B", "A" & "Special" Class
4. Period of completion : 03 (Three) Calendar Months to 09 (Nine) Calendar Months
5. Date and Time of availability of bid document in the portal : From 11.00 Hours of 09.09.2025 to 16.00 Hours of 23.09.2025
6. Last date / Time for receipt of bids in the portal : 16.00 Hours of 23.09.2025
7. Date of opening of bid from portal : 11.30 Hours on 24.09.2025
8. Name and address of the officer inviting bid : Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"

Sd./- Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0089/2526



GOVERNMENT OF ODISHA
OFFICE OF THE SUPERINTENDING ENGINEER
BOLANGIR (R&B) DIVISION, BOLANGIR
Mail ID: eepwd.bgr@rediffmail.com, eepwd.bgr@gmail.com,
Ph.No.- 06652-232374
BID IDENTIFICATION No.: BGR R&B / 15/ 2025-26
No.B-491 No.5724/ Dtd.26.08.2025

| | | | |
|---|---|---|---|
| 1 | The Superintending Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single cover system in ONLINE MODE for construction of building work and road work detailed in the table below from eligible contractors. | | |
| 2 | Nature of work | : | Building work and road work |
| 3 | No. of tender | : | 2 Nos. Building work and 6 Nos. Road work |
| 4 | Tender cost | : | Rs.600/-, Rs.4000/- and Rs.6000/- (Tender paper cost) |
| 5 | Class of contractor | : | 'D', 'C' and 'B' class contractor (Registered in CDMS) |
| 6 | Date & time of sale & receipt of bids | : | From Dt.09.09.2025, 11.00 A.M. Dt.15.09.2025 upto 5.00 P.M. |
| 7 | Date of opening bid | : | Dt.16.09.2025 at 11.30 A.M. |
| 8 | The bidders have to participate in ONLINE bidding only. Further details can be seen from the website: http://tendersodisha.gov.in | | |

Sd./- Superintending Engineer, Bolangir (R&B) Division
OIPR-34028/11/0036/2526



**NOTICE BY JD CONSTRUCTIONS**

It is for information to all concerned that the Partnership Firm M/s JD CONSTRUCTIONS bearing Regd. No.-1820202200202 / 2022 having its principal place of business at –Office No-104, 1st Floor, Arihant Plaza, Plot No-B-15, PO/PS:- Saheed Nagar, Dist:- Khordha, City: Bhubaneswar, Odisha-751007 has been reconstituted with effect from 14/08/2025 vide reconstitution deed dated 14/08/2025 as follows:

1. Before Reconstitution, Partners were:
1) RONAK DUGAR (PAN: ANLPD9105H)
2) SWAYAM PRAKASH JENA (PAN: AJIPJ6037H)

2. Incoming Partner:
1) TWO7 ADDRESS MAKERS PRIVATE LIMITED (Represent by it's Director, SWAYAM PRAKASH JENA) (CIN: U41000OD2024PTC047197, PAN: AALCT3640B)

3. Outgoing Partner:
1) SWAYAM PRAKASH JENA (PAN: AJIPJ6037H)

4. After Reconstitution, Partners are:
1) RONAK DUGAR (PAN: ANLPD9105H)
2) TWO7 ADDRESS MAKERS PRIVATE LIMITED (Represent by it's Director, SWAYAM PRAKASH JENA) (CIN: U41000OD2024PTC047197, PAN: AALCT3640B)



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, CUTTACK
No.O-644
e-mail : serw_ctc@yahoo.com

No. Tender Online RWC-17/2025 **e-Procurement NOTICE** Letter No. 2949 Date : 22.08.2025

1. Name of the work : Construction of Building and Road works.
2. Class of contractor
c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for Completion : As specified in the Column-7 of the Annexure.
4. Detail Projects : As per Annexure attached
5. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-17/25 | 08.09.2025 at 11.30 A.M. | 23.09.2025 up to 05.00 P.M. | 23.09.2025 up to 02.00 P.M. | 24.09.2025 at 11.30 A.M. | Will be intimated later |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Cuttack

OIPR-25097/11/0029/2526



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.-୪, ଭୁବନେଶ୍ୱର
Office of the Superintending Engineer,
Bhubaneswar (R&B) Division No.IV, Nirman Soudha, Unit-V, Bhubaneswar
E-mail ID : eernb4bbsr@gmail.com, Tel - (0674) - 2390245

INVITATIONS FOR BIDS THROUGH e-Procurement
No.8275 Date - 30.08.2025
Bid Identification No. - C.C. (R&B) - 04
No.B-474 e-Procurement Notice No. 16 of 2025-26

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No. of Works | 1 No. Road Work |
| 3 | Estimated Cost | Rs. 80,88,291.00 (As per Tender Call Notice) |
| 4 | Class of Contractor | B Class (As per Tender Call Notice) |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.09.09.2025 to Dt.24.09.2025 up to 17.30 hours |
| 8 | Last Date & Time for Receipt of bids in the Portal | Dt.24.09.2025 at 17.30 hours |
| 9 | Opening of Bid through online | Dt.25.09.2025 at 11.30 hours |
| 10 | Name & Adderss of the Officer inviting Bid | Er. Sundara Madhaba Padhi, Additional Chief Engineer, Bhubaneswar (R&B) Division No.IV, Bhubaneswar |

Further details can be seen from the e-procurement portal https://tendersorissa.gov.in.

The Tender Inviting Authority reserves the right to reject / cancel / modify the tender at any time without assigning any reason thereof.

**N.B : Subsequent corrigendum / addendum if required shall be available in the website as indicated above.**

Sd./- Additional Chief Engineer
BBSR (R&B) Division No.IV, BBSR

OIPR-34090/11/0023/2526

# 'ଶ୍ରମିକଙ୍କୁ ନୁହେଁ, ଶୋଷକଙ୍କୁ ଅଟକାଅ'

**କଣ୍ଟାବାଞ୍ଜି, ୭।୯ (ଗୁରୁଦୟାଲ ହଂସ)**



ଦାଦନ ଶ୍ରମିକ ଅଧିକାର ସମ୍ପର୍କିତ ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ ଆୟୋଜକ।

## ଜଳ, ଜମି, ଜଙ୍ଗଲ ଓ ଦାଦନ ଶ୍ରମିକ ଅଧିକାର ସମ୍ପର୍କିତ ସମ୍ମିଳନୀ

ଦୀର୍ଘ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏ ଅଞ୍ଚଳର ଲକ୍ଷାଧିକ ଶ୍ରମିକଙ୍କୁ ରାଜ୍ୟ ଭିତରେ ସମ୍ମାନଜନକ କର୍ମନିଯୁକ୍ତି, ଉଚିତ୍ ମଜୁରି ଏବଂ ସେମାନଙ୍କ ଜୀବନ ଜୀବିକା ସୁନିଶ୍ଚିତ କରାଯାଇପାରିନାହିଁ। ପେଟପାଟଣା ପାଇଁ ଯେଉଁ ଶ୍ରମିକମାନେ ରାଜ୍ୟ ବାହାରକୁ ଯାଉଛନ୍ତି ସେମାନଙ୍କ ପଞ୍ଜୀକରଣ, ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ଓ ନ୍ୟାୟିକ ଅଧିକାର ସୁନିଶ୍ଚିତ କରାଯାଇପାରିନାହିଁ। ଏପରିସ୍ଥଳେ ସରକାର ଦାଦନ ଶ୍ରମିକ ସମସ୍ୟାର ଠୋସ୍ ସମାଧାନ କରିବା ପରିବର୍ତ୍ତେ ଜୋରଜବରଦସ୍ତି ଦାଦନ ଶ୍ରମିକଙ୍କୁ ଅଟକାଇବା ଯୋଜନା କରୁଛନ୍ତି। ଗୋଟିଏ ପଟେ ଦାଦନ ଶ୍ରମିକଙ୍କୁ ଜୀବନ ଜୀବିକା, ସୁରକ୍ଷା ଯୋଗାଇ ପାରୁ ନ ଥିବା ସରକାର କିନ୍ତୁ ଏହି ଅଞ୍ଚଳର ଜଳ, ଜମି, ଜଙ୍ଗଲ, ମାନବ ସମ୍ବଳ ଏବଂ ପ୍ରାକୃତିକ ସମ୍ପଦର ଶୋଷଣ ପାଇଁ ବୃହତ୍ ଶୋଷକ କମ୍ପାନୀକୁ ଆମନ୍ତ୍ରଣ ପାଇଁ କେତେ ଯୋଜନା କରୁଛନ୍ତି। ସରକାର ପ୍ରକୃତରେ ଯଦି ଏହି ଅଞ୍ଚଳର ବିକାଶ ଚାହୁଁଛନ୍ତି ତେବେ ଏଠାକାର କର୍ମଠ ଶ୍ରମିକଙ୍କୁ ନ ଅଟକାଇ ସେମାନଙ୍କୁ ଶୋଷଣ କରିବା ପାଇଁ ଆସୁଥିବା ସର୍ଦ୍ଦାର, ଇଟାଭାଟି ମାଲିକ, ସୂତାକଳ ମାଲିକ ଏବଂ ଖଣିଜ ସମ୍ପଦ ଲୁଟ କରିବାକୁ ଚାହୁଁଥିବା ଶୋଷକ କମ୍ପାନୀ ଓ ଦଲାଲଙ୍କୁ ଅଟକାନ୍ତୁ ବୋଲି ରବିବାର କଣ୍ଟାବାଞ୍ଜି ମଙ୍ଗଳ ଭବନ ଠାରେ ଅନୁଷ୍ଠିତ ଜଳ, ଜମି, ଜଙ୍ଗଲ ଏବଂ ଦାଦନ ଶ୍ରମିକ ଅଧିକାର ସମ୍ପର୍କିତ ସମ୍ମିଳନୀରେ ଅତିଥି, ବକ୍ତାମାନେ ମତପ୍ରକାଶ କରିଥିଲେ।

ଅଗ୍ରଣୀ ଶ୍ରମିକ ସଙ୍ଗଠନ ଶ୍ରମିକ ଅଧିକାର ମଞ୍ଚ ଏବଂ ଜିନ୍ଦାବାଦ ସଙ୍ଗଠନ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମାଙ୍କ ସଭାପତିତ୍ୱ ଏବଂ ବିଶିଷ୍ଟ ଶ୍ରମିକ ନେତା ତ୍ରିଲୋଚନ ପୁଞ୍ଜିଙ୍କ ସଂଯୋଜନା କ୍ରମେ ଅନୁଷ୍ଠିତ ସମ୍ମିଳନୀ ଓ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗବେଷଣାଚକ୍ରର ପୂର୍ବତନ ସଭାପତି ପ୍ରଫେସର ବିଜୟ ବହିଦାର, ସମ୍ମାନିତ ଅତିଥି ଭାବେ ବର୍ଷୀୟାନ ସମାଜସେବୀ ଠାକୁର ଦାସ ମହାନନ୍ଦ, ସହକାରୀ ଶ୍ରମ ଅଧିକାରୀ ଅଭୟ କୁମାର ମହାକୁଡ, କୃଷକ ସଂଘର୍ଷ ଅଭିଯାନର ଆବାହକ ବାଲକୃଷ୍ଣ ଷାଣ୍ଢ, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର, ନାରୀନେତ୍ରୀ ଜୟନ୍ତୀ ମାଝି, ମାଳତୀ ମାଝି, ଗଙ୍ଗାଧର ମାଝି ଓ କେନ୍ଦ୍ର ସଭାପତି ଲୋଚନ ବରିହା ମଞ୍ଚାସୀନ ହୋଇଥିଲେ। ସଭା ପ୍ରାରମ୍ଭରେ ଏକ ଶୋଭାଯାତ୍ରା ମଙ୍ଗଳ ଭବନ ପର୍ଯ୍ୟନ୍ତ ଆସିଥିଲା। ଏହାପରେ ମୁଖ୍ୟ ଅତିଥି ପ୍ରଫେସର ବହିଦାର ସଙ୍ଗଠନ ପତାକା ଉତ୍ତୋଳନ କରିଥିଲେ। ପ୍ରାରମ୍ଭରେ ସଂଯୋଜକ ତ୍ରିଲୋଚନ ପୁଞ୍ଜି ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ବହିଦାର ସାମ୍ବିଧାନିକ ବିଧିବ୍ୟବସ୍ଥାରେ ମଣିଷ ଚାଲାଣର ଅନୁମତି ନାହିଁ ବୋଲି କହିଥିଲେ। ଦୁସ୍ଥ ଦାଦନ ଶ୍ରମିକ ସମସ୍ୟା ରୋକିବାରେ ସରକାର ଠୋସ୍ ପଦକ୍ଷେପ ନେବାରେ ଏଯାଏଁ ସଫଳ ହୋଇନାହାନ୍ତି। ସେମାନଙ୍କୁ ଜନକଲ୍ୟାଣକାରୀ ଯୋଜନାରେ ସାମିଲ କରି ନ୍ୟାୟିକ ପ୍ରାପ୍ତ ଓ ସମ୍ମାନ ଦେବା ଉପରେ ଜୋର ଦେଇଥିଲେ। ସମ୍ମାନିତ ଅତିଥି ମହାନନ୍ଦ ଶ୍ରମିକ କଷ୍ଟ ସହିପାରେ, ମାତ୍ର ଅନ୍ୟାୟ ସହିପାରିବ ନାହିଁ ବୋଲି କହିଥିଲେ। ଅନ୍ୟତମ ଅତିଥି ଷାଣ୍ଢ ତାଙ୍କ ବକ୍ତବ୍ୟରେ ଆର୍ଥିକ ଅସମାନତା କମାଇବା ପାଇଁ ଗରିବ, ନିଷ୍ପେସିତଙ୍କୁ ୮ ଗୁଣା ଅଧିକ ସହାୟତାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସଭାପତିୟ ଅଭିଭାଷଣରେ ଆଇନଜୀବୀ ଶର୍ମା ଦାଦନ ଶ୍ରମିକଙ୍କୁ କୋଠାବାଡି ନିର୍ମାଣ ଶ୍ରମିକ ବୋର୍ଡ ସହାୟତା ସୁନିଶ୍ଚିତ କରିବା ଉପରେ ଜୋର ଦେଇଥିଲେ। ଗତବର୍ଷ ତୁଳନାରେ ଚଳିତବର୍ଷ ରାଜ୍ୟ ବାହାରୁ ଅଧିକ ଦାଦନ ସର୍ଦ୍ଦାର ଏବଂ ମାଲିକ ଆସିଥିବା ଲକ୍ଷ୍ୟ କରାଯାଉଛି ବୋଲି କହିଥିଲେ। ସହକାରୀ ଶ୍ରମ ଅଧିକାରୀ ମହାକୁଡ ଶ୍ରମିକଙ୍କ ପାଇଁ ସରକାରୀ ଯୋଜନା ଓ ବ୍ୟବସ୍ଥା ଉପରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ଦାଦନ ପ୍ରବଣ ବେଲପଡା, ପାଟଣାଗଡ, ଖପ୍ରାଖୋଲ, ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ଓ ଟିଟିଲାଗଡ ବ୍ଲକର ଶ୍ରମିକମାନେ ଯୋଗଦାନ କରିଥିଲେ। ନୂଆଖାଇ ଭେଟ୍ କାର୍ଯ୍ୟକ୍ରମରେ ଶ୍ରମିକମାନେ ସାମିଲ ହୋଇଥିଲେ। ଶେଷରେ ଲୋଚନ ବରିହା ଧନ୍ୟବାଦ ଦେଇଥିଲେ।

# ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଲାଗି ଚାରା ବଣ୍ଟନ




କରକଟିଆ ନର୍ସରୀରେ ଚାରା ବଣ୍ଟନ ଶୁଭାରମ୍ଭ କରାଯାଉଛି।

**ଲୋଇସିଂହା, ୭।୯ (ସୁଶାନ୍ତ ବାରିକ)**

ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ଅବସରରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଚାରା ବଣ୍ଟନ କାର୍ଯ୍ୟକ୍ରମକୁ ଲୋଇସିଂହା ଫରେଷ୍ଟର ବାବୁଲା ଦାଶ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ। ବନ ବିଭାଗର ସୂଚନା ଅନୁଯାୟୀ, ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ସକାଶେ ସ୍ଥାନୀୟ ବନ କାର୍ଯ୍ୟାଳୟ ଅନ୍ତର୍ଗତ କରକଟିଆ ନର୍ସରୀରୁ ଲୋଇସିଂହା ବ୍ଲକର ୨୦ଟି ଓ ଆଗଲପୁର ବ୍ଲକର ୨୧ଟି ଏପରି ମୋଟ ୪୧ ପଞ୍ଚାୟତକୁ ବନ ବିଭାଗ ପକ୍ଷରୁ ଚାରା ଯୋଗାଣ କରାଯିବ। ଆସନ୍ତା ୧୬ ତାରିଖ ସୁଦ୍ଧା ଚାରା ଯୋଗାଣ ହେବ। ଯୋଗାଣ ଚାରା ମଧ୍ୟରେ ଶିଶୁ, ଅଇଁଳା, ଜାମୁ, କରଞ୍ଜ ଓ ପାନଫନା ଆଦି ୫ ପ୍ରକାରର ୧୦ ହଜାର ୫ ଶହ ଚାରା ଏସବୁ ପଞ୍ଚାୟତକୁ ଯୋଗାଣ କରାଯିବ ବୋଲି ଫରେଷ୍ଟର ଦାଶ ଜଣାଇଛନ୍ତି।

# ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ସଭାରେ ବେହେରାଙ୍କୁ ପୁରସ୍କୃତ କରାଯାଉଛି।

**କଣ୍ଟାବାଞ୍ଜି, ୭।୯ (ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହିଆଁଲ ପଞ୍ଚାୟତ ଅଧିନସ୍ଥ ମାଲପାମୁଣ୍ଡା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ଅମରକାନ୍ତ ବେହେରାଙ୍କୁ ପବିତ୍ର ଗୁରୁଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଛି। ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀଙ୍କ ସଭା ଗୃହରେ ଅନୁଷ୍ଠିତ ସଭାରେ ଏହି ପୁରସ୍କାରରେ ବେହେରାଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ବେହେରାଙ୍କୁ ମାନପତ୍ର, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଟ୍ରଫି ଓ ନଗଦ ୨୫ହଜାର ଟଙ୍କା ପ୍ରଦାନ କରାଯାଇଛି। ବେହେରା ବ୍ଲକର ପ୍ରାଥମିକ ଶିକ୍ଷକମାନଙ୍କ ମଧ୍ୟରେ ଜଣେ ହିଁ ଏହି ସମ୍ମାନରେ ସମ୍ମାନିତ ହୋଇଥିବାରୁ ତୁରେକେଲା ବ୍ଲକ ଶିକ୍ଷକ ସଂଘ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବେହେରାଙ୍କୁ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲା ପରିଷଦ ଅଧ୍ୟକ୍ଷା ଦେବକି ସାହୁ, ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କଠାରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

# ଘରୁ ସୁନାଗହଣା, ଟଙ୍କା ଚୋରି

**ବେଲପଡା, ୭।୯ (ମନୋଜ କୁମାର ମିଶ୍ର)**

## ନୂଆଁଖାଇ ପାଇଁ ଗାଁକୁ ଯାଇଥିଲେ

ନିଜ ଘରକୁ ତାଲା ମାରି ନୂଆଁଖାଇ ପାଇଁ ଗାଁ ଯାଇଥିଲେ ପରିବାର ଲୋକେ। ପରେ ଘରକୁ ଫେରିଲା ବେଳକୁ ଘରେ ଆଉ ସୁନାଗହଣା ଓ ଟଙ୍କା କିଛି ନ ଥିବାବେଳେ ଆସବାବପତ୍ର ଏଣେତେଣେ ପଡିଥିଲା। ଏହାଦେଖି ପରିବାର ଲୋକେ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ବଲାଙ୍ଗୀର ଜିଲା ବେଲପଡା କଲେଜ ଛକ ନିକଟରେ ଭତାପଡା ଗ୍ରାମର ମୁରଲୀଧର ଠାକୁର ଘର କରି ପରିବାର ବର୍ଗଙ୍କ ସହ ଦୀର୍ଘଦିନରୁ ରହୁଛନ୍ତି। ଗତ ଶୁକ୍ରବାର ପରିବାରର ସମସ୍ତ ନିଜ ଗାଁ ଭତାପଡାକୁ ନୂଆଁଖାଇ ପାଇଁ ଯାଇଥିଲେ। କାରଣ ପୂର୍ବରୁ ତାଙ୍କର କେହି ଜଣେ ମୃତ୍ୟୁ ହୋଇଥିବାରୁ ନବାନ୍ନରେ ନୂଆଁଖାଇ ନ ଥିଲେ। ଶୁକ୍ରବାର ନୂଆଁଖାଇ ପରେ ଶନିବାର ସନ୍ଧ୍ୟାରେ ପରିବାର ଲୋକେ ବେଲପଡା କଲେଜଛକ ନିକଟରେ ରହୁଥିବା ଘରକୁ ଆସିଥିଲେ। କବାଟ ଖୋଲିବା ବେଳକୁ ଘରର ଆସବାବପତ୍ର ଏପଟ ସେପଟ ହୋଇ ପଡ଼ିଥିବା ସହ ଆଲମାରୀ ଭଙ୍ଗା ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ଆଲମାରୀ ଭିତରେ ପ୍ରାୟ ୫୦ ହଜାର ଟଙ୍କା ସହ ୧୦ ଭରି ସୁନା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ପରିବାର ଲୋକେ ବେଲପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ପରେ ବଲାଙ୍ଗୀର ସାଇଣ୍ଟିଫିକ ଟିମ୍ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲା।

# ଏବିଭିପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଉଦ୍‌ଯାପିତ



ବଲାଙ୍ଗୀରରେ ଏବିଭିପି ରାଜ୍ୟ କାର୍ଯ୍ୟକାରିଣୀ ଉଦ୍‌ଯାପନୀ ପରେ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା।

**ବଲାଙ୍ଗୀର, ୭।୯ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିରରେ ୨ଦିନ ଧରି ଚାଲିଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଓଡ଼ିଶା ପଶ୍ଚିମ ପ୍ରାନ୍ତର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ରବିବାର ଉଦ୍‌ଯାପିତ ହୋଇଛି। ରାଜ୍ୟ କାର୍ଯ୍ୟକାରିଣୀ ଉଦ୍‌ଯାପନୀ ପରେ ଅପରାହ୍ଣରେ ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଥିଲା। ଏହି ୨ଦିନିଆ ରାଜ୍ୟ କାର୍ଯ୍ୟକାରିଣୀରେ ୧୪ଟି ସାଙ୍ଗଠନିକ ଜିଲାରୁ ପ୍ରାନ୍ତ ଦାୟିତ୍ୱରେ ଥିବା ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଆଗାମୀ ଶିକ୍ଷାବର୍ଷ ୨୦୨୫-୨୬ରେ ଶିକ୍ଷା କ୍ଷେତ୍ରରେ ଏବିଭିପିର ଭୂମିକା ଓ ସଙ୍ଗଠନ ବୃଦ୍ଧି ଏବଂ ଛାତ୍ର ସଂସଦ ନିର୍ବାଚନକୁ ନେଇ ବୈଠକରେ ଚର୍ଚ୍ଚା ହୋଇଥିବା ବେଳେ ପ୍ରତି ବର୍ଷ ରାଜ୍ୟ କାର୍ଯ୍ୟକାରିଣୀରେ ସାମାଜିକ ଓ ଶିକ୍ଷା ବିଷୟକୁ ନେଇ ଦୁଇଟି ପ୍ରସ୍ତାବ ପାରିତ ହୋଇଥିଲା। ଶିକ୍ଷା ପ୍ରସ୍ତାବରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପରୀକ୍ଷା ଖାତା ଗୁଡ଼ିକର ପୁନର୍ବାର ମୂଲ୍ୟାଙ୍କନ ପ୍ରକ୍ରିୟାକୁ କ୍ରିୟାଶୀଳ କରାଯିବା ଏବଂ ଏକ ପୋର୍ଟାଲର ବ୍ୟବସ୍ଥା କରାଯିବା ପାରିତ ହୋଇଥିଲା। ସେହିଭଳି ସେଲ୍ଫ ଫାଇନେନ୍ସିଂ କୋର୍ସ ଏବଂ ପିପିପି ମୋଡ଼ ଦ୍ୱାରା ଅତ୍ୟଧିକ ମାତ୍ରାରେ ଫି ବୃଦ୍ଧିକୁ ରୋକାଯାଉ ଏବଂ ଏକକ ଆଡ଼ମିଶନ ଫି ଲାଗୁ କରାଯିବା ପ୍ରସ୍ତାବ ପାରିତ ହୋଇଥିଲା। ରାଜ୍ୟରେ ବିଏଡ ସିଟର ଅଭାବ ଦ୍ୱାରା ବର୍ଷକୁ ପ୍ରାୟ ୫୦ ହଜାର ଛାତ୍ରୀଛାତ୍ର ଅନ୍ୟ ରାଜ୍ୟକୁ ତାଲିମ ନେବାକୁ ଯାଉଛନ୍ତି। ବିଏଡ୍ ସିଟ ସଂଖ୍ୟା ବୃଦ୍ଧି କରନ୍ତୁ ବୋଲି ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଜନଜାତି ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ନିମନ୍ତେ ଓଡ଼ିଶାର ପଶ୍ଚିମ ଭାଗରେ ଜନଜାତି ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଉ ବୋଲି ଦାବି କରାଯାଇଛି। ଶକ୍ତିଶ୍ରୀ ଆପ୍ ଜରିଆରେ ଛାତ୍ରୀମାନେ ବର୍ଷସାରା ଅନଲାଇନ ପୋର୍ଟାଲରେ ଅଭିଯୋଗ ଦାଖଲ ବ୍ୟବସ୍ଥା, ରାଜ୍ୟ ସରକାର ତୁରନ୍ତ ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଜମିକୁ ଅନୁଷ୍ଠାନ ନାମରେ କରିବା ପାଇଁ ତ୍ୱରିତ ପଦକ୍ଷେପ ନିଅନ୍ତୁ ଏବଂ କ୍ୟାମ୍ପସ ଭିତରେ ପ୍ରାଇଭେଟ୍ ଜମି ଯେମିତି ନ ରହିବ ତାହା ସୁନିଶ୍ଚିତ କରାଯାଉ ବୋଲି ପ୍ରସ୍ତାବ ଦିଆଯାଇଛି। ସରକାରଙ୍କ ନିଷ୍ପତ୍ତି କ୍ରମେ ନୂଆ ନିୟମ ଅନୁସାରେ ସମସ୍ତ ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଦ୍ୟାଳୟମାନଙ୍କର ପରିଚାଳନା କମିଟି ଗଭର୍ଣ୍ଣ ବଡି ଯଥାଶୀଘ୍ର ଗଠନ କରିବା ସୁନିଶ୍ଚିତ କରନ୍ତୁ ବୋଲି ଦାବି କରାଯାଇଛି। ବିଶ୍ୱବିଦ୍ୟାଳୟରେ ଅଣଛାତ୍ରମାନଙ୍କର ପ୍ରବେଶ ଏବଂ ଛାତ୍ରାବାସରେ ସ୍ଥାୟୀ ଭାବରେ ରହିବାକୁ ନିଷେଧ କରିବା ପାଇଁ ଯଥାଶୀଘ୍ର ପଦକ୍ଷେପ ନିଅନ୍ତୁ, ଶିକ୍ଷାନୁଷ୍ଠାନର ୨୦୦ ମିଟର ପର୍ଯ୍ୟନ୍ତ ନିଶାମୁକ୍ତ ଅଞ୍ଚଳ ଘୋଷଣା କରିବା ସହ ଶିକ୍ଷାନୁଷ୍ଠାନ ଭିତରେ ଯେମିତି ନିଶା ଦ୍ରବ୍ୟ ବିକ୍ରି ନ ହୁଏ ସେଥିପ୍ରତି ରାଜ୍ୟ ସରକାର କଠୋର ନିୟମ ପ୍ରଣୟନ କରିବା ସହ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଶ୍ୱେତାଂଶୁ ଶେଖର ବରାଇ, ପ୍ରାନ୍ତ ମିଡିଆ ସଂଯୋଜକ ବିଜୟ କଲତା, ପ୍ରାନ୍ତ ସିଡିଡି ସଂଯୋଜକ ମଞ୍ଜିତ କର୍ମୀ, ଛାତ୍ରୀ ବିଭାଗ ପ୍ରମୁଖ ପ୍ରୀତିମୟୀ ନାଏକ, ନଗର ସମ୍ପାଦକ ତେଜରାଜ ସାହୁ ମଞ୍ଚାସୀନ ଥିଲେ।

# କଂଗ୍ରେସର ସଙ୍ଗଠନ ଶ୍ରୀଜନ କାର୍ଯ୍ୟକ୍ରମ




କଂଗ୍ରେସର ସଙ୍ଗଠନ ଶ୍ରୀଜନ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଦଳୀୟ ନେତା, କର୍ମକର୍ତ୍ତା।

**ଲୋଇସିଂହା, ୭।୯ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଲୋଇସିଂହା ଅଗ୍ରେସନ ଭବନରେ ଶନିବାର କଂଗ୍ରେସର ସଙ୍ଗଠନ ଶ୍ରୀଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏଆଇସିସି ପ୍ରଭାରୀ ସିଡି ମେରିୟାପାନ ଯୋଗଦାନ କରିଥିଲେ। ଓଡ଼ିଶା ପ୍ରଭାରୀ ଅଜୟ ଲୁଲୁ, ପୂର୍ବତନ ବିଧାୟକ ଶରତ ରାଉତରାଏ, ଅନୀତା ବିଶ୍ୱାଳ, ନିମାଇ ସାହୁ, ସମରେନ୍ଦ୍ର ମିଶ୍ର, ଜିଲା ସଂଯୋଜକ ଅନୀଲ ମେହେରଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ମଞ୍ଚରେ ଉପସ୍ଥିତ ଥିଲେ। ଅତିଥିମାନେ ଦଳୀୟ ସଙ୍ଗଠନ ଉପରେ ଆଲୋଚନା କରିଥିଲେ। ଦେଶରେ ବିରୋଧୀ ଦଳ ନେତା ରାହୁଲା ଗାନ୍ଧୀ ଓ ରାଜ୍ୟ ପ୍ରଦେଶ କମିଟି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ କିଭଳି ସଙ୍ଗଠନ ସୁଦୃଢ଼ ହେଉଛି ସେ ସମ୍ପର୍କରେ ସେମାନେ କହିଥିଲେ। ତୃଣମୂଳସ୍ତରରେ ଦଳକୁ ଆହୁରି ସଶକ୍ତ କରିବା ପାଇଁ ମତପ୍ରକାଶ ପାଇଥିଲା। ଏହି ଅବସରରେ ଖାଲିଥିବା ଜିଲା ସଭାପତି ପଦବୀ ପୂରଣ ପାଇଁ ନିର୍ବାଚନ ମଣ୍ଡଳୀ ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକର କର୍ମୀଙ୍କ ନିଜ ମତ ଏକ ଚିଠା ମାଧ୍ୟମରେ ଅବଗତ କରିଥିଲେ। ଦିଲୀପ ବେହେରା ସଭାକୁ ସଂଯୋଜନା କରିଥିଲେ। ଆଗଲପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ମନମୋହନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣିପଞ୍ଚାୟତ ସଚେତନତା କାର୍ଯ୍ୟକ୍ରମ



ଦେଓଗାଁ ବ୍ଲକ ବ୍ରାହ୍ମଣୀପଲାରେ ପାଣିପଞ୍ଚାୟତ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଧିକାରୀ ବୃନ୍ଦ।

**ଦେଓଗାଁ, ୭।୯ (କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠର ହାଇସ୍କୁଲପଡିଆଠାରେ ଓ ବ୍ରାହ୍ମଣୀପଲାର ଶିବମନ୍ଦିର ପରିସରରେ ଶନିବାର ପାଣିପଞ୍ଚାୟତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱ ଓ ରୁପାଧର ପୁଟାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଉଠାଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ. ସଚ୍ଚିଦାନନ୍ଦ ଦଳେଇ, ସମ୍ମାନିତ ଅତିଥି ଭାବେ ଏସଡିଓ ଇଂ. ଅପର୍ଣ୍ଣା ମିଶ୍ର, ଇଲେକ୍ଟ୍ରିକାଲ ଏସ୍‌ଡିଓ ଘନଶ୍ୟାମ ସାହୁ, ସିଭିଲ ଜେଇ ସନ୍ଦିପ ମିଶ୍ର, ଇଂ. ଯୁଧିଷ୍ଠିର ଭୂଏ ଓ ମୁଖ୍ୟବକ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ମୁଖ୍ୟତଃ ଅର୍ଜୁନପୁର, ଗୌରଗୋଠ ଓ କୁଲୁଟାପଡା ପଞ୍ଚାୟତର ଚାଷୀମାନେ ଯେଉଁମାନେ ମେଗାଉଠାଜଳସେଚନରୁ ବାଦପଡିଥିଲେ। ସେମାନଙ୍କ ପାଇଁ ଉଠାଜଳସେଚନ ବିଭାଗ ପକ୍ଷରୁ ନୂଆଁ ପଏଣ୍ଟ ଗୁଡିକ ଅନୁମୋଦନ କରିଥିବାବେଳେ ଆସନ୍ତା ଡିସେମ୍ବର ସୁଦ୍ଧା କାମ ଆରମ୍ଭ ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ଫଳରେ ଏହି ଅଞ୍ଚଳର ଆହୁରୀ ୭ଟି ନୂଆଁ ଉଠାଜଳସେଚନ ପଏଣ୍ଟ ମୋଟ ଦେଓଗାଁ ବ୍ଲକରେ ୧୪ଟି ପଏଣ୍ଟ କାର୍ଯ୍ୟକାରୀ ହେବ। ଏଥିରେ ଆହୁରୀ ୬ଶହ ଏକର ଜମି ଜଳସେଚିତ ହୋଇପାରିବ। ଏହାର ସୁପରିଚାଳନା ପାଇଁ କିଭଳି ପାଣିପଞ୍ଚାୟତ ଗଠନ ହେବ ତାହା ଉପରେ ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଚାଷୀଙ୍କୁ ଅବଗତ କରିଥିଲେ। ଏହି ଅଞ୍ଚଳରେ ଉଭୟ ଖରିଫ ଓ ରବି ଋତୁରେ ଜଳସେଚନ ଓ ପାନୀୟଜଳ ସମସ୍ୟାର ସମାଧାନ ପାଇଁ ତେଲନଦୀରେ ବ୍ୟାରେଜ ନିର୍ମାଣ ଜରୁରୀ। ଏଣୁ ଏଦିଗରେ ଦାବିକୁ ଜୋରଦାର କରାଯିବ ବୋଲି ମେହେର ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସଞ୍ଜୀବ ସାହୁ, ଉଦ୍ଧବ ପଧାନ, ଭୋଜରାଜ ରଣା, ଗୋପିନାଥ ନାଗ, ଭୂଷଣ ମହାନନ୍ଦ, ସଞ୍ଜୟ ଛତ୍ରିଆ, ଅଜିତ ରଣା, ଅନନ୍ତ ବାରିକ, ଲାଲସାହେବ ନାଏକ, ଟଙ୍କଧର ରଣା, ବୃନ୍ଦାବନ ନାଏକ, ଗୌରଗୋଠରେ ପୂର୍ବତନ ସରପଞ୍ଚ ଅଶୋକ ରଣା, ମୁଜାଫର ରଣା ତଥା ଅନ୍ୟମାନେ ସହଯୋଗ କରିଥିଲେ।

# ବଙ୍ଗୋମୁଣ୍ଡାରେ ନୂଆଁଖାଇ ଭେଟ୍‌ଘାଟ୍

**ମୁରିବାହାଲ, ୭।୯ (ଶ୍ରୀବସ୍ତ ବେହେରା)**



ବଙ୍ଗୋମୁଣ୍ଡାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ଅନ୍ତର୍ଗତ ବଙ୍ଗୋମୁଣ୍ଡା ସତ୍ୟ ମହିମା ଆଶ୍ରମଠାରେ ଚଉଷଠି ଯୁଗନୀ ସାହିତ୍ୟ କଳାପରିଷଦ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ. ନାରାୟଣ ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲା ଭାରତୀୟ ଜନତା ପାର୍ଟି (ଭାଜପା) ସଭାପତି ଶ୍ରୀବସ୍ତ ବେହେରା, ମୁଖ୍ୟବକ୍ତା ଭାବେ ମୁରିବାହାଲ କଲେଜର ଓଡ଼ିଆ ଅଧ୍ୟାପକ ଦିଲୀପ ପଶାୟତ, ବିଶିଷ୍ଟ ଅତିଥି ଭାବେ ବଙ୍ଗୋମୁଣ୍ଡା ସତ୍ୟ ମହିମା ଆଶ୍ରମର ମଠାଧିସ କପିଳେନ୍ଦ୍ର ବାବା, ବଙ୍ଗୋମୁଣ୍ଡା ସରପଞ୍ଚ ତଥା ସରପଞ୍ଚ ସଂଘର ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଅଜିତ ଯୋଶୀ, ସମ୍ମାନିତ ବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ବିନୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ନିରଝରିଣୀ ଅନୁଷ୍ଠାନର ସମ୍ପାଦକ ବିରଞ୍ଚି ନାରାୟଣ ଦାସ, ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘର ସଭାପତି ରଶ୍ମିରଞ୍ଜନ ପୁଟେଲ, ଆଦିବାସୀ ନେତା ସୁରେଶ ଭୋଇ, ସାମାଜିକ କର୍ମୀ ବିଦ୍ୟା ଜୈନ, ଅନୁଷ୍ଠାନର ସମ୍ପାଦକ ନିଗମାନନ୍ଦ ଦାସ ଯୋଗ ଦେଇଥିଲେ। ଅତିଥି, ବକ୍ତମାନେ ନୂଆଁଖାଇର ପରମ୍ପରା ଓ ଇତିବୃତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ପଶ୍ଚିମ ଓଡିଶାର କୃଷିଭିତ୍ତିକ ନୂଆଖାଇ ପର୍ବ ଭାଇଚାରାର ପ୍ରତୀକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପୂଜାର୍ଚ୍ଚନା ପରେ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବଲାଙ୍ଗୀର ଜିଲା ପେଷାଦାର ସାମ୍ବାଦିକ ସଂଘର ସଙ୍ଗଠନ ସମ୍ପାଦକ ହୁଲେଶ୍ୱର ହଂସ ସଂଯୋଜନା କରିଥିଲେ। ଅଞ୍ଚଳର ବିଶିଷ୍ଟ କଳାକାର, ସାହିତ୍ୟିକ, କବି, ସାମ୍ବାଦିକ, ଡାକ୍ତର, ରାଜନୈତିକ, ଜନପ୍ରତିନିଧିମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୨୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭକ୍ତବନ୍ଧୁ ସାହୁ, ତୁଲେଶ୍ୱର ମେହେର, ଦୀପକ ଯାଦବ, ତେଜୁରାମ ବାଗ, ଅଶୋକ ନାରାୟଣ ଭୋଇ, ହରିଦାସ ଛୁରା, ବିଷ୍ଣୁ ପୁଟେଲ, ଶଙ୍କର ତାଣ୍ଡି, ଥମିର ଛତ୍ରିଆ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମି ଉଠିଥିଲେ ଦର୍ଶକ।

# ସହରରେ ଜବରଦଖଲ ଉଚ୍ଛେଦ, ଉତ୍ତେଜନା

■ କଂଗ୍ରେସ ନେତା-ପୋଲିସ ଧସ୍ତାଧସ୍ତି

■ ଆନ୍ଦୋଳନସ୍ଥଳରୁ ଉଠାଇଲା ପୋଲିସ


ଉଚ୍ଛେଦସ୍ଥଳୀରୁ କଂଗ୍ରେସ ନେତାଙ୍କୁ ପୋଲିସ ଉଠାଇ ନେଉଛି।

ବରଗଡ଼,୭।୯(ପ୍ରେମାନନ୍ଦ ଖମାରୀ)

ଜବରଦଖଲ ଉଚ୍ଛେଦକୁ ନେଇ ବରଗଡ଼ ସହର ସବୁବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସହରସ୍ଥିତ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ସହରବାସୀଙ୍କ ଦୀର୍ଘବର୍ଷର ଦାବି ରହିଛି। ତେବେ ଏପର୍ଯ୍ୟନ୍ତ ତାହା ଉଚ୍ଛେଦ ହୋଇ ପାରି ନ ଥିବାବେଳେ ଅଦାଲତରେ ବିଚାରାଧିନ ରହିଛି। ଅନ୍ୟପଟେ ପ୍ରଶାସନ ପକ୍ଷରୁ ସହରର ଅନ୍ୟ ସ୍ଥାନରେ ଉଚ୍ଛେଦ ପ୍ରକ୍ରିୟାକୁ ଜୋରଦାର କରିଛି। ଏହି କ୍ରମରେ ରବିବାର ବରଗଡ଼ ସହରସ୍ଥିତ ଟାଉନ ଥାନା ସମ୍ମୁଖରୁ ଲେଙ୍ଗୁ ମିଶ୍ର ଛକ ଏବଂ ଜେଲ ରାସ୍ତାରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ତେବେ ଉଚ୍ଛେଦକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଚ୍ଛେଦ ପ୍ରକ୍ରିୟା ନେଇ ରହିଥିବା ଗାଇଡ୍ ଲାଇନ୍‌କୁ ଉଲ୍ଲଂଘନ କରି ଉଚ୍ଛେଦ ଚାଲିଥିବା ଏବଂ ତାହା ମାନବିକ ଅଧିକାର କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରି କଂଗ୍ରେସ ନେତା ନିପନ କୁମାର ଦାଶ ସ୍ୱର ଉତ୍ତୋଳନ କରିଥିଲେ। ଉଚ୍ଛେଦକୁ ବିରୋଧ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଯାଇଥିଲା। ଉପସ୍ଥିତ ପୋଲିସ କର୍ମଚାରୀମାନେ ସେଠାରୁ ତାଙ୍କୁ ଥାନାକୁ ଉଠାଇ ନେଇଥିଲେ।

ତେବେ କଂଗ୍ରେସ ନେତା ଦାଶଙ୍କୁ ପୋଲିସ ଉଠାଇ ନେଇଥିବା ଖବର ପ୍ରଘଟ ହେବା ପରେ ତାଙ୍କ ସମର୍ଥକମାନେ ପ୍ରଥମେ ଟାଉନ ଥାନାକୁ ଆସିଥିଲେ। କଂଗ୍ରେସ ନେତା ଦାଶ ଥାନାରେ ଅଟକ ରହିଥିବା ସ୍ପଷ୍ଟ ହେବା ପରେ ସ୍ଥାନୀୟ ଗାନ୍ଧିଛକକୁ ଯାଇ ରାସ୍ତାରୋକୋ ସହିତ ଅଟକ ରହିଥିବା କଂଗ୍ରେସ ନେତା ଦାଶଙ୍କୁ ନିଃସର୍ତ୍ତ ଛାଡ଼ିବାକୁ ଦାବି କରିଥିଲେ। ପୋଲିସ ଖବରପାଇ ସେଠାରେ ପହଞ୍ଚିଥିଲା। ଆନ୍ଦୋଳନସ୍ଥଳରେ ପୋଲିସ ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଠେଲାପେଲା ଏବଂ ଧସ୍ତାଧସ୍ତି ହୋଇଥିଲା। ପରେ ପୋଲିସ ସେଠାରୁ ଛାତ୍ର କଂଗ୍ରେସ ନେତା ଗୌରବ ପତି ଆଜାଦଙ୍କ ସମେତ ଶେଖ ଅଜଗର୍, ସନ୍ତୋଷ ସାହୁ ପ୍ରମୁଖଙ୍କୁ ଟାଉନ ଥାନାକୁ ଉଠାଇ ଆଣିଥିଲା। ଅପରପକ୍ଷେ ଅପରାହ୍ନ ୨ଟା ପରେ ପୋଲିସ ଅଟକ ରହିଥିବା କଂଗ୍ରେସ ନେତା, କର୍ମୀଙ୍କୁ ଛାଡ଼ି ଦେଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ସ୍ୱାଭାବିକ ଭାବେ ଚାଲିଥିଲା।

ତେବେ ସହରର ଯେଉଁଠି ବି ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରୁଛି, ସେଠାରେ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ପର୍ଯ୍ୟନ୍ତ ଜବରଦଖଲ କଥା ଉଠୁଛି। ସେହି ସ୍ଥାନ ଉଚ୍ଛେଦ କରିବାକୁ ଲୋକେ ଦୀର୍ଘବର୍ଷରୁ ଦାବି କରି ଆସୁଥିବାବେଳେ ଆନ୍ଦୋଳନକୁ ଓହ୍ଲାଇ ସାରିଛନ୍ତି। ଏହାସତ୍ତ୍ୱେ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ପର୍ଯ୍ୟନ୍ତ ଜବରଦଖଲ ଏବେ ସୁଦ୍ଧା କାହିଁକି ଉଚ୍ଛେଦ ହୋଇପାରୁ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଅନ୍ୟତ୍ର ଉଚ୍ଛେଦ ସମୟରେ ଆନ୍ଦୋଳନ ପାଇଁ ଏହି ପ୍ରସଙ୍ଗ ଇନ୍ଧନ ଯୋଗାଇ ଆସୁଛି ବୋଲି ସାଧାରଣରେ ଆଲୋଚିତ ହେଉଛି। ଏପରିକି ଏହାକୁ ନେଇ ବିଗତ ଦିନର ଉଚ୍ଛେଦ ସମୟରେ ପ୍ରଶାସନ ଏବଂ ଶାସକ ଦଳକୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିବା ନଜିର ମଧ୍ୟ ରହିଛି। ଗତ ଧନୁଯାତ୍ରା ମହୋତ୍ସବର ଅବ୍ୟବହିତ ପୂର୍ବରୁ ଜୀରାନଦୀ କୂଳ ଅମ୍ବାପାଲିରେ ଜଣେ ବୃଦ୍ଧାଙ୍କ ଘରଠାରୁ ଆରମ୍ଭ କରି ସ୍ଥାନୀୟ ଭିଏସ୍ଏସ୍ ନଗର(ବାନ୍ଧୁଟିକ୍ରା) ଛକରେ ଜଣେ ଦୋକାନୀ କୁମ୍ଭମେଳା ପାଇଁ ପ୍ରୟାଗରାଜ ଯାଇଥିବାବେଳେ ତାଙ୍କ ଦୋକାନ ଉଚ୍ଛେଦ ଘଟଣା ହେଉ, ସବୁଠି ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ କାହିଁକି ସାହାସ ଜୁଟାଇ ପାରୁ ନାହିଁ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି।

ସ୍ଥାନୀୟ ଜିଲା ଓକିଲ ସଂଘ ଏବଂ ସମଲେଶ୍ୱରୀ ସଂଘ ନେତୃତ୍ୱରେ ଦୀର୍ଘଦିନରୁ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ପାଇଁ ଦାବି ହୋଇ ଆସୁଛି। ତେବେ ଦାବି ପରେ ଉଚ୍ଛେଦ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ମାତ୍ର ପ୍ରଭାବିତ ଲୋକେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ଉଚ୍ଛେଦ ଅଟକି ରହିଥିଲା। ମାତ୍ର ପରବର୍ତ୍ତୀ ସମୟରେ ନ୍ୟାୟାଳୟ ଉଚ୍ଛେଦ ସପକ୍ଷରେ ୨ଥର ରାୟ ଶୁଣାଇଥିଲେ। ମାତ୍ର ଉଚ୍ଛେଦ ପ୍ରକ୍ରିୟା ବିଳମ୍ବ ହୋଇଥିଲା ଏବଂ ପ୍ରଭାବିତ ଲୋକେ ପୁଣି ଉଚ୍ଚ ନ୍ୟାୟାଳୟକୁ ଯାଇଥିଲେ ଏବଂ ମାମଲା ବର୍ତ୍ତମାନ ବିଚାରାଧିନ ରହିଛି। ଆସନ୍ତା ୧୦ତାରିଖ ଏହାର ଶୁଣାଣି ହେବ ବୋଲି ସୂଚନା ମିଳିଛି। ଏଭଳି ସ୍ଥିତିରେ ଉଚ୍ଚ ନ୍ୟାୟାଳୟଙ୍କ ଏଥର ରାୟ ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଯଦି ଉଚ୍ଚ ନ୍ୟାୟାଳୟ ଉଚ୍ଛେଦ ସପକ୍ଷରେ ରାୟ ଦେବେ, ତେବେ ପ୍ରଶାସନ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ପର୍ଯ୍ୟନ୍ତ ରାସ୍ତା ଜବରଦଖଲ ଉଚ୍ଛେଦରେ ତତ୍ପରତା ପ୍ରକାଶ କରିବ ନା ପୂର୍ବଭଳି ସମୟ ଗଡ଼ାଇ ଚାଲିବ, ତାକୁ ସମସ୍ତେ ଏବେ ଚାହିଁ ବସିଛନ୍ତି।

## ପୁରାତନ ଛାତ୍ର ସଂଘ କାର୍ଯ୍ୟକାରିଣୀ ବୈଠକ

### ବିଧାନସଭା ଅଧିବେଶନ ସମୟରେ ଭୁବନେଶ୍ୱର ଯିବ ପ୍ରତିନିଧି ଦଳ



ସୋନପୁର କଲେଜ ପୁରାତନ ଛାତ୍ରସଂଘର କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ସୋନପୁର,୭।୯(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର କଲେଜ ପରିସରରେ ପୁରାତନ ଛାତ୍ର ସଂଘର କାର୍ଯ୍ୟକାରିଣୀ ବୈଠକ ସଭାପତି ଡ. ପ୍ରଫୁଲ୍ଲ ରଥଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଯାଇଛି। ବୈଠକରେ ସୋନପୁର କଲେଜର ବହୁବିଧ ସମସ୍ୟା ତଥା ସରକାରୀ ମାନ୍ୟତା ନେଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା । ଜାନୁଆରୀ କିମ୍ବା ଫେବୃୟାରୀରେ ପୁରାତନ ଛାତ୍ର ସଂଘ ପକ୍ଷରୁ ଏକ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ନେଇ ସଭାପତି ରଥ ସୂଚନା ଦେଇଥିଲେ । ମୁଖ୍ୟତଃ ଆଗକୁ ବିଧାନସଭା ଅଧିବେଶନ ସେପ୍ଟେମ୍ବର ୧୮ ରୁ ୨୫ ତାରିଖ ହେବାକୁ ଥିବା ବେଳେ ଏନେଇ ଏକ ୧୫ ଜଣିଆ ପ୍ରତିନିଧି ଦଳ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଏବଂ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସାକ୍ଷାତ୍ ଆଲୋଚନା କରିବା ପାଇଁ ଭୁବନେଶ୍ୱର ଗସ୍ତ କରିବାକୁ ସ୍ଥିର ହୋଇଛି । ପୂର୍ବରୁ ମଧ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ ଏବଂ ବିଭିନ୍ନ ମନ୍ତ୍ରୀ ତଥା ସଚିବ ମାନଙ୍କୁ କଲେଜ ସମସ୍ୟା ତଥା ସରକାରୀ ମାନ୍ୟତା ପ୍ରଦାନ ପାଇଁ ପୁରାତନ ଛାତ୍ର ସଂଘ ପକ୍ଷରୁ ସାକ୍ଷାତ ସହ ଦାବିପତ୍ର ପ୍ରଦାନ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଅବସରରେ ଆସିଥିବା ଉଚ୍ଚଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ପୁରାତନ ଛାତ୍ର ସଂଘକୁ ସେପ୍ଟେମ୍ବରରେ ବସିବାକୁ ଥିବା ବିଧାନସଭା ଅଧିବେଶନ ସମୟରେ କାଗଜପତ୍ର ସହ ଭୁବନେଶ୍ୱର ଆସି ଆଲୋଚନା ପାଇଁ ନିମନ୍ତ୍ରଣ ତଥା ପରାମର୍ଶ କରିଥିଲେ । ପ୍ରଥମେ ପିଜି ପାଠ୍ୟକ୍ରମ, ଗାର୍ଲ୍ସ ହଷ୍ଟେଲ ଏବଂ ଅଡିଟରିୟମ ନିର୍ମାଣ ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସଂଘରେ ନୂତନ ଭାବେ ଉପଦେଷ୍ଟା କମିଟିରେ ଅଭିମନ୍ୟୁ କୁଶଳ, ଅର୍ଥ କମିଟିରେ ସୁଧାଂଶୁ ଶତପଥୀ, ଜ୍ୟୋର୍ତିମୟ ମିଶ୍ର, ଦେବାଶିଷ ପଟ୍ଟନାୟକ ଓ ଅଭିଷେକ ଶର୍ମାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ସଂଘ ଉପ ସଭାପତି ଗତିକୃଷ୍ଣ ମିଶ୍ର, ସମ୍ପାଦକ ଭାରତ ଭୂଷଣ ଦାଶ, ସୀତାଂଶୁ ମିଶ୍ର, ସଂଯୋଜକ ସୁଦାମ ଚରଣ ମିଶ୍ର, କୋଷାଧ୍ୟକ୍ଷ ବିଶ୍ୱ ରଞ୍ଜନ ପୂଜାରୀ, ଶ୍ରୀଧର ବାଘ, ଜିଲା ଓକିଲ ସଂଘ ସଭାପତି ପ୍ରତାପ ପୁରୋହିତ, ସୁଧୀର ପଣ୍ଡା, ସତ୍ତ୍ୱରୂପ ପାତ୍ର, ଦୀପକ ମହାପାତ୍ର, ନିଶାନ୍ତ ମହାନ୍ତି, ରାମ ଶଙ୍କର ଭୋଇ, ଶାଶ୍ୱତ ମିଶ୍ର, ଅଭିଷେକ ଶର୍ମା, ସୋନପୁର ବ୍ଲକ କାର୍ଯ୍ୟକାରୀ ସଭାପତି ମଦନ ଗୋପାଳ ମିଶ୍ର ଏବଂ ସାମାଜିକ ଗଣମାଧ୍ୟମ ସଦସ୍ୟ ଆଶିଷ ଅଗ୍ରୱାଲା ଏବଂ ମିଡିଆ ସେଲର ରାଜ କିଶୋର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଗଞ୍ଜେଇ ଜବତ, ଜଣେ ଗିରଫ

ତରଭା, ୭।୯(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ପୋଲିସ ପାଣିମୁରା ରାସ୍ତାର ବଡ଼ବନ୍ଧ ନିକଟରେ ରବିବାର ଅପରାହ୍ନରେ ପାଟ୍ରୋଲିଙ୍ଗ ସମୟରେ ଜଣେ ବାଇକଙ୍କଠାରୁ ଚୋରାଚାଲାଣ ବେଳେ ଗଞ୍ଜେଇ ଜବତ କରିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏଁଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ୭ କେଜି ୩୦୦ଗଞ୍ଜେଇ ଥିବା ଜଣାପଡିଥିଲା। ପୋଲିସ ଏକ ମାମଲା ରୁଜୁ କରି ଗଞ୍ଜେଇ ସହ ବାଇକ ଜବତ କରିଛି। ଏଥିରେ ସମ୍ପୃକ୍ତ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ତିଲପଙ୍ଗ ଗ୍ରାମର ମନ ରଣା (୩୧) )ଙ୍କୁ ଗିରଫ କରାଯାଇଛି। ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଅନିତା କିଡୋଙ୍କଠାରୁ ଜଣାଯାଇଛି। କମସରା ଫାଣ୍ଡି ଅଧିକାରୀ ମାରୁତ ଚନ୍ଦ୍ର ପଧାନ ତଦନ୍ତ ଦାୟିତ୍ୱରେ ଥିବା ବେଳେ ଏସ ଆଇ ରବୀନ୍ଦ୍ର ସାହୁ,ଏଏସଆଇ ସୁରଞ୍ଜି ସେଠି, କନେଷ୍ଟେବଳ ଗୋପୀନାଥ ସାହୁ ସାନନ୍ଦ ମଲ୍ଲିକ ଚଢ଼ାଉରେ ସାମିଲ ଥିଲେ।

## ମହାନଦୀରେ ଚାପ ଖେଳିଲେ ରାଧାକୃଷ୍ଣ


ମହାନଦୀରେ ରାଧାକୃଷ୍ଣଙ୍କ ଚାପ ଖେଳ।

ବୌଦ୍ଧ,୭।୯(ଅଜିତ କୁମାର ବାରିକ)

ବୌଦ୍ଧ ସହରରେ ରବିବାର ଭାଦ୍ରବ ପୂର୍ଣ୍ଣିମାରେ ଧୁମ୍‌ଧାମ୍‌ରେ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଥିଲା। ମହାନଦୀରେ ବର୍ତ୍ତମାନ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ରାଧାକୃଷ୍ଣଙ୍କୁ ଏକ ବିମାନରେ ବସାଇ ଭରା ନଦୀରେ ଚାପ ଖେଳ ହୋଇଥିଲା। ସମସ୍ତ ପ୍ରକାର ନୀତିକାନ୍ତି ପରେ ପ୍ରଭୁଙ୍କୁ ବିମାନରେ ବସାଇ ନାମ ସଂକୀର୍ତ୍ତନ କରି ସହର ପରିକ୍ରମା କରାଯାଇଥିଲା। ପରେ ଠାକୁରଙ୍କୁ ମହାନଦୀକୁ ନିଆଯାଇଥିଲା। ଏହି ଚାପ ଖେଳରେ ବୌଦ୍ଧ ସହରର କେଉଟସାହି, ରାଜନପାଲି, ନୂଆସାହି, କୋଡାପଡା, ସୁଦସାହି, ମର୍ଜାକୁଦ ଓ କାଳେଶ୍ୱର ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଭକ୍ତମାନେ ପ୍ରଭୁ ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ବସାଇ ସାହି ପରିକ୍ରମା କରାଇ ମହାନଦୀରେ ଡଙ୍ଗାରେ ବସାଇ ହନୁମାନ ଘାଟ ପର୍ଯ୍ୟନ୍ତ ଚାପ ଖେଳି କରିଥିଲେ। ଚାପ ଖେଳ ପରେ ପୁନର୍ବାର ପ୍ରଭୁଙ୍କୁ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ଏହାସହ ଜିଲାର ପୁରପଲ୍ଲୀରେ ଭାଗବତ ଚର୍ଚ୍ଚା ସହ ଗ୍ରାମ ମଣ୍ଡପରେ ପୂଜା ହୋଇଥିଲା।

## ପ୍ରମୋଦ ଭଗତ ଫାର୍ମହାଉସରୁ ଟ୍ରାକ୍ଟର ଟ୍ରଲି ଚୋରି

ଅତାବିରା, ୭।୯(ଯୁଧିଷ୍ଠିର ମହାପାତ୍ର)

ଅଲମ୍ପିକରେ ସ୍ୱର୍ଣ୍ଣପଦକ ଆଣିଥିବା ଏକମାତ୍ର ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ଅତାବିରାସ୍ଥିତ ଫାର୍ମ ହାଉସରୁ ଚୋରି ହୋଇଥିବା ଅତାବିରା ଥାନାରେ ଅଭିଯୋଗ ହୋଇଛି। ପ୍ରମୋଦଙ୍କ ଭାଇ ଶେଖର ଭଗତଙ୍କ ନାମରେ ଥିବା ଟ୍ରାକ୍ଟର ଓଡ଼ ୧୪ ୦୨୯୪ ସବୁ ଦିନ ଅତାବିରା-ଭୋଇପୁରା ରାସ୍ତା ଫାର୍ମ ହାଉସରେ ରହିଥାଏ। ଗତ ଅଗଷ୍ଟ ୨୪ ତାରିଖରେ ଫାର୍ମ ହାଉସରେ କେହି ନଥିବା ସ୍ଥିତିରେ ୨ ଜଣ ଦୁର୍ବୃତ୍ତ ବାଇକରେ ଆସି ଜଣେ ଟ୍ରାକ୍ଟର ଚଳାଇ ନେଇଥିଲେ। ଟ୍ରାକ୍ଟରଟି ସକାଳ ୬ଟା୧୫ମିରେ ମହୁଲପାଲି ଛକ ଦେଇ ଯାଇଥିବା ଏକ ସିସି କେମେରାରେ କଏଦ ହୋଇଥିବା ଗାଡ଼ି ମାଲିକ ଶେଖର କହିଛନ୍ତି। ୨୪ ତାରିଖରେ ଚୋରି ହେବା ପରେ ୨ ତାରିଖରେ ଅତାବିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ମୃତକଙ୍କ ନାଁରେ ନିର୍ମାଣ ଶ୍ରମିକ କାର୍ଡ

### ଶ୍ରମିକ ନେତାଙ୍କ ଅଭିଯୋଗ

ହରଭଙ୍ଗା,୭।୯(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ କଲ୍ୟାଣ ମଣ୍ଡପରେ ରବିବାର ଓଡ଼ିଶା ରାଜ୍ୟ ନିର୍ମାଣ ଓ ପ୍ରବାସୀ ଶ୍ରମିକ କର୍ମଚାରୀ ସଂଘ ବୌଦ୍ଧ ଜିଲା ଶାଖା ସମ୍ପାଦକ ଅଶୋକ କୁମାର ମିଶ୍ର ଏକ ଖବରଦାତା ସମ୍ମିଳନୀ କରି ଜିଲାରେ ମୃତ ବ୍ୟକ୍ତିଙ୍କ ନାମରେ ନିର୍ମାଣ ଶ୍ରମିକ କାର୍ଡ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ମିଶ୍ର ଅଭିଯୋଗ କରି କହିଛନ୍ତି, ବୌଦ୍ଧ ବ୍ଲକ ମୁଣ୍ଡିପଦର ଗ୍ରାମର ଶ୍ରମିକ ବିଜୟ ଘଡେଇଙ୍କ ମୃତ୍ୟୁ ପରେ ନିର୍ମାଣ ଶ୍ରମିକ କାର୍ଡ କରାଯାଇଛି। ଏଭଳି ଅନିୟମିତତା ବିରୋଧରେ ସ୍ୱର ଉତ୍ତୋଳନ କଲେ ପାଲଟା ତାଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରାଯାଉଥିବା ସେ ଅଭିଯୋଗ କରଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ କନ୍ୟାକୁମାରୀ ସାହୁଙ୍କୁ ପଚାରିବାରୁ ସେ କହିଲେ, ଆମର ୫ଟି ପର୍ଯ୍ୟାୟରେ ନିର୍ମାଣ ଶ୍ରମିକ କାର୍ଡ ଯାଞ୍ଚ ହୋଇଥାଏ। ଫୋନ୍ କଲ୍ ଯାଞ୍ଚ ଅନୁସାରେ ଉକ୍ତ ଶ୍ରମିକଙ୍କ ନାଁରେ କାର୍ଡ ଅନୁମୋଦନ ହୋଇଥିଲେ ମଧ ତାଙ୍କୁ କୌଣସି ସରକାରୀ ସହାୟତା ଏଯାବତ୍ ପ୍ରଦାନ କରାଯାଇନାହିଁ। ଏ ସମ୍ପର୍କରେ ଜାଣିବା ପରେ କାର୍ଡକୁ ବନ୍ଦ କରିଥିବା ସାହୁ କହିଥିଲେ।

## ଦୁର୍ଗାପୂଜା ପାଇଁ କଳାକାର ବରଣ

ପଦ୍ମପୁର,୭।୯( ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଅନ୍ତର୍ଗତ ଜମଲା ଗ୍ରାମରେ ହେବାକୁ ଥିବା ୪୯ତମ ସାର୍ବଜନୀନ ଦୁର୍ଗାପୂଜା ମହୋତ୍ସବର ରାବଣ ଦରବାର କାର୍ଯ୍ୟକ୍ରମ ପାଇଁ କଳାକାର ବରଣ ଜମଲା ଦୁର୍ଗାପୂଜା ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ତୁଳାରାମ ବେହେରା, ସମ୍ପାଦକ ଗଣେଶ ଭୋଇ ଓ କୋଷାଧ୍ୟକ୍ଷ କହ୍ନେଇ ପଧାନଙ୍କ ଉପସ୍ଥିତିରେ ପାରମ୍ପରିକ ରୀତି ନୀତି ଅନୁସାରେ ପଶ୍ଚିମ ଓଡ଼ିଶାର ସୁନାମ ଧନ୍ୟ ରଂଗମଞ୍ଚ କଳାକାର ଆର୍ତ୍ତତ୍ରାଣ ସୁନାନିଙ୍କୁ ରାବଣ ଭୂମିକା ପାଇଁ ଏବଂ ରାମ, ଲକ୍ଷ୍ମଣ, ହନୁମାନ ଆଦି ବିଭିନ୍ନ ଭୂମିକାରେ ଅଭିନୟ କରିବାକୁ ଯାଉଥିବା କଳାକାରଙ୍କୁ ବରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂଜା କମିଟିର ବରିଷ୍ଠ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଚାରପାଲିରେ ପଞ୍ଚାୟତ ସ୍ତରୀୟ ପ୍ରଥମ ନୂଆଁଖାଇ ଭେଟ୍‌ଘାଟ୍


ନୂଆଁଖାଇ ଅବସରରେ ଶିଶୁ କଳାକାର ମାନେ କଳା ପ୍ରଦର୍ଶନ କରୁଛନ୍ତି।

ପଦ୍ମପୁର,୭।୯(ପ୍ରଦୀପ୍ତ ଦାଶ)

ପଦ୍ମପୁର ଚାରପାଲିଠାରେ ପ୍ରଥମ ନୂଆଁଖାଇ ଭେଟ୍‌ଘାଟ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସର ପ୍ରାପ୍ତ ଶିକ୍ଷକ ଦାଉଦ କୁଅଁର, ମୁଖ୍ୟବକ୍ତା ବିରଞ୍ଚି ବିଭାର, ସମ୍ମାନିତଅତିଥି ମନମୋହନ ତାଣ୍ଡି, ଗୋପବନ୍ଧୁ ଶିକା, ବିଦ୍ୟାଧର ତାଣ୍ଡି, ନିହା ରାଜହଂସ, ବ୍ୟାସଦେବ ନାଗ, ଘାସିରାମ କୁମ୍ଭାର, ଦୁବରାଜ ଲୁହାର, ଚନ୍ଦ୍ରମଣି କୁମ୍ଭାର, ସନ୍ତୋଷ ବାରିକ, କେଶବ ହରପାଲ ଯୋଗଦାନ କରି ବାବା ସାହେବ ଆମ୍ବେଡକରଙ୍କୁ ପୁଷ୍ପମାଲ୍ୟ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସୁଶାନ୍ତ କୁଅଁର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଚାରପାଲି, ଖେମେଡ଼ଖାର, ଜାମଖେର, ଲମ୍ବରକୁନା, ସିଂହିମୁଣ୍ଡା, କେନ୍ଦୁମୁଣ୍ଡା, ନାଗେନମାଳ, ହଲକାଦାବର, ଭାଲୁକନା ୯ ଖଣ୍ଡ ଗାଁର ଲୋକେ ଯୋଗଦେଇ ଥିଲେ। ଛାତ୍ରୀଛାତ୍ରଙ୍କ ଭିତରେ ଆମ୍ବେଡକରଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା, ଡ୍ୟାନ୍ସ, ଗୀତ ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଦୁଷ୍ମନ୍ତ କୁଅଁର ଧନ୍ୟବାଦ ଦେଇଥିଲେ।

## ପ୍ରଜ୍ଞା ପ୍ରବାହ ଚର୍ଚ୍ଚା ତରଫରୁ ଆଲୋଚନା ଚକ୍ର

ପଦ୍ମପୁର,୭।୯ (ପ୍ରଦୀପ୍ତ ଦାଶ)

ପ୍ରଜ୍ଞା ପ୍ରବାହ ଚର୍ଚ୍ଚା କେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ଏକ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖରିଆର କଲେଜର ଅବସର ପ୍ରାପ୍ତ ପଦାର୍ଥ ବିଜ୍ଞାନ ପ୍ରାଧାପକ ଡ.ଚନ୍ଦ୍ରଶେଖର ଚନ୍ଦ୍ରକାର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ସୁଶ୍ରୀ ଚିନ୍ମୟୀ ବେହେରା ଭାରତୀୟ ମହାନ ବିଜ୍ଞାନ ପରମ୍ପରା ଓ ଭାରତୀୟ ଶିକ୍ଷାର ମହନୀୟତା ବିଷୟରେ ଆଲୋକପାତ କରିଥିଲେ। ପ୍ରଜ୍ଞା ପ୍ରବାହର ସଭାପତି ଅଞ୍ଚଳ କଲେଜର ଅଧାକ୍ଷ ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଡା.ଟିକେଶ୍ୱର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଡ. ସ୍ୱାଧୀନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହିଳା ପ୍ରମୁଖ ଅଞ୍ଜଳି ଦାଶ ଧନ୍ୟବାଦ ଦେଇଥିବାବେଳେ ଡ. ବାଞ୍ଛାନିଧି ପଣ୍ଡା ସ୍ୱସ୍ତି ବାଚନ ଓ ଶାନ୍ତି ପାଠ କରିଥିଲେ। ଅଧ୍ୟାପକ ଦିବ୍ୟକିଶୋର ପଣ୍ଡା ସଭା ସଂଯୋଜନା କରିଥିଲେ। ପ୍ରାୟ ୫୦ ଜଣ ବୁଦ୍ଧିଜୀବୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ବଣ୍ଟନ

ବୀରମହାରାଜପୁର,୭।୯ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଇଭା କମ୍ପ୍ୟୁଟର ଏକାଡ଼େମୀରେ ଛାତ୍ରୀଛାତ୍ରଙ୍କୁ ରବିବାର ପ୍ରମାଣ ପତ୍ର ବଣ୍ଟନ କରାଯାଇଛି। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ସହିତ ପୁରସ୍କୃତ କରାଯାଇଛି। ଏନେଇ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ମହାକୁର ମୁଖ୍ୟ ଅତିଥି, ବୀରମହାରାଜପୁର କଲେଜ ଅଧକ୍ଷ ଡ.ହିମାଂଶୁ ଶେଖର ପାଢ଼ୀ, ବୀରମହାରାଜପୁର ମହିଳା କଲେଜ ଅଧକ୍ଷ ଆଶୁତୋଷ ହୋତା, ଶିକ୍ଷାବିତ୍ କୌଶଲ୍ୟା ପଧାନ, ଅମିତ ଡ଼ାଙ୍ଗ, ଚନ୍ଦ୍ରଶେଖର ହୋତା, ସୁରଜିତ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏନେଇ ୬୦ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହା ସହିତ କୁଇଜ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ସତ୍ୟବ୍ରତ ପଧାନ, କ୍ରୀଷ୍ଣା କର୍ମୀ ଓ ଜିନା ମେହେରଙ୍କୁ ଦ୍ୱପୁରସ୍କୃତ କରାଯାଇଥିଲା।

## ନୂଆଁଖାଇ ଭେଟ୍‌ଘାଟ୍, କୀର୍ତ୍ତନ କଳାକାର ସମାବେଶ

ପାଇକମାଳ,୭।୯(ବଡ ଶତପଥୀ)

ବରଗଡ଼ ଜିଲା ପାଇକମାଳ କୋଶଳ କଳାକାର ସଂଘ, ନୃସିଂହନାଥ ପକ୍ଷରୁ ପାଇକମାଳ ବ୍ଲକ କାଂସଡ଼ା ଗ୍ରାମରେ ନୂଆଁଖାଇ ଭେଟଘାଟ ଓ କୀର୍ତ୍ତନ କଳାକାର ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ନୃସିଂହନାଥ ଓ ଗୌରାଙ୍ଗ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପରେ ସଂଘର ସଭାପତି ଟାଇଲ ଚନ୍ଦ୍ର ଭୋଇ ମୁଖ୍ୟ ଅତିଥିଭାବେ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ପାଇକମାଳ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ବରିହା ସଭାପତିତ୍ୱ କରିଥିବା ବେଳେ କାଂସଡ଼ା ସରପଞ୍ଚ ଉଗ୍ରସେନ ଭୋଇ, ରବି ସାହୁ, ଗୋପୀନାଥ ପ୍ରଧାନ, ନନ୍ଦଲାଲ ନାୟକ, ହୃଦାନନ୍ଦ ଭୋଇ, ଅଲେଖ ସାହୁ, ଝସକେତନ ବଢ଼େଇ, ଚତୁର୍ଭୁଜ ଭୋଇ, ସୁରେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ନୂଆଁଖାଇ ଓ ନୂଆଁଖାଇ ଭେଟଘାଟ ଏବଂ କଳା ସଂସ୍କୃତି ବିଶେଷ କରି କୀର୍ତ୍ତନ କଳାର ପ୍ରଚାର ପ୍ରସାର ଉପରେ ଅତିଥିମାନେ ଗୁରୁତ୍ୱ ରୋପ କରିଥିଲେ। ଏହି ସମାବେଶରେ ପାଇକମାଳ ବ୍ଲକର ୧୧ ଟି ଗ୍ରାମର କୀର୍ତ୍ତନ କଳାକାରମାନେ ଯୋଗଦେଇ କୀର୍ତ୍ତନ ପରିବେଷଣ କରିଥିଲେ। ପାନାଲାଲ ସେଠ କୀର୍ତ୍ତନ ସମାବେଶକୁ ସଞ୍ଚାଳନ କରିଥିଲେ।


ସମାବେଶରେ ଅତିଥିଙ୍କ ସହ କୀର୍ତ୍ତନ କଳାକାରମାନେ।

## ସଡ଼କ ଦୁର୍ଘଟଣାରେ ବୃଦ୍ଧ ମୃତ: ରାସ୍ତାରୋକୋ

### ମୃତକଙ୍କ ପରିବାରକୁ ମିଳିଲା ୧୦ ହଜାର ଟଙ୍କା


ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ପାଇକମାଳ, ୭।୯(ବଡଶତପଥୀ)

ବରଗଡ଼ ଜିଲା ପାଇକମାଳ ଥାନା ଡୁଙ୍ଗୁରିପାଲି ନିକଟରେ ବିଜୁ ଏକ୍ସପ୍ରେସ ୱେରେ ରବିବାର ଏକ ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହା ପରେ ଲୋକେ ରାସ୍ତାରୋକୋ କରିଥିଲେ। ମୃତକ ହେଲେ ଡୁଙ୍ଗରିପାଲିର ନାଥ ଅଜଗର (୭୫)। ସୂଚନାଯୋଗ୍ୟ, ମାଣ୍ଡୋସିଲର ଦୁଷ୍ମନ୍ତ କୁମାର ସାହୁ(୩୭) ତାଙ୍କ ପତ୍ନୀ ସହିତ କୌଣସି କାମ ପାଇଁ ଏକ କାର ଯୋଗେ ପାଇକମାଳ ଯାଇ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଡୁଙ୍ଗୁରିପାଲି ବିଜୁ ଏକ୍ସପ୍ରେସ ୱେରେ ଜଣେ ବୃଦ୍ଧ ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଉଥିବା ସମୟରେ କାର ସେହି ବୃଦ୍ଧ ନାଥ ଅଜଗରଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ଜାଣିବା ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଗାଡି ଚାଳକଙ୍କୁ ଅଟକ ରଖି କ୍ଷତିପୂରଣ ଲାଗି ରାସ୍ତାରୋକୋ କରିଥିଲେ। ଏନେଇ ପାଇକମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କଲା ପରେ ତଥା ପାଇକମାଳ ତହସିଲଦାର ସିନ୍ଧୁସୂତା ପାତ୍ର ମୃତକଙ୍କ ପରିବାରକୁ ରେଡକ୍ରସ ତରଫରୁ ୧୦ହଜାର ଟଙ୍କା ଦେବା ପରେ ରାସ୍ତାରୋକୋ ହଟିଥିଲା । ଏନେଇ ପାଇକମାଳ ପୋଲିସ ଗାଡ଼ି ଓଡ଼ି ୦୨ ବିପି ୪୩୪୩ କୁ ଜବତ କରି ଗାଡି ଚାଳକଦୁଷ୍ମନ୍ତ ସାହୁଙ୍କ ନାମରେ ମାମଲା (ନଂ. ୧୯୩/୨୦୨୫) ରୁଜୁ କରି ପଦ୍ମପୁର କୋର୍ଟ ଚାଲାଣ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଯାଇଛି ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ୨ ମୃତ

ରାଜଗାଙ୍ଗପୁର, ୭।୯(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ରାଜ୍ୟ ରାଜପଥ ନଂ. ୧୦ ରାଣିବନ୍ଧରେ ରବିବାର ଏକ ସଡକ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାଂଶବାହାଲ ବରଟୋଲିର ଜସ୍‌ବିର ବେକ ଓ ସୋନାଖାନ ଖିଲାରିପଡାର ରୋହିତ ମାଝୀ। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ସୂଚନା ମୁତାବକ, ରବିବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ଏକ ବାଇକ ନଂ. ଓଡି ୦୨ ସିପି ୬୭୭୨ ଯୋଗେ ଜସ୍‌ବିର ଓ ରୋହିତ କୁତ୍ରାରୁ କାଂଶବାହାଲ ଯାଉଥିଲେ। ରାଣିବନ୍ଧଠାରେ ବାଇକ ଭାରସାମ୍ୟ ହରାଇ ନିକଟସ୍ଥ ପୋଲରେ ପିଟି ହୋଇଥିଲା। ରକ୍ତାକ୍ତ ଅବସ୍ଥାରେ ୨ ଜଣଙ୍କୁ ରାଜଗାଙ୍ଗପୁର ଥାନାଧିକାରୀ ବିଜୟ ଦାସ, ରାଜେଶ ସେଠୀ ଏବଂ ଅନ୍ୟ ପୋଲିସ ଅଧିକାରୀ ଉଦ୍ଧାର କରି ରାଜଗାଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବଟକିଶୋର ଓଡ଼ିଶା ଆର୍ଚେରୀ ଆସୋସିଏଶନର ଉପସଭାପତି ଭାବେ ନିର୍ବାଚିତ

ସୁନ୍ଦରଗଡ଼,୭।୯(ଜୟ ନାରାୟଣ ମେଣ୍ଢୁଲି)



ବିଶିଷ୍ଟ ସାମାଜିକକର୍ମୀ, ସୁନ୍ଦରଗଡ଼ ଜିଲାର ସୁପରିଚିତ ବ୍ୟକ୍ତି ତଥା ପୂର୍ବତନ ଭାଜପା ଜିଲା ସଭାପତି ବଟ କିଶୋର ମିଶ୍ର (ଟିଞ୍ଚୁ) ଓଡ଼ିଶା ଆର୍ଚେରୀ ଆସୋସିଏଶନର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ବଟକିଶୋରଙ୍କୁ ଏହି ନୂତନ ଦାୟିତ୍ୱ ମିଳିବା ପରେ ସୁନ୍ଦରଗଡ ଜିଲା ତଥା ରାଜ୍ୟର କ୍ରିଡାପ୍ରେମୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏ ନେଇ ସୁନ୍ଦରଗଡ ଭାଜପା ପକ୍ଷରୁ ଅମୀୟ ପଟ୍ଟନାୟକ, ଶ୍ରୀକାନ୍ତ ଭଞ୍ଜ, ଆଶିଷ ପଟେଲ, ଲକ୍ଷ୍ମୀ ସାହୁ, ଦିନେଶ କର, ପିଙ୍କୁ ପୃଷେଠ, ରୁପେଶ ପଟେଲଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ତଥା ଭାଜପା ପରିବାର ତରଫରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୁଆଁରମୁଣ୍ଡା,୭।୯(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଉସ୍ରା କଲୋନି ଅଞ୍ଚଳରେ ରବିବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ବେଣୁଧର ପାନ (୩୦)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ, ବେଣୁଧର ଶନିବାର ରାତିରେ ଖାଇପିଇ ଶୋଇଥିଲେ। ରବିବାର ସକାଳୁ କବାଟ ନ ଖୋଲିବାରୁ ପରିବାର ଲୋକେ କବାଟ ଭାଙ୍ଗି ବେଣୁଧରଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଲାଇଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପରିବାର ଲୋକେ କୁଆଁରମୁଣ୍ଡା ଥାନାରେ ଲିଖିତଭାବେ ଜଣାଇଥିଲେ। ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଜୁଆ ଖେଳ ଉପରେ ଚଢ଼ାଉ

ବଡ଼ଗାଁ, ୭।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ପଞ୍ଚାୟତ ସାଲବିରା ଗାଁ ନିକଟ ଜଙ୍ଗଲରେ ସପ୍ତାହେ ହେଲା ପ୍ରତିଦିନ ରାତି ୮ ପର୍ଯ୍ୟନ୍ତ ଜୁଆଖେଳ ହେଉଥିବା ଅଭିଯୋଗ ହୋଇଛି। ରବିବାର ଅପରାହ୍ନରେ ଜୁଆ ଖେଳ ପାଇଁ ବିଭିନ୍ନ ଗ୍ରାମରୁ ଲୋକେ ଆସିଥିବା ପୋଲିସକୁ ସୂଚନା ମିଳିଥିଲା। ସୂଚନା କ୍ରମେ ଏଏସଆଇ ଅରୁପାନନ୍ଦ ଦାସ ସଦଳବଳ ଗ୍ରାମକୁ ଯାଇଥିଲେ। ତେବେ ପୋଲିସ ଗାଡ଼ି ଦେଖି ଜୁଆ ଖେଳିବାକୁ ଆସିଥିବା ବ୍ୟକ୍ତିମାନେ ସେଠାରୁ ଚାଲିଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ବଡ଼ଗାଁ ଥାନା ଅନ୍ତର୍ଗତ କେତେକ ଗ୍ରାମରେ କିଛିଦିନ ବ୍ୟବଧାନରେ ଲୁଚି ଛପି ଜୁଆ ଖେଳ ହେଉଛି। ଜୁଆ ଖେଳାଉଥିବା ବ୍ୟକ୍ତି ମାନେ ପୋଲିସକୁ ଚକମା ଦେବା ପାଇଁ ପ୍ରତି ଏକ ଘଣ୍ଟାରେ ସ୍ଥାନ ପରିବର୍ତ୍ତନ କରୁଥିବା ଜଣାପଡିଛି।

# ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ ଉପରେ ଦକ୍ଷତା ବୃଦ୍ଧି ତାଲିମ




ତାଲିମ ଶିବିରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ସୁନ୍ଦରଗଡ଼,୭।୯(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ଼ କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୫ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ବାଡସି)ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ଗତ ୧ତାରିଖରୁ ୫ ପର୍ଯ୍ୟନ୍ତ ଏହା ଆୟୋଜିତ ହୋଇଥିଲା। ଏହି ଶିବିରରେ ଜିଲା ମତ୍ସ୍ୟ ଅଧିକାରୀ ଓ ଆନୁଷଙ୍ଗିକ ଜିଲା ଅଧିକାରୀଙ୍କ ଦ୍ୱାରା ମନୋନୀତ କରାଯାଇଥିବା ୨୦ ଜଣ ମହିଳା ଓ ପୁରୁଷଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ଭାରତୀୟ ମୁଖ୍ୟ ମାଛ ପ୍ରଜାତି ଚାଷ ଉପରେ ତାଲିମ ଦିଆଯାଇଥିଲା। ପ୍ରଶୀକ୍ଷାର୍ଥୀଙ୍କୁ ମାଛଚାଷ ପାଇଁ ପୋଖରୀର ସ୍ଥାନ ନିରୁପଣ, ପୋଖରୀ ପ୍ରସ୍ତୁତି, ଦଳ ସଫା, ଶିକାରୀ ମାଛ ନିରାକରଣ, ମାଛର ଖାଦ୍ୟ ପରିଚାଳନା, ମାଛର ରୋଗ ଓ ତାର ନିରାକରଣ, ଉନ୍ନତ ମାଛ ଜାଆଁଳ ପ୍ରସ୍ତୁତି, ରଙ୍ଗୀନ ମାଛ ଚାଷ, ପୌନଃପୌନିକ ଅମଳ ପଦ୍ଧତିରେ ମାଛ ଚାଷ, ମୁଣ୍ଡା ଜାଆଁଳ ଚାଷ, ବିକ୍ରିବଟା, ସରକାରୀ ଯୋଜନା ଓ ସୁବିଧା ସୁଯୋଗ ଆଦି ବିଷୟରେ ତାଲିମ ପ୍ରଦାନ କରାଯିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ଜ୍ଞାନ କୌଶଳକୁ ପ୍ରଦର୍ଶନ କରାଯାଇଥିଲା। ଏହି ତାଲିମ ଶିବିରରେ ସହକାରୀ ମତ୍ସ୍ୟ ଅଧିକାରୀ ଜ୍ୟୋତିର୍ମୟୀ ଦାସ, କୃଷି ବିଜ୍ଞାନ କେନ୍ଦ୍ର, ପୁରୀର ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ, ଗଞ୍ଜାମ-୨ର ବୈଜ୍ଞାନିକ ସିଦ୍ଧାର୍ଥ ଦାସ, ଅବସରପ୍ରାପ୍ତ ମତ୍ସ୍ୟ ଅଧିକାରୀ ରବୀନ୍ଦ୍ର କୁମାର ପଟେଲ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ବୈଜ୍ଞାନିକ ଡେଭିଡ ଜେମସ ବାଗେ, ଦିବ୍ୟେନ୍ଦୁ ମଣ୍ଡଳ, ଡ. ସଞ୍ଜୀବ ବିଶ୍ୱାସୀ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଟିପିଲିମାସ୍ଥିତ ମାଛ ଜାଆଁଳ ଉତ୍ପାଦନ କେନ୍ଦ୍ରକୁ ପରିଭ୍ରମଣରେ ଯାଇ ମାଛ ଯାଆଁଳ ପ୍ରସ୍ତୁତି ଓ ଯତ୍ନ, ବିକ୍ରିବଟା ସମ୍ବନ୍ଧରେ ପ୍ରତ୍ୟକ୍ଷ ଜ୍ଞାନ କୌଶଳ ଆହରଣ କରିଥିଲେ। ହ୍ୟାଚେରୀ ମ୍ୟାନେଜର ଫଗୁଲାଲ ମହାନନ୍ଦ ଯାଆଁଳ ଉତ୍ପାଦନର ବିଭିନ୍ନ କୌଶଳକୁ ବୁଝାଇ ଦେଖାଇଥିଲେ। ତାଲିମର ଅନ୍ତିମ ଦିବସରେ ମୁଖ୍ୟ ଅତିଥିଭାବରେ ଜିଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ଓ ସେମାନଙ୍କୁ ଉଦ୍ୟୋଗୀ ହେବା ପାଇଁ ଉତ୍ସାହିତ କରିଥିଲେ। ଶେଷ ଦିବସରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟସ୍ଥିତ ସଂପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ସନତ କୁମାର ଦ୍ୱିବେଦୀ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ବ୍ୟବସାୟୀକ ଭିତ୍ତିରେ ମାଛଚାଷ କରି ଲାଭବାନ ହେବା ନିମନ୍ତେ ଉତ୍ସାହିତ କରିଥିଲେ। ଶେଷରେ ପ୍ରଶିକ୍ଷାର୍ଥୀମାନଙ୍କର ମୂଲ୍ୟାୟନ କରାଯାଇ ତାଲିମ ପୁସ୍ତିକା ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ତାଲିମ ଶିବିରକୁ କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଅରୁଣ କୁମାର ମିଶ୍ର, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ, କମଳ ଲୋଚନ ମହାନ୍ତ, କର୍ମଚାରୀ ଭ୍ରମରବର ସା, ଜିତେନ୍ଦ୍ର ସେଠୀ, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରେଷ୍ଠ ଜିଲା ଶିକ୍ଷା ଅଧିକାରୀ ଭାବେ ଅମୂଲ୍ୟ ସମ୍ବର୍ଦ୍ଧିତ



ଅମୂଲ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସୁନ୍ଦରଗଡ଼,୭।୯(ଜୟ ନାରାୟଣ ମେଣ୍ଢୁଲି)

ରାଜ୍ୟ ସ୍ତରୀୟ ଗୁରୁଦିବସ ପାଳନ ଓ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ପଦୋନ୍ନତି ପାଇଥିବା ଅମୂଲ୍ୟ କୁମାର ପ୍ରଧାନଙ୍କୁ ଶ୍ରେଷ୍ଠ ଜିଲା ଶିକ୍ଷା ଅଧିକାରୀ ଭାବେ ସମ୍ବର୍ଦ୍ଧିତ କରିଛନ୍ତି। ସୁନ୍ଦରଗଡ଼ ଜିଲାରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟର ଶ୍ରେଷ୍ଠ ୩ଜଣଙ୍କ ଭିତରେ ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ପ୍ରଧାନଙ୍କୁ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି । ବଲାଙ୍ଗୀର, ସୁନ୍ଦରଗଡ, ପୁରୀ, ଗଞ୍ଜାମ ଆଦି ସ୍ଥାନରେ ତାଙ୍କ ଦିଗଦର୍ଶନରେ ଅହେତୁକ ଉନ୍ନତି ଆସିଥିଲା। ସୁନ୍ଦରଗଡ ଜିଲାରେ ୩ ବର୍ଷ ୯ ମାସର ଜିଲା ଶିକ୍ଷା ଅଧିକାରୀ ଭାବରେ କାର୍ଯ୍ୟକାଳ ସମୟରେ ସେ ଜିଲାର ଶିକ୍ଷାର ସ୍ତରକୁ ଅଗ୍ରଗତି ଆଡ଼କୁ ନେଇଥିଲେ । ଦଶମ ଶ୍ରେଣୀ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ଉତ୍ତମ ପ୍ରଦର୍ଶନ ନିମନ୍ତେ ସେ ଜିଲାରେ ଶିକ୍ଷା ପ୍ରଗତି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସୁବିଧା ଅସୁବିଧା ବିଷୟକୁ ମଧ ବୁଝୁଥିଲେ। ନିକଟରେ ଶିକ୍ଷକ ସ୍ଥାନାନ୍ତର ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରି ଶିକ୍ଷୟିତ୍ରୀ ଶିକ୍ଷକ ମହଲରେ ପ୍ରଶଂସା ସାଉଁଟିଥିଲେ। ତାଙ୍କର ଏହିଅଦ୍ୟମ ନିଷ୍ଠା ଓ ପ୍ରଚେଷ୍ଟା ପାଇଁ ପ୍ରଧାନ ଶ୍ରେଷ୍ଠ ଡିଇଓ ଭାବରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ସମ୍ମାନିତ ହେବା ସୁନ୍ଦରଗଡ଼ ଜିଲାର ଶିକ୍ଷାବିତ, ବୁଦ୍ଧିଜୀବୀ ତଥା ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା ଅଧିକାରୀଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଛି।

## ୯ରେ ବିଜେଡିର ୮ ଘଣ୍ଟିଆ ବନ୍ଦ ଡାକରା

### ବଣାଇଁ ଏନ୍‌ଏସି ଘୋଷଣାରୁ ବଞ୍ଚିତ ପ୍ରତିବାଦ

ବଣାଇଁ, ୭।୯(ପ୍ରଦୀପ ତ୍ରିପାଠୀ)

ରାଜ୍ୟସରକାରଙ୍କ ବଣାଇଁ ପ୍ରତି ବୈମାତୃକ ମନୋଭାବ ପୋଷଣ, ସବୁ ଯୋଗ୍ୟତା ଥାଇ ଏନଏସି ଘୋଷଣାରୁ ବଞ୍ଚିତ କରାଯାଇଥିବା ପ୍ରତିବାଦରେ ଏବେ ବିଜେଡି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଯାଉଛି । ଆସନ୍ତା ୯ ତାରିଖରେ ୮ ଘଣ୍ଟିଆ ବନ୍ଦ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏଥିନେଇ ପ୍ରାଶାସନିକ ସ୍ତରରେ ସୂଚନା ଦେଇ ହେବାକୁ ଥିବା ହରତାଳରେ ସମସ୍ତ ଜନ ପ୍ରତିନିଧି , ବିଭିନ୍ନ ସଙ୍ଗଠନର ସଦସ୍ୟ, ବୁଦ୍ଧିଜୀବୀ ସାମିଲ ହେବାକୁ ଅନୁରୋଧ କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଣାଇଁକୁ ଏନଏସି ଘୋଷଣା କରିସାରିଥିଲେ। କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ବୈମାତୃକ ମନୋଭାବ ପୋଷଣ କରି ବଣାଇଁକୁ ଉପେକ୍ଷା କରୁଛନ୍ତି। ତେଣୁ ଦଳ ତରଫରୁ ଆସନ୍ତା ମଙ୍ଗଳବାର ସକାଳ ୬ରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ବଣାଇଁ ବନ୍ଦ ଡାକରା ଦିଆ ଯାଇଥିବା ପ୍ରେସ୍ ବିବୃତ୍ତିରେ ପ୍ରକାଶ କରିଛନ୍ତି। ପ୍ରସ୍ତାବିତ ବଣାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ବିଜୁ ଛକ, ଉପରବହାଲ ଛକ, ନୂଆଗାଁ ଛକରେ ଜାତୀୟ ରାଜପଥ ଅବରୋଧ ସାଙ୍ଗକୁ ୮ ଘଣ୍ଟିଆ ବନ୍ଦରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନବଜାର ଓ ଗାଡି ଚଳାଚଳ ବନ୍ଦ କରାଯିବ ବୋଲି ପ୍ରଦତ୍ତ ପ୍ରେସ୍ ବିବୃତ୍ତିରେ ବିଜେଡି ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଉଲ୍ଲେଖ କରିଛନ୍ତି ।

## ନର୍ସିଂ କଲେଜରେ ସାଇ ସଂକଳ୍ପ ସମାରୋହ

ବଡ଼ଗାଁ, ୭।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ନର୍ସିଂ କଲେଜ ପରିସରରେ ରବିବାର ପୂର୍ବାହ୍ନରେ ସୁନ୍ଦରଗଡ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ସତ୍ୟସାଇଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସାଇ ସଙ୍କଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଦେବତ୍ୱର ଭବ୍ୟ ଆହ୍ୱାନ ବିଷୟରେ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହାପରେ ହୃଦ୍‌ଘାତରେ ନିଜକୁ ତଥା ଅନ୍ୟକୁ କିପରି ସୁରକ୍ଷିତ ରଖିବା ସେ ନେଇ ସିପିଆର ତାଲିମ ପ୍ରଶିକ୍ଷଣ ଦିଆଯାଇଥିଲା। ଶେଷରେ ପାରସ୍ପରିକ ଆନ୍ତରିକ ସମ୍ପର୍କ ଓ ସାମାଜିକ ଜୀବନ ଶୈଳି ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ତୁଡାଲଗା ସରପଞ୍ଚ ଯୁଧିଷ୍ଠିର ବାଡ଼ା, ସାଇ ଆଶ୍ରିତ ରାମଚନ୍ଦ୍ର ନାୟକ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସତ୍ୟସାଇ ସେବା ସଙ୍ଗଠନର ଦକ୍ଷତା ବିକାଶ ରାଜ୍ୟ ଅଧିକାରୀ ପ୍ରକାଶ ଦାଶଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସତ୍ୟସାଇ ସେବା ସଙ୍ଗଠନର ଗୁରୁଦତ୍ତ ଜେନା, ପ୍ରଭାତ କୁମାର ସାହୁ, ନିରଞ୍ଜନ ବେହେରା, ନିଳାମ୍ବର ମିଶ୍ର, ଫକିର ଜେନା, ହେମନ୍ତ କୁମାର ପଣ୍ଡା, ଡ. ଅରୁଣ କୁମାର ନାୟକ, ଅଜୟ ରାଜ, ଅଳକାନନ୍ଦା ରଥ, ସାଇ ଭବାନୀ ନାଏକ, ସୁସ୍ମିତା ସାହୁ , କେଶବ ସାହୁ , ସୁବ୍ରତ ବିଶାଳ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବଡ଼ଗାଁ ନର୍ସିଂ କଲେଜର ସମସ୍ତ ଏଏନଏମ, ଜିଏନଏମ, ବିଏସସି ନର୍ସିଂ ଛାତ୍ରୀଛାତ୍ର ମାନେ ଅଂଶଗ୍ରହଣ କରିଥିଲେ।

## ଚାକିରି ସାଙ୍ଗକୁ ଖେଳରେ ରୁଚି ରଖନ୍ତି ଭବାନୀ

ବାଲିଶଙ୍କରା,୭।୯ (ସତ ସେଠ)




ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ବନ୍ଧବାହାଲ ପଞ୍ଚାୟତ ବନ୍ଧବାହାଲ ଗ୍ରାମର ଭବାନୀ ଶଙ୍କର ସେଠ୍ ଓଡ଼ିଶା ପୋଲିସ ବିଭାଗରେ ଚାକିରି ସାଙ୍ଗକୁ ଖେଳ ପ୍ରତି ରୁଚି ରଖନ୍ତି। ବର୍ତ୍ତମାନ ସେ ଝାରସୁଗୁଡ଼ାରେ ଡେପୁଟି କମାଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ଫୁଟବଲ ଖେଳରେ ଅବସର ନେଲାପରେ ଫୁଟବଲ, ହକି, ଆଥଲେଟିକ୍ସ, କବାଡ଼ି, ହ୍ୟାଣ୍ଡବଲ ଆଦି ବିଭାଗ ଗୁଡିକରେ ବିଭିନ୍ନ ଜିଲା, ରାଜ୍ୟ ଗୁଡିକରେ ହେଉଥିବା ପ୍ରତିଯୋଗିତାରେ ସକ୍ରିୟ ଅଫିସର ଭାବେ କାର୍ଯ୍ୟ ତୁଲାଉଛନ୍ତି। ଗତ ଅଗଷ୍ଟ ୨୦ ତାରିଖରୁ ୨ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲାରେ ରାଜ୍ୟ ପୋଲିସ ଫୁଟବଲ ପ୍ରତିଯୋଗିତା, ଏପ୍ରିଲରେ ଅଲ ଇଣ୍ଡିଆ ହକି ଚମ୍ପିୟାନ୍ସିପ, ଫେବୃଆରୀରେ ଅଲ ଇଣ୍ଡିଆ ବିଏନ ମଲ୍ଲିକ ଫୁଟବଲ ଚମ୍ପିୟାନ୍ସିପ ତ୍ରିପୁରା, ଚଳିତ ୭ରୁ ୧୩ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଜିଲାରେ କବାଡି ଓ ହ୍ୟାଣ୍ଡବଲ ରାଜ୍ୟ ପୋଲିସ ଚମ୍ପିୟାନ୍ସିପରେ ଅଫିସର ଭାବେ ଯୋଗଦେଇଛନ୍ତି। କ୍ରୀଡା ଓ ଚାକିରୀ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ଯୋଗୁ ସାରା ରାଜ୍ୟ ପୋଲିସ ବିଭାଗ ଓ ବିଭିନ୍ନ ମହଲରେ ପ୍ରସଂସାର ସୁଅ ଛୁଟିଛି। ଉଲ୍ଲେଖଯୋଗ୍ୟ, ଭବାନୀ ଓଡ଼ିଶା ପୋଲିସ ବିଭାଗରେ ୧୯୯୪ ମସିହାରେ ଯାଜପୁରରେ ସରଜେଣ୍ଟ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୦୬ରେ ଝାରସୁଗଡାରେ ଆରଆଇ, ୨୦୧୦ରେ କୋରାପୁଟରେ ପ୍ରଥମ ବାଟାଲିୟନ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୨୦୧୯ରେ ଝାରସୁଗୁଡା ଡେପୁଟି କମାଣ୍ଡାଣ୍ଟ ୨ ଏବଂ ୨୦୨୪ରେ କିଛିଦିନ କମାଣ୍ଡାଣ୍ଟ ଇନଚାର୍ଜ ଭାବେ ଝାରସୁଗୁଡା ୨ୟ ବାଟାଲିୟନ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ଚାକିରୀ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୧-୨୨ରେ ଆନ୍ତରିକ ଉଦ୍ୟମ ପାଇଁ ଡିଜିପି ଏସଡିସ୍କ ମେଡାଲ ଓ ୨୦୨୨ରେ ଆନ୍ତରିକ ସୁରକ୍ଷା ମେଡାଲ ପାଇଛନ୍ତି। ଓଡିଶା ରାଜ୍ୟ ପୋଲିସ ପକ୍ଷରୁ ଅନେକଥର ପ୍ରତିନିଧିତ୍ୱ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭବାନୀ ଓଡ଼ିଶାର ଜଣେ ସୁନାମଧନ୍ୟ ଫୁଟବଲ ଖେଳାଳିଭାବେ ପରିଚିତ।

## କୁତ୍ରା ବିଦ୍ୟାଳୟର ୩ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର




ଜଣେ ଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

କୁତ୍ରା,୭।୯ (ଦେବାଶିଷ ସାହୁ)

ଜିଲା ସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ୩ ଜଣ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଛି। ସମ୍ମାନିତ ଶିକ୍ଷକମାନେ ହେଲେ ଅନୁଷ୍ଠାନର ସଂସ୍କୃତ ଶିକ୍ଷକ ଡ. ବିଭୀଷଣ ବାରିକ, ବିଜ୍ଞାନ ଶିକ୍ଷୟିତ୍ରୀ ଦିପିକା କେର୍କେଟା ଓ ଗଣିତ ଶିକ୍ଷକ ଅବିନାଶ କର। ମୁଖ୍ୟ ଅତିଥିଭାବେ ବିଧାନସଭାର ଉପ ବାଚସ୍ପତି ଭବାନୀଶଙ୍କର ଭୋଇ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଲେ। ଏଥିରେ ଜିଲାପାଳ ଡ.ଶୁଭଙ୍କର ମହାପାତ୍ର, ଏଡିଏମ ଅଭିମନ୍ୟୁ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନେ ସମ୍ମାନିତ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଲେ।

## ଭାରିଯାନ ଧକ୍କାରେ ଜଣେ ମୃତ: ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ହେମଗିରି,୭।୯(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ବାଙ୍କୀବାହାଲ ଟପରିଆ ରାସ୍ତାର ଗଏକନପାଳି ଗ୍ରାମ ନିକଟରେ ରବିବାର ଏକ ଭାରିଯାନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ଗଏକନପାଳି ଗ୍ରାମର ମନୋଜ ଭୋଇ (୩୫)। ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିନେଇ ରାସ୍ତା ରୋକୋ କରିଥିଲେ। ତହସିଲଦାର ସାରିକା ରାଣୀ ଧାମେଲ, ଫାଣ୍ଡି ଅଧିକାରୀ ମହେନ୍ଦ୍ର ସାହୁ, ଯୁବନେତା ରାଜେନ୍ଦ୍ର ନାଏକ, ଓବିଜିଏମଏସ ସଭାପତି ଗୋପାଳ ପଧାନ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି କ୍ଷତିପୂରଣ ଓ ବିଭିନ୍ନ ଦାବି ପୂରଣ କରିବା ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋରୁ ଓହରି ଥିଲେ। ଘଟଣା ସ୍ଥଳରେ ହେମଗିରି ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁସାରେ, ରବିବାର ଭୋରୁ ମନୋଜ ଶୌଚ ହେବା ପାଇଁ ରାସ୍ତା ପାର ହେଉଥିବା ସମୟରେ ଏକ ଭାରିଯାନ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

## ପାଣିରେ ବୁଡି ୩ ମୃତ, ଅପମୃତ୍ୟୁ ମାମଲା ରୁଜୁ

ଲହୁଣୀପଡ଼ା,୭।୯(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୩ଟି ଗ୍ରାମରେ ରବିବାର ପାଣିରେ ବୁଡ଼ି ୩ଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ୩ଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ରାଉରକେଲା ଗୋପବନ୍ଧୁପାଲି ଅଞ୍ଚଳରୁ ଆସି ଲହୁଣୀପଡା ବ୍ଲକ ବଡପୁରୁଣାପାଣି ପଞ୍ଚାୟତ ଜୁନିଆନି ଗ୍ରାମରେ ଏମଡି ସବିର(୨୬) ଓ ତାଙ୍କର ସମ୍ପର୍କୀୟ ଭଉଣୀ ଅନାରୀ ବେଗମ ରୁହନ୍ତି। ରବିବାର ସକାଳେ ସବିର ଗାଧୋଇବା ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ। ଅନେକ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ଦମକଳ ବାହିନୀ ଓ ପୋଲିସକୁ ସୂଚନା ଦିଆଯାଇଥିଲା। ଦମକଳ ବାହିନୀ ଖୋଜାଖୋଜି କରି ପୋଖରୀରୁ ସବିରଙ୍କ ମୃତଦେହକୁ ଉଦ୍ଧାର କରି ଲହୁଣୀପଡା ଡାକ୍ତରଖାନାକୁ ନେଇଥିଲେ। ସେହିଭଳି ବୁଢୀକୁଟୁଣୀ ଗ୍ରାମର ଦୁଃଖ କିଷାନ(୬୦) ଅପରାହ୍ନ ପ୍ରାୟ ୧୨ ଟାରେ ନିକଟସ୍ଥ ପୋଖରୀକୁ ଗାଧେଇବା ପାଇଁ ଯାଇ ବୁଡି ମୃତ୍ୟୁବରଣ କରିଛନ୍ତି। ସେହିଭଳି ସେହି ବଡପୁରୁଣାପାଣି ପଞ୍ଚାୟତ ଶିଆଳିକୁଦର ଗ୍ରାମର ରାମଚନ୍ଦ୍ର ମୁଣ୍ଡା(୩୫) ଅପରାହ୍ନ ପ୍ରାୟ ୩ ଟାରେ ୨ ଜଣ ସାଙ୍ଗଙ୍କ ସହ ମାଛ ଧରିବା ପାଇଁ ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ବଂଶୀ ଧରି ଯାଇଥିଲେ। ପଥର ଉପରେ ବସି ବଂଶୀ ପକେଇ ମାଛ ଧରୁଥିବାବେଳେ ପଥରରୁ ତଳକୁ ଖସି ନଦୀ ସ୍ରୋତରେ ଭାସି ଯାଇଥିଲେ। ପୋଲିସ ମୃତଦେହ ଜବତ କରିଛି। ରାମଚନ୍ଦ୍ର ଓ ବୁଢୀକୁଟୁଣୀ ଗ୍ରାମର ଦୁଃଖୁଙ୍କ ମୃତଦେହକୁ ପୋଲିସ ବଣେଇଁ ଉପଖଣ୍ଡ ଚିକିତ୍ସାଳୟର ମର୍ଗ ହାଉସରେ ରଖିଛି। ସୋମବାର ବ୍ୟବଚ୍ଛେଦ କରାଯିବ।

## ନିଆରା ଢଙ୍ଗରେ ନୂଆଁଖାଇ ଭେଟ୍‌ଘାଟ୍

ସୁନ୍ଦରଗଡ,୭।୯ (ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ଼ ଜିଲା ହେମଗିରି ବ୍ଲକ ସୁମୁରା ପଞ୍ଚାୟତ ସରଡେଗା ଗାଁରେ ରହିଛି ଏକ ଶନି ମନ୍ଦିର। ଏହି ଶନି ମନ୍ଦିର କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ମଧ ଏହି ନୂଆଖାଇ ଭେଟଘାଟ ଏକ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ଶନିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଶନି ମହାରାଜଙ୍କୁ ପୂଜାର୍ଚ୍ଚନା କରି ହୋମଯଜ୍ଞ କରାଯାଇଥିଲା। ଗ୍ରାମର ବୃଦ୍ଧ ବୃଦ୍ଧାଙ୍କ ସହ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଗାଁରେ ନୂଆଁଖାଇ ଭେଟଘାଟ ସହ ପ୍ରତ୍ୟେକ ବର୍ଷ କିଛି ନୂଆ ସଂକଳ୍ପ ନେଇଥାନ୍ତି ଏହି ଗ୍ରାମବାସୀ। ଭୂୟାଁ ସମାଜ ସଭାପତି ଅମିୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଭିମନ୍ୟୁ ଦେହୁରୀ, ମନ୍ଦିର ପ୍ରତିଷ୍ଠାତା ପରମେଶ୍ୱର ସା, କମିଟି ସଭ୍ୟ ଈଶ୍ୱର ଶା, ବିଷ୍ଣୁରାମ ସା, ବିଶ୍ୱଜିତ ପଶାୟତ, ମଙ୍ଗଲୁ କାଲୋ, କ୍ଷମା ସାଗର ଦାନି, ତପେଶ୍ୱର୍ ଭୋଇ, ରାଜେନ୍ଦ୍ର ପଟେଲ, ଜୟଦେବ ଚୌଧୁରୀ, ଖୁସି ମାଝୀ, ବୁଟ ସା, ଥୟବତି ପାଣ୍ଡେ,ପଦ୍ମିନୀ କାଲୋ ପ୍ରମୁଖ ସହଯୋଗ କରିଥିଲେ।



ନୂଆଖାଇ ଭେଟ୍‌ଘାଟ୍‌ରେ ସାମିଲ ହୋଇଥିବା ମହିଳାମାନେ।

## ସଂକ୍ଷେପରେ

### ଚାଲାଣ ବେଳେ ୫ ଗୋରୁ ଜବତ: ୩ ଗିରଫ

ଲଖନପୁର, ୭।୯ (ଗୌତମ ସାହୁ)

ବେଆଇନ ଗୋଚାଲାଣ ଅଭିଯୋଗରେ ରେଙ୍ଗାଲି ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳର ଗୌତମ ନାଏକ, ସୁବୋଧ ନାଏକ ଓ ଅତୁଲ୍ୟ ନାଏକ। ପୋଲିସ ସୂଚନା ଅନୁଯାୟୀ, ରବିବାର ଭୋର୍ ସାଢ଼େ ୪ଟାରେ ରେଙ୍ଗାଲି ଥାନା ଅଞ୍ଚଳ ଦେଇ ୫ଟି ଗୋରୁଙ୍କୁ ଜଣେ ଅଭିଯୁକ୍ତ ରାସ୍ତାରେ ଚଲେଇ ଚଲେଇ ନେଇଯାଉଥିଲେ। ଅନ୍ୟ ୨ ଜଣ ଏକ କାର୍ (ନଂ.ସିଜି୧୨ଡି-୧୦୯୩)ରେ ତାଙ୍କ ପଛରେ ଯାଉଥିଲେ। ଖବରପାଇ ପୋଲିସ ଗୋବିନ୍ଦପୁର ଟୋଲ୍‌ଗେଟ୍ ନିକଟରେ ପହଞ୍ଚି ଉକ୍ତ ଗାଡ଼ି ସହ ୫ ଗୋରୁଙ୍କୁ ଜବତ କରିଥିଲା। ଏଥିସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସେମାନଙ୍କ ନିକଟରୁ ୩ଟି ମୋବାଇଲ ଫୋନ୍ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୨୦୮/୨୫) ରୁଜୁ ହୋଇଛି।

### ୨୩ ଅଭିଯୋଗର ଶୁଣାଣି କଲେ ବିଧାୟକ

ଦେବଗଡ଼,୭।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟସ୍ଥିତ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ୨୩ଟି ବ୍ୟକ୍ତିଗତ ଏବଂ ସାମୁହିକ ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି ରାସ୍ତା ମରାମତି, ନୂତନ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ, ପାନୀୟଜଳ ଓ ବିଦ୍ୟୁତ୍ ସମସ୍ୟା ସମ୍ପର୍କିତ ଅଭିଯୋଗ ହୋଇଥିଲା। ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଅଭିଯୋଗକାରୀଙ୍କୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସେହିପରି କେତେକ ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଫୋନ ଜରିଆରେ ଯୋଗାଯୋଗ କରି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପରାମର୍ଶ କରିଥିଲେ।

### ନଖୁବାବା ମଠରେ ଭାଗବତ ସପ୍ତାହ କାର୍ଯ୍ୟକ୍ରମ

ଲଖନପୁର, ୭।୯(ଗୌତମ ସାହୁ)

ଲଖନପୁର ବ୍ଲକ ସାଗରପାଲି ଗ୍ରାମର ନଖୁ ବାବା ମଠରେ ୬୮ତମ ଶ୍ରୀମଦ୍ ଭଗବଦ୍ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଗତ ୩୧ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ଏହି ଅବସରରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ସପ୍ତାହ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଗବତ ପାଠ, ହରିନାମ କୀର୍ତ୍ତନ ହୋଇଥିଲା। ପଣ୍ଡିତ ଚନ୍ଦ୍ରଭାନୁ ନାଏକ ପୂଜାର୍ଚ୍ଚନା କରିଥିବାବେଳେ କର୍ତ୍ତା ଭାବରେ ରୁଦ୍ରପ୍ରତାପ ବିଶ୍ୱାଳ, ଷଡ଼ବୈଷ୍ଣବ ଭାବରେ ଗୋପୀନାଥ ବାଗ, ସମାରୁ ମୁଣ୍ଡା, ଟିକେଲାଲ ସା, ନାରେନ ପଧାନ, ବିଜେନ୍ଦ୍ର ବାଗ, ମଣି ବଗର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଦିବସରେ ପୂର୍ବତନ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ, ରାଜ୍ୟ କଂଗ୍ରେସ ପ୍ରଭାରୀ ଶୋଭା ଓଝା, ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡାଙ୍କ ସହ ବରିଷ୍ଠ କଂଗ୍ରେସ ନେତୃମଣ୍ଡଳୀ ପହଞ୍ଚିଥିଲେ।

# ୧୪୪୦ ବୋତଲ କଫ ସିରପ୍ ଜବତ, ୨ ଗିରଫ

ଝାରସୁଗୁଡା,୭।୯(ଆଶିଷ ରଞ୍ଜନ ଦାଶ)


ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ବେଆଇନ କଫ ସିରପ ଚାଲାଣ ଘଟଣାରେ ଝାରସୁଗୁଡ଼ା ଟାଉନ୍ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ମାଲ ଥାନା ଅଧୀନ କଣ୍ଡାଟିକ୍ରା ଗ୍ରାମର ରଞ୍ଜନ କୁମାର ଭଇଂସା(୨୬) ଓ ଗରିଆଡ଼ିହି ଗ୍ରାମର ସୁରେନ୍ଦ୍ର କୁମାର ମହାକୁଡ଼(୩୮)। ସେମାନଙ୍କ ନିକଟରୁ ୧୪୪୦ ବୋତଲ କଫ ସିରପ, ୮୫୦ ଟଙ୍କା, ୩ଟି ମୋବାଇଲ, ଗୋଟିଏ ଆଧାର କାର୍ଡ, ଗୋଟିଏ ଚାବି ଓ ଚୋରା ଚାଲାଣରେ ବ୍ୟବହୃତ କାର ଜବତ କରାଯାଇଥିବା ନେଇ ରବିବାର ପୂର୍ବାହ୍ନରେ ଝାରସୁଗୁଡ଼ା ଟାଉନ୍ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନରେ ସୁନ୍ଦରଗଡ଼ ପଟୁ ଏକ କାରରେ ବେଆଇନ ଭାବେ କଫସିରପ ଚାଲାଣ ହେଉଥିବା କୌଣସି ସୂତ୍ରରୁ ପୋଲିସ ସୂଚନା ପାଇଥିଲା। ପରେ ପୋଲିସର ଏକ ଟିମ୍ ୧୦ ନମ୍ବର ରାଜ୍ୟ ରାଜପଥର ଝାରସୁଗୁଡ଼ା ସହର ନିକଟ ଏକ ଢାବା ପାଖରେ ଜଗି ରହିଥିଲା। କାର୍‌ଟି ଉକ୍ତ ଢାବା ନିକଟରେ ପହଞ୍ଚିବା ପରେ ପୋଲିସ ଟିମ୍ ଅଟକାଇଥିଲା। ପରେ କାରକୁ ଯାଞ୍ଚ କରିବାରୁ ସେଥିରେ ୧୨ଟି କାର୍ଟୁନ୍‌ରେ ୧୦୦ ଏମ୍‌ଏଲ ବିଶିଷ୍ଟ ୧୪୪୦ ବୋତଲ କଫ ସିରପ ଜବତ କରାଯାଇଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୪୦୧/୨୫) ରୁଜୁ ହୋଇଛି।

# ନୂଆଦିଲ୍ଲୀ ଜୁହାର ପରିବାର ପାଳିଲା ନୂଆଁଖାଇ ପରବ


ଅତିଥିମାନେ ଚାଷୀ ଫିରୋଜ ସାହୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସମ୍ବଲପୁର,୭।୯(ବି.ଶଙ୍କର)

ଉତ୍ସାହ ଉଦ୍ଦୀପନା ମଧ୍ୟରେ ଜୁହାର ପରିବାର ନୂଆଦିଲ୍ଲୀର କେଣ୍ଟସ୍ଥିତ ସର୍ବପଲ୍ଲୀ ରାଧାକ୍ରିଷ୍ଣନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରେକ୍ଷାଳୟରେ ନୂଆଁଖାଇ ପରବ ରବିବାର ପାଳିତ ହୋଇଯାଇଛି। ଅତିଥିଭାବେ ଯୋଗଦେଇଥିଲେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ଏମ୍‌ପି ପ୍ରଭାସ ସିଂ, ଷୋଡଶ ବିତ୍ତ ଆୟୋଗ ସଦସ୍ୟ ଡ଼. ମନୋଜ ପଣ୍ଡା, ଭାରତୀୟ ପ୍ରବନ୍ଧନ ସଂସ୍ଥାନ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ଡ଼. ମହାଦେବ ପ୍ରସାଦ ଜୟସ୍ୱାଲ, ଜାତୀୟ କମ୍ପାନୀ ଆଇନ ଅପିଲ ଟ୍ରିବ୍ୟୁନାଲ ସଦସ୍ୟ ଯତୀନ୍ଦ୍ରନାଥ ସ୍ୱାଇଁ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ କାର୍ଯ୍ୟକାରୀ ନିର୍ଦ୍ଦେଶକ ବିଭୁ ମହାପାତ୍ର, ଡ଼ ଭବାନୀ ଦୀକ୍ଷିତ ଓ ବରିଷ୍ଠ ଅଧିବକ୍ତା ଶରତ ନନ୍ଦ। ଏହି ଅବସରରେ ସଫଳ ଚାଷୀ ଫିରୋଜ ସାହୁଙ୍କୁ ଜୁହାର ସମ୍ମାନ-୨୫, ଜୁହାର ଅଟଳ ସମ୍ମାନ-୨୫ରେ ପଶୁକବି ସୁଶୀଲ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସମାଜସେବୀ ସୁଜିତ ଦାଶଙ୍କୁ ମଧ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ସ୍ମରଣିକା 'ଜୁହାର ସୁରତା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଶଙ୍କର ବେହେରାଙ୍କ ନେତୃତ୍ୱରେ ସଙ୍ଗୀତ ସାଧନା ଲୋଇସିଂହା ଓ ଭାରତ ଗୌରବଙ୍କ ନେତୃତ୍ୱରେ ଫୋକାଲ ସମ୍ବଲପୁର ଭାଇଜିଉନ୍ତିଆ, ନଚନିଆ, ରସରକେଲି, ରଙ୍ଗବତୀ ସମ୍ବଲପୁରୀ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଲୋକପ୍ରିୟ ଗାୟକ ରୁକୁ ସୁନା, ସନ୍ଧ୍ୟାରାଣୀ ପାଟଜୋଷୀ, ଅଙ୍କିତ ରାଜ, ସୌଭାଗ୍ୟଲକ୍ଷ୍ମୀ ଦାସ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। ସୁପ୍ରଭା ପାଢ଼ୀଙ୍କ ନେତୃତ୍ୱରେ ସମ୍ବଲପୁରୀ ଫେସନ ଶୋ ପ୍ରଦର୍ଶିତ ହୋଇଥିଲା।

ଅତିଥି ଓ ଦର୍ଶକମାନେ ସୋନପୁରର ଅର୍ଜୁନ ରଥଙ୍କର ପ୍ରସ୍ତୁତ ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ କରଡ଼ି ହେଂଡୁଆ, ଆମ୍ବଲ ଲେଥା, ଆରିଶା ସହ ଅନ୍ୟ ଖାଦ୍ୟର ମଜା ନେଇଥିଲେ। କାର୍ଯ୍ୟକ୍ରମରେ ପ୍ରଶାସକ, ଶିକ୍ଷାବିତ୍, ସଂସ୍କୃତିପ୍ରେମୀ ଓ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସଭାପତି ରଞ୍ଜନ ପ୍ରଧାନ, ସମ୍ପାଦକ ମାନସ ମିଶ୍ର, କୁନ୍ତଳା ଭୋଇ, ବିଜୟାନନ୍ଦ ନାଏକ, ବାସୁଦେବ ତ୍ରିପାଠୀ, ଦେବଦତ୍ତ ଦାଶ, ଦେବାଶିଷ ମାଝୀ, ଆକାଶ ପାଣିଗ୍ରାହୀ, ପିନାକୀ ପ୍ରସାଦ ରଥ, ଅନୁପମ ମିଶ୍ର, ଅରକ୍ଷିତ ଶାସ୍ତ୍ରୀ, ବିଜୟ ତ୍ରିପାଠୀ, ସର୍ବେଶ୍ୱର ପଧାନ, ଜଗଦୀଶ ପଟେଲ, ଚନ୍ଦ୍ରଶେଖର ପାଢ଼ୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ଝାରସୁଗୁଡ଼ା,୭।୯(ଆଶିଷ ରଞ୍ଜନ ଦାଶ)

**ଭାଗ ନେଲେ ୭୫ ପ୍ରତିଯୋଗୀ**

ପ୍ରଜ୍ଞାନ ମିଶନ ଦ୍ୱାରା ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜିକା ଡ. ଶିବପ୍ରିୟା ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ଝାରସୁଗୁଡ଼ା ଜିଲାର ବିଭିନ୍ନ ବିଦ୍ୟାଳୟରୁ ୩ଟି ବର୍ଗରେ ମୋଟ୍ ୭୫ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଡିଏଭି ସ୍କୁଲ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ଏବଂ ଜିଲା ସଂଯୋଜିକା ମିଶ୍ର ଗୀତା ଆବୃତ୍ତିର ଉଦ୍ଦେଶ୍ୟ ଓ ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ପୁଷ୍ପାଞ୍ଜଳି ପଣ୍ଡା, ଗୌରୀ ପ୍ରସାଦ ଦାଶ, ଅନୁପମା ସାହୁ, ଶାନ୍ତନୁ କୁମାର ସିଂହ ସାବତ, କ୍ରିଷ୍ଣା ପ୍ରଧାନ, ଭାରତୀ ଭୋଇ, ବିଶ୍ୱରଞ୍ଜନ ପାଢ଼ୀ, ଗିରିଜା ଶଙ୍କର ହୋତା, ଅଳକା ପଟେଲ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ବିଭିନ୍ନ ବର୍ଗରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅକ୍ଷୟ ପାଣି ଓ ନୟନ ସାହୁ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

### କଟୁ ମନ୍ତବ୍ୟକୁ ନେଇ ଥାନାର ଦ୍ୱାରସ୍ଥ ହେଲା ବ୍ରାହ୍ମଣ ସମାଜ

ଝାରସୁଗୁଡ଼ା,୭।୯(ଆଶିଷ ରଞ୍ଜନ ଦାଶ)

ବ୍ରାହ୍ମଣ ସମାଜ ବିରୋଧରେ ଜଣେ ଯୁବକ କଟୁ ମନ୍ତବ୍ୟ ଦେଇଛନ୍ତି। ଏହାକୁ ବିରୋଧ କରି ବିରୋଧକରି ଝାରସୁଗୁଡ଼ା ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ରବିବାର ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ଝାରସୁଗୁଡ଼ା ସହରର ଜଣେ ଯୁବକ ଏକ ପୋଖରୀ କାମକୁ ନେଇ ସୋସିଆଲ ମିଡିଆରେ ଖବର ପ୍ରସାରଣ କରିଥିଲେ। ସେ ଜିଲାର ଦୁଇ ବିଧାୟକ ସୁରେଶ ପୂଜାରୀ, ଟଙ୍କଧର ତ୍ରିପାଠୀ, ଲୋକସଭା ଏମ୍‌ପି ପ୍ରଦୀପ ପୁରୋହିତ ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଶିଳାନ୍ୟାସ କରିଥିବା ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବ୍ରାହ୍ମଣ ହୋଇଥିବା ସତ୍ତ୍ୱେ ପୋଖରୀ ପ୍ରତି ଅବହେଳା କାହିଁକି ବୋଲି ଖବର ପ୍ରସାରଣ କରିଥିଲେ। ଖବର ପ୍ରସାରଣ ସମୟରେ ଜିଲାର ସମସ୍ତ ବ୍ରାହ୍ମଣ ସମାଜକୁ ସମାଲୋଚନା କରିବା ସହ କଟୁ ମନ୍ତବ୍ୟ ଦେଇଥିଲେ। ସମାଜ ପ୍ରତି ଘୃଣାଭାବ ଉପ୍ନନ୍ନ କରୁଥିବା ଅଭିଯୋଗରେ ବ୍ରାହ୍ମଣ ସମାଜ ପକ୍ଷରୁ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି। ସମ୍ପୃକ୍ତ ଯୁବକ କ୍ଷମା ପ୍ରାର୍ଥନା ନ କଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ ବୋଲି ବ୍ରାହ୍ମଣ ସମାଜ ପକ୍ଷରୁ ଗଣମାଧ୍ୟମଙ୍କୁ ସୂଚନା ଦିଆଯାଇଛି।

# 'ପରମ୍ପରାର ପ୍ରତୀକ ନୂଆଁଖାଇ'



କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ସମ୍ମାନିତ କରାଯାଉଛି।

ଝାରସୁଗୁଡ଼ା,୭।୯(ଆଶିଷ ରଞ୍ଜନ ଦାଶ)

**ଲକ୍ଷେଘର ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍**

ଝାରସୁଗୁଡ଼ା ଜିଲା ଲକ୍ଷେଘର ସମାଜ ପକ୍ଷରୁ ସ୍ଥାନୀୟ ଏମ୍‌ସିଏଲ୍ ଅଡିଟୋରିୟମଠାରେ ରବିବାର ପୂର୍ବାହ୍ନରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ କହିଛନ୍ତି, ନୂଆଁଖାଇ କେବଳ ଏକ ସାଧାରଣ ଉତ୍ସବ ନୁହେଁ, ଏହା ଆମ କଳା, ସଂସ୍କୃତି ଏବଂ ପରମ୍ପରାର ପ୍ରତୀକ। ଲକ୍ଷେଘର ସମାଜର ପ୍ରେମ ସାଗର, ଉପସଭାପତି ଗୌରାଙ୍ଗ ଜଗତ, କାର୍ଯ୍ୟକ୍ରମ ସଭାପତି ଗଙ୍ଗାଧର କଣ୍ଟା, କୋଷାଧ୍ୟକ୍ଷ ମୁରଲୀ ଛଞ୍ଚାନ, ସମ୍ପାଦକ ମନ୍ମୟ ବଖରା, କାର୍ଯ୍ୟକ୍ରମ ସମ୍ପାଦକ କାହ୍ନୁ ତନ୍ତୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ଭାଗବତ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବ୍ରଜରାଜନଗର,୭।୯ (ବିଜୟ ବରାଡ଼)

ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ବ୍ରାହ୍ମଣ ସମାଜ ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଭାଗବତ ସପ୍ତାହ ପାଠ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଦିନ ଏଠାରେ ଶ୍ରଦ୍ଧାଳୁମାନେ ଭାଗବତ ଶ୍ରବଣ କରିବା ସହ ଆଶୀର୍ବାଦ ପ୍ରାପ୍ତ କରିଥିଲେ। ରବିବାର ପୂର୍ଣ୍ଣାହୁତି ଅବସରରେ ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସୋନପୁର ଜିଲା ବୀରମହାରାଜପୁରର ପଣ୍ଡିତ ଅନନ୍ତ ନାରାୟଣ ପଣ୍ଡା ଭାଗବତ ପାଠ କରିଥିଲେ। ବ୍ରାହ୍ମଣ ସମାଜ ସଭାପତି ବ୍ୟାସଦେବ ପଣ୍ଡା ଭାଗବତ ରସାମୃତ ପାଠ କରିଥଲେ। କର୍ତ୍ତା ଭାବରେ ଦଶରଥ ମିଶ୍ର ଓ ତାଙ୍କ ଧର୍ମ ପତ୍ନୀ ରହିଥିଲେ। ବ୍ରାହ୍ମଣ ସମାଜ ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା, କୋଷାଧ୍ୟକ୍ଷ ଭକ୍ତ ତ୍ରିପାଠୀ, ବ୍ରାହ୍ମଣ ସମାଜର ପୂର୍ବତନ ସଭାପତି ପ୍ରମୋଦ ପଣ୍ଡା, ଗୋପାଳ ନାୟକ ଓ ଶ୍ରୀଜଗନ୍ନାଥ ସେବା ସଂସ୍ଥାନର ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶ୍ରୀମଦ୍ ଭାଗବତ୍ ଏକାଦଶ ସ୍କନ୍ଦ ମହାପୁରାଣ ପାରାୟଣ


ଯଜ୍ଞରେ ଉପସ୍ଥିତ ଶ୍ରଦ୍ଧାଳୁ ଓ ଅନ୍ୟମାନେ।

ଲଇକେରା,୭।୯(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅନ୍ତର୍ଗତ ଖୁଣ୍ଟାମାଲ ଗ୍ରାମର ଜଗନ୍ନାଥ ମଣ୍ଡପଠାରେ ଶ୍ରୀମଦ୍ ଭାଗବତ ଏକାଦଶ ସ୍କନ୍ଦ ମହାପୁରାଣ ପାରାୟଣର ଉଦ୍‌ଯାପନୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏକ ସପ୍ତାହ ଧରି ଏହି ପାରାୟାଣ ଚାଲିଥିଲା। ସଭାପତି ପୁରସ୍ତମ ସାହୁ, ସମ୍ପାଦକ ପବିତ୍ର ମୋହନ ସାହୁ, କର୍ତ୍ତାଭାବେ ଜଗବନ୍ଧୁ ସାହୁ ଓ ଖୋଲଣା ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଗତ ଅଗଷ୍ଟ ୩୧ରେ କଳସ ସ୍ଥାପନ ଓ ଭଗବାନ ବାସୁଦେବଙ୍କ ଭାଗବତ ପାରାୟଣ, ବୁଧବାର ଏକାଦଶ ସ୍କନ୍ଦ ପାରାୟଣ, ଭାଗବତ ପାରାୟଣ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ଜିଲା ଗୋଲମୁଣ୍ଡା ଗ୍ରାମର ଭାଗବତ ପ୍ରବଚକ, ସଙ୍ଗୀତକାର ବକ୍ତା ଭରତ ଚନ୍ଦ୍ର ବର୍ଗତ୍ତି, ଟାମ୍ପରକେଲା ଗ୍ରାମର ସବିତା ସାହୁଙ୍କ ସମେତ କଳାକାର ଉପସ୍ଥିତ ରହି ଶ୍ରୀମଦ୍ ଭଗବଦ୍ ଏକାଦଶ ସ୍କନ୍ଦ ପାରାୟଣ ପ୍ରବଚନ, ଗୀତ ଓ ବାଦ୍ୟ ମାଧ୍ୟମରେ ପାରାୟଣ ଗାନ କରିଥିଲେ। ଶନିବାର ଶ୍ରୀକୃଷ୍ଣ, ବଳରାମ ଓ ଅକ୍ରୂରଙ୍କ ନଗର ଭ୍ରମଣ, ପୁତନା, ବକାଶୁର, ସକଟାଶୁର ବଧ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ରବିବାର ଭଗବାନ ଶ୍ରୀକୃଷ୍ଣ ଓ ବଳରାମଙ୍କ ବିଶ୍ୱରୂପ ଦେଖି କଂସ ନିଧନ ହୋଇଥିଲେ। ରବିବାର ଯଜ୍ଞର ପୂର୍ଣ୍ଣାହୁତି ସହ ପ୍ରସାଦ ସେବନ କରାଯାଇଥିଲା। ଖୁଣ୍ଟାମାଲ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମୋତିଲାଲ ସଭାପତି, ସରୋଜ ସମ୍ପାଦକ

**ଜିଲା ଔଷଧ ବ୍ୟବସାୟୀ ସଂଘ ବୈଠକ**

ଦେବଗଡ଼,୭।୯(ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦେବଗଡ଼ ଜିଲା ଔଷଧ ବ୍ୟବସାୟୀ ସଂଘର ତ୍ରୟବାର୍ଷିକ ବୈଠକ ରିଆମାଳସ୍ଥିତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ ଉପସଭାପତି ତଥା ଝାରସୁଗୁଡ଼ା ସଂଘ ସଭାପତି ଜୟନ୍ତ ଦୀକ୍ଷିତ ଏବଂ ଉତ୍କଳ କେମିଷ୍ଟ ଆସୋସିଏଶନର ଯୁଗ୍ମ ସମ୍ପାଦକ ଲୋଟସ ଷଡ଼ଙ୍ଗୀ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଏହି ଅବସରରେ ଦେବଗଡ଼ ଜିଲା ସଂଘ ପକ୍ଷରୁ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ମୋତିଲାଲ ଶର୍ମା ସଭାପତି, ସରୋଜ କୁମାର ପାଢ଼ୀ ସମ୍ପାଦକ, ମିତ୍ରଭାନୁ ନାୟକ କୋଷାଧ୍ୟକ୍ଷ, ବିପ୍ରଚରଣ ଜୟପୁରିଆ ଉପସଭାପତି, ପ୍ରଦୀପ କୁମାର ସାହୁ ଯୁଗ୍ମ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ଆଗାମୀ ୩ ବର୍ଷ ପାଇଁ ମନୋନୀତ ହୋଇଛନ୍ତି।

# ଫୁଟ୍‌ବଲ ପ୍ରତିଯୋଗିତା: ପୁରୁଣାପାଣି କ୍ଲବ ଚାମ୍ପିୟନ

ଦେବଗଡ଼,୭।୯(ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

ଦଣ୍ଡାସିଂହା ଗ୍ରାମପଞ୍ଚାୟତ ଅଧୀନ ବାଲିନାଳୀସ୍ଥିତ ବାପୁଜୀ କ୍ଲବ୍ ଆନୁକୂଲ୍ୟରେଏ ଗତ ୫ ତାରିଖଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ୍ ୧୬ ଦଳ ଟିମ୍ ଅଂଶଗ୍ରହଣ କରିଥିଲା। ଫାଇନାଲ ମ୍ୟାଚ୍‌ରେ କଳା ଏଏଫ୍‌ସିକୁ ୨-୦ ଗୋଲରେ ପରାସ୍ତ କରି ପୁରୁଣାପାଣି ଫୁଟ୍‌ବଲ କ୍ଲବ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌କୁ ରେଫରୀ ସୁଜିତ୍ ବାରିକ, ରାଜକୁମାର ମହାପାତ୍ର ଓ ତନ୍ମୟ କିଷାନ ପରିଚାଳନା କରିଥିବାବେଳେ କ୍ରୀଷ୍ଣା ସାହୁ ଓ ଧନେଶ୍ୱର ସାହୁ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜକ ବାପୁଜୀ କ୍ଲବ୍‌ର ସଭାପତି ଶିଶିର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରପଞ୍ଚ ସଂଘର ମୁଖ୍ୟ ପରାମର୍ଶଦାତା ତଥା ଦେବଗଡ଼ ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟନାରାୟଣ ପାଣି ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଟିମ୍‌ର ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ମଦନ ମୋହନ ପ୍ରଧାନ ଯୋଗଦେଇଥିଲେ। ବାପୁଜୀ କ୍ଲବ୍ ସମ୍ପାଦକ ଚିନ୍ମୟ ସାହୁ ଧନ୍ୟବାଦ ଦେଇଥିଲେ।

# ଜନ୍ମଦିନ ପାଳନ ବେଳେ ଯୁବତୀଙ୍କୁ ଗଣବଳାତ୍କାର

କୋଲକାତା, ୭।୯

ପଶ୍ଚିମବଙ୍ଗର ହରିଦେବପୁରରେ ଶୁକ୍ରବାର ଜଣେ ୨୦ ବର୍ଷୀୟା ଯୁବତୀ ନିଜ ଜନ୍ମଦିନ ଉତ୍ସବ ପାଳନ କରୁଥିବାବେଳେ ୨ ଜଣ ପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗଣବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଚନ୍ଦନ ମଲ୍ଲିକ ଏବଂ ଦୀପ ବିଶ୍ୱାସ ଫେରାର ହୋଇଯାଇଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଯୁବତୀ ଜଣକ କିଛି ମାସ ପୂର୍ବରୁ ଚନ୍ଦନଙ୍କୁ ଭେଟିଥିଲେ। ଚନ୍ଦନ ନିଜକୁ ଦକ୍ଷିଣ କୋଲକାତା ପୂଜା କମିଟିପ୍ରମୁଖ ବୋଲି ପରିଚୟ ଦେବା ସହ ପରେ ଯୁବତୀଙ୍କୁ ଦୀପଙ୍କ ସହ ପରିଚିତ କରାଇଥିଲେ। ଉଭୟେ ଯୁବତୀଙ୍କୁ କମିଟିରେ ସାମିଲ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନେକ ସମୟରେ ୩ ଜଣ ପରସ୍ପର ସହ କଥା ହେଉଥିଲେ। ଶୁକ୍ରବାର ରାତିରେ ଅଭିଯୁକ୍ତମାନେ ଯୁବତୀଙ୍କୁ ରେଗେଣ୍ଟ ପାର୍କ ଅଞ୍ଚଳରେ ଥିବା ଏକ ଫ୍ଲାଟକୁ ନେଇ ଏକାଠି ଥିଲେ। ଯୁବତୀ ଜଣକ ସେଠାରୁ ବାହାରିବାକୁ ଉଦ୍ୟମ କଲାବେଳେ ଅଭିଯୁକ୍ତମାନେ ଡୋରକୁ ଲକ୍ କରିଦେଇ ତାଙ୍କୁ ମାଡ ମାରିବା ସହ ବଳାତ୍କାର କରିଥିଲେ। ପରଦିନ ସକାଳେ ଯୁବତୀ କୌଣସି ପ୍ରକାରେ ସେଠାରୁ ଖସି ପଳାଇଆସି ହରିଦେବପୁର ଥାନାରେ ଏତଲା ଦେଇଥିଲେ।


ଅଭିଯୁକ୍ତ ଚନ୍ଦନ ମଲ୍ଲିକ ଏବଂ ଦୀପ ବିଶ୍ୱାସ

# କାର୍ ଭିତରେ ନାବାଳିକାଙ୍କୁ ବଳାତ୍କାର

ଦାରିଙ୍ଗବାଡ଼ି, ୭।୯ (ଅରୁଣ ସାହୁ)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ଜଣେ ନାବାଳିକା(୧୫)ଙ୍କୁ ବଳାତ୍କାର କରାଯାଇଥିବା ନେଇ ପରିବାର ଲୋକେ ଶନିବାର ଅଭିଯୋଗ କରିଛନ୍ତି। ନାବାଳିକା ଅଗଷ୍ଟ ୩୧ରେ ନିଜ ବଡ଼ ଭଉଣୀଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭଉଣୀଙ୍କ ଘରଠାରୁ କିଛି ଦୂରରେ ଗଣେଶ ମୂର୍ତ୍ତି ଭସାଣିପାଇଁ ହେଉଥିବା ଶୋଭାଯାତ୍ରା ଦେଖିବାକୁ ନାବାଳିକା ଯାଇଥିଲେ। ଭସାଣି ବେଳେ ସେ ତାଙ୍କ ଡ୍ରେସ୍ ଜ୍ୟାକେଟ୍ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ବସ୍ତିଜ ହେଉଥିବା ପ୍ରସାଦ ଖାଇସାରି ସେଠାକୁ ଯାଇ ଜ୍ୟାକେଟ ଧରି ଫେରୁଥିବା ବେଳେ ଜଣେ ଯୁବକ କାରରେ ଆସି ନାବାଳିକାଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। ଦାରିଙ୍ଗବାଡ଼ି ସହର ବାହାରକୁ ନେଇ କାର୍ ଭିତରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ପରିବାର ଲୋକେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ନାବାଳିକା ସେଠାରୁ ଖସି ଆସିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ ବୋଲି କହିଛନ୍ତି। ତେବେ ଏ କଥା କାହାକୁ କହିଲେ ଜୀବନରେ ମାରିଦେବାକୁ ସମ୍ପୃକ୍ତ ଯୁବକ ତାଙ୍କୁ ଧମକ ଦେଇଛନ୍ତି। ଏନେଇ ୧୮୨/୨୫ ନଂରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଏହି ଘଟଣା ଦାରିଙ୍ଗବାଡ଼ି ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିହାରୀ ସାଇବର ଠକଙ୍କୁ ଅପହରଣ କରି ୨୫ ଲକ୍ଷ ମୁକ୍ତିଆମିନ

ଭୁବନେଶ୍ୱର,୭।୯ (ସତ୍ୟଜିତ୍ ରାଉତ)

■ ଅପହର୍ତ୍ତା ମହିଳାଙ୍କ ସମେତ ୪ ଗିରଫ
■ ବିହାରୀ ସାଇବର ଠକ ମଧ୍ୟ ଗିରଫ ହେଲେ

ବିହାର ସାଇବର ଠକଙ୍କୁ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ଦେଇ କମିଶନ ପାଉଥିଲେ ଭୁବନେଶ୍ୱରର ମହିଳା। ଅଧିକ ଟଙ୍କା ଲୋଭରେ ସମ୍ପୃକ୍ତ ଠକଙ୍କୁ ଧରି ଅପହରଣ କରିବା ପରେ ମୁକ୍ତ ଆମିନ ରଖି ୨୫ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ଅଭିଯୋଗ ପରେ ଚନ୍ଦକା ଥାନା ପୋଲିସ ଅପହୃତଙ୍କୁ ଉଦ୍ଧାର କରି ଅପହର୍ତ୍ତାମାନଙ୍କୁ ଧରିବା ପରେ ବଡ଼ଧରଣର ଠକେଇ ଖ୍ୟାକେଟ ପଦାକୁ ଆସିଛି। ଅପହର୍ତ୍ତାକାରୀ ମହିଳା ଓ ତାଙ୍କ ପୁଅ, ଝିଅଙ୍କ ସମେତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଚନ୍ଦକା ଥାନା ସଂପର୍କ ବିହାରର ଅମିତାଭାଣୀ ରାଉତ (୫୦), ତାଙ୍କ ପୁଅ ରିଷାଭ ରାଉତ (୨୧), ଝିଅ ଆକାଂକ୍ଷା ରାଉତ (୨୧) ଏବଂ ସହଯୋଗୀ ମୈତ୍ରୀ ବିହାର ଥାନା ବିଡ଼ିଏ କଲୋନୀର ଭଗବାନ ସାହୁ (୨୧)। ଅପରପକ୍ଷରେ ଅପହୃତ ବିହାରୀ ସାଇବର ଠକଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସେ ହେଲେ ବିହାର ନାଳନ୍ଦା ଜିଲ୍ଲା ବିହାର ସରିଫ୍ ଥାନା ଅଞ୍ଚଳର ସମିର କୁମାର ଭୂଷଣ (୩୫)। ଏହି ଘଟଣାରେ ଚନ୍ଦକା ଥାନା ପକ୍ଷରୁ ଏକ ମାମଲା (ନଂ.୩୫୦/୨୦୨୫) ରୁଜୁ କରାଯାଇ ସମସ୍ତଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ସେମାନଙ୍କୁ ରବିବାର କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ବିହାରୀ ଠକ ସମିରଙ୍କ ପକ୍ଷରୁ ଅପହରଣ ନେଇ ଅଭିଯୋଗ ପରେ ଥାନା ପକ୍ଷରୁ ମାମଲା (ନଂ.୩୫୫/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣାଯାଇ ଠକେଇ ନେଟୱର୍କର ଅଧିକ ଖୋଳତାଡ଼ କରାଯିବ ବୋଲି ଡିସିପି ଜଗମୋହନ ମୀନା କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସମୀରଙ୍କ ସହ ଅମିତାଭାଣୀ ଉତ୍ତରପ୍ରଦେଶ ପ୍ରୟାଗରାଜରେ ଭେଟ ହୋଇଥିଲେ। ଏହାପରେ ସମୀର ୪ ମାସ ତଳେ ଓଡ଼ିଶା ଆସି ଅମିତାଭାଣୀଙ୍କୁ ନେଇ ଭୁବନେଶ୍ୱରର ଆକ୍ସିସ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଓ ସୂର୍ଯ୍ୟୋଦୟ ବ୍ୟାଙ୍କରେ ତାଙ୍କ ନାମରେ ୩ଟି ଆକାଉଣ୍ଟ ଖୋଲିଥିଲେ। ସମୀର ଆକାଉଣ୍ଟଗୁଡ଼ିକର ଚେକବୁକ୍, ବ୍ୟାଙ୍କିଙ୍ଗ ଆଇଡି, ପାସୱାର୍ଡ ଓ ଲିଙ୍କ୍ ସିମକାର୍ଡକୁ ନେଇଯାଇଥିଲେ। ପ୍ରତି ଟ୍ରାଞ୍ଜାକ୍ସନ ପିଛା ୧.୪ କମିଶନରେ ସମୀର ତାଙ୍କୁ ଟଙ୍କା ଦେଉଥିଲେ। ତେବେ ଆକାଉଣ୍ଟଗୁଡ଼ିକରେ କୋଟି କୋଟି ଟଙ୍କାର ସାଇବର ଠକେଇ ହୋଇଥିବାରୁ ବିଭିନ୍ନ ତଦନ୍ତ ଏଜେନ୍ସି ଦ୍ୱାରା ଫ୍ରିଜ୍ କରାଯାଇଥିଲା। ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟରେ ୧.୫ କୋଟି ଟଙ୍କା କାରବାର ହୋଇଥିବା ବେଳେ ୧୫ ଲକ୍ଷ ଫ୍ରିଜ୍ ହୋଇଥିଲା। ସୂର୍ଯ୍ୟୋଦୟ ଆକାଉଣ୍ଟରେ ୩ କୋଟି କାରବାର ହୋଇଥିବା ବେଳେ ୧୦ ଲକ୍ଷ ଫ୍ରିଜ୍ ଏବଂ ବ୍ୟାଙ୍କ ଅଫ୍ ବରୋଦା ଆକାଉଣ୍ଟରେ ୫ କୋଟି ଟ୍ରାଞ୍ଜାକ୍ସନ ହୋଇଥିବା ବେଳେ ୬ ଲକ୍ଷ ଫ୍ରିଜ୍ ହୋଇଥିଲା। ସନ୍ଦେହଜନକ କାରବାର ହେଉଥିବାରୁ ବ୍ୟାଙ୍କଗୁଡ଼ିକରୁ ଅମିତାଭାଣୀଙ୍କୁ ଓକାଯାଇ ସତର୍କ କରାଯାଇଥିଲା। ଏହାସତ୍ତ୍ୱେ ସେ ଅଧିକ ଟଙ୍କା ପାଇବା ଲୋଭରେ ପଡ଼ିଥିଲେ। ସେଥିପାଇଁ ସେ ଆଉ ଆକାଉଣ୍ଟ ଖୋଲିବେ କହି ସମୀରଙ୍କୁ କଲ୍ କରି ଭୁବନେଶ୍ୱର ଡାକିଥିଲେ। ସମୀର ଶୁକ୍ରବାର ରାତିରେ ଭୁବନେଶ୍ୱରରେ ପହଞ୍ଚି ହୋଟେଲରେ ରହିବା ସହ ପଥରଗାଡ଼ିଆରେ ଅଭିଯୁକ୍ତମାନଙ୍କୁ ଭେଟିବାକୁ ଯାଇଥିବାବେଳେ ସେମାନେ ତାଙ୍କୁ ଅଟକ ରଖି ୨୫ ଲକ୍ଷ ଟଙ୍କା ମାଗିଥିଲେ।

# ରେଲୱେ କଲୋନିରେ ଘର ଉପରକୁ ଗୁଳିମାଡ଼

ଝାରସୁଗୁଡ଼ା, ୭।୯ (ଆଶିଷ ରଞ୍ଜନ ଦାଶ)



ଝାରସୁଗୁଡ଼ା ସହରସ୍ଥିତ ରେଲୱେ କଲୋନିରେ ଏକ ଘର ଉପରକୁ ଶନିବାର ରାତିରେ ଗୁଳିମାଡ଼ ହୋଇଛି। ହେଲେ ଏଥିରେ କାହାରି ଜୀବନ ହାନି ଘଟି ନାହିଁ। ରବିବାର ସକାଳେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡି ରାଘବେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛି। ସୂଚନା ଅନୁଯାୟୀ, ଶନିବାର ରାତିରେ ରେଲୱେ କଲୋନିରେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଶୋଭାଯାତ୍ରା ଚାଲିଥିଲା। ଏହି ସମୟରେ ଉକ୍ତ କଲୋନିରେ ରହୁଥିବା ସୋହନ ଗୁପ୍ତ, ସୁଶାନ୍ତ ସୁନାଙ୍କ ସହିତ କିଛିସୁ ଡବଲିଙ୍ଗ କଲୋନିର କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ କେନ୍ଦ୍ରକରି ରାତି ପ୍ରାୟ ୩ଟାରେ ଡବଲିଙ୍ଗ କଲୋନିର କେତେଜଣ ଯୁବକ ରେଲୱେ କଲୋନିରେ ପହଞ୍ଚି ସୋହନ ଓ ସୁଶାନ୍ତ ରହୁଥିବା ଘରର କବାଟ ବାଡ଼େଇଥିଲେ। ସୋହନଙ୍କ ମା' କବାଟ ଖୋଲିବା ପରେ ଘରେ କେହି ନ ଥିବା ଦେଖିବାକୁ ପାଇଥିଲେ। ପରେ ଦୁର୍ବୃତ୍ତମାନେ ଉତ୍ତେଜିତ ହୋଇ ତାଙ୍କ ଘର ଉପରକୁ ୮ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଛନ୍ତି। ଗୁଳିଗୁଡ଼ିକ ସୋହନଙ୍କ ଘରର କବାଟ ଭେଦକରି ଭିତରେ ଥିବା କୁଲର ଓ କାନ୍ଥରେ ମାଡ଼ ହୋଇଛି। ସକାଳେ ଏସ୍‌ପି ରାଘବେନ୍ଦ୍ର, ଏସଡିପିଓ ଉମାଶଙ୍କର ସିଂ ପହଞ୍ଚି କଲୋନିରେ ଘଟିଥିବାରୁ ଝିଆରି ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଏନେଇ ସୋହନଙ୍କ ବାପା ଦାଶରଥି ସୁନା ଅଭିଯୋଗ କରିବା ପରେ ଝିଆରିପୁରରେ ଏକ ମାମଲା ରୁଜୁ ହୋଇଛି।

# ପୁଅ ମାଡ଼ରେ ମା' ମୃତ

ସୁନ୍ଦରଗଡ଼/ ହେମଗିରି, ୭।୯ (ଜୟ ନାରାୟଣ ମେଞ୍ଜୁଲି/ ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଅନ୍ତର୍ଗତ ଗୁଡୁକାଛିଡ଼ ବନ୍ଧପାଲି ଗ୍ରାମରେ ରବିବାର ସକାଳେ ଘରୋଇ କଳିକୁ କେନ୍ଦ୍ରକରି ପୁଅର ମୁଥମାଡ଼ରେ ମା'ର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଶୈଳ ଧୁରୁଆ(୭୦)। ଏନେଇ ହେମଗିରି ପୋଲିସ ଥାନାରେ ଏକ ହତ୍ୟା ମାମଲା (ନଂ. ୪୧୬/୨୫) ରୁଜୁ କରି ଅଭିଯୁକ୍ତ ପୁଅ ବଳିନ୍ଦ୍ର ଧୁରୁଆ(୪୨)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁସାରେ, ଘରୋଇ କଳହକୁ ନେଇ ଶୈଳ ଏବଂ ପୁଅ ବଳିନ୍ଦ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ବଳିନ୍ଦ୍ର ମୁଥ ମାରିଥିଲେ। ଶୈଳ ତଳେ ପଡ଼ିଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ବଳିନ୍ଦ୍ର ତୁରନ୍ତ ତାଙ୍କୁ ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସୀମାନ୍ତରେ ପୋଲିସ-ମାଓବାଦୀ ଗୁଳି ବିନିମୟ: ମାଓବାଦୀ ଜୋନାଲ କମାଣ୍ଡର ନିହତ

ରାଉରକେଲା,୭।୯ (ସଙ୍ଗୀତା ଜେନା)

ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ଦମନ ଅଭିଯାନ ଜାରି ରହିଛି। ଏହି କ୍ରମରେ ରବିବାର ସକାଳ ୮ଟାରେ ଚାଇଁବାସା ପୋଲିସ ଏବଂ ସିଆରପିଏଫ୍ କୋବ୍ରା ବାଟାଲିଅନ୍‌ର ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ବେଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ମାଓବାଦୀ ଜୋନାଲ କମାଣ୍ଡର ଅମିତ ହାଁସଦାଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରୁ ଅତ୍ୟାଧୁନିକ ମାରଣାସ୍ତ୍ର ଏସ୍ଏଲଆର୍, କାର୍ତ୍ତୁଜ୍ ଏବଂ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଜବତ ହୋଇଛି। ପୂର୍ବରୁ ଅମିତଙ୍କ ମୁଣ୍ଡ ଉପରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ଏ ନେଇ ପଶ୍ଚିମ ସିଂଭୂମ ଚାଇଁବାସା ଏସ୍‌ପି ରାକେଶ ରଞ୍ଜନ ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଓଡ଼ିଶା ସଂଲଗ୍ନ ଝାଡ଼ଖଣ୍ଡର ଗୋଇଲକେରା ଥାନା ଅଧୀନ ପାଞ୍ଚଲାଡାବୁରୁ ଜଙ୍ଗଲ ସନ୍ନିକଟ ଆରାହାସ ପଞ୍ଚାୟତର ରେଲାପାରାଲ ଗ୍ରାମ ବୁର୍ଜୁଆ ପାହାଡ଼ ନିକଟରେ ରବିବାର ସକାଳ ୮ଟାରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା।

# ଜମି ବିବାଦରୁ ଫୁଟିଲା ଗୁଳି

ରାସଗୋବିନ୍ଦପୁର (ସତ୍ୟବାଦୀ ପରିଡ଼ା)/ମୋରଡ଼ା (ସ୍ୱାଗତ ମାଝୀ), ୭।୯

ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଧୀନ ମାଣିକପୁର ଗ୍ରାମରେ ଜମି ବିବାଦକୁ ଗୁଳି ଫୁଟିଛି। ଶନିବାର ରାତି ୧୦ଟା ୩୦ରେ ଦିଲୀପ କୁମାର ଗିରି(କାଳିଆ)ଙ୍କ ଘର ଉପରକୁ ସେହି ଗ୍ରାମର ବେଣୁଧର ଗିରିଙ୍କ ପୁଅ ଦୀପା ୩ ସହଯୋଗୀଙ୍କ ସହିତ ବାଇକ୍ ଯୋଗେ ଆସି ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ ପୋଲିସ ଏକ ଅଫୁଟା ଗୁଳି ଓ ଖୋକା ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୩୫୦/୨୫) ରୁଜୁ ହୋଇଛି। ଘଟଣାରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଦୀପାଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

# ୪୬.୫୦ଗ୍ରାମ୍ ବ୍ରାଉନସୁଗାର, ୧.୧୧୪ କିଗ୍ରା ଗଞ୍ଜେଇ ଜବତ

**ମହିଳାଙ୍କ ସମେତ ୪ ବେପାରୀ ଗିରଫ**

ବାଲେଶ୍ୱର, ୭।୯(ବାଞ୍ଛାନିଧି ଦେ)

ନିଶା କାରବାର ରୋକିବା ପାଇଁ ବାଲେଶ୍ୱର ଜିଲ୍ଲା ପୋଲିସ ପକ୍ଷରୁ 'ପ୍ରହାର' ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବ୍ରାଉନସୁଗାର ଓ ଗଞ୍ଜେଇ ବେପାର କରୁଥିବା ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୪୬.୫୦ଗ୍ରାମ ଓଜନର ବ୍ରାଉନସୁଗାର ଓ ୧.୧୧୪ କିଲୋଗ୍ରାମ ଗଞ୍ଜେଇ, ନଗଦ ୧୧ହଜାର ୬୬୫ଟଙ୍କା, ୧୨ଟି ଲିମ୍ବ, ୨ଟି ମୋବାଇଲ ଫୋନ୍, ଗୋଟିଏ ବାଇକ ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୪ଲକ୍ଷ ୬୫ହଜାର ଟଙ୍କା ଓ ଗଞ୍ଜେଇର ମୂଲ୍ୟ ୧୧ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାର ମରଜିଦ୍ ଗଳିରୁ ମହିଳା ବେପାରୀ ରଜିନା ବିବିଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୧୬.୫୦ଗ୍ରାମ୍ ବ୍ରାଉନସୁଗାର ଓ ନଗଦ ୯ହଜାର ୫ଶହ ଟଙ୍କା ଜବତ ହୋଇଛି। ଏନେଇ ୨୮/୨୫ ନଂ. ମାମଲା ରୁଜୁ ହୋଇଛି। ବସ୍ତା ଥାନା ଅଧୀନ ଉପରପାଇଣ୍ଡା ଗ୍ରାମର ବିନୋଦ କୁମାର ଦେହୁରୀଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୩୦ ଗ୍ରାମ୍ ଓଜନର ବ୍ରାଉନସୁଗାର, ଗୋଟିଏ ବାଇକ୍, ଗୋଟିଏ ମୋବାଇଲ ଫୋନ୍ ଜବତ ହୋଇଛି। ଏନେଇ ୩୨୧/୨୫ ନଂ. ମାମଲା ରୁଜୁ ହୋଇଛି। ସଦର ଥାନା ଅଧୀନ ସିହୁଡ଼ି ଗ୍ରାମର ସୁକାନ୍ତ ଦାସଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୫୦୪ଗ୍ରାମ ଓଜନର ଗଞ୍ଜେଇ, ୧୨ଟି ଲିମ୍ବ, ଗୋଟିଏ ମୋବାଇଲ ଫୋନ୍ ଓ ନଗଦ ୧୬୫ଟଙ୍କା ଜବତ କରାଯାଇଛି। ଏନେଇ ୩୫୫/୨୫ ନଂ. ମାମଲା ରୁଜୁ ହୋଇଛି। ସେହିପରି ଚାନ୍ଦିପୁର ଥାନା ପୁଲାନଗର ଅଞ୍ଚଳ କରଣାମ ବେହେରାଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୬୧୦ଗ୍ରାମ୍ ଗଞ୍ଜେଇ ଓ ନଗଦ ୨ହଜାର ଟଙ୍କା ଜବତ ହୋଇଛି। ଏନେଇ ୧୭୨/୨୫ ନଂ. ମାମଲା ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।


**GOVT. OF ODISHA** No.O-697
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE : KEONJHAR**
email : se_nerwkjr@rediffmail.com
eProcurement Notice for Road Works under PM-JANMAN Batch-I
Identification No. NCB-16 / RWCKJR / 2025-26
No. 3417 / Date : 01.09.2025

1. Name of the work : Construction of road works under PM-JANMAN Batch-I in the District of Keonjhar. 2. No. of work : 02 (Two) Nos. 3. Estimated cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-16 / RWCKJR / 2025-26 | Dt.08.09.25 at 11.00 A.M. | Dt.22.09.25 up to 5.00 P.M. | Dt.20.09.25 up to 5.00 P.M. | Dt.23.09.25 at 11.00 A.M. | Will be intimated later |

• Further details can be seen from the website : www.pmgsytenders.gov.in
Sd/- Chief Construction Engineer R.W. Circle, Keonjhar
OIPR-25177/11/0092/2526



**GOVERNMENT OF ODISHA** No.A-593
**DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER, DEO IRRIGATION PROJECT, KARANJIA**
AT/PO : KARANJIA, DIST. : MAYURBHANJ-757037, TEL : 06796-296144, e-mail : cce.dip.dowr@gmail.com
"e" Procurement Notice
Bid Identification No. : 03/CCEDIP of 2025-26

Name of Work : As per Detailed Tender Call Notice, Total No. of Packages : 01 (One) No. of Individual Work, Estimated cost of Package : 165.16 Lakhs, Period of Completion : 06 (Six) Months, Class of Contractor : "B" & "A" Class Contractor, Other Details : Mentioned in DTCN

| Procurement Officer | Bid Identification No. | Availability of tender on-line for biding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 03/CCEDIP of 2025-26 | 11.09.2025 at 10.00 A.M. | 26.09.2025 up to 05.30 P.M. |

Further details can be seen from the Govt. website www.tendersodisha.gov.in
Any addendum/corrigendum/cancellation of tender can also be seen in the said Website.
Sd/- Chief Construction Engineer, Deo Irrigation Project, Karanjia
OIPR-32337/11/0008/2526



See Career Appointment on every Wednesday & Saturday



No.B-473
GOVT. OF ODISHA
**Government of Odisha "e" Procurement Notice**
Bid Identification No. PWDK - 13/2025-26
No. G2/7989 Dt. 30.08.2025
e-mail : eepwdkeonjhar@yahoo.com

| | | |
|---|---|---|
| 1 | No. of the work | 1 No. of Road Work. |
| 2 | Estimated cost | Rs. 68.35 lakh |
| 3 | Period of completion | 03 (Three) Calendar Months |
| 4 | Date and time of availability of bid document in the portal | From 10.00 Hr 08.09.2025 to 17.00 Hr of 23.09.2025 |
| 5 | Last date / Time for receipt of bids in the portal | 17.00 Hr of 23.09.2025 |
| 6 | Date of opening of Bid from Portal | 10.30 Hr of 24.09.2025 |
| 7 | Name and address of the officer inviting Bid | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in".
Sd/- Superintending Engineer, Keonjhar (R&B) Division
OIPR-34004/11/0036/2526



**ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼**
**OFFICE OF THE MUNICIPAL COUNCIL, TITILAGARH**
(Deptt. of Housing & Urban Development, Govt. of Odisha)
At/PO. PS. : Titilagarh, Dist. : Balangir - 767033
e-mail : titilagarhmunicipality@gmail.com
e-tender notice details
BID IDENTIFICATION NO. : TIG-MPL-16-2025
DTCN No.2479/03.09.2025

No.C-1013 : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

| | | |
|---|---|---|
| 1. | Name of the Work | Civil Construction works as mentioned in website. |
| 2. | No. of works | 5 nos. of Civil Projects |
| 3. | Tender Cost | As per DTCN |
| 4. | Period of Completion | 30 Days |
| 5. | Date & Time of availability of Bid Documents in the Portal | From 08.09.2025, 12:00 A.M. to 16.09.2025, 5.00 P.M. |
| 6. | Last date & time for receipt of bids in the portal | On 16.09.2025 at 5.00 P.M. |
| 7. | Last date & time for deposit of Fees & Documents (in sealed envelope) at Office | On 18.09.2025 at 5.00 P.M. |
| 8. | Bids received online & Offline will be opened on | On 19.09.2025 at 11.00 A.M. |
| 9. | Name and address of the officer inviting Bid | Executive Officer, Titilagarh Municipality |

Further details can be seen from the procurement portal i.e. https://tendersodisha.gov.in
Sd/- Executive Officer, Titilagarh, Municipality
OIPR-13095/11/0032/2526



**GOVT. OF ODISHA**
**DEPARTMENT OF WATER RESOURCES**
**O/o THE SUPERINTENDING ENGINEER, PRACHI DIVISION, BHUBANESWAR - 12**
E-mail : prachi.division@yahoo.co.in, eeprachidivision@gmail.com
No. 6452 Dt. 02.09.2025
e-PROCUREMENT NOTICE NO. - SEPRD - 11/2025-26

No.A-580 : Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersodisha.gov.in complete online process only.

| | | |
|---|---|---|
| 01. | Nature of work | Civil works (Canal / V.R. Bridge / River embankment) |
| 02. | No. of Works | 31 (Thirty One) Nos. |
| 03. | Bid Identification No. | SEPRD - 11/2025-26 |
| 04. | Estimated Cost (in Rupees) | Rs. 6.00 Lakhs to Rs. 43.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of availability of bid documents in the Portal | From 08.09.2025 (10.00 A.M.) to 17.09.2025 (5.30 P.M.) |
| 09. | Date and time of Opening of Technical Bid Documents & online bids | 18.09.2025 at 10.30 A.M. |
| 10. | Date of Lottery (In case of situation arises) | 25.09.2025 at 11.30 A.M. |
| 11. | Name and Address of the Officer Inviting Bid | Superintending Engineer, Prachi Division, Bhubaneswar-12, E-mail : prachi.division@yahoo.co.in, eeprachidivision@gmail.com |

Further details (corrigendum, addendum, cancellation) can be seen from the State Govt. Portal www.tendersodisha.gov.in.
Sd/-Superintending Engineer Prachi Division, Bhubaneswar
OIPR-32096/11/0011/2526



No.KK-216
Skilled in ODISHA WSC
**World Skill Center Bhubaneswar**
Tower 2010, Block B, Sector A, Manchesswar Industrial Estate, Bhubaneswar, Odisha 751007
**Admission open for One Year Advanced Skill Development Courses for Session Sept. 2025-2026**
**Last Date of Online Application- 20th September 2025**

| Course | Eligibility Criteria | Course Fee |
|---|---|---|
| Precision Engineering (PEG) | 2 years ITI or 3 years Diploma in Engineering. Both Male and Female Candidates are eligible. Minimum age required 17 years. Maximum age is 30 years | For Odisha Domicile Candidates: 20,000/- in two equal Installments, Hostel, Mess and other fees as required for study will be borne by WSC. For Non-Odisha Domicile Candidates: 50,000/- in two equal Installments, Hostel, Mess and other fees as required for study will be paid extra by the student |
| Vertical Transportation (VT) | | |
| Air Conditioning & Refrigeration (ACR) | | |
| Mechanical & Electrical Services (MES) | | |
| Electrical Technology (ET) | | |
| Mechatronics (MCE) | | |
| Beauty & Wellness (B&W) | Diploma or +2 in any Stream/ITI in relevant trade. Both Male and Female Candidates are eligible. Minimum age required 17 years. Maximum age is 35 years | |

For more information, Please contact
Our tollfree number: 1800 266 6002 or +91-7205807079 (all working days)
Email: admissions@worldskillcenter.org or visit our website www.worldskillcenter.org
Scan to Apply
OIPR-44009/11/0069/2526



**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**
No. 10645 Dated: 04.09.2025
Bid Identification No. MC/RMC/35/2025

No. C-1021: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/35/2025 for 01 No. Electrical work with value of Rs.31.05 lakh.

1. Bid documents will be available in website www.tendersorissa.gov.in from 06.09.2025.
2. Bids must be submitted on "Online" on or before 15.09.2025 by 17.00 hours.
3. Bids shall be opened at 11.00 hours on 16.09.2025 in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in.

Sd/- Municipal Commissioner Rourkela Municipal Corporation
OIPR-13131/11/0165/2526



**NOTIFIED AREA COUNCIL, KESINGA**
KALAHANDI (ODISHA), PIN-766012
email : kesinganac@gmail.com
**"e" PROCUREMENT NOTICE**
Bid Identification No. 2379/NAC(K) Dt.04.09.2025

No.C-1014 : Bid document consisting of work, estimated cost, cost of tender paper, EMD and time of completion, Class of contractors and set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in

| | |
|---|---|
| Name of the work (Tender Id - 2025_ORULB_117678_1) | Preparation of Comprehensive Drainage Master Plan and DPR for Storm Water Drainage System of NAC Kesinga in the district of Kalahandi, Odisha |
| Total No. of work | 1 (One) |
| Tender Reference No. | KSNG-NAC-03/2025-26 |
| Approx. value of work | As per DTCN |
| Period of completion | As per DTCN |
| Period of availability of tender for online Bidding | From 06.09.2025 at 10.00 A.M. to 06.10.2025 up to 05.00 P.M. |
| Date & Time of opening | 14.10.2025 at 11.00 A.M. |
| Name and address of the officer inviting Bid | Executive officer, NAC Kesinga |

Further details can be seen from the website : www.tendersodisha.gov.in
Sd/- Executive officer N.A.C., Kesinga
OIPR-13109/11/0042/2526



**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଗ, ଆନନ୍ଦପୁର**
**OFFICE OF THE SUPERINTENDING ENGINEER, M.I. DIVISION, ANANDAPUR**
At/P.O.: Salapada, Dist.: Keonjhar, PIN Code - 758020
E-mail ID: mianandapur@yahoo.co.in, eemianandapur@gmail.com
e-Procurement Notice
Bid Identification No. 08/MIDA/2025-26
e-mail ID: mianandapur@yahoo.co.in

No. A-579: The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the Work | Construction of New Check Dam under Ghatagaon Block under MATY Scheme |
| No. of works | 02 (Two) Nos. only |
| Estimated Cost | Varies from 40.87 lakhs to 45.40 lakh (Approximately) |
| Cost of Tender Paper | 6000/- (Non-refundable) |
| Period of Completion | 06 (Six) Calendar Months |
| Availability of bid documents for sale and receipt through Online | From Dt.09.09.2025, 10.00 A.M. to Dt.18.09.2025 upto 5.00 P.M. |
| Last date / time of receipt of bids in the portal | 18.09.2025 (5.00 P.M.) |
| Date of Technical bid opening through online | On Dt.19.09.2025 at 10.00 A.M. in the Office of the S.E., M.I. Division, Anandapur |
| Mode of payment of Bid Cost | Online |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website: http://dowrorissa.gov.in | |
| Name & Address of the OIT | Superintending Engineer, Minor Irrigation Division, Anandapur, At/P.O.: Salapada, District: Keonjhar, Email ID: mianandapur@yahoo.co.in |

Further details can be seen from the e-Procurement market place http://tendersorissa.gov.in
Sd/- Superintending Engineer M.I. Division, Anandapur
OIPR-32108/11/0034/2526



**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel : 2545586/2545852, email- serifedodisha@gmail.com, website - www.serifedodisha.in
TENDER CALL NOTICE
BID IDENTIFICATION NO:- VI-10(08)/SERIFED/2025-26/1115/ Dt.06.09.2025

No.CAD-1685 : The MANAGING DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 no. of work in Khordha District. The bid documents such as DTCN/BOQ etc. can be seen/downloaded from the website : www.sidacodisha.org.in during the period dt. 10.09.2025 to 5.00 P.M. up to 16.09.2025. Tender shall be received till 5.00 P.M. on 16.09.2025 & shall be opened at 11.30 A.M. on 17.09.2025. Any addendum / corrigendum / cancellation of tender can also be seen in the said website.
OIPR-31005/11/0015/2526 Sd/- MANAGING DIRECTOR

# ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ପାଳିତ

ଭଞ୍ଜନଗର,୭।୯(ବାବୁଲା ପ୍ରଧାନ)

ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୨୦ ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଛି। ସେହିପରି ଗଞ୍ଜାମ ଜିଲା ଭଞ୍ଜନଗର ଶାଖାର ମଧ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଭଞ୍ଜନଗର ଶାଖା ପରିଚାଳକ ଏସ. ମୋହିତ ରଞ୍ଜନ ପାତ୍ର ବ୍ୟାଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ବ୍ୟାଙ୍କ ସର୍ବଦା ତା'ର ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଇଦେବାକୁ ଉଦ୍ୟମ ଜାରି ରଖିଛି ବୋଲି କହିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ୧ କୋଟି ୨୦ ଲକ୍ଷ ଟଙ୍କାର ବିଭିନ୍ନ ଋଣ ଗ୍ରାହକଙ୍କୁ ପ୍ରଦାନ କରାଯାଇଥିଲା । ସହ ଶାଖା ପରିଚାଳକ ସୁପ୍ରିୟା ବାଗେ, କର୍ମଚାରୀ ସୁଶାନ୍ତ ନାୟକ, ପ୍ରିୟମ୍ବଦା ଆଚାର୍ଯ୍ୟ, ଶୈଳଜା ପଟ୍ଟନାୟକ, ବସନ୍ତ ଦାସ, ଗୌରହରି ନାଇକ, ଅରୁଣ ଜେନା, ଦୁର୍ଗା ମାଧବ ଆଚାରୀ, ବିନୋଦ ଗୌଡ଼ ଏହି ଅବସରରେ ଉପସ୍ଥିତ ଥିଲେ।



ଉତ୍ସବରେ ଉପସ୍ଥିତ ବ୍ୟାଙ୍କ କର୍ମଚାରୀ।

# ଆଗେଇବ ସ୍ମାର୍ଟ ସିଟି, ମେଟ୍ରୋ ପ୍ରକଳ୍ପ

ଭୁବନେଶ୍ୱର,୭।୯(ଅନୁରାଧା ମହାରଣା)

- ନିର୍ମାଣ ସାମଗ୍ରୀ ଉପରେ ଜିଏସ୍‌ଟି ହାର ହ୍ରାସ
- ଅର୍ଦ୍ଧସହରୀ, ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତି ସମ୍ଭାବନା
- ଏମ୍‌ଏସ୍‌ଏମ୍‌ଇରେ କମିବ ପୁଞ୍ଜି ଆବଶ୍ୟକତା

ପ୍ରମୁଖ ନିର୍ମାଣ ସାମଗ୍ରୀ ଉପରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ହାର ହ୍ରାସ ପାଇଛି। ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଓଏଚ୍‌ୟୁଏ) ଏନେଇ କହିଛି ଯେ, ଏହି ପଦକ୍ଷେପ ସରକାରଙ୍କର ସମସ୍ତଙ୍କ ପାଇଁ ଗୃହ ମିଶନ ସହିତ ସମ୍ପୂର୍ଣ୍ଣ ସମନ୍ୱିତ ଏବଂ ସ୍ମାର୍ଟ ସିଟି, ମେଟ୍ରୋ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପଦକ୍ଷେପକୁ ମଧ ସମର୍ଥନ କରିବ। ସିମେଣ୍ଟ ଉପରେ ଜିଏସ୍‌ଟି ୨୮% ରୁ ୧୮% କୁ ହ୍ରାସ କରାଯାଇଛି। ନିର୍ମାଣ କ୍ଷେତ୍ରରେ ସିମେଣ୍ଟ ବାବଦରେ ହେଉଥିବା ଖର୍ଚ୍ଚ ନିର୍ମାଣ ଖର୍ଚ୍ଚର ୧୫-୨୦% ଏବଂ ମୋଟ ପ୍ରକଳ୍ପ ଖର୍ଚ୍ଚର ପ୍ରାୟ ୧୧% ଅଟେ। ଏହି ହ୍ରାସ ଦ୍ୱାରା ସରକାରୀ ଏବଂ ବେସରକାରୀ ପ୍ରକଳ୍ପର ମୂଲ୍ୟ ହ୍ରାସ ପାଇବ, ସରକାରୀ ଖର୍ଚ୍ଚର ଦକ୍ଷତା ବୃଦ୍ଧି ହେବ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଭଳି ସୁଲଭ ଗୃହ ଯୋଜନାକୁ ପ୍ରୋତ୍ସାହନ ମିଳିବ। ସିମେଣ୍ଟ ଶିଳ୍ପ ଖଣି, ଲଜିଷ୍ଟିକ୍ସ, ଉତ୍ପାଦନ ଏବଂ ବଣ୍ଟନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଅନ୍ୟପଟେ ସିମେଣ୍ଟ-ବଣ୍ଡେଡ ପାର୍ଟିକିଲ ବୋର୍ଡ, ଝୋଟ ପାର୍ଟିକିଲ ବୋର୍ଡ ଏବଂ ଅନ୍ୟାନ୍ୟ ଏପରି ସାମଗ୍ରୀ ଉପରେ ଜିଏସଟି ୧୨% ରୁ ୫%କୁ ହ୍ରାସ କରାଯାଇଛି। ଗୃହ, ପ୍ରିଫାବ ଗଠନ ଏବଂ ଫର୍ନିଚରରେ ବ୍ୟାପକ ଭାବରେ ବ୍ୟବହୃତ, ପାର୍ଟିକିଲ ବୋର୍ଡ କମ୍ ମୂଲ୍ୟର ନିର୍ମାଣ ପାଇଁ ଅତ୍ୟାବଶ୍ୟକ। ଏହା ଗ୍ରାମୀଣ ଏବଂ ସହରାଞ୍ଚଳ ଗୃହ ପ୍ରକଳ୍ପର ଖର୍ଚ୍ଚ ହ୍ରାସ କରିବ ବୋଲି ଆଶା କରାଯାଉଛି। ଅଧିକାଂଶ ଶିଳ୍ପ ଏମ୍‌ଏସ୍‌ଏମ୍‌ଇ ଚାଳିତ ଏବଂ ଟିକସ ହ୍ରାସ ଅର୍ଦ୍ଧ ସହରୀ ତଥା ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେହିପରି ମାର୍ବଲ ଏବଂ ଗ୍ରାନାଇଟ ବ୍ଲକ ଉପରେ ଜିଏସଟି ୧୨%ରୁ ୫% କୁ ହ୍ରାସ କରାଯାଇଛି। ଏହା ଫ୍ଲୋରିଂ ଏବଂ ଟାଇଲିଂ ଖର୍ଚ୍ଚ ହ୍ରାସ କରିବ। ରାଜସ୍ଥାନ, ଗୁଜରାଟ, କର୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରେ ଲକ୍ଷ ଲକ୍ଷ ଶ୍ରମିକଙ୍କୁ ନିଯୁକ୍ତି ଦେଉଥିବା ପ୍ରାକୃତିକ ପଥର କ୍ଷେତ୍ରରେ ଆମଦାନୀ ନିର୍ଭରଶୀଳତା ହ୍ରାସ ଦ୍ୱାରା ଉପକୃତ ହେବାର ଆଶା କରାଯାଉଛି। ବାଲି-ଲାଇମ ଇଟା ଏବଂ ଇଟା ନିର୍ମାଣ ସହିତ ଜଡିତ କାର୍ଯ୍ୟ ଉପରେ ଜିଏସଟି ୧୨%ରୁ ୫% କୁ ହ୍ରାସ କରାଯାଇଛି। ଇଟାଭାଟିଗୁଡ଼ିକ ମୁଖ୍ୟତଃ ଏମ୍‌ଏସ୍‌ଏମ୍‌ଇ ଦ୍ୱାରା ପରିଚାଳିତ ହେଉଥିବାରୁ ଏହା ପୁଞ୍ଜି ଆବଶ୍ୟକତାକୁ ହ୍ରାସ କରିବ। ଗୃହ ନିର୍ମାଣ ବ୍ୟତୀତ ସରକାର କମନ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ସିଇଟିପି) ଦ୍ୱାରା ସେବା ଉପରେ ଜିଏସ୍‌ଟି ୧୨%ରୁ ୫%କୁ ହ୍ରାସ କରିଛନ୍ତି। ଏହା ଶିଳ୍ପ ଏବଂ ପୌରପାଳିକାକୁ କେନ୍ଦ୍ରୀକୃତ ବର୍ଜ୍ୟବସ୍ତୁ ପରିଚାଳନା, ପ୍ରଦୂଷଣ ହ୍ରାସ ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶକୁ ପ୍ରୋତ୍ସାହିତ କରି ପ୍ଲାଣ୍ଟ ପରିଚାଳନା, ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ରକ୍ଷଣାବେକ୍ଷଣରେ 'ସବୁଜ ଚାକିରି' ସୃଷ୍ଟି କରିବ।

**ନିର୍ମାଣ ସାମଗ୍ରୀ ଜିଏସଟି ହ୍ରାସ ମଧ୍ୟବିତ୍ତଙ୍କ ପାଇଁ ଖୁବ୍ ସହାୟକ ହେବ। ଏହା ଆଗାମୀ ଦିନରେ ଦେଶର ଅର୍ଥନୀତି ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପୂର୍ବରୁ ଦେଖାଯାଇଛି କେତେକ ନିର୍ମାଣ ସାମଗ୍ରୀ ବ୍ୟବସାୟୀ ଟିକସ ଫାଙ୍କୁଥିଲେ ସେମାନେ ଟିକସ ଫାଙ୍କିବେନି ବରଂ ସାଧୁତା ଉପାୟରେ ବ୍ୟବସାୟ କରିବେ। ରିଅଲ ଇଷ୍ଟେଟ ଡେଭେଲପରମାନେ ଜିଏସଟି ହାର ହ୍ରାସ ଦ୍ୱାରା ଗୃହ ମୂଲ୍ୟ କିପରି କମୁଛି ତାହା ପ୍ରଚାର କରି ଗ୍ରାହକଙ୍କ ଆସ୍ଥା ବଢ଼ାଇବା ପାଇଁ ସକାରାତ୍ମକ ବିପଣନ ଅଭିଯାନ ଆରମ୍ଭ କରିବା ଦରକାର। ଘର କିଣିବା ସମୟରେ ଗ୍ରାକହମାନେ ମଧ ସତର୍କତା ସହ କିଣିବା ଉଚିତ। ଗୃହ କିଣିବା ପୂର୍ବରୁ ଏହା ରେରା ପଞ୍ଜୀକୃତ କି ନୁହେଁ ଯାଞ୍ଚ କରିବା ଉଚିତ।**



ଅସିତ୍ କୁମାର ମହାପାତ୍ର, ଚେୟାରମ୍ୟାନ, ଓରେରା

# ମୋବାଇଲ ଆପ୍‌ରେ ଆଇଟିଆର୍ ଦାଖଲ

ଭୁବନେଶ୍ୱର,୭।୯(ଅନୁରାଧା ମହାରଣା)

ଆୟକର ରିଟର୍ନ(ଆଇଟିଆର୍) ଦାଖଲ କରିବାର ଅନ୍ତିମ ତାରିଖ ନିକଟତର ହେଉଛି। ସେପ୍ଟେମ୍ବର ୧୫ ସୁଦ୍ଧା ଆଇଟିଆର୍ ଦାଖଲ କରିବାକୁ ହେବ। ଏହି ସମୟରେ ଆୟକର ବିଭାଗ କରଦାତାଙ୍କ ସୁବିଧା ପାଇଁ ଦୁଇଟି ମୋବାଇଲ ଆପ୍ ଜାରି କରିଛି। ଏହା ସାହାଯ୍ୟରେ କରଦାତା ସହଜ ଓ ନିରାପଦରେ ନିଜର ରିଟର୍ନ ଦାଖଲ କରିପାରିବେ। ଏହି ଆପ୍‌ଗୁଡ଼ିକ ହେଉଛି 'ଏଆଇଏସ୍ ଫର୍ ଟ୍ୟାକ୍ସ ପେୟର୍' ଏବଂ 'ଇନକମ୍ ଟ୍ୟାକ୍ସ ଡିପାର୍ଟମେଣ୍ଟ'। ଏହା ଆଣ୍ଡ୍ରଏଡ ଓ ଆଇଓଏସ ପ୍ଲାଟଫର୍ମରେ ଉପଲବ୍ଧ ରହିଛି। ବିଶେଷକରି ବେତନଭୋଗୀ ବ୍ୟକ୍ତି, ପେନ୍‌ସନଭୋଗୀ ଏବଂ ସରଳ ଆୟ ପ୍ରୋଫାଇଲ ଥିବା ସ୍ୱଳ୍ପ କରଦାତାଙ୍କ ପାଇଁ ଏହି ଆପ୍ ଗୁଡ଼ିକୁ ଡିଜାଇନ କରାଯାଇଛି। ରିଟର୍ନ ଦାଖଲ ପାଇଁ କରଦାତା ଏହି ଆପ୍‌ରେ ନିଜର ପ୍ୟାନ, ଆଧାର କିମ୍ବା ରେଜିଷ୍ଟର୍ଡ ବ୍ୟବହାରକାରୀ ଆଇଡି ଓ ପାସୱାର୍ଡ ଦ୍ୱାରା ଲଗ୍‌ଇନ୍ କରିପାରିବେ। ଲଗ୍‌ଇନ୍ ପରେ କରଦାତାଙ୍କୁ ବାର୍ଷିକ ତଥ୍ୟ ରିପୋର୍ଟ (ଏଆଇଏସ୍) ଓ କରଦାତା ତଥ୍ୟ ସାରାଂଶ (ଟିଆଇଏସ) ମିଳିବ। ଏଥିରେ କମ୍ପାନୀ, ବ୍ୟାଙ୍କ, ମ୍ୟୁଚୁଆଲ ଫଣ୍ଡ ଆଦିରୁ ପୂର୍ବରୁ ତଥ୍ୟ ପୂରଣ ହୋଇଥାଏ, ତେଣୁ କରଦାତାଙ୍କୁ ସୂଚନା ପୂରଣ କରିବାକୁ ପଡ଼ିବ ନାହିଁ। ଏହି ଆପ୍ ବେତନ, ପେନସନ, ପୁଞ୍ଜି ଲାଭ କିମ୍ବା ଅନ୍ୟ ଆୟର ଆଧାରରେ ଉପଯୁକ୍ତ ଆଇଟିଆର ଫର୍ମ ବାଛିବାରେ ସାହାଯ୍ୟ କରିଥାଏ।

# ପାର୍ବଣ ଋତୁରେ ସୁନା ଦର ଉପରେ ନଜର

**ଭୁବନେଶ୍ୱର,୭।୯(ଅନୁରାଧା ମହାରଣା):** ପାର୍ବଣରେ ଗହଣା କିଣିବାକୁ ଭାରତୀୟ ଆଗ୍ରହ ଦେଖାଉଥିବାବେଳେ ସୁନା ଓ ରୁପା ଦର ଉପରେ ନଜର ରହିଛି। ରବିବାର ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୮,୪୯୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୯୯,୪୫୦ ଟଙ୍କା ଛୁଇଁଛି । ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୮,୪୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୯୯,୪୫୦ ଟଙ୍କାକୁ ପହଞ୍ଚିଛି । ଅନ୍ୟପଟେ ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୮,୪୯୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୯୮ ହଜାର ୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୦୮,୬୨୦ ଟଙ୍କା ଓ ୨୨ କ୍ୟାରେଟ ୯୯,୬୦୦ ଟଙ୍କା ରହିଛି । ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୯,୧୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୦,୦୫୦ ଟଙ୍କା ରହିଛି କୋଲକାତାରେ ୨୪ କ୍ୟାରେଟ ୧, ୦୮,୪୯୦ ଓ ୨୨ କ୍ୟାରେଟ ୯୯, ୪୫୦ ଟଙ୍କା ରହିଛି ।

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଫୁଲ୍ଲ କୁମାର ରାଉତ
ତିଳପଦା, ଢେଙ୍କାନାଳ
ଆବିର୍ଭାବ-୦୫।୦୯।୧୯୪୩
ତିରୋଧାନ- ୨୯।୦୮।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

-ଶୋକସନ୍ତପ୍ତ-
ପ୍ରକାଶ, ପ୍ରବୀଣ, ପ୍ରଶାନ୍ତ, ନମିତା, ଜ୍ୟୋତିର୍ମୟୀ, ଆନନ୍ଦିତା, ରିନା, ଚୁମୁକି,ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୧୮୯୯

ତୃତୀୟ ଶ୍ରାଦ୍ଧବାର୍ଷିକୀ



୰ନମିତା ମଲିକ
ଭାଟପଡ଼ା, କଣାସ, ପୁରୀ
ଆବିର୍ଭାବ: ୧୦।୦୪।୧୯୭୬
ତିରୋଧାନ: ୦୮।୦୯।୨୦୨୨
ଚାହୁଁ ଚାହୁଁ ୩ ବର୍ଷ ବିତିଗଲାଣି, ଏ ଜୀବନ ଯାତ୍ରାରେ ତୁମ ବିନା ଆମେ ଯେ କେତେ କଷ୍ଟ ପାଉଛୁ, କେତେ ଅସହାୟ ଅନୁଭବ କରୁଛୁ ତାହା ଆମେ ଶବ୍ଦରେ ପ୍ରକାଶ କରିପାରୁନାହୁଁ। ଆମେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।

ଧ-୧୮୯୮



## REAL ESTATE SALE

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

2047sqft. commercial (NH-57) boundarywall land sale at Pitapalli, Bhubaneswar-7008634668. D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/- . 7978551614. D-1872

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781

## LOST

By the virtue of affidavit at Bhubaneswar, No.- 576425 on dated- 04.09.2025 and Delanga P.S. Diary No.-13/25 dtd - 06.09.25. I, Biswaranjan Pani S/o Chandra Sekhar Pani, resident of Deypur, Deypursasan, Delanga, Puri, 752046, lost sale deed document No. - 631/1992 dtd- 08.04.1992, somewhere in between Maunimatha to Delanga while travelling.If anyone find can contact 9583085079. D-1897

# Classified Everyday

0674-2580101, 9692975378

## LEGAL NOTICE

Letter No.- 1481
Dt- 30.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ.ଏସ.କେଶ ନମ୍ବର **୭୧୯/୨୦୨୨**
(ଦେଓ୍ୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଜଗଦୀଶ ପ୍ରଶାଦ ସାମନ୍ତରାୟ .....ବାଦୀ/ଦରଖାସ୍ତକାରୀ
ବନାମ
ତ୍ରାହି ଜଗନ୍ନାଥ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ୍, ମାର୍ଫତ- ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ
.....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ ୩.- ସୁକାନ୍ତ କୁମାର ପଟ୍ଟନାୟକ, ପିତା- ସ୍ୱର୍ଗତ ନିମାଇଁଚରଣ ପଟ୍ଟନାୟକ, ଗ୍ରାମ- ଗ୍ରାମଡ଼ିହି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୫୪

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା- ୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣିକରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ ୧୭, ମୌଜା- ଗ୍ରାମଡ଼ିହି

ସାବକ
ଖାତା ନମ୍ବର-୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ଶାରଦ-୨, ରକବା- ମୋଟ ଏ ୬.୦୨୧ ଡେସିମିଲ ରୁ ଏ ୧.୨୦୪.୨ ଡେସିମିଲ ରୁ ଏ ୦.୩୬୦ ଡେସିମିଲ ରୁ ଏ ୦.୦୯୧.୮୨ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ହାଲ
ଖାତା ନମ୍ବର-୯୬,ପ୍ଲଟ୍ ନମ୍ବର-୬୭୪, କିସମ- ଶାରଦ ଅଣ ଜଳ ସେଚିତ-୨, ରକବା- ମୋଟ ଏ ୩.୮୪୭ ଡେସିମିଲରୁ ଏ ୦.୦୯୧.୮୨ ଡେସିମିଲ , ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଯନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା: ୩୦।୦୭।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ-୧୯୦୦

Letter No.- 1482
Dt- 30.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ.ଏସ.କେଶ ନମ୍ବର **୭୧୭/୨୦୨୨**
(ଦେଓ୍ୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଅସିତ ନନ୍ଦ .....ବାଦୀ/ଦରଖାସ୍ତକାରୀ
ବନାମ
ତ୍ରାହି ଜଗନ୍ନାଥ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ୍, ମାର୍ଫତ- ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ
.....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ ୩.- ସୁକାନ୍ତ କୁମାର ପଟ୍ଟନାୟକ, ପିତା- ସ୍ୱର୍ଗତ ନିମାଇଁଚରଣ ପଟ୍ଟନାୟକ, ଗ୍ରାମ- ଗ୍ରାମଡ଼ିହି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୫୪

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା- ୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣିକରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ ୧୭, ମୌଜା- ଗ୍ରାମଡ଼ିହି

ସାବକ
ଖାତା ନମ୍ବର-୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ଶାରଦ-୨, ରକବା- ମୋଟ ଏ ୬.୦୨୧ ଡେସିମିଲ ରୁ ଏ ୩.୬୧୨ ଡେସିମିଲ ରୁ ଏ ୧.୨୦୦ ଡେସିମିଲ ରୁ , ଏ ୦.୦୬୮.୮୭ ଡେସିମିଲ ,ସ୍ୱତ୍ୱ- ସ୍ଥିତିବାନ।

ହାଲ
ଖାତା ନମ୍ବର-୯୬,ପ୍ଲଟ୍ ନମ୍ବର-୬୭୪, କିସମ- ଶାରଦ ଅଣ ଜଳ ସେଚିତ-୨, ରକବା- ମୋଟ ଏ ୩.୮୪୭ ଡେସିମିଲରୁ ଏ ୦.୦୬୮.୮୭ ଡେସିମିଲ , ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଯନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା: ୩୦।୦୭।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ-୧୯୦୧

Letter No.- 1483
Dt- 30.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ.ଏସ.କେଶ ନମ୍ବର **୭୧୮/୨୦୨୨**
(ଦେଓ୍ୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଅସିତ ନନ୍ଦ .....ବାଦୀ/ଦରଖାସ୍ତକାରୀ
ବନାମ
ତ୍ରାହି ଜଗନ୍ନାଥ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ୍, ମାର୍ଫତ- ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ
.....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ ୩.- ସୁକାନ୍ତ କୁମାର ପଟ୍ଟନାୟକ, ପିତା- ସ୍ୱର୍ଗତ ନିମାଇଁଚରଣ ପଟ୍ଟନାୟକ, ଗ୍ରାମ- ଗ୍ରାମଡ଼ିହି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୫୪

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା- ୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣିକରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ ୧୭, ମୌଜା- ଗ୍ରାମଡ଼ିହି

ସାବକ
ଖାତା ନମ୍ବର-୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ଶାରଦ-୨, ରକବା- ମୋଟ ଏ ୬.୦୨୧ ଡେସିମିଲ ରୁ ଏ ୧.୨୦୪.୨ ଡେସିମିଲ ରୁ ଏ ୦.୩୬୦ ଡେସିମିଲ ରୁ , ଏ ୦.୦୯୧.୮୨ ଡେସିମିଲ ,ସ୍ୱତ୍ୱ- ସ୍ଥିତିବାନ।

ହାଲ
ଖାତା ନମ୍ବର-୯୬,ପ୍ଲଟ୍ ନମ୍ବର-୬୭୪, କିସମ- ଶାରଦ ଅଣ ଜଳ ସେଚିତ-୨, ରକବା- ମୋଟ ଏ ୩.୮୪୭ ଡେସିମିଲରୁ ଏ ୦.୦୯୧.୮୨ ଡେସିମିଲ , ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଯନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା: ୩୦।୦୭।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ-୧୯୦୨

# ଚାଲିବା ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ଦୈନିକ ସକାଳେ ଓ ସନ୍ଧ୍ୟାରେ ଚାଲିବା ସହ ଖାଦ୍ୟ ଖାଇବା ପରେ ଚାଲିବା ନେଇ ଭାରତୀୟ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। ଉପରୋକ୍ତ ବିଷୟକୁ ନେଇ ସଦ୍ୟତମ ତଥ୍ୟ ଭାବେ ଆମ ଦେଶର ଆଧୁନିକ ଚିକିତ୍ସା ବିଜ୍ଞାନ ବିଭାଗର ୨୦୦ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଟିମ୍ ପ୍ରାୟ ୯୫୦୦୦ ଲୋକଙ୍କୁ ନେଇ ପରୀକ୍ଷା ଓ ଗବେଷଣା କରିଥିଲେ। ବହୁ ବର୍ଷ ପୂର୍ବରୁ ଆମ ଭାରତୀୟ ପାରମ୍ପରିକ ମୌଳିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ସ୍ୱାସ୍ଥ୍ୟ ପାଇଁ ଯେଉଁସବୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ଉଲ୍ଲେଖ ରହିଛି, ବର୍ତ୍ତମାନ ଆଧୁନିକ ଚିକିତ୍ସା ବିଜ୍ଞାନ ବହୁ ପରୀକ୍ଷା ନିରୀକ୍ଷା କରି ଏହା ଠିକ୍ ବୋଲି ପ୍ରମାଣିତ କରିଛି।''



ଆମ ଭାରତୀୟ ଐତିହ୍ୟ ଓ ପରମ୍ପରା ଅତି ମହାନ। ଆମର ପୂର୍ବ ପିଢ଼ିମାନେ ଜୀବନକୁ ସୁସ୍ଥ ସତେଜ ତଥା ନୀରୋଗ ରଖିବା ପାଇଁ ଦୈନନ୍ଦିନ ଜୀବନଶୈଳୀ ଏବଂ ଖାଦ୍ୟପେୟ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ହେଲେ ଆଜିର ଯୁବପିଢ଼ିଙ୍କ ଜୀବନଶୈଳୀ ସମ୍ପୂର୍ଣ୍ଣ ଅଲଗା କହିଲେ ଆଦୌ ଭୁଲ ହେବ ନାହିଁ। ଆମରି ପୂର୍ବଜମାନେ ସକାଳୁ ବ୍ରହ୍ମ ମୁହୂର୍ତ୍ତରୁ ଉଠି ନିତ୍ୟକର୍ମ ସାରି ନିଜର ଭିନ୍ନ ଭିନ୍ନ କର୍ମସ୍ଥଳୀ ହେଉ କିମ୍ବା କ୍ଷେତକୁ ଯାଇ ନିଜର କାମରେ ଲାଗିପଡୁଥିଲେ। କିଛି ଲୋକ ଭୋର ସକାଳୁ ଉଠି କ୍ଷେତକୁ ଚାଲି ଚାଲି ଯାଇ ନିଜର କର୍ମ କରୁଥିଲେ। ଅପରାହ୍ନରେ ମଧ୍ୟ କ୍ଷେତରେ କାମ କରି ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଏହାଦ୍ୱାରା ଶାରୀରିକ ପରିଶ୍ରମ ହେଉଥିଲା। ରାତ୍ରରେ ଭଲ ନିଦ ହେବା ହେତୁ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରାୟ ନୀରୋଗ ରହୁଥିଲା। ସେମାନଙ୍କର ଏଭଳି ଜୀବନଶୈଳୀ ପାଇଁ କେତେକେ ଦୀର୍ଘାୟୁ ଜୀବନ କଟାଉଥିଲେ। ସେମାନଙ୍କୁ ଡାଇବେଟିସ୍ ବା ମଧୁମେହ, ଉଚ୍ଚ ରକ୍ତଚାପ, କ୍ୟାନ୍ସର ଭଳି ମାରାତ୍ମକ ରୋଗ ପ୍ରାୟ ପାଖ ମାଡିପାରୁନଥିଲା। ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଆମେ ଖାଦ୍ୟ ଖାଇବା ଅଳ୍ପ କିଛି ସମୟ ପରେ ଅତିକମ୍‌ରେ ୧୦୦ପାଦ ଚାଲିବା ଉଚିତ। ଏହାଦ୍ୱାରା ଶରୀରରେ ଜମୁଥିବା ଚର୍ବିର ମାତ୍ରା କେତେକାଂଶରେ କମିଯାଇଥାଏ। ମୋଟାପଣ ହ୍ରାସ ପାଏ। ମଧୁମେହ ଓ ଉଚ୍ଚରକ୍ତଚାପ ସନ୍ତୁଳିତ ରହିଥାଏ।

ଖାଇବା ପ୍ରକ୍ରିୟାକୁ ନେଇ ଆମ ସାମାଜିକ ପ୍ରଥାରେ ଗୋଟିଏ ଢଗ ରହିଛି, 'ଖାଇ ଚାଲିଲେ ବଢ଼ଇ ଆୟୁ, ଖାଇ ବସିଲେ ବଢ଼ଇ ବାୟୁ, ଖାଇ ଶୋଇଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ'। ଅର୍ଥାତ ଆମେ ଖାଦ୍ୟ ଖାଇବାର ଅଳ୍ପ କିଛି ସମୟ ପରେ ପ୍ରାୟତଃ ୧ରୁ ୧୦ମିନିଟ୍ ଠିକ୍ ସମୟ ଠିକ୍ ପ୍ରକାରେ ଚାଲିବା ଆମ ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର। ତା'ସହ ଉଚ୍ଚ ରକ୍ତଚାପ, ମଧୁମେହ, ବାହ୍ୟ ଚର୍ମର କୁଞ୍ଚନ ଦୂର ହେବା ସହ କ୍ୟାନ୍ସର ଭଳି ମାରାତ୍ମକ ରୋଗକୁ ପ୍ରତିରୋଧ କରିବା ସାମର୍ଥ୍ୟ ଶରୀରରେ ସୃଷ୍ଟି ହୋଇଥାଏ। ଆମ ସ୍ୱାସ୍ଥ୍ୟର ବହୁତ ସମସ୍ୟାର ସମାଧାନ ହୋଇ ଯାଇଥାଏ। ଆଧୁନିକ ସ୍ୱାସ୍ଥ୍ୟ ବିଜ୍ଞାନ ବହୁ ପରୀକ୍ଷା କରି ଏଥିରେ ସହମତି ପ୍ରକାଶ କରିଛନ୍ତି। ଖାଇବା ପରେ ପରେ ଖଟ କିମ୍ବା ଚୌକିରେ ବସି ରହିବା ଦ୍ୱାରା ଶରୀର ସ୍ଥୂଳତା ଆସିବା ସହ ଖାଦ୍ୟ ଠିକ ଭାବରେ ପରିପକ୍ୱ ହୋଇପାରି ନ ଥାଏ। ଏହାଦ୍ୱାରା ପେଟରେ ଅମ୍ଳ ଓ ବାୟୁ ସୃଷ୍ଟି ହୋଇଥାଏ, ଯାହାଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଖାଇବା ପରେ ପରେ ଖଟ କିମ୍ବା ଆରାମ ଚେୟାରରେ ଶୋଇପଡିବା ଦ୍ୱାରା ପେଟରେ ଚର୍ବି ବଢ଼ିବା ସହ, ପେଟ ବାହାରିବା, ଶରୀରରେ ସ୍ଥୂଳତା ଆସିଥାଏ। ଶରୀରରେ ଓଜନ ବୃଦ୍ଧି ହୋଇଥାଏ। ଶରୀରର ଆକୃତି ଅସ୍ୱାଭାବିକ ବୃଦ୍ଧି ହୋଇଥାଏ। ଖାଦ୍ୟ ଖାଇ ଅଳ୍ପ ସମୟ ପରେ ପୁଣି ଖାଦ୍ୟ ଖାଇବା ଦ୍ୱାରା ପେଟରେ ଖାଦ୍ୟ ଠିକ୍ ଭାବେ ଜୀର୍ଣ୍ଣ ହୋଇ ନ ଥାଏ। ଫଳରେ ଖାଇଥିବା ଏହି ଖାଦ୍ୟ ବିଷାକ୍ତ ହୋଇ ଝାଡ଼ାବାନ୍ତି ସମସ୍ୟା ସୃଷ୍ଟି କରିଥାଏ।

ଦୈନିକ ସକାଳେ ଓ ସନ୍ଧ୍ୟାରେ ଚାଲିବା ସହ ଖାଦ୍ୟ ଖାଇବା ପରେ ଚାଲିବା ନେଇ ଭାରତୀୟ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। ଉପରୋକ୍ତ ବିଷୟ ଉପରେ ସଦ୍ୟତମ ତଥ୍ୟ ଭାବେ ଆମ ଦେଶର ଆଧୁନିକ ଚିକିତ୍ସା ବିଜ୍ଞାନ ବିଭାଗର ୨୦୦ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଟିମ୍ ପକ୍ଷରୁ ପ୍ରାୟ ୯୫୦୦୦ ଲୋକଙ୍କୁ ନେଇ ପରୀକ୍ଷା ଓ ଗବେଷଣା କରିଥିଲେ। ବହୁ ବର୍ଷ ପୂର୍ବରୁ ଆମ ଭାରତୀୟ ପାରମ୍ପରିକ ମୌଳିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ସ୍ୱାସ୍ଥ୍ୟ ପାଇଁ ଯେଉଁସବୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ଉଲ୍ଲେଖ ରହିଛି, ବର୍ତ୍ତମାନ ଆଧୁନିକ ଚିକିତ୍ସା ବିଜ୍ଞାନ ବହୁ ପରୀକ୍ଷା ନିରୀକ୍ଷା କରି ଏହା ଠିକ୍ ବୋଲି ପ୍ରମାଣିତ କରିଛି। ଏସବୁ ତଥ୍ୟକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ପଠାଯାଇଥିଲା। ଉକ୍ତ ସଂଗଠନ ଏଥିରେ ସହମତି ମଧ୍ୟ ପ୍ରକାଶ କରିଛି। ଏହା ଆମ ପାଇଁ ନିଶ୍ଚୟ ଏକ ସୁଖଦ ବାର୍ତ୍ତା।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଖାଦ୍ୟ ଖାଇବାର ଅଳ୍ପ କିଛି ସମୟ ପରେ ୧-୧୦ ମିନିଟ ଚାଲିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ। ତା'ସହ ଜୀବନଶୈଳୀ ପରିବର୍ତ୍ତନ ଆସିଥାଏ। ବିଶେଷଭାବରେ ରାତ୍ରଭୋଜନ ପରେ ନିଜର ସକ୍ଷମ ଅନୁଯାୟୀ କିଛି ସମୟ ଚାଲିବା ଦ୍ୱାରା ଆମ ଶରୀରରେ ରକ୍ତ ସର୍କରା ସନ୍ତୁଳିତ ରହିଥାଏ। ପେଟରେ ଚର୍ବି ନ ଜମି ଏହା ଶକ୍ତିରେ ପରିଣତ ହୋଇଥାଏ। ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖିବା ସହ କେତେକ ଜଟିଳ ରୋଗକୁ ନିୟନ୍ତ୍ରିତ ରଖିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ସକାଳେ ଓ ରାତ୍ର ବେଳା ଖାଦ୍ୟ ଖାଇବାର ଅଳ୍ପ ସମୟ ପରେ ଯଦି ୧ରୁ ୧୦ ମିନିଟ ଆମେ ଚାଲି ଚାଲି ଆସି ଅଳ୍ପ ସମୟ ବିଶ୍ରାମ ନେବା ଏହାଦ୍ୱାରା ମନ ଖୁସି ରହିବା ସହ ମାନସିକ ଚାପ କେତେକାଂଶରେ କମିଥାଏ। ଚିଡ଼ିଚିଡ଼ା ସ୍ୱଭାବ ହ୍ରାସ ପାଇବା ସହ ଭଲ ନିଦ ହୋଇଥାଏ। ତା' ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ରକ୍ତଚାପ, ମଧୁମେହ, କର୍କଟ ଭଳି ରୋଗ ମଧ୍ୟ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ।

ସଦ୍ୟତମ ଗବେଷଣାରୁ ଜଣାଯାଇଛି ଯେ, ଉପରୋକ୍ତ ତଥ୍ୟ ଆମ ଶରୀର ଉପରେ ଶତପ୍ରତିଶତ ଅନୁକୂଳ ପ୍ରଭାବ ପକାଇଥାଏ। ଯେଉଁମାନେ ଖାଇସାରିବା ପରେ କିଛି ସମୟ ଚାଲିଥାନ୍ତି ତାଙ୍କ ସ୍ୱାସ୍ଥ୍ୟ ଅନେକାଂଶରେ ଫିଟ୍ ରହିବା ସହ ବର୍ଷ ବର୍ଷ ଧରି ଜ୍ୱର ଓ ଥଣ୍ଡା ଭଳି ରୋଗ ହୋଇନଥାଏ। ଆମ ଭାରତୀୟ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଓ ଆଧୁନିକ ଚିକିତ୍ସା ବିଜ୍ଞାନର ଖାଦ୍ୟ ଖାଇବା ପରେ କିଛି ସମୟ ଚାଲିବା ଦ୍ୱାରା ବହୁ ଜଟିଳ ରୋଗ ନିୟନ୍ତ୍ରିତ ହେଉଥିବା ଗବେଷଣା ତଥ୍ୟରୁ ଜଣାପଡିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏଥିରେ ସହମତି ପ୍ରକାଶ କରିଥିବା ହେତୁ, ସଦ୍ୟତମ ଏହି ସ୍ୱାସ୍ଥ୍ୟ ବାର୍ତ୍ତା ଆମ ମନୁଷ୍ୟ ସମାଜ ପାଇଁ ବହୁ ହିତକର ହୋଇପାରିବ।

ଉପରୋକ୍ତ ସମସ୍ତ ତଥ୍ୟକୁ ଆମେ ଅନୁଶୀଳନ କରି ପ୍ରତିଦିନ ଖାଦ୍ୟ ଖାଇବା ପରେ କିଛି ସମୟ ଚାଲିବା ଆବଶ୍ୟକ। ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ବହୁ ଜଟିଳ ରୋଗକୁ ପ୍ରତିରୋଧ କରିବା ସମ୍ଭବ ହୋଇଥାଏ। ତା' ସହ ଆମେ ଅନେକାଂଶରେ ନୀରୋଗ ରହିବା ସହ ଦୀର୍ଘାୟୁ ଭାବେ ବଞ୍ଚି ରହିପାରିବା।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ପ୍ଲାଷ୍ଟିକ ସାମଗ୍ରୀ ଓ ଜଳ ପ୍ରଦୂଷଣ



ଜଳ ପ୍ରଦୂଷଣର ଅନ୍ୟତମ କାରଣ ହେଉଛି ପ୍ଲାଷ୍ଟିକ ସାମଗ୍ରୀ। ଏଗୁଡ଼ିକୁ ବ୍ୟବହାର କରାଯିବା ପରେ ଯେତେବେଳେ ଫିଙ୍ଗି ଦିଆଯାଉଛି ତାହା ପରିବେଶକୁ ପ୍ରଦୂଷଣ କରୁଛି। ଜଳରେ ମିଶିବା ପରେ ମଧ୍ୟ ନଦୀ, ସମୁଦ୍ର, ହ୍ରଦ ଆଦିର ଜଳ ବିଷାକ୍ତ ହେଉଛି। ଏକ ହିସାବରୁ ଜଣାଯାଏ ଯେ, ପ୍ରତି ବର୍ଷ ପ୍ରାୟ ୮୮ ଲକ୍ଷ ଟନ୍ ପ୍ଲାଷ୍ଟିକ ସାମଗ୍ରୀ ସମୁଦ୍ର ତଟବର୍ତ୍ତୀ ଅଧିବାସୀଙ୍କ ବ୍ୟବହାର ଯୋଗୁ ସମୁଦ୍ରରେ ଆବର୍ଜନା ରୂପେ ମିଶିଥାଏ। ଅର୍ଥାତ ସମୁଦ୍ରରେ ପ୍ରତି ମିନିଟରେ ପ୍ରାୟ ୧ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶୁଛି, ଯାହା ଏକ ଟ୍ରକ ଭର୍ତ୍ତି ଆବର୍ଜନା ସଙ୍ଗେ ସମାନ। ଏହି ପ୍ଲାଷ୍ଟିକ ଆବର୍ଜନା ସମୟକ୍ରମେ ଭାଙ୍ଗି କ୍ଷୁଦ୍ର କ୍ଷୁଦ୍ର କଣିକାରେ ପରିଣତ ହୁଏ, ଯାହାକୁ 'ମାଇକ୍ରୋପ୍ଲାଷ୍ଟିକ' କହନ୍ତି। ଏହା ଘଟଣାକ୍ରମେ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବିଭିନ୍ନ ଜଳଚର ଜୀବ ଯଥା ମାଛ, କଇଁଛ,ଡଲଫିନ୍, ତିମି, ସାମୁଦ୍ରିକ ପକ୍ଷୀଙ୍କ ଶରୀରକୁ ସଂଚାରିତ ହୁଏ। ଏହା ସେମାନଙ୍କ ପାକସ୍ଥଳୀରେ ଭରିଯିବା ହେତୁ ସେମାନଙ୍କ ଖାଦ୍ୟ ଗ୍ରହଣ କ୍ଷମତା ଗୁରୁତର ହ୍ରାସ ପାଇ ପରିଶେଷରେ ସମାନଙ୍କ ମୃତ୍ୟୁ ଘଟେ। ପ୍ଲାଷ୍ଟିକ ଜାତ କିଛି ପଦାର୍ଥ (ଯଥା ମାଛ ଧରିବା ପାଇଁ ସମୁଦ୍ରରେ ବିଛା ଯାଉଥିବା ଜାଲ) ସାମୁଦ୍ରିକ ଜୀବଙ୍କ ଶରୀରରେ ଗୁଡ଼ାଇ ହୋଇଯିବା ଦ୍ୱାରା ସେମାନଙ୍କ ଚଳପ୍ରଚଳ କ୍ଷମତା ଓ ଗତିଶୀଳତା ଯଥେଷ୍ଟ ହ୍ରାସ ପାଇ ପରିଶେଷରେ ସେମାନେ ଶିକାରୀ ଜୀବ ଦ୍ୱାରା ଶିକାର ହୋଇଥାନ୍ତି। ଏକ ହିସାବରୁ ଜଣାଯାଏ ଯେ, ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ପ୍ରତି ବର୍ଷ ପ୍ରାୟ ୧ ଲକ୍ଷ ସାମୁଦ୍ରିକ ପକ୍ଷୀଙ୍କ ମୃତ୍ୟୁ ଘଟୁଛି। ଏକ ଆକଳନରୁ ଜଣାଯାଏ ଯେ, ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ୨୦୫୦ ମସିହା ବେଳକୁ ସମୁଦ୍ରରେ ବିସର୍ଜିତ ମୋଟ ପ୍ଲାଷ୍ଟିକର ଓଜନ ସମୁଦାୟ ମାଛଙ୍କ ଓଜନକୁ ମଧ୍ୟ ଟପିଯିବ।

## ଜୀବନଶୈଳୀ ଅସନ୍ତୁଳିତ ରହିଲେ...



ଆଜିକାଲି ନିଜ ଜୀବନଶୈଳୀକୁ ସନ୍ତୁଳିତ ରଖିବା ଏକ ସହଜ କଥା ନୁହେଁ। ଏହାର ପ୍ରଭାବ ଆମ ଶରୀର ଉପରେ ପଡିଥାଏ। ତେଣୁ ଜଣେ ବ୍ୟକ୍ତି ଏ ନେଇ ସଚେତନ ରହିବା ନିହାତି ଦରକାର। ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତିଙ୍କର ଜୀବନଶୈଳୀ ଦୀର୍ଘ ମାସ ଧରି ଅସନ୍ତୁଳିତ ରହିଲା ତେବେ ତାହା ଡାଇବେଟିସ୍ ବା ମଧୁମେହର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ଅନ୍ୟପକ୍ଷରେ ଡାଇବେଟିସ୍ ଯଦି ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟି ଶକ୍ତି ଉପରେ ପଡ଼ିଥାଏ। ଜୀବନଶୈଳୀକୁ ସନ୍ତୁଳିତ ରଖିବା ଲାଗି ଏକ ରୁଟିନ୍ ପ୍ରସ୍ତୁତ କରନ୍ତୁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ରାତିରେ ଅତିକମ୍‌ରେ ୭-୮ଘଣ୍ଟା ଶୁଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜକୁ ଟେନସନ୍ ଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ । ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଶରୀର ଅନେକାଂଶରେ ସୁସ୍ଥ ରହେ ଏବଂ ଏହାର ଭଲ ପ୍ରଭାବ ମାନସିକତା ଉପରେ ପଡିଥାଏ।

## ସ୍କିଜୋଫ୍ରେନିୟା: କିଛି କଥା



ସ୍କିଜୋଫ୍ରେନିୟା ରୋଗ ମୁଖ୍ୟତଃ ୧୫-୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ମସ୍ତିଷ୍କରେ ମୁଖ୍ୟତଃ ଡୋପାମିନ ନାମକ ରାସାୟନିକ ପଦାର୍ଥ (ନ୍ୟୁରୋଟ୍ରାନ୍ସମିଟର)ର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତିକ ହୋଇଥାଏ। ଅନୁସନ୍ଧାନରୁ ଜଣାପଡିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିୟା ହୋଇ ଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୧୦ ପ୍ରତିଶତ ଆଶଙ୍କା ଥାଏ। ଏହି ରୋଗ ଦ୍ୱାରା ବ୍ୟକ୍ତିର ବ୍ୟବହାର, ଭାବନା, ଆବେଗ ଓ କାର୍ଯ୍ୟଦକ୍ଷତା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ଭାବେ କରିପାରେ ନାହିଁ ଏବଂ ନିଦ କମିଯାଏ। ରୋଗୀ କିଛି କାରଣ ନ ଥାଇ କଥା ଶୁଣାଯାଉଛି ଓ ଶୂନ୍ୟବାଣୀ ହେଉଛି ବୋଲି କହିଥାଏ। କେତେକ ରୋଗୀ ନ ଥିବା ବସ୍ତୁ ବା ବ୍ୟକ୍ତିମାନଙ୍କୁ ଦେଖି ପାରୁଛନ୍ତି ବୋଲି ମଧ୍ୟ କହିଥାନ୍ତି। ରୋଗୀମାନେ ବେଳେ ବେଳେ ଏ ସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। ଏହି ପ୍ରତିକ୍ରିୟାରେ ସେମାନେ ନିଜେ ମନେ ମନେ କଥା ହୁଅନ୍ତି। ଛୋଟ ଛୋଟ କଥାରେ ଚିଡ଼ିଚିଡ଼ା ଓ ଉତ୍ତେଜିତ ହୋଇପଡ଼ନ୍ତି। ସେମାନେ ଘରୋଇ ଦାୟିତ୍ୱ ନେବା, କର୍ମ କ୍ଷେତ୍ରରେ କାର୍ଯ୍ୟ ଭାର ନେବା ଓ ବିଭିନ୍ନ ସାମାଜିକ ପରିସ୍ଥିତିରେ ନିଜକୁ ଖାପ ଖୁଆଇ ଚଳାଇବାରେ ଅସମର୍ଥ ହୁଅନ୍ତି। କିଛି ରୋଗୀ ଆତ୍ମହତ୍ୟା କରିବାକୁ ଉଦ୍ୟମ ମଧ୍ୟ କରିଥାନ୍ତି। ସ୍କିଜୋଫ୍ରେନିୟା ଏକ ଜଟିଳ ରୋଗ ହେଲେ ମଧ୍ୟ ଏହାର ଚିକିତ୍ସା ଅତି ସହଜରେ କରିହେବ। ଏଭଳି ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ ନିହାତି ଜରୁରୀ।

## ସ୍ମରଣ ଶକ୍ତି ବୃଦ୍ଧି ଅନ୍ତରାଳେ...



ସ୍ମରଣ ଶକ୍ତିକୁ ବୃଦ୍ଧି କରିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ଏହାର କେତୋଟି ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ପ୍ରଥମ କଥା ହେଲା ସକାରାତ୍ମକ ମାନସିକତା। ଏହଦ୍ୱାରା ଜଣେ ନିଜ ସ୍ମରଣ ଶକ୍ତିକୁ ପୂର୍ବାପେକ୍ଷା ବୃଦ୍ଧି କରିପାରିବ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ତା'ସହ ସଙ୍ଗୀତ ମାଧ୍ୟମରେ ଜଣେ ନିଜର ସ୍ମରଣ ଶକ୍ତି ବଢ଼ାଇପାରେ। ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ଜଦି ଜଣେ ନିଜର ମନ ପସନ୍ଦର ଗୀତକୁ ଶୁଣନ୍ତି ତେବେ ଏହା ତାଙ୍କର ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇଥାଏ। ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକୁ ପୂର୍ବାପେକ୍ଷା ସକ୍ରିୟ ରହିଥାଆନ୍ତି। ତା'ସହ ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ହୋଇଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲିତ ରୁହେ। ଯେ କୌଣସି କାର୍ଯ୍ୟ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ ଏବଂ ନିଷ୍ପତ୍ତି ନେବାର କ୍ଷମତାକୁ ବି ବଢ଼ାଏ।

## ସ୍ୱାସ୍ଥ୍ୟ ସୂଚନା

➔ଖାଇ ସାରିବା ପରେ ପରେ ଚା', କଫି କିମ୍ବା ମୃଦୁ ଥଣ୍ଡା ପାନୀୟ ପିଇବା ଅଭ୍ୟାସ ଥିଲେ ତାହାକୁ ବର୍ଜନ କରନ୍ତୁ। କାରଣ ଏହାର ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିଥାଏ। ଏପରିକି ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ପ୍ରଭାବିତ ହେବାର ଆଶଙ୍କା ରହିଛି।

➔ମେଦ ବୃଦ୍ଧିର ଏକ କାରଣ ବିଷୟରେ ଆପଣ ଜାଣନ୍ତି ? କେତେକଙ୍କର ଅଭ୍ୟାସ ଥାଏ ଯେ ସେମାନେ ଖାଇବା ସମୟରେ ହେଉ ଅବା ଠିକ୍ ଖାଇ ସାରିବା ପରେ ପରେ ପାଣି ପିଇଥାଆନ୍ତି। ଏହାଦ୍ୱାରା ଓଜନ ବଢ଼ିଥାଏ। ତେଣୁ ଖାଇବାର ଅତିକମ୍‌ରେ ଅଧ ଘଣ୍ଟାଏ ପୂର୍ବରୁ କିମ୍ବା ପରେ ପାଣି ପିଅନ୍ତୁ।

➔ଦାନ୍ତମୂଳ ଯେପରି ପରିଷ୍କାର ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। କାରଣ ଖାଦ୍ୟର ଅବଶିଷ୍ଟାଂଶ ଦାନ୍ତ ମୂଳରେ ରହିଗଲେ ତାହା ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଖାଇ ସାରିବା ପରେ ଭଲ ଭାବରେ କୁଳି କରନ୍ତୁ। କେବଳ ସକାଳେ ନୁହେଁ, ରାତ୍ରଭୋଜନ ପରେ ଭଲ ଭାବରେ ଦାନ୍ତ ଘଷନ୍ତୁ।



➔ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍‌ର ଭଲ ପ୍ରଭାବ ଶରୀର ଉପରେ ପଡ଼ିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ଏହାଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ। ତା' ସହ ଅଣ୍ଟାଜନିତ ଯନ୍ତ୍ରଣାରୁ କେତେକାଂଶରେ ଉପଶମ ମିଳିଥାଏ।

➔ବୟସ ୫୦ ଟପିଥିଲେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ସମୟରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହୁଅନ୍ତୁ। ତା' ସହ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

➔ଆଖୁ ରସରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ରକ୍ଷା କରିଥାଏ।

➔ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରି ପାରିବେ।

## ବାଦଲ ଫଟା ବର୍ଷା

(ଶେଷ ଭାଗ)

ତେବେ ପ୍ରଶ୍ନ ଉଠେ ଯେ ଆମର ହିମାଳୟ ଅଞ୍ଚଳ ଏତେ ବାଦଲଫଟା ପ୍ରବଣ କାହିଁକି? ପ୍ରକୃତରେ ହିମାଳୟ ପର୍ବତମାଳାରେ ସମୁଦ୍ର ପତ୍ତନଠାରୁ ବହୁ ଉର୍ଦ୍ଧ୍ୱରେ ଅବସ୍ଥିତ। କିଛି ଅଞ୍ଚଳ ଯଥା ବଦ୍ରିନାଥ, କେଦାରନାଥଠାରେ ଅଧିକାଂଶ ବାଦଲ ଫାଟିବା ଘଟଣା ଦେଖିବାକୁ ମିଳିଥାଏ। ବଦ୍ରିନାଥ ଓ କେଦାରନାଥର ସମୁଦ୍ର ପତ୍ତନଠାରୁ ଉଚ୍ଚତା ଯଥାକ୍ରମେ ୩୩୦୦ ଓ ୩୫୮୩ ମିଟର। ଏଠାକାର ଉତ୍ତୁଙ୍ଗ ପର୍ବତମାଳାରେ ବାଧାପାଇ ଜଳୀୟବାଷ୍ପ ଭରା ମୌସୁମୀବାୟୁ ଆକାଶରେ ବିପୁଳ ମାତ୍ରାରେ ଜମା ହେବାକୁ ଲାଗେ ଏବଂ ବାଦଲ ଫାଟିବା ପାଇଁ ଅନୁକୂଳ ପରିସ୍ଥିତି ସଷ୍ଟି କରେ।

ବାଦଲଫଟା ଓ ପ୍ରବଳ ବର୍ଷା ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ରହିଛି। କୌଣସି ସ୍ଥାନରେ ବୃଷ୍ଟିପାତ ପରିମାଣକୁ ସାଧାରଣତଃ ମିଲିମିଟର (ମି.ମି.) ଏକକରେ ପ୍ରକାଶ କରାଯାଏ। ଏହି ଏକକରେ, ବୃଷ୍ଟିପାତ ସମୟରେ ୧ ବର୍ଗ ମିଟର ଅଞ୍ଚଳ ଉପରେ ୧ ଲିଟର ବର୍ଷାଜଳ ସଂଗୃହୀତ ହେଲେ ତାହାକୁ ୧ ମି.ମି. ବୃଷ୍ଟିପାତ ବୋଲି ଧରାଯାଏ। ଘଣ୍ଟାକୁ ବୃଷ୍ଟିପାତ ପରିମାଣ ୨.୫ ମି.ମି. କିମ୍ବା ତା'ଠାରୁ କମ୍ ହେଲେ ତାହାକୁ ସ୍ୱଳ୍ପ ବର୍ଷା, ୨.୫ ମି.ମି. ରୁ ୧୦ ମି.ମି. ମଧ୍ୟରେ ସୀମିତ ରହିଲେ ମଧ୍ୟମ ବର୍ଷା, ୧୦ ମି.ମି.ରୁ ୫୦ ମି.ମି. ମଧ୍ୟରେ ରହିଲେ ଭାରି ବର୍ଷା ଏବଂ ୫୦ ମି.ମି.ରୁ ଅଧିକ ହେଲେ ପ୍ରବଳ ବର୍ଷା ବୋଲି କୁହାଯାଏ। ମାତ୍ର କୌଣସି ସ୍ଥାନରେ ଏକ ଘଣ୍ଟା ସମୟ ମଧ୍ୟରେ ୧୦୦ ମି.ମି. କିମ୍ବା ତା'ଠାରୁ ଅଧିକ ପରିମାଣର ବର୍ଷା ହୋଇଗଲେ ତାହାକୁ ପାଣିପାଗ ବିଜ୍ଞାନର ପରିଭାଷା ଅନୁଯାୟୀ 'ବାଦଲ ଫାଟିବା' ବୋଲି କୁହାଯିବ। ଅର୍ଥାତ କୌଣସି ସ୍ଥାନରେ ବୃଷ୍ଟିପାତକୁ 'ବାଦଲ ଫାଟିବା' କୁହାଯିବା ପାଇଁ ହେଲେ ପ୍ରବଳ ବର୍ଷା ପରିସ୍ଥିତି ସମୟରେ ହେଉଥିବା ବୃଷ୍ଟିପାତ ପରିମାଣର ଦ୍ୱିଗୁଣ କିମ୍ବା ତା'ଠାରୁ ଅଧିକ ବର୍ଷା ହେଉଥିବା ଆବଶ୍ୟକ। ଏଭଳି ଅଚାନକ ଓ ପ୍ରବଳ ବୃଷ୍ଟିପାତ କାରଣରୁ କୌଣସି ସୀମିତ ଓ ଆବଦ୍ଧ ସ୍ଥାନରେ ଜଳର ନିଷ୍କାସନ ଘଟି ନ ପାରି ବନ୍ୟା ଆସିବା ସ୍ୱାଭାବିକ।



ଏବେ ବିଶ୍ୱରେ ବାଦଲ ଫାଟିବା ଘଟଣାର ପ୍ରବଳତା ତଥା ବାରମ୍ବାରତା ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଛି। ପ୍ରକୃତିର ଏହି ବିଗିଡା ମିଜାଜକୁ ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟ ବିଶ୍ୱ ତାପନ ପ୍ରକ୍ରିୟା ସହିତ ସଂଶ୍ଳିଷ୍ଟ କରାଯାଉଛି। ବାୟୁମଣ୍ଡଳ ଓ ସମୁଦ୍ରପୃଷ୍ଠର ତାପମାତ୍ରା ବୃଦ୍ଧି ଯୋଗୁ ଜଳର ବାଷ୍ପିଭବନ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି ଏବଂ ବାୟୁମଣ୍ଡଳରେ ଅଧିକ ଜଳୀୟବାଷ୍ପ ଜମାହୋଇ ବାଦଲ ଫାଟିବା ଘଟଣାର କାରଣ ହେଉଛି।

ପାଣିପାଗ ବିଜ୍ଞାନର ଏବେକାର ଜ୍ଞାନକୌଶଳରେ ବନ୍ୟା, ବାତ୍ୟା ଭଳି ବାଦଲ ଫାଟିବା ଘଟଣାର ପୂର୍ବାନୁମାନ କରାଯାଇପାରିବ ନାହିଁ ଏବଂ ଏଥି ନିମନ୍ତେ କୌଣସି ଆଗୁଆ ସୂଚନା ଜାରି କରିବା ସମ୍ଭବ ନୁହେଁ। କେବଳ ବାଦଲ ଫାଟିବା ପ୍ରବଣ ସ୍ଥାନଠାରୁ ଦୂରେଇ ରହିବା ଏବଂ ବ୍ୟକ୍ତିଗତ ସତର୍କତା ଅବଲମ୍ବନ ହିଁ ଏକମାତ୍ର ପ୍ରତିକାର ବ୍ୟବସ୍ଥା। ସରକାରଙ୍କ ତରଫରୁ ବାଦଲଫଟା ପ୍ରବଣ ସ୍ଥାନଗୁଡିକରେ ଉପଯୁକ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରାଗଲେ ଏହି ବିପର୍ଯ୍ୟୟର ତୀବ୍ରତା ଓ ପ୍ରକୋପତାକୁ ପ୍ରଶମନ କରାଯାଇ ପାରିବ।

-ନିକୁଞ୍ଜ ବିହାରୀ ସାହୁ,
ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୦୧୮୭୦୮୮୫୮

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୮/୨୦୨୫ Bhubaneswar, Monday, September 8/ 2025

# ଭାରତକୁ ବିଶ୍ୱକପ୍ ଯୋଗ୍ୟତା


ଗୋଲ୍ ସ୍କୋର କରିବା ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଦଳର ଖେଳାଳି।

## ହକି ଏସିଆ କପ୍
### ଭାରତର ଚତୁର୍ଥ ଟାଇଟଲ

ରାଜଗିର(ବିହାର),୭।୯

ରାଜଗିର ହକି ଷ୍ଟାଡିୟମରେ ଚାଲିଥିବା ହକି ଏସିଆ କପ୍‌ର ୧୨ତମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ କୋରିଆକୁ ହରାଇ ଚାମ୍ପିୟନ ହୋଇଛି। ଭାରତୀୟ ଦଳ ଚତୁର୍ଥ ଥର ପାଇଁ ଏହି ଟ୍ରଫି ଉଠାଇଛି। ଏହି ବିଜୟ ସହ ଭାରତୀୟ ଦଳ ଆସନ୍ତାବର୍ଷ ହେବାକୁ ଥିବା ହକି ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଛି। ତେବେ ଟୁର୍ନାମେଣ୍ଟରେ ସର୍ବାଧିକ ୫ ଥର ଟାଇଟଲ ଜିତିବାର ରେକର୍ଡ କୋରିଆ ନାମରେ ରହିଛି। ସର୍ବାଧିକ ଥର ଟାଇଟଲ ଜିତିବାରେ କୋରିଆ ପଛକୁ ୪ ଟାଇଟଲ ସହ ଭାରତ ଦ୍ୱିତୀୟ ସ୍ଥାନରେ ଓ ପାକିସ୍ତାନ ୩ ଟାଇଟଲ ସହ ତୃତୀୟ ସ୍ଥାନରେ ରହିଛି। ଅନ୍ତିମ ଥର ଭାରତ ୨୦୧୭ରେ ଢାକାରେ ଅନୁଷ୍ଠିତ ସଂସ୍କରଣରେ ଟ୍ରଫି ଉଠାଇଥିଲା।

ମ୍ୟାଚ୍ ଆରମ୍ଭରୁ ଭାରତୀୟ ଦଳ ଆକ୍ରମଣାତ୍ମକ ରଣନୀତି ଆପଣେଇଥିଲା। ଫଳରେ ପ୍ରଥମ ମିନିଟ୍‌ରେ ହରମନପ୍ରୀତ ସିଂଙ୍କଠାରୁ ପାଇଥିବା ପାସ୍‌କୁ ସୁଖଜିତ ସିଂ ଗୋଲରେ ପରିଣତ କରିଥିଲେ। ପ୍ରଥମ କ୍ୱାର୍ଟରରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ହେଲେ ଜୁଗରାଜ ସିଂ ଏହାକୁ ଗୋଲ୍‌ରେ ପରିଣତ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଦିଲପ୍ରୀତ ସିଂ ଚମତ୍କାର ଢଙ୍ଗରେ ଏକ ଫିଲ୍ଡ ଗୋଲ୍ କରିଥିଲେ। ଏଥିଯୋଗୁ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତୀୟ ଦଳ ୨-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଦିଲପ୍ରୀତ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଭାରତୀୟ ଦଳର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇଥିଲେ। ଚତୁର୍ଥ କ୍ୱାର୍ଟରରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଓଡ଼ିଶାର ଅମିତ ରୋହିଦାଶ ଗୋଲରେ ପରିଣତ କରିଥିଲେ। ଏହାର ଏକ ମିନିଟ୍ ପରେ କୋରିଆକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ଯାହାକୁ ସୋନ ଡେନ ଗୋଲରେ ପରିଣତ କରି ଏକମାତ୍ର ଗୋଲ ପରିଶୋଧ କରିଥିଲେ।


ଭୁବନେଶ୍ୱର: ଦୁଇ ଥର ବିଶ୍ୱ କରାଟେ ସେନସେଇ ଅମିର ମେହଦି ଜେଦେ ରବିବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ କଳିଙ୍ଗ ଷ୍ଟାଡିୟମଠାରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ନିକଟରେ ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ଓ ରାଜ୍ୟ କରାଟେ ସଂଘର ସଭାପତି ଡ. ହରି ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଅଛନ୍ତି।

# ନେମାରଙ୍କ ପାଇଁ ଛାଡ଼ିଗଲେ ୧୦ ହଜାର କୋଟି

ବ୍ରାସିଲ,୭।୯

ନିକଟରେ ପ୍ରାଣ ହରାଇଥିବା ବ୍ରାଜିଲର ଜଣେ ଧନୀ ବ୍ୟକ୍ତି ଫୁଟବଲ ସୁପରଷ୍ଟାର ନେମାରଙ୍କ ଲାଗି ୧୦ ହଜାରରୁ ଅଧିକ କୋଟି ଟଙ୍କା ଛାଡ଼ି ଯାଇଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ମୁତାବକ, ବ୍ରାଜିଲର ଜଣେ କୋଟିପତି ତାଙ୍କ ୱିଲ୍‌ରେ ନେମାରଙ୍କ ଲାଗି ୮୪୬ ମିଲିଅନ୍ ପାଉଣ୍ଡ ବା ୧୦,୦୭୭ କୋଟି ଟଙ୍କା ଛାଡ଼ି ଯାଇଛନ୍ତି। ନେମାରଙ୍କ ଭଳି ଉକ୍ତ କୋଟିପତିଙ୍କ ଦେଶ ବ୍ରାଜିଲ ହୋଇଥିଲେ ବି ଦୁହେଁ କଦାପି ପରସ୍ପରକୁ ଭେଟି ନ ଥିଲେ। ଉକ୍ତ ଅଜ୍ଞାତ କୋଟିପତିଙ୍କ ପତ୍ନୀ କିମ୍ବା କୌଣସି ଛୁଆ ନ ଥିଲେ। ତାଙ୍କର ୱିଲ ପୋର୍ଟୋ ଆଲେଗ୍ରେ କାର୍ଯ୍ୟାଳୟରେ ଚୂଡ଼ାନ୍ତ ହୋଇଛି ଏବଂ ସେଥିରେ ଜୁନ ୧୨ ତାରିଖରେ ଦୁଇ ସାକ୍ଷୀଙ୍କ ହସ୍ତାକ୍ଷର ରହିଛି। ତେବେ ଏ ସଂକ୍ରାନ୍ତରେ ନେମାର କୌଣସି ପ୍ରତିକ୍ରିୟା ରଖି ନାହାନ୍ତି।

# ଭର୍ଷ୍ଟାପେନ୍ ଜିତିଲେ ଇଟାଲିଆନ ଗ୍ରାଁ ପ୍ରି

ମୋଞ୍ଜା (ଇଟାଲି), ୭।୯ (ଏପି)


ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ।

ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଚମତ୍କାର ଡ୍ରାଇଭିଂ କରି ଟାଇଟଲ ଦାବିଦାର ମ୍ୟାକଲରେନର ଦୁଇ ଡ୍ରାଇଭର ଲାଣ୍ଡୋ ନୋରିସ ଓ ଓସ୍କାର ପିଆଷ୍ଟ୍ରିଙ୍କୁ ପଛରେ ପକାଇ ଏଠାରେ ରବିବାର ଅନୁଷ୍ଠିତ ଇଟାଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଚଳିତ ମେ ମାସ ପରେ ଏହା ତାଙ୍କର ପ୍ରଥମ ଏବଂ ସିଜନରେ ତୃତୀୟ ଟାଇଟଲ। ଏହି ୪ଥର ବିଶ୍ୱ ଚାମ୍ପିୟନ ଶନିବାର ଫର୍ମୁଲା-୧ ଇତିହାସରେ ଦ୍ରୁତତମ ଲାପ୍ ସହ ପୋଲ୍ ପୋଜିଶନ ହାସଲ କରିଥିଲେ। ରବିବାରର ଫଳାଫଳ ପରେ ଟାଇଟଲ ଦୌଡ଼ରେ ପ୍ରଥମ ସ୍ଥାନରେ ରହିଥିବା ପିଆଷ୍ଟ୍ରି ଏବଂ ଦ୍ୱିତୀୟ ସ୍ଥାନରେ ରହିଥିବା ତାଙ୍କ ଟିମ୍‌ମେଟ୍ ନୋରିସଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୩୧କୁ ହ୍ରାସ ପାଇଛି। ରେସ୍ ଆରମ୍ଭ ପୂର୍ବରୁ ନୋରିସ ଅଷ୍ଟ୍ରେଲୀୟ ଡ୍ରାଇଭରଙ୍କଠାରୁ ୩୪ ପଏଣ୍ଟ ପଛରେ ଥିଲେ। ରେସ୍‌ରେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), ଜର୍ଜ ରସେଲ (ମର୍ସିଡିଜ୍), ଲୁଇସ୍ ହାମିଲଟନ (ଫେରାରି), ଆଲେକ୍‌ଜାଣ୍ଡର ଆଲବନ୍ (ୱିଲିୟମ୍ସ), ଗାବ୍ରିଏଲ୍ ବୋର୍ଟୋଲେଟୋ (ସୌବେର), କିମି ଆଣ୍ଟୋନେଲି (ମର୍ସିଡିଜ୍) ଓ ଆଇଜାକ୍ ହାଜାର।

# ଜଷ୍ଟିସ ରାଓଙ୍କ ନେତୃତ୍ୱରେ ୩ ଜଣିଆ କମିଟି ଗଠିତ

ନୂଆଦିଲ୍ଲୀ,୭।୯(ପି.ଟି.): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ନୂଆ କମର୍ସିଆଲ ପାର୍ଟନର ଖୋଜିବା ପାଇଁ ପୂରା ଟେଣ୍ଡର ପ୍ରକ୍ରିୟାର ତଦାରଖ ଲାଗି ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପୂର୍ବତନ ଜଷ୍ଟିସ ଏଲ୍ ନାଗେଶ୍ୱର ରାଓଙ୍କ ନେତୃତ୍ୱରେ ଏକ ୩ ଜଣିଆ କମିଟି ଗଠନ କରିଛି। କମିଟିରେ ଅନ୍ୟ ଦୁଇ ସଦସ୍ୟ ହେଲେ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ଅଡିଟ୍ ଓ କମ୍ପ୍ଲାଏନ୍ସ କମିଟି ସଦସ୍ୟ କେଶବରନ ମୁରୁଗାସୁ ଓ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଦ୍ୱିତୀୟ ରାଜ୍ୟ ସ୍କୁଲ୍ସ ଓପନ ଚେସ୍: ସତ୍ୟମ୍ ସ୍ୱରୂପ ଚାମ୍ପିୟନ

ଭୁବନେଶ୍ୱର, ୭।୯ (ବିଜୟ ରଣା)

ଡିଏଭି ସ୍କୁଲ ପୋଖରିପୁଟ୍ ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଗୁରୁନାନକ ପବ୍ଲିକ ସ୍କୁଲ, କଟକର ସତ୍ୟମ୍ ସ୍ୱରୂପ ସାହୁ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱରର ସ୍ୱସ୍ତିକ ତ୍ରିପାଠୀ ୪.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ନାରାୟଣ -ଇ- ଟେକ୍ନୋ ସ୍କୁଲର ଆୟାବନ୍ତ ମହାନ୍ତି, ଆପିଜେ ସ୍କୁଲର ପ୍ରାଂଶୁ ଦାଶ ଓ ଡିଏଭି ପବ୍ଲିକ ସ୍କୁଲ ୟୁନିଟ୍-୮ର ଆକର୍ଷ ପ୍ରକାଶ ପ୍ରତ୍ୟେକ ୪ ପଏଣ୍ଟ ସହ ଯଥାକ୍ରମେ ୩ୟରୁ ୫ମ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗରେ ଶ୍ରେୟାଂଶୀ ଛୋଟରାୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ମିତପ୍ରଜ୍ଞା ପଟ୍ଟନାୟକ ଦ୍ୱିତୀୟ ହୋଇଥିଲେ। ୧୪ବର୍ଷରୁ କମ୍, ୧୨ବର୍ଷରୁ କମ୍, ୧୦ବର୍ଷରୁ କମ୍ ଓ ୮ ବର୍ଷରୁ କମ୍ ବିଭାଗରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡିଏଭି ପବ୍ଲିକ ସ୍କୁଲ, ପୋଖରିପୁଟ୍‌ର ପ୍ରିନ୍ସପାଲ ବିପିନ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍କୁଲର ସିନିୟର ସୁପରଭାଇଜର ଶିତିକାନ୍ତ ପତି, ଟୁର୍ନାମେଣ୍ଟ ଡାରେକ୍ଟର ଦୀପକ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।






# ସାବାଲେଙ୍କାଙ୍କୁ ଚତୁର୍ଥ ଗ୍ରାଣ୍ଡସ୍ଲାମ


ଟ୍ରଫି ସହ ମହିଳା ସିଙ୍ଗଲ୍ସ ଚାମ୍ପିୟନ ଆରିନା ସାବାଲେଙ୍କା।

## ୟୁଏସ୍ ଓପନ

ନ୍ୟୁୟର୍କ, ୭।୯

ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ସଫଳତାର ସହ ତାଙ୍କର ୟୁଏସ୍ ଓପନ ଟାଇଟଲ ବଜାୟ ରଖିଛନ୍ତି। ଏଥିସହିତ ସେ ଟେନିସ ଲିଜେଣ୍ଡ ସେରେନା ୱିଲିଅମ୍ସଙ୍କ ପରେ ପ୍ରଥମ ମହିଳା ଖେଳାଳି ଭାବେ ସାବାଲେଙ୍କା ୟୁଏସ୍ ଓପନରେ ଟାଇଟଲ ବଜାୟ ରଖିଛନ୍ତି। ସେରେନା ୨୦୧୪ରେ ପ୍ରଥମ ମହିଳା ଭାବେ ୟୁଏସ୍ ଓପନରେ ଲଗାତର ଦୁଇ ଥର ଟାଇଟଲ ଜିତିଥିଲେ। ଚଳିତ ୟୁଏସ୍ ଓପନରେ ଟାଇଟଲ ଜିତିବା ପୂର୍ବରୁ ୨୭ ବର୍ଷୀୟ ସାବାଲେଙ୍କା ୱିମ୍ବଲଡନ ସେମିଫାଇନାଲରେ ଓ ଫ୍ରେଞ୍ଚ ଓପନ ଫାଇନାଲରେ ପରାସ୍ତ ହୋଇଥିଲେ। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ଏହା ତାଙ୍କ କ୍ୟାରିୟରର ଚତୁର୍ଥ ଗ୍ରାଣ୍ଡସ୍ଲାମ ଓ ମୋଟ ଉପରେ ୨୧ତମ ଟାଇଟଲ। ଅନ୍ୟପକ୍ଷରେ ୨୪ ବର୍ଷୀୟା ଆନିସିମୋଭାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଅପେକ୍ଷା ଜାରି ରହିଛି। ସେ ଏଥିପୂର୍ବରୁ ୱିମ୍ବଲଡନ ଫାଇନାଲରେ ଇଗା ସ୍ୱିଟେକଙ୍କଠାରୁ ପରାସ୍ତ ହୋଇଥିଲେ। ପରାଜୟ ସତ୍ତ୍ୱେ ସେ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍‌ସରେ ଚତୁର୍ଥ ସ୍ଥାନକୁ ଉଠିବା ସ୍ପଷ୍ଟ ହୋଇଛି।

ରବିବାର ଅନୁଷ୍ଠିତ ଫାଇନାଲରେ ସାବାଲେଙ୍କା ୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୩, ୭-୬ (୭/୩) ସିଧାସଳଖ ସେଟ୍‌ରେ ପରାସ୍ତ କରିଛନ୍ତି। ଏକ ଘଣ୍ଟା ୩୪ ମିନିଟ୍ ଧରି ଚାଲିଥିବା ମୁକାବିଲାରେ ସାବାଲେଙ୍କା ପ୍ରଥମ ସେଟ୍‌କୁ ଅପେକ୍ଷାକୃତ ସହଜରେ ଜିତିଥିବା ବେଳେ ଦ୍ୱିତୀୟ ସେଟ୍‌ରେ ତାଙ୍କୁ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରି କି ଦ୍ୱିତୀୟ ସେଟ୍‌ର ଫଳାଫଳ ପାଇଁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ହେଲେ ଏଥିରେ ବେଲାରୁଷର ସାବାଲେଙ୍କା ବାଜି ମାରି ନେଇଥିଲେ।

## ଗ୍ରାନୋଲର୍ସ-ଜେବାଲସଙ୍କୁ ପୁରୁଷ ଡବଲ୍ସ ଟାଇଟଲ

ପଞ୍ଚମ ସିଡ୍ ମାର୍ସେଲ ଗ୍ରାନୋଲର୍ସ ଓ ହୋରାସିଓ ଜେବାଲସ ୟୁଏସ୍ ଓପନ ପୁରୁଷ ଡବଲ୍ସ ଟାଇଟଲ ଜିତିଛନ୍ତି। ଚଳିତ ସିଜନରେ ଏହା ସେମାନଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ। ଏହି ସ୍ପାନିଶ-ଆର୍ଜେଣ୍ଟାଇନ ଯୋଡ଼ି ରବିବାର ଅନୁଷ୍ଠିତ ଫାଇନାଲରେ ୩-୬, ୭-୬ (୭/୪), ୭-୫ ସେଟ୍‌ରେ ବ୍ରିଟିଶ ଯୋଡ଼ି ଜୋ ସାଲିସବରୀ ଓ ନିଲ ସ୍କୁପସ୍କିଙ୍କୁ ପରାସ୍ତ କରିଛନ୍ତି। ଏହା ଗ୍ରାନୋଲର୍ସ ଓ ଜେବାଲ୍ସଙ୍କ ଦ୍ୱିତୀୟ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ। ଏଥିପୂର୍ବରୁ ସେମାନେ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଫାଇନାଲରେ ହରାଇ ଫ୍ରେଞ୍ଚ ଓପନ ଜିତିଥିଲେ। ଗ୍ରାନୋଲର୍ସ ଓ ଜେବାଲସ ୨୦୧୯ ୟୁଏସ୍ ଓପନ ଫାଇନାଲରେ ପରାସ୍ତ ହୋଇଥିଲେ।


ମାର୍ସେଲ ଗ୍ରାନୋଲର୍ସ ଓ ହୋରାସିଓ ଜେବାଲସ।

# ପୁରୁଷ କମ୍ପାଉଣ୍ଡ ଟିମ୍‌କୁ ସ୍ୱର୍ଣ୍ଣ ପଦକ

## ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍

ଗ୍ୱାଙ୍ଗଜୁ, ୭।୯ (ପି.ଟି.)

ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଭାରତୀୟ ପୁରୁଷ ଦଳ କମ୍ପାଉଣ୍ଡ ଇଭେଣ୍ଟରେ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଭାରତୀୟ ମହିଳା ଦଳ ୮ବର୍ଷରେ ପ୍ରଥମ ଥର ପୋଡିୟମ ଫିନିଶ କରିପାରିନାହିଁ। ଭାରତର ଟପ୍ କ୍ୱାଲିଫାୟର ରିଷଭ ଯାଦବ ମଧ୍ୟ ଏକ ଡବଲ୍ ସହ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଭେଟେରାନ ଜ୍ୟୋତି ସୁରେଖାଙ୍କ ସହ ମିକ୍ସଡ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିପାରିଛନ୍ତି। ୨୦୧୭ରୁ ସ୍ଥିର ପ୍ରଦର୍ଶନ କରି ପଦକ ଜିତିଆସୁଥିବା ମହିଳା ଦଳ କିନ୍ତୁ ଏଥର ପ୍ରି-କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛି। ଦ୍ୱିତୀୟ ସିଡ୍ ଯାଦବ ବ୍ୟକ୍ତିଗତ କ୍ୱାଲିଫାୟର୍ସରେ ୮ମ ସ୍ଥାନ ଅଧିକାର କରିଥିଲେ। ତେବେ ଭାରତୀୟ ପୁରୁଷ ତ୍ରୟ ଯାଦବ, ଅମନ ସାଇନି ଓ ପ୍ରଥମେଶ ଫୁଗେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଫାଇନାଲରେ ଫ୍ରାନ୍ସ ଦଳକୁ ୨୩୫-୨୩୩ରେ ହରାଇ ଦେଇଥିଲେ। ଫ୍ରାନ୍ସ ତରଫରୁ ନିକୋଲାସ ଜିରାର୍ଡ, ଜିନ୍ ଫିଲିପ ବୋଲଚ ଓ ଫ୍ରାଙ୍କୋଇସ୍ ଡୁବୋଇସ୍ ପ୍ରତିନିଧିତ୍ୱ କରୁଥିଲେ। କିନ୍ତୁ ଭାରତୀୟ ୟୁନିଟ୍ ଚାପରେ ଥାଇ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରିଥିଲା। ଭାରତୀୟ ଦଳର ଏହି ବିଜୟ ପଛରେ ଅଧିକ ଶ୍ରେୟ ଫୁଗେଙ୍କୁ ଯିବ। କାରଣ ଭାରତ ସର୍ବନିମ୍ନ କ୍ୱାଲିଫାୟର ଭାବେ ୧୯ତମ ସ୍ଥାନରେ ରହିଥିଲା। ଦଳର ଆରମ୍ଭ ଦୁଇଟି ୯-ଏସ୍ ସହ ମଧ୍ୟ ଉତ୍ସାହଜନକ ନ ଥିଲା। ମାତ୍ର ଏହି ୨୨ ବର୍ଷୀୟଙ୍କ ଏକ ଡିସିସିଭ ଫାଇନାଲ ଆରୋ ସମେତ କ୍ରମାଗତ ସିକ୍ସ ୧୦ଏସ୍ ଯୋଗୁ ଭାରତ ଐତିହାସିକ ସ୍ୱର୍ଣ୍ଣ ଜିତିବାରେ ସମର୍ଥ ହୋଇଥିଲା। କେବଳ ଫୁଗେ ନୁହନ୍ତି ଏହି ୩ ତୀରନ୍ଦାଜଙ୍କ ମଧ୍ୟରୁ ପ୍ରତ୍ୟେକ ସଦସ୍ୟ ଚାପକୁ ଠିକଣା ରୂପେ ହାତେଇ ପାରିଥିଲେ ବୋଲି ଭାରତର ମୁଖ୍ୟ କମ୍ପାଉଣ୍ଡ କୋଚ୍ ଜୀବନଜ୍ୟୋତ ସିଂ ତେଜା ପ୍ରକାଶ କରିଛନ୍ତି।


ଅମନ ସଇନି, ରିଷଭ ଯାଦବ ଓ ପ୍ରଥମେଶ ଫୁଗେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ